# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, September 5/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 281 | ମୂଲ୍ୟ ₹୭/-



DSPL-214

## ଗୁରୁ ଦିବସ ପାଳନ ଅବସରରେ ବାର୍ତ୍ତା



ଶିକ୍ଷା ଓ ସଂସ୍କୃତିର ବିକାଶ ସହ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ଦିଗରେ ଶିକ୍ଷକମାନଙ୍କର ଅବଦାନ ଅତୁଳନୀୟ । ସେମାନେ ହେଉଛନ୍ତି ସମାଜର ଅନ୍ୟତମ ସଂସ୍କାରକ, ମୂଲ୍ୟବୋଧର ଉପାସକ ଏବଂ ଅନୁଭବ ତଥା ଉପଲବ୍ଧିର ମାର୍ଗଦର୍ଶକ । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରି ସମାଜର ସେବା କରିବା ପାଇଁ ଏକ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରକୃଷ୍ଟ ଅଂଶୀଦାର ଭାବରେ ସେମାନଙ୍କୁ ଗଢ଼ିତୋଳିବେ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଆଜିର ଏହି ପବିତ୍ର ଗୁରୁଦିବସ ଉପଲକ୍ଷେ ସୁଁ ସମସ୍ତ ଗୁରୁମାନଙ୍କୁ ଜଣାଉଛି ହାର୍ଦ୍ଦିକ ଅଭିନନ୍ଦନ ଏବଂ କୋଟି କୋଟି ପ୍ରଣାମ ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

## ପବିତ୍ର ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଗୁରୁ ଦିବସ ଅବସରରେ ରାଜ୍ୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଶିକ୍ଷକମାନେ ହିଁ ପ୍ରକୃତ ରାଷ୍ଟ୍ରନିର୍ମାତା । ଆପଣମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ହିଁ ଗୋଟିଏ ଜାତିର ଭବିଷ୍ୟତକୁ ସମ୍ଭାବନାମୟ କରି ଗଢ଼ିଥାଏ । ରୂପାନ୍ତରୀକରଣ ଆଜି ଶିକ୍ଷା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିଛି । ଛାତ୍ରଛାତ୍ରୀଙ୍କ ସ୍ୱପ୍ନରେ ଡ଼େଣା ଯୋଡ଼ିଛି । ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ସହ ସେମାନଙ୍କ ସମୃଦ୍ଧ ଭବିଷ୍ୟତ ଗଠନ ହିଁ ରାଷ୍ଟ୍ର ନିର୍ମାଣରେ ଆପଣମାନଙ୍କ ଯୋଗଦାନକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରିବ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27068/13/0022/2324





# କଂଗ୍ରେସରେ ପ୍ରବୋଧ ତିର୍କୀ



କଂଗ୍ରେସ ଭବନଠାରେ ରାଜ୍ୟପ୍ରଭାରୀ ଏ. ଚେଲ୍ଲାକୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକ ହକି ଖେଳାଳି ପ୍ରବୋଧ ତିର୍କୀଙ୍କୁ ଦଳକୁ ସ୍ୱାଗତ କରୁଛନ୍ତି।

**ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)**

ଆନ୍ତର୍ଜାତିକ ହକି ଖେଳାଳି ପ୍ରବୋଧ ତିର୍କୀ ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପ୍ରବୋଧ ବିଧିବଦ୍ଧ ଭାବେ ଦଳରେ ଯୋଗଦାନ କରିଛନ୍ତି। ଏହାସହ ଭୁବନେଶ୍ୱର ଜିଲା ବିଜେଡିର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଚମ୍ପତି ନିଜର ଶତାଧିକ ସମର୍ଥକଙ୍କ ସହ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତିଙ୍କ ସମେତ କଂଗ୍ରେସ ପ୍ରଭାରୀ ଏ ଚେଲ୍ଲା କୁମାର ଦଳରେ ମିଶିଥିବା ନେତା ଓ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି ଯେ, ବିଜେଡି ସରକାର ପ୍ରତିଶ୍ରୁତି ଦେବାରେ ଓସ୍ତାଦ। ଓଡ଼ିଶାର ଜନସାଧାରଣ ଭାଜପା ଓ ବିଜେଡି ସରକାରଙ୍କ ଜନମାରଣ ନୀତି ଓ ଚକ୍ରାନ୍ତପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବୁଝିସାରିଲେଣି। ୨୩ ବର୍ଷର ବିଜେଡି ସରକାର ଓଡ଼ିଶାକୁ ସବୁ କ୍ଷେତ୍ରରେ ପଛକୁ ଠେଲିଦେଇଛି। କଂଗ୍ରେସ ଏକମାତ୍ର ଦଳ ଯିଏ ସାଧାରଣ ଜନତାର ଦୁଃଖ ବୁଝିଛି। ସେଥିପାଇଁ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ବ୍ୟକ୍ତିବିଶେଷ ଦଳରେ ଯୋଗଦାନ କରୁଛନ୍ତି। ଏହି ଅବସରରେ ପ୍ରବୋଧ କହିଛନ୍ତି ଯେ, କଂଗ୍ରେସ ପ୍ରତି ତାଙ୍କର ନିଷ୍ଠା ଓ ଭଲ ପାଇବା ରହିଛି। କଂଗ୍ରେସ କେବଳ ରାଷ୍ଟ୍ର ଗଠନ କରେ। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବେ। ତାଙ୍କ ଅଞ୍ଚଳରେ ଯାହାସବୁ ସମସ୍ୟା ରହିଛି ତାକୁ ସମାଧାନ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତଳସରା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଫୁଲ ମାଝୀ ସେହିଆସନରୁ କଂଗ୍ରେସ ଟିକେଟରେ ବିଧାୟକ ହୋଇଥିଲେ। ସେ ଯିବାପରେ ଦଳ ଉପରେ କିଛି ଫରକ ପଡିବ ନାହିଁ। ଲୋକମାନେ ଯୁବ ଚେହେରା ଖୋଜୁଛନ୍ତି। ଦଳର ସ୍ଥାନୀୟ କର୍ମୀ, ନେତା କଂଗ୍ରେସ ସହିତ ଅଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସରେ ସାମିଲ ହୋଇଥିବା ପ୍ରଶାନ୍ତ ଚମ୍ପତିଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ ରାଉତ ମଙ୍ଗଳବାର ବିଜେଡିରୁ ବହିଷ୍କୃତ କରିଛନ୍ତି। ସେ ଦଳ ବିରୋଧୀ କାର୍ଯ୍ୟରେ ଥିବା କାରଣରୁ ତାଙ୍କୁ ବହିଷ୍କୃତ କରାଯାଇଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି।

## ଦଳ ବିରୋଧୀ କାର୍ଯ୍ୟ ଲାଗି ପ୍ରକାଶଙ୍କୁ ବହିଷ୍କୃତ କଲା ବିଜେଡି

# ଘରେ ଘରେ ଶଙ୍ଖ ପହଞ୍ଚାଇବାକୁ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର,୪।୯(ଅନିଲ ଦାସ)**

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କଲେଣି। ତୃଣମୂଳ ସଙ୍ଗଠନକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଟାଣୁଆ ନେତାଙ୍କୁ ନିଜ ସପକ୍ଷରେ ନେବାକୁ କସରତ ମଧ୍ୟ ଆରମ୍ଭ ହୋଇଛି। ବିଜେଡି ଆଗାମୀ ନିର୍ବାଚନ ରୋଡମ୍ୟାପ ପ୍ରସ୍ତୁତ କରିଛି। ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିଜେଡିର ପର୍ଯ୍ୟବେକ୍ଷକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦଳର ସମସ୍ତ ଜିଲା ପର୍ଯ୍ୟବେକ୍ଷକ, ଛାମୁଆ ସଙ୍ଗଠନର ସଭାପତି ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ସଙ୍ଗଠନକୁ କିପରି ଅଧିକ ମଜଭୁତ କରିହେବ ସେନେଇ କାର୍ଯ୍ୟ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଗାନ୍ଧୀ ଜୟନ୍ତୀରୁ ରାଜ୍ୟବ୍ୟାପୀ ବିଜେଡିର ପଦଯାତ୍ରା ଆରମ୍ଭ ହେବ। ସେହି ସମୟରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ଦଳୀୟ ନେତାମାନେ ସରକାରଙ୍କ ଜନହିତକର

## ବିଜେଡି ପର୍ଯ୍ୟବେକ୍ଷକ ବୈଠକ

କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନବୀନ ଜିଲା ପର୍ଯ୍ୟବେକ୍ଷକଙ୍କଠାରୁ ଜିଲାରେ ସାଙ୍ଗଠନିକ ସ୍ଥିତି କ'ଣ ରହିଛି ସେ ନେଇ ପଚାରି ବୁଝିଛନ୍ତି। ବୈଠକ ଶେଷରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଦେବୀ ମିଶ୍ର କହିଛନ୍ତି ଯେ, ସାଙ୍ଗଠନିକ ପ୍ରକ୍ରିୟାକୁ କିପରି ଅଧିକ ଶାଣିତ କରାଯାଇ ପାରିବ ସେ ନେଇ ଦଳର ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ, ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ପ୍ରଦୀପ ଅମାତ, ପ୍ରଫୁଲ୍ଲ ମଲ୍ଲିକ, ପ୍ରମିଳା ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟକ ପ୍ରଣବ ବଳବନ୍ତରାୟ, ସୁଧୀର ସାମଲ, ବ୍ୟୋମକେଶ ରାୟ, ପଦ୍ମନାଭ ବେହେରା, ଦେବେଶ ଆଚାର୍ଯ୍ୟ, ଅରୁଣ ସାହୁ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ସୁଶାନ୍ତ ସିଂହଙ୍କ ସମେତ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ମୋଦିଙ୍କ ଜନକଲ୍ୟାଣ କାର୍ଯ୍ୟ ଶକ୍ତିଶାଳୀ ଅସ୍ତ୍ର: କେନ୍ଦ୍ରମନ୍ତ୍ରୀ




କଟକ ସର୍କିଟ ହାଉସ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସହ ଭାଜପା ନେତୃବୃନ୍ଦ।

**କଟକ,୪।୯ (କାର୍ତ୍ତିକ ସାହୁ)**

ଦେଶ, ବିଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇଛି। ମୋଦିଙ୍କ ନେତୃତ୍ୱାଧୀନ ଜନକଲ୍ୟାଣ କାର୍ଯ୍ୟ ଭାଜପା ପାଇଁ ଶକ୍ତିଶାଳୀ ଅସ୍ତ୍ର। ୨୦୨୪ ନିର୍ବାଚନ ନିମନ୍ତେ ଏହି ଜନକଲ୍ୟାଣ କାର୍ଯ୍ୟଗୁଡ଼ିକୁ ଘରେ ଘରେ ପହଞ୍ଚାଇବାକୁ ଭାଜପା ନେତା, କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ। କଟକ ଗସ୍ତ ଅବସରରେ ସର୍କିଟ ହାଉସ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଦଳୀୟ ସଙ୍ଗଠନ ମଜଭୁତ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ କହିଛନ୍ତି, ଗରିବ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ଘର, ପାଇଖାନା ନିର୍ମାଣଠାରୁ ଆରମ୍ଭ କରି ବୀମା, କରୋନା ଟିକା, ସମସ୍ତଙ୍କୁ ମେଡିକାଲରେ ଚିକିତ୍ସା ସୁବିଧା, ୩୭୦ ଧାରା ଉଚ୍ଛେଦ, ଶ୍ରୀରାମ ମନ୍ଦିର ନିର୍ମାଣ, ଚନ୍ଦ୍ରୟାନ-୩ ଯାତ୍ରା ଆଦି ଯେତିକି କାର୍ଯ୍ୟ ହୋଇଛି, ସେଗୁଡ଼ିକ ବଳରେ ୨୦୨୪ ନିର୍ବାଚନକୁ ଭାଜପା ନିଶ୍ଚିତ ଜିତିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛି। ଭାଜପା କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ନିକଟରେ ଏହାକୁ ଉପସ୍ଥାପନା କରିବା ଦରକାର। ନରେନ୍ଦ୍ର ମୋଦିଙ୍କ ବିକାଶ ଲୋକଙ୍କ ପାଖକୁ ନେଇଯିବା। ବିଶ୍ୱ ଦରବାରରେ ଭାରତର ନାଁକୁ ଯେତେ ଉପରକୁ ନେଇଗଲେଣି ତାହା ଲୋକେ ଅନୁଭବ କରିସାରିଲେଣି। ଆଜିପର୍ଯ୍ୟନ୍ତ ଭାରତର କୌଣସି ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟ କରିନାହାନ୍ତି। ରାସ୍ତା ଘାଟ, ଟ୍ରେନ୍ ଲାଇନ୍ ସମେତ ଓଡ଼ିଶାର ବିକାଶ ପାଇଁ ଗତବର୍ଷ ୯ ହଜାର କୋଟି ଟଙ୍କାରୁ ଅଧିକ ଅନୁଦାନ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। ମୋଦିଙ୍କ ବିକାଶ ସବୁଠାରୁ ବଡ଼ ବିକାଶ। ମୋଦିଙ୍କୁ ଲୋକମାନେ ଯେଉଁ ବିଶ୍ୱାସ କରିଛନ୍ତି, ତାହାକୁ ମଜଭୁତ କରିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଭାଜପା କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବସ୍ତୁ, ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ବିନୋଦ ଦାସ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



CONTACT NO: 7752086383,7008384103

# ଫସର ଫାଟିଲା କଂଗ୍ରେସର ରେଳରୋକୋ ଆନ୍ଦୋଳନ

## କର୍ମକର୍ତ୍ତାଙ୍କୁ ଆଗୁଆ ଗିରଫ କରିନେଲା ପୋଲିସ



ଆଲୋଚନା ପରେ କଂଗ୍ରେସ ନେତାମାନେ ଥାନାରୁ ବାହାରୁଛନ୍ତି।

**ରେଢାଖୋଲ,୪।୯(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଆଶଫ ଅଲ୍ଲୀ ଖାନ୍ ସୋମବାର ରେଢାଖୋଲ ବ୍ଲକର ରେଳ ଲାଇନରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି ନେଇ ଡାକରା ଦେଇଥିବା ରେଳରୋକୋ ଆନ୍ଦୋଳନ ଫସର ଫାଟିଛି। ରେଢାଖୋଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ୱାରେଣ୍ଟ ବଳରେ ପୋଲିସ ଗତ ରାତିରେ ଆଗୁଆ କଂଗ୍ରେସ ନେତାମାନଙ୍କୁ ଗିରଫ କରିନେଇଥିଲା।

ସୂଚନାମତେ ରେଢାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତର ମା' ସୁଆନୀ ଦେବୀଙ୍କ ପୀଠ ନିକଟ ରେଳ ଲାଇନରେ ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ ଦାବିରେ ଗତ ଜୁଲାଇ ୪ରେ ରେଳ ବିଭାଗ ଡିଆର୍‌ଏମ୍‌ଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଏକମାସ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ବଂଶାଜାଲଠାରେ ରେଳରୋକୋ କରାଯିବାକୁ ଚେତାବନୀ ଦିଆଯାଇଥିଲା। ସୋମବାର ରେଳରୋକୋ ହେବା ସୂଚନା ପାଇ ପୋଲିସ ରେଢାଖୋଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ରିପୋର୍ଟ ଦାଖଲ କରିଥିଲା। ଏହାକୁ ଭିତ୍ତିକରି ଅଦାଲତରେ ଏକ ମିସ୍‌କେସ (ନଂ ୬୧/୨୩) ରୁଜୁ ହେବା ସହ ୱାରେଣ୍ଟ ଇସ୍ୟୁ କରାଯାଇଥିଲା। ୱାରେଣ୍ଟ ବଳରେ ପୋଲିସ ଜିଲା କଂଗ୍ରେସର ୪ ନେତା ଯଥା ଜିଲା ସଭାପତି ଖାନ, ମହେଶ ପ୍ରଧାନ, ପ୍ରଦେଶ କଂଗ୍ରେସ ସଭ୍ୟ ଗୌରୀଶଙ୍କର ପାତ୍ର, ବଂଶାଜାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମକୁମାର ପ୍ରଧାନଙ୍କୁ ଗିରଫ କରିଥିଲା। ହେଲେ ପରେ ଗିରଫ କଂଗ୍ରେସ ନେତାମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଛାଡିଦେଇଥିଲା। ରେଢାଖୋଲ ଥାନା ପରିସରରେ ପୋଲିସ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ଉପସ୍ଥିତିରେ ରେଳ ବିଭାଗର ଡିଇଏନ୍ ପ୍ରସନ୍ନଜିତ ଚୌଧୁରୀ, ଏଇଏନ୍ ଏମ୍. ରାଉତ, ଆର୍‌ପିଏଫ୍ କମାଣ୍ଡାଣ୍ଟ ଅନୁପ ଗୋରେଙ୍କା ପ୍ରମୁଖ କଂଗ୍ରେସ ନେତାମାନଙ୍କ ସହ ଆଲୋଚନା କରି ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଛାତ୍ର ସଂସଦ ନିର୍ବାଚନ ଦାବି: ଘଣ୍ଟି ବାଡେଇ ବିକ୍ଷୋଭ

**ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)**

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ଘଣ୍ଟି ବାଡ଼େଇ ବିକ୍ଷୋଭ କରିଛି। ସେହିପରି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, କ୍ୟାପିଟାଲ ଲ' କଲେଜ, ଦେବରାୟ, ମହର୍ଷି, ବିଜେବି ଆଦି କଲେଜ ସମ୍ମୁଖରେ ଛାତ୍ରୀଛାତ୍ର ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ମିଳିତ ଭାବେ ବିକ୍ଷୋଭ କରିଛନ୍ତି। କେତେକ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ ମଧ୍ୟ କରାଯାଇଛି। ଏହି ପ୍ରସଙ୍ଗରେ ନୱାଜ କହିଛନ୍ତି ଯେ, ଗତ ୮ ବର୍ଷ ଧରି ବିଜେଡି ସରକାର ଓଡ଼ିଶାରେ ଛାତ୍ରମାନଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇଛନ୍ତି। ବିଶ୍ୱ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡିକରେ ବିଜୁ ଛାତ୍ର ଜନତା ଦଳ କ୍ୟାମ୍ପସ କମିଟି ଗଠନ କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଆତଙ୍କରାଜ ଚଳାଇଛି। କଲେଜ ପରିସରରେ ବିଜୁ ଛାତ୍ର ଜନତା ଦଳର ସମର୍ଥକ ଓ ସଭ୍ୟମାନେ ବାରମ୍ବାର ହିଂସା ଘଟାଉଛନ୍ତି। ଯେଉଁମାନେ ଶାସକ ଦଳରେ ଯୋଗଦେଉ ନାହାନ୍ତି ସେମାନଙ୍କୁ ଅମାନୁଷିକ ଭାବେ ଆକ୍ରମଣ ଏବଂ ଅତ୍ୟାଚାର କରାଯାଉଛି। ଏଥିରେ ପ୍ରଶାସନ ଏବଂ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ନୀରବ ରହୁଛନ୍ତି। ବିରୋଧୀ ଦଳର ଛାତ୍ର ସଙ୍ଗଠନର ନେତୃତ୍ୱ ସୃଷ୍ଟି କରି ନ ଦେବାକୁ ବିଜେଡି ଚକ୍ରାନ୍ତ କରୁଥିବା ସେ କହିଛନ୍ତି। କଲେଜର ଛାତ୍ରୀମାନେ ମଧ୍ୟ ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟିର ଆକ୍ରମଣରୁ ମୁକ୍ତ ନାହାନ୍ତି। ଅଣଛାତ୍ରଙ୍କ ପ୍ରବେଶ ଦ୍ୱାରା କ୍ୟାମ୍ପସ ବିଶୃଙ୍ଖଳିତ ହେଉଛି। ବିଶେଷ କରି ନବୀନ ସରକାରରେ ରାଗିଂ ଅତିମାତ୍ରାରେ ବୃଦ୍ଧି ପାଇଛି। ତେଣୁ ୩ଟି ଦାବି ଯଥା- ଛାତ୍ର ସଂସଦ ନିର୍ବାଚନ, ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟରେ ଖାଲିପଡ଼ିଥିବା ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ଏବଂ ହିଂସା ଓ ନିଶାମୁକ୍ତ କ୍ୟାମ୍ପସ ଗଠନ ଲାଗି ଛାତ୍ର କଂଗ୍ରେସ ଦାବି କରିଛି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ | Bhubaneswar, Tuesday, September 5/2023

# ଚାଉଳ ମିଳିଲାନି, ଯୋଗାଣ ଅଧିକାରୀଙ୍କୁ ପିଟିଲେ

**ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଦିଆଯାଉଥିବା ଚାଉଳ ୨ ମାସ ଧରି ପାଇଲେନି ହିତାଧିକାରୀ। ସେମାନେ ଏନେଇ ବାରମ୍ବାର ଜଣାଇବା ସତ୍ତ୍ୱେ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀ କୌଣସି ପଦକ୍ଷେପ ନେଇନାହାନ୍ତି। ଶେଷରେ ମହିଳା ହିତାଧିକାରୀଙ୍କ ଅସନ୍ତୋଷ ସୋମବାର ଉଗ୍ରରୂପ ନେଇଛି। ସେମାନେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅଫିସ୍‌ରୁ ଘୋଷାରି ନେଇ ରାସ୍ତାରେ ପିଟିଛନ୍ତି। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଥାନାରେ ଅଟକ ରଖିଛି।**

ବାସୁଦେବପୁର, ୪।୯(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ପଞ୍ଚାୟତର ୭ଶହ ହିତାଧିକାରୀ ଚଳିତବର୍ଷ ଫେବୃୟାରୀ ଏବଂ ମାର୍ଚ୍ଚ ମାସର ପିଡିଏସ୍ ଚାଉଳ ପାଇ ନାହାନ୍ତି। ତାହା ସେମାନେ କେବେ ପାଇବେ ସେନେଇ କିଛି ସ୍ପଷ୍ଟ ହୋଇପାରିଲା ନାହିଁ। ଏନେଇ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବାବେଳେ ସୋମବାର ଅପରାହ୍ନ ପ୍ରାୟ ୨ଟାବେଳେ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟସ୍ଥିତ ଯୋଗାଣ ଅଧିକାରୀଙ୍କ ପ୍ରକୋଷ୍ଠରେ ପହଞ୍ଚି ଚାଉଳ ଦେବାକୁ ଦାବି କରିଥିଲେ। ଖବରପାଇ ବାସୁଦେବପୁର ଥାନା ପୋଲିସ ମଧ୍ୟ ପହଞ୍ଚିଥିଲା। ପୋଲିସ ଉପସ୍ଥିତିରେ ଯୋଗାଣ ଅଧିକାରୀ ଓ ମହିଳାମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।



ବାସୁଦେବପୁର ମୁଖ୍ୟ ବଜାର ରାସ୍ତାରେ ମହିଳାଙ୍କ କବଳରୁ ଯୋଗାଣ ଅଧିକାରୀଙ୍କୁ ପୋଲିସ ଉଦ୍ଧାର କରୁଛି।

ଚାଉଳ ମିଳିବା ନେଇ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଅପରାହ୍ନ ୩ଟା ବେଳେ ମହିଳାମାନେ ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ତାଙ୍କ ସିଟ୍‌ରୁ ଘୋଷାରି କାର୍ଯ୍ୟାଳୟ ବାହାରକୁ ନେଇଯାଇଥିଲେ। ଏହାପରେ ଯୋଗାଣ ଅଧିକାରୀ ଦାସଙ୍କୁ ମହିଳାମାନେ ମାଡ଼ ମାରିବା ସହ ଟାଣିଓଟାରି ଟ୍ରାଫିକ ଛକ ଦେଇ ପୌରପାଳିକା ଛକ ପର୍ଯ୍ୟନ୍ତ ୩ଶହ ମିଟର ଚଲାଇ ନେଇଥିଲେ। ଯୋଗାଣ ଅଧିକାରୀ ଦାସ ଅସୁସ୍ଥ ହେବା ସହ ଚାଲିବାକୁ ଅକ୍ଷମ ହୋଇପଡ଼ିବା ସତ୍ତ୍ୱେ ତାଙ୍କୁ ବାସୁଦେବପୁର ମୁଖ୍ୟ ବଜାର ରାସ୍ତାରେ ଚଲାଇ ନିଆଯାଇଥିଲା। ☞ପୃଷ୍ଠା-୯

# ଭାଜପା ସମ୍ପତ୍ତି ୨୧% ବୃଦ୍ଧି

ନୂଆଦିଲ୍ଲୀ, ୪।୯ (ପି.ଟି.)

**ଜାତୀୟ ଦଳଙ୍କ ଧନ ୮,୮୨୯ କୋଟି**

୮ଟି ଜାତୀୟ ରାଜନୈତିକ ଦଳ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ସେମାନଙ୍କ ସମ୍ପତ୍ତି ୮,୮୨୯ କୋଟି ୧୬ ଲକ୍ଷ ଟଙ୍କା ବୋଲି ଘୋଷଣା କରିଛନ୍ତି। ୨୦୨୦-୨୧ରେ ଏହି ପରିମାଣ ୭,୨୯୭ କୋଟି ୬୨ ଲକ୍ଷ ଥିଲା। ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ସଦ୍ୟ ପ୍ରକାଶ କରିଥିବା ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରିଛି।

ଭାଜପା, କଂଗ୍ରେସ, ଏନ୍‌ସିପି, ବିଏସ୍‌ପି, ସିପିଆଇ, ସିପିଆଇ(ଏମ୍), ଏଆଇଟିଏମ୍‌ସି ଏବଂ ଏନ୍‌ପିପି ଆର୍ଥିକ ବର୍ଷ ୨୦୨୦-୨୧ ଓ ୨୦୨୧-୨୨ ସକାଶେ ସେମାନଙ୍କ ସମ୍ପତ୍ତି ତାଲିକା ପ୍ରଦାନ କରିଛନ୍ତି। ୨୦୨୦-୨୧ରେ ଭାଜପା ତା'ର ସମ୍ପତ୍ତି ୪,୯୯୦ କୋଟି ଟଙ୍କା ଥିବା କହିଥିବା ବେଳେ ୨୦୨୧-୨୨ରେ ଏହି ପରିମାଣ ବଢ଼ି ୬,୦୪୬ କୋଟି ୮୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ପୂର୍ବ ବର୍ଷ ତୁଳନାରେ ଭାଜପା ସମ୍ପତ୍ତି ୨୧.୧୭ ପ୍ରତିଶତ ବୃଦ୍ଧିପାଇଛି। ଏଡିଆର୍ ରିପୋର୍ଟ ଅନୁଯାୟୀ, ୨୦୨୦-୨୧ରେ କଂଗ୍ରେସ ସମ୍ପତ୍ତି ୬୯୧ କୋଟି ୧୧ ଲକ୍ଷ ଥିବା ବେଳେ ୨୦୨୧-୨୨ରେ ଏହା ୧୬.୫୮ ପ୍ରତିଶତ ବଢ଼ି ୮୦୫ କୋଟି ଟଙ୍କା ହୋଇଛି। ବିଏସ୍‌ପି ହେଉଛି ଏକମାତ୍ର ଜାତୀୟ ଦଳ, ଯାହାର ବାର୍ଷିକ ସମ୍ପତ୍ତି ପରିମାଣ ହ୍ରାସ ପାଇଥିବା ଦର୍ଶାଇଛି। ୨୦୨୦-୨୧ ଏବଂ ୨୦୨୧-୨୨ ମଧ୍ୟରେ ଦେଖିଲେ ଏହାର ସମ୍ପତ୍ତି ପରିମାଣ ୭୩୨ କୋଟି ୭୯ ଲକ୍ଷରୁ କମି ୬୯୦ କୋଟି ୭୧ ଲକ୍ଷ ହୋଇଛି। ଅର୍ଥାତ୍ ୫.୭୪ ପ୍ରତିଶତ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ଟିଏମ୍‌ସିର ସମୁଦାୟ ସମ୍ପତ୍ତି ୧୫୧.୭୦ ପ୍ରତିଶତ ବଢ଼ିଛି। ୨୦୨୦-୨୧ରେ ଏହା ୧୮୨ କୋଟି ଟଙ୍କା ଥିବାବେଳେ ୨୦୨୧-୨୨ରେ ବଢ଼ି ୪୫୮ କୋଟି ୧୦ ଲକ୍ଷରେ ପହଞ୍ଚିଛି।

ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିର ସମ୍ପତ୍ତି ୨୦୨୧-୨୨ରେ ୭୪ କୋଟି ୫୪ ଲକ୍ଷ ହୋଇଥିବା ବେଳେ ପୂର୍ବ ଆର୍ଥିକ ବର୍ଷରେ ଥିଲା ୩୦ କୋଟି ୯୩ ଲକ୍ଷ ଟଙ୍କା। ସେହିପରି ସିପିଆଇ ସମ୍ପତ୍ତି ୨୦୨୦-୨୧ରେ ୧୪ କୋଟି ୫ ଲକ୍ଷ ଥିବା ବେଳେ ବଢ଼ି ପରବର୍ତ୍ତୀ ଆର୍ଥିକ ବର୍ଷରେ ୧୫ କୋଟି ୭୨ ଲକ୍ଷରେ ପହଞ୍ଚିଛି। ଅନୁରୂପ ଭାବେ ସିପିଆଇ(ଏମ୍) ସମ୍ପତ୍ତି ୨୦୨୦-୨୧ରେ ୬୫୪ କୋଟି ୭୯ ଲକ୍ଷ ଥିବା ବେଳେ ୨୦୨୧-୨୨ରେ ୭୩୫ କୋଟି ୭୭ ଲକ୍ଷ ହେଇଛି। ତେବେ କନ୍‌ରାଡ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୨୦୨୧-୨୨ ଆର୍ଥିକ ବର୍ଷରେ ସମ୍ପତ୍ତି ଅତି ସ୍ୱଳ୍ପ ୧ କୋଟି ୮୨ ଲକ୍ଷ ଥିବା ଏଡିଆର୍ ରିପୋର୍ଟ ପ୍ରକାଶ କରିଛି।

# ଚନ୍ଦ୍ରପୃଷ୍ଠରେ ଡେଇଁଲା ଲ୍ୟାଣ୍ଡର ବିକ୍ରମ

ବେଙ୍ଗାଲୁରୁ,୪।୯

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ପୁଣିଥରେ ସଫ୍ଟଲ୍ୟାଣ୍ଡିଂ କଲାବେଳେ ଡେଇଁବା ପରୀକ୍ଷାକୁ ସଫଳତାର ସହ ସମ୍ପନ୍ନ କରିଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ଇସ୍ରୋର କମାଣ୍ଡ ଅନୁଯାୟୀ ବିକ୍ରମ ଲ୍ୟାଣ୍ଡର ଇଞ୍ଜିନକୁ ଫାୟାର କରି ପ୍ରାୟ ୪୦ ସେଣ୍ଟିମିଟର ଉପରକୁ ଡେଇଁ ୩୦ରୁ ୪୦ ସେଣ୍ଟିମିଟର ଦୂରରେ ନିରାପଦର ସହ ଅବତରଣ କରିଥିଲା। ଭବିଷ୍ୟତର ପ୍ରତ୍ୟାବର୍ତ୍ତନ ଏବଂ ମାନବ ମିଶନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅନୁଭୂତି।

ସୂଚନାଯୋଗ୍ୟ, ଭାରତର ଚନ୍ଦ୍ର ମିଶନ ଗତ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ନିରାପଦର ସହ ସଫ୍ଟଲ୍ୟାଣ୍ଡିଂ କରି ଇତିହାସ ସୃଷ୍ଟି କରିଥିଲା। ଚନ୍ଦ୍ରପୃଷ୍ଠରେ ଅବତରଣ ☞ପୃଷ୍ଠା-୯

# ୟୁରୋପରେ ହୋଇଥିଲା ମାନବ ସଭ୍ୟତାର ବିକାଶ

ନୂଆଦିଲ୍ଲୀ,୪।୯



ମାନବ ସଭ୍ୟତାର ବିକାଶ ଆଫ୍ରିକାରେ ନୁହେଁ ବରଂ ୟୁରୋପରେ ହୋଇଥିଲା ବୋଲି ଏକ ନୂଆ ସର୍ଭେରୁ ଜଣାପଡ଼ିଛି। ଯଦି ଏହି ସର୍ଭେ କଥା ସତ ହୁଏ, ତେବେ ମାନବସଭ୍ୟତାର ଆରମ୍ଭରେ ଆଫ୍ରିକାରେ ଦେଖାଯାଉଥିବା ମାଙ୍କଡ଼ମାନେ ପ୍ରଥମେ ୟୁରୋପରେ ବାସ କରୁଥିଲେ ବୋଲି କୁହାଯାଇପାରିବ। ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ମାନବ ବିଜ୍ଞାନ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁସାରେ ପୂର୍ବରୁ ଆଫ୍ରିକାରୁ ପ୍ରଥମେ ମାନବ ସଭ୍ୟତାର ବିକାଶ ହେବା କଥା ଯାହା କୁହାଯାଉଥିଲା ତାହା ଭୁଲ ହୋଇପାରେବୋଲି ଏହି ସର୍ଭେରେ କୁହାଯାଇଛି। ଆଦିମ ମାଙ୍କଡ଼ର ଖପୁରି ବିଷୟରେ ଗବେଷଣା କରିବା ପରେ ଏକଥା ଜଣାପଡ଼ିଛି। ଏହି ଆଦିମ ମାଙ୍କଡ଼ ଖପୁରିକୁ ଆନାଡୋଲୁଭିୟସ ତୁର୍କେ ବୋଲି କୁହାଯାଉଛି। ଏହି ଖପୁରି ତୁର୍କୀର କାନ୍‌କିରି ଅଞ୍ଚଳରୁ ପ୍ରଥମେ ଠାବ କରାଯାଇଥିଲା। ଏହା ପ୍ରାୟ ୮.୭ ନିୟୁତ ବର୍ଷ ତଳର ବୋଲି ଗବେଷଣାରୁ ଜଣାପଡ଼ିଛି। ଏହି ସର୍ଭେରେ ଏକଥା ମଧ୍ୟ ଦାବି କରାଯାଇଛି, ଆଫ୍ରିକୀୟ ମାଙ୍କଡ଼ ଏବଂ ମନୁଷ୍ୟ ସଭ୍ୟତାର ବିକାଶ ପ୍ରଥମେ ୟୁରୋପରୁ ହିଁ ଆରମ୍ଭ ହୋଇଛି। ୟୁରୋପୀୟ ମାଙ୍କଡ଼ ଓ ଆଦିମ ମାନବମାନେ ଜଳବାୟୁ ପରିବର୍ତ୍ତନ କିମ୍ବା ଅନ୍ୟ କୌଣସି କାରଣରୁ ୟୁରୋପ ଛାଡ଼ି ପ୍ରାୟ ୭ ନିୟୁତ ବର୍ଷ ପୂର୍ବେ ଆଫ୍ରିକା ଚାଲି ଆସିଥିଲେ। ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ମାନବ ବିଜ୍ଞାନ ପ୍ରଫେସର ଡେଭିଡ ବେଗୁନ କହିଛନ୍ତି, ମଣିଷର ପୂର୍ବ ଅବସ୍ଥା(ବଣମଣିଷ)କେବଳ ଯେ ପଶ୍ଚିମ ଏବଂ କେନ୍ଦ୍ରୀୟ ☞ପୃଷ୍ଠା-୯






# ଏନ୍‌ଆଇଟି ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୪।୯ (ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର କଲେଜ ହଷ୍ଟେଲ ରୁମ୍‌ରୁ ଜବତ କରିଛି। ମୃତକ ହେଲେ ବିଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ଦେବମଲୟ ରାୟ କର୍ମାକର(୨୧) ଏବଂ ସେ ତ୍ରିପୁରାର ବାସିନ୍ଦା। ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୮।୨୩) ରୁଜୁ ହୋଇଛି। ମୃତଦେହକୁ ଆଇଜିଏଚ୍ ମର୍ଗରେ ରଖାଯାଇଛି। ମଙ୍ଗଳବାର ମୃତ ଛାତ୍ରଙ୍କ ଅଭିଭାବକ ରାଉରକେଲାରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ସେକ୍ଟର-୩ ଥାନା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନା ଅନୁସାରେ, ଦେବମଲୟ ଏମ୍‌ଏସ୍ ସ୍ୱାମୀନାଥନ୍ ହଲ ଅଫ୍ ରେସିଡେନ୍ସର କ୍ୱାର୍ଟର ନମ୍ବର ଡି-୩୧୩ରେ ରହୁଥିଲେ। ସୋମବାର ସକାଳେ ଘରଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ସେମାନେ ହଷ୍ଟେଲ ୱାର୍ଡେନ୍‌ଙ୍କୁ ଯୋଗାଯୋଗ କରିଥିଲେ। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ମଣିପୁର ବିଭାଜନ**




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାରିଆ ଖଡ଼ାକୁ ନବାତ
ତହିଁ ଭାବ ନାହିଁ ସଙ୍ଗାତ ।**

ଖାରିଆ ଖଡ଼ା ସଙ୍ଗେ ଗୁଡ଼ର ମିଶ୍ରଣ କଲେ ମଧ ତା'ର ଖାରିଆ ଦୋଷ କେବେହେଲେ କଟିପାରି ନ ଥାଏ । ଠିକ୍ ସେହିପରି ଯାହାଠାରେ ପଦେ ମଧୁର କଥା ନାହିଁ, ତା'ସହ ଭାବ କରି କିଛି ଲାଭ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଖାଲି ମୁକୁନ୍ଦା ଫେର୍ ଫାର୍
ଦୋହରି ପଇସା ଅଣ୍ଟାରେ ମାର୍ ।**

ଚାକ ଚିକ୍କଣ, ବାହାରକୁ ବଡ଼ ଲୋକର ଆଡା । ଠାଣି ମାଣି । ଉପୁରି ପଇସା ଅଣ୍ଟାରେ ଖୋସି ବଡ଼ଲୋକି ଦେଖେଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଲଘୁଚାପ: ୮ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର,୪।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହୋଇପାରେ । ଏହା ପ୍ରଭାବରେ ଆଗାମୀ ୨ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି । ଲଘୁଚାପ ପ୍ରଭାବରେ ଆସନ୍ତା ୮ ତାରିଖ ଯାଏ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର, ବୌଦ୍ଧ, କନ୍ଧମାଳ, ଅନୁଗୋଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହୋଇପାରେ । ଏ ନେଇ ଏହି ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି । ଏହି ସମୟରେ ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, କୋରାପୁଟ, ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି । ଏ ନେଇ ଏଲୋ ୱାର୍ନିଂ ଜାରି କରାଯାଇଛି ।

ଘୂର୍ଣ୍ଣିବଳୟ ଯୋଗୁ ଗତ ୨ ଦିନ ଧରି କେତେକ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ୪୦.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୩୦, ତାଳଚେର ୧୨, ହୀରାକୁଦ ୧୮, ଫୁଲବାଣୀ ୧୯.୪, ଟିଟିଲାଗଡ ୨୬, ସୋନପୁର ୩୧.୮, ଦାରିଙ୍ଗିବାଡି ୩୯, ନୟାଗଡ ୨୫, ପାରଳାଖେମୁଣ୍ଡି ୩୩, ଢେଙ୍କାନାଳ ୨୬, ବରଗଡରେ ୨୪.୨ ମିଲିମିଟର ବର୍ଷା ହୋଇଛି ।

# ଯାନ୍ତ୍ରିକ ତ୍ରୁଟି ଯୋଗୁ ବିମାନର ଜରୁରୀ ଅବତରଣ

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

ଭୁବନେଶ୍ୱର-ନୂଆଦିଲ୍ଲୀ ଇଣ୍ଡିଗୋ ବିମାନ ୬ଇ ୨୦୬୫ ସୋମବାର ଜରୁରୀ ଅବତରଣ କରିଥିଲା । ଧାର୍ଯ୍ୟ ସମୟାନୁସାରେ ଏହି ବିମାନ ସୋମବାର ସକାଳ ୭ଟା ୫୦ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିଲା । କିନ୍ତୁ ଉଡ଼ାଣର କିଛି ସମୟ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ପାଇଲଟ୍ ଜରୁରୀ ଅବତରଣ ପାଇଁ ଅନୁମତି ଲୋଡ଼ିଥିଲେ ଏବଂ ବିମାନଟିକୁ ପୁଣି ଭୁବନେଶ୍ୱର ବିମାନବନ୍ଦରକୁ ଫେରାଇ ଆଣି ସୁରକ୍ଷିତ ଅବତରଣ କରିଥିଲେ । ପରେ ବିମାନଟିର ତ୍ରୁଟି ଯାଞ୍ଚ କରାଯାଇଥିଲା । ଯେଉଁ ଯାନ୍ତ୍ରିକ ତ୍ରୁଟି ରହିଥିଲା ସେଥିପାଇଁ ଯନ୍ତ୍ରାଂଶ ଅଣାଯାଇ ଆବଶ୍ୟକ ମରାମତି ହୋଇଛି । କିନ୍ତୁ ବିମାନଟି ପୁଣି ଉଡ଼ାଣ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)କୁ ଅନୁମତି ଲୋଡ଼ାଯାଇଛି । ଡିଜିସିଏ ଅନୁମତି ଦେବା ପରେ ପୁଣି ଉଡ଼ାଣ କରିବ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅପରପକ୍ଷେ ଉକ୍ତ ବିମାନର ଯାତ୍ରୀଙ୍କୁ ଆଉଏକ ବିମାନରେ ଦିଲ୍ଲୀ ପଠାଯାଇଥିଲା । ଉକ୍ତ ବିମାନଟି ସକାଳ ୮ଟା ୨୫ରେ ଭୁବନେଶ୍ୱରରୁ ଉଡ଼ାଣ ଭରି ୧୦ଟାରେ ନୂଆଦିଲ୍ଲୀରେ ପହଞ୍ଚିଥିଲା ।

# ୨ ଯୁବତୀଙ୍କୁ ଅପହରଣ ଉଦ୍ୟମ: ୨ ଗିରଫ

ପାରାଦୀପ, ୪।୯(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି । ୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ୨ଜଣ ଯୁବତୀଙ୍କୁ ନୂଆବଜାରରେ ଅସଦାଚରଣ କରିବା ସହ ଅପହରଣ କରିବାକୁ ଉଦ୍ୟମ କରିଥିଲେ । ଏହାକୁ ଦେଖି ସ୍ଥାନୀୟ ଲୋକେ ଯୁବକ ଦ୍ୱୟଙ୍କୁ କାବୁ କରିବା ସହ ନିର୍ଘାତ ଛେଚି ଥିଲେ । ପରେ ପୋଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ଗିରଫ କରିଛି । ଯୁବତୀଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ପୋଲିସ ନଂ. ୩୫୪/୨୩ରେ ମାମଲା ରୁଜୁ କରିଛି । ମଙ୍ଗଳବାର ଯୁବକଙ୍କ ଡାକ୍ତରୀ ମାଇନା ସହ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି ।

ପୋଲିସ ସୂଚନା ମୁତାବକ, ଯୁବତୀ ଦ୍ୱୟ ଏକ ସ୍କୁଟିରେ ସମୁଦ୍ର କୂଳ ରାସ୍ତାରେ ଯାଉଥିଲେ । ଏହି ସମୟରେ ଯୁବକ ଦ୍ୱୟ କାରରେ ତାଙ୍କ ପିଛା କରି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ । ଭୟରେ ଯୁବତୀମାନେ ନୂଆବଜାର ଆସି ଏକ ଜଳଖିଆ ଦୋକାନରେ ପଶି ଯାଇଥିଲେ । ସେଠାରେ ଯୁବକ ଦ୍ୱୟ ଶେଖର ପଟ୍ଟନାୟକ (ଲୁଲା) ଓ ତାଙ୍କ ସହଯୋଗୀ ପହଞ୍ଚି ଦୋକାନୀଙ୍କୁ ମାଡ଼ ମାରି ଯୁବତୀ ୨ଜଣଙ୍କୁ ଜବରଦସ୍ତ କାରରେ ନେବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ସେଠାରେ ଠେଲାପେଲା ମଧ୍ୟରେ ଯୁବତୀ ଦ୍ୱୟ ସ୍କୁଟି ଧରି ହରିବୋଲିଆ ମଠ ଆଡ଼କୁ ଯିବା ସହ ପାଟି କରିଥିଲେ । ଘର ଲୋକଙ୍କୁ ଖବର ଦେଇଥିଲେ । ବଜାରରେ ୩୦ରୁ ଅଧିକ ଲୋକ ଏକାଠି ହୋଇ ଯୁବକ ଦ୍ୱୟଙ୍କୁ କାବୁ କରିଥିଲେ । ଶେଖର ବିବାହିତ ହୋଇଥିବା ବେଳେ ଏକ ୱେବ ଚ୍ୟାନେଲ ଖବରଦାତା ବୋଲି ଜଣାପଡ଼ିଛି ।

# 'ପ୍ରେରଣା'ରେ ସଫଳତାର ମନ୍ତ୍ର ଦେବେ ପୁରାତନ ଛାତ୍ରୀଛାତ୍ର

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

'ମୋ ସ୍କୁଲ' ଅଭିଯାନ ପକ୍ଷରୁ ଗୁରୁଦିବସ ଅବସରରେ ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମ 'ପ୍ରେରଣା' ଆରମ୍ଭ ହେବାକୁ ଯାଉଛି । ସରକାରୀ ବିଦ୍ୟାଳୟରେ ପାଠପଢି ସମାଜରେ ବିଭିନ୍ନ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ସେମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀ ବଖାଣିବେ । ସଫଳତାର ଯାତ୍ରା ଓ ଅନୁଭୂତିକୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବାଣ୍ଟିବେ, ଯାହା ପ୍ରତ୍ୟେକଙ୍କୁ ଆଗକୁ ବଢ଼ିବାକୁ ଅଧିକ ପ୍ରେରଣା ଯୋଗାଇବ । ଏହା ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବାରେ ସହାୟକ ହେବ । ଏହି କାର୍ଯ୍ୟକ୍ରମ 'ମୋ ସ୍କୁଲ'ର ୟୁଟ୍ୟୁବ୍ ଚ୍ୟାନେଲରେ ମାସକୁ ଦୁଇଥର ପ୍ରସାରିତ ହେବ । ପ୍ରଥମ ଅଧ୍ୟାୟରେ ଇସ୍ରୋର ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ନିଜ ଜୀବନ ଯାତ୍ରା ଓ ସଫଳତାର କଥା ଦର୍ଶକମାନଙ୍କୁ କହିବେ । ମଙ୍ଗଳବାର ୧୧ଟା ପରଠାରୁ ଏହି କାର୍ଯ୍ୟକ୍ରମ 'ମୋ ସ୍କୁଲ' ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ହେବ । ଛାତ୍ରୀଛାତ୍ରମାନେ କିଭଳି ନିଜକୁ ଗଢ଼ିବେ, କେଉଁ ଦିଗକୁ ଯିବେ, କେମିତି ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ସମାଜରେ ପ୍ରତିଷ୍ଠା ଲାଭ କରିପାରିବେ, ସେସବୁ ସମ୍ପର୍କରେ ପରାମର୍ଶ ପାଇପାରିବେ ।

# ଚିନ୍ତା ବଢ଼ାଇଲାଣି ପତ୍ରପୋଡ଼ା ରୋଗ

- ଧାନଗଛ ପତ୍ର ହଳଦିଆ ପଡ଼ିଯାଉଛି
- ବ୍ୟାପକ ଫସଲ ନଷ୍ଟ ହେବା ଆଶଙ୍କା

ଚମ୍ପୁଆ, ୪।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ କୃଷି ଜିଲା ଅଧୀନ ବିଭିନ୍ନ ଅଞ୍ଚଳରେ ଧାନଗଛରେ ପତ୍ରପୋଡ଼ା ରୋଗ ବ୍ୟାପିବାରେ ଲାଗିଛି । ଚଳିତବର୍ଷ ଚାଷୀ ପ୍ରତିକୂଳ ପରିସ୍ଥିତିରେ ଧାନ ଚାଷ କରିଛନ୍ତି । ଅଭାବୀ ବର୍ଷା ମଧ୍ୟରେ ତଳି ରୋଇବାଠାରୁ ଆରମ୍ଭ କରି ସାରର ଅଭାବ ମଧ୍ୟରେ ବହୁ ପରିଶ୍ରମ କରି ଫସଲ କରିଛନ୍ତି । ମାତ୍ର ଏବେ ପତ୍ରପୋଡ଼ା ରୋଗ ପାଇଁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି ।

ସୂଚନା ଅନୁଯାୟୀ, ରଜିଆ ପଞ୍ଚାୟତ ମଥୁରାପୁର ଗ୍ରାମର ରବୀନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ଶରତ ପ୍ରଧାନ, ମହିବେସ ପ୍ରଧାନ ପ୍ରମୁଖଙ୍କ ଚାଷଜମିରେ ଏହି ପତ୍ରପୋଡ଼ା ରୋଗ ଆରମ୍ଭ ହୋଇଛି । ଚାଷୀମାନେ ହାଇବ୍ରିଡ୍ ଧାନ ବିହନ ଚାଷ କରିଥିବା ବେଳେ ଗଛ ଲଗାଇବାର ପ୍ରାୟ ୨୧ଦିନ ପରେ ଏହି ରୋଗ ଆରମ୍ଭ ହୋଇଥିବା କହିଛନ୍ତି । ଧାନ ଗଛ ଉପର ଭାଗ ପୋଡି ହଳଦିଆ ପଡ଼ିଯାଉଛି । ଦୁଇ ତିନି ଦିନ ମଧ୍ୟରେ ଏହି ରୋଗ ଏକର ଏକର ଚାଷ ଜମିକୁ ବ୍ୟାପିଗଲାଣି । ଫଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଷୀ ଅଧିକ ଅମଳ ପାଇଁ ଉନ୍ନତମାନର ବିହନ ବ୍ୟବହାର କରିଛନ୍ତି । କୃଷି ବିଭଗ ପକ୍ଷରୁ ଏହାର ଉପଚାର କରା ନ ଗଲେ ପତ୍ରପୋଡ଼ା ରୋଗ ପାଇଁ ଚାଷୀଙ୍କ ଚାଷ ଉଜୁଡ଼ି ଯିବାର ସମ୍ଭାବନା ଦେଖାଯାଇଛି । ଏ ନେଇ ଚାଷୀକୁଳ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି । ଚାଷୀ ନବୀନ ପ୍ରଧାନ କହିଛନ୍ତି, ଯଦି ରୋଗକୁ ଏବେଠାରୁ ରୋକା ନ ଯିବ ତେବେ ଚାଷରେ ପ୍ରଭୂତ କ୍ଷତି ଘଟିବ, ଏପରିକି ବିହନ ପଇସା ଉଠାଇବା ବି ସମ୍ଭବ ହେବନାହିଁ । ଏ ବିଷୟରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିଥିବା ବେଳେ କୀଟନାଶକ ସିଞ୍ଚନ ପାଇଁ ପରାମର୍ଶ ଦେଇଛନ୍ତି । ଏ ନେଇ କୃଷି ଜିଲା ଚମ୍ପୁଆ ଭାରପ୍ରାପ୍ତ ଅଧିକାରୀ ନୀଳମାଧବ ଦାସ କହିଛନ୍ତି, ଏହା ଏକ ବ୍ୟାକ୍ଟେରିଆଜନିତ ରୋଗ । ଖୁବ୍‌ଶୀଘ୍ର ଉକ୍ତ ଧାନ ବିଲକୁ ଯାଇ କୃଷି କର୍ମଚାରୀମାନେ ଅନୁଧାନ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ । ଚାଷୀଙ୍କୁ ଉନ୍ନତମାନର ପ୍ରତିଷେଧକ ବ୍ୟବହାର ପାଇଁ ପରାମର୍ଶ ଦିଆଯିବ ବୋଲି କହିଛନ୍ତି ।


ପତ୍ରପୋଡ଼ା ରୋଗରେ ଧାନ ଗଛ ହଳଦିଆ ପଡ଼ିଯାଇଛି ।

# ଜଟଣୀ ଖାସ୍‌ମାହାଲ ଜମି ସମସ୍ୟାର ସମାଧାନ ହେବ

ଭୁବନେଶ୍ୱର,୪।୯(ଅନିଲ ଦାସ)

**ଭୁବନେଶ୍ୱର ପତିତ ଜମିର ସ୍ୱତ୍ୱ ରାଜସ୍ୱ ବିଭାଗ ଟାସ୍କଫୋର୍ସର ଏସ୍‌ଓପି ଭିତ୍ତିରେ ନିର୍ଦ୍ଧାରଣ ହେବ**

ଜଟଣୀ ଖାସ୍‌ମାହଲ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ପଟ୍ଟା ଦେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇ ନିର୍ଦ୍ଦେଶ ଦେଇଛନ୍ତି । ଜଟଣୀ ତହସିଲରେ ଦୀର୍ଘ ବର୍ଷ ଧରି ଖାସମାହଲ ସମସ୍ୟା ରହିଛି । ଏ ସମସ୍ୟା ସମ୍ପର୍କରେ ଜନସାଧାରଣ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଜଣାଇଥିଲେ । ଏ ବିଷୟରେ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇଛି । ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ୩ ମାସ ମଧ୍ୟରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଆସନ୍ତା ଡିସେମ୍ବରରେ ଲୋକଙ୍କୁ ପଟ୍ଟା ବଣ୍ଟନ କରାଯିବ । ଏ ନେଇ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ୫୩୭ ପରିବାର ଉପକୃତ ହେବେ ।

ସେହିପରି ଭୁବନେଶ୍ୱର ତହସିଲରେ ପତିତ ଜମିର ସ୍ୱତ୍ୱ ନେଇ ୬୦ ବର୍ଷ ଧରି ସମସ୍ୟା ଲାଗି ରହିଛି । ଏ ସମ୍ପର୍କରେ ବିଭିନ୍ନ ରାଜସ୍ୱ ଅଦାଲତରେ ୧୦ ହଜାର ୫୪୩ଟି ମାମଲା ଚାଲିଛି । ଏହି ପତିତ ଜମି ସମ୍ପର୍କରେ ଗଠିତ ରାଜସ୍ୱ ବିଭାଗର ଟାସ୍କଫୋର୍ସ ଦ୍ୱାରା ନିର୍ଦ୍ଧାରିତ ଏସ୍‌ଓପି ଭିତ୍ତିରେ ଏ ସମସ୍ୟାର ସମାଧାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ୫-ଟି ସଚିବ ପାଣ୍ଡିଆନଙ୍କ ସମେତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତ ସମୟରେ ମିଳିଥିବା ଲୋକଙ୍କ ବିଭିନ୍ନ ଅଭିଯୋଗର ସମାଧାନ ନିମନ୍ତେ ସମୟବଦ୍ଧ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗ ଏବଂ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ସେପ୍ଟେମ୍ବର ମଧ୍ୟ ଭାଗରେ ମୁଖ୍ୟମନ୍ତ୍ରୀ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ ।

# ଯୁକ୍ତ୩: ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୪।୯(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ସୋମବାରଠାରୁ ଆବେଦନ ଆରମ୍ଭ ହୋଇଛି । ଏହା ୧୩ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ । ୨୨ତାରିଖ ଅପରାହ୍ନ ୧୨ଟାରେ ମେଧା ତାଲିକା ପ୍ରକାଶ ପାଇବ । ମନୋନୀତ ଛାତ୍ରୀଛାତ୍ର ୨୩ତାରିଖ ସକାଳ ୯ଟାରୁ ୨୬ତାରିଖ ସନ୍ଧ୍ୟା ୫ଟା ଭିତରେ(ଛୁଟିଦିନ ବ୍ୟତୀତ) ନାମଲେଖାଇବେ । ବଳକା ସିଟ୍‌ରେ ନାମଲେଖା ପାଇଁ ଅକ୍ଟୋବର ୩ ଅପରାହ୍ନ ୨ଟାରେ ପୁନର୍ବାର ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୬ତାରିଖ ଦିନ ନାମଲେଖାଇବେ । ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ନ ହେବାରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ରାଜ୍ୟରେ ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ଏବେ ୧,୧୧,୧୦୮ ସିଟ୍ ଖାଲି ପଡ଼ିଛି ।

# ମେଟା ସହ 'ଶିକ୍ଷାରୁ ଉଦ୍ୟମିତା' ଇନିସିଏଟିଭର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୪।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀଠାରେ ଶିକ୍ଷା ମନ୍ତ୍ରଣାଳୟ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ମେଟା ମଧ୍ୟରେ ୩ ବର୍ଷିଆ ସହଭାଗିତା 'ଶିକ୍ଷାରୁ ଉଦ୍ୟମିତା: ଏକ ପିଢ଼ିର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଉଦ୍ୟମିତାଙ୍କୁ ସଶକ୍ତୀକରଣ କରିବା ଇନିସିଏଟିଭ୍‌କୁ ଲୋକାର୍ପଣ କରିଛନ୍ତି ।

ଏହିଅବସରରେ ରାଷ୍ଟ୍ରୀୟ ଉଦ୍ୟମିତା ଏବଂ ଲଘୁ ବ୍ୟବସାୟ ସଂସ୍ଥା(ଏନଆଇଇଏସବିୟୁଡି), ଅଖିଳ ଭାରତୀୟ ବୈଷୟିକ ପରିଷଦ(ଏଆଇସିଟିଇ) ଓ ସିବିଏସ୍‌ଇ ମଧ୍ୟରେ ୩ଟି ପୃଥକ୍ ଲେଟର ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷର ହୋଇଛି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତକୁ ବିଶ୍ୱର ଦକ୍ଷତା ରାଜଧାନୀ ଭାବେ ପ୍ରସ୍ତୁତ କରିବା ସହ ଭାରତର ଅମୃତ ପିଢ଼ିଙ୍କୁ ସଶକ୍ତ କରିବାରେ ଆଉ ଏକ ନୂଆ ପଦକ୍ଷେପ । 'ଶିକ୍ଷାରୁ ଉଦ୍ୟମିତା' ଏକ ଗେମ୍ ଚେଞ୍ଜର । ଏହା ଡିଜିଟାଲ କୌଶଳକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ନେବ । ଭାରତରେ ଥିବା ପ୍ରତିଭା ଭଣ୍ଡାରର କ୍ଷମତା ବୃଦ୍ଧି କରିବ । ଛାତ୍ରୀଛାତ୍ର, ଯୁବବର୍ଗ, ମାନବ ସମ୍ବଳ, ଲଘୁ ଉଦ୍ୟୋଗୀଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହ ନିରନ୍ତର ଯୋଡ଼ି ରଖିବ । ଏହା ଅମୃତ ପିଢ଼ିଙ୍କୁ ଆଗାମୀ ଭବିଷ୍ୟତ ସମସ୍ୟା ସମାଧାନର ସୂତ୍ରଧର ଏବଂ ଉଦ୍ୟମୀ ଭାବେ ପରିଣତ କରିବ । ଭାରତର ଡେମୋକ୍ରାସି, ଡେମୋଗ୍ରାଫି ଏବଂ ଡାଇଭରସିଟିକୁ ଟେକ୍ନୋଲୋଜି ସହ ଯୋଡ଼ା ହେବ । ଏହାଦ୍ୱାରା ସମାଜରେ ପ୍ରଯୁକ୍ତିବିଦ୍ୟା ସମାନ ଭାବେ କାମ କରିବ ବୋଲି ସେ କହିଛନ୍ତି । ମେଟାର ଗ୍ଲୋବାଲ ଆଫେୟାର୍ସର ସଭାପତି ନିକ୍ କ୍ଲେଗ ମାନବସମ୍ବଳ ଦିଗରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଏଥିସହ ସେ କହିଛନ୍ତି ଯେ, ଭାରତ ପ୍ରତିଭା ତଥା ଦ୍ରୁତ ଗତିରେ ଡିଜିଟାଲ ଗ୍ରହଣୀୟତା ଉଭା ହେଉଥିବା ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜିନିବେଶ କରିବା ପାଇଁ ଏକ ଅନୁକୂଳ ବାତାବରଣ ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଦୃଷ୍ଟିକୋଣରୁ ମନ ଖୁସି ରହିବ । ତଥାପି ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପ୍ରତ୍ୟେକ ପରିସ୍ଥିତିରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଅବଶ୍ୟ ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇପାରନ୍ତି ।

**ବୃଷ** ପରିସ୍ଥିତିବଶତଃ ନିଜର ଆତ୍ମୀୟଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ । ପ୍ରତିବନ୍ଧକ ମଧ୍ୟରେ କର୍ମକ୍ଷେତ୍ରରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ । ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ ।

**ମିଥୁନ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ । ଧନ ସ୍ଥାନରେ ଏକାଦଶାଧିପତି ଅର୍ଥନୈତିକ ଅଭିବୃଦ୍ଧି ଘଟାଇବେ । ଆଜି ଶିଳ୍ପ, ବ୍ୟବସାୟ କ୍ଷେତ୍ରରୁ ଧନାଗମ ସମ୍ଭାବନା ଦେଖାଦେଇପାରେ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଖାଲରେ ପକାଇବା ଚେଷ୍ଟା ବିଫଳ ହେବେ ।

**କର୍କଟ** ଆଜି ଅନ୍ୟମାନଙ୍କ ବିରୋଧାଭାସରୁ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ । ପରିବାରରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି । ମାତ୍ର ମୃଗଶିରା ନକ୍ଷତ୍ରର ପାରିବାରିକ ଜୀବନ ହସ ଖୁସିରେ ଅତିବାହିତ ହେବ । ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତାକରି ଅପରାହ୍ନରେ ଚିନ୍ତିତ ରହିବେ ।

**ସିଂହ** ଆଜି ବନ୍ଧୁଙ୍କ ପ୍ରେରଣା ପାଇଲେ ମଧ୍ୟ ମନରେ ସକାରାତ୍ମକ ଭାବ ଉଦ୍ରେକ ହେବନାହିଁ । ସାମାଜିକ ସ୍ତରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି । ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଲେ ଉପକୃତ ହେବେ ।

**କନ୍ୟା** ଆଜି ଯେମିତି ଚିନ୍ତା କରୁଛନ୍ତି, ସେହି ଅନୁସାରେ କାମ ସମ୍ପନ୍ନ ହୋଇପାରିବ । ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ ବ୍ୟତିକ୍ରମ ଦେଖାଦେଇପାରେ । ପରିବାରର ଆବଶ୍ୟକତା ସକାଶେ ଧାରକରଜ କରି କାମ ତୁଲାଇ ନେବେ । ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍ସିପରେ ଉନ୍ନତି କରିବେ ।

**ତୁଳା** ଯାହା ଓ ଯେତିକି ପାଇବା କଥା ସେଥିପାଇଁ ଆପଣଙ୍କୁ ପ୍ରବଳ ସଂଘର୍ଷ କରିବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନ କଲେ ମଧ୍ୟ ଆର୍ଥିକ କ୍ଷତି ଘଟାଇପାରନ୍ତି । ବ୍ୟସ୍ତତା ମଧ୍ୟରେ ଯାଉ ଯାଉ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଜିର ଯାତ୍ରାରେ ବିଳମ୍ବ ଘଟିପାରେ । ଅନିୟମିତତା କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ ।

**ବିଛା** କୌଣସି କ୍ଷେତ୍ରରେ ବିବାଦ ଆଗକୁ ନ ବଢ଼ାଇ ଆଲୋଚନା ଦ୍ୱାରା ସମାଧାନ କରିବା ଭଲ । କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ । କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ ।

**ଧନୁ** ଆଜି ଆପଣଙ୍କର ସୁସ୍ଥ ମାନସିକତା କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତି ପ୍ରଦାନ କରିବ । ସାମୟିକ ଅନିଦ୍ରା ଓ ଧନବ୍ୟୟ ହେତୁ ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ । ଅପ୍ରିୟ ସତ୍ୟ କହିବା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି । ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି ।

**ମକର** ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ଚର୍ଚ୍ଚାରେ ଦିନଟିକୁ ଉପଭୋଗ କରିପାରନ୍ତି । ଉଦାରତା ଓ ସହନଶୀଳତା ଗୁଣରୁ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ । ରବିବାରର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ । ଅର୍ଥ ସାହାଯ୍ୟ ପାଇବେ ଏବଂ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ ।

**କୁମ୍ଭ** ଆଜି ଯେଉଁ କାମ କଲେ ମଧ ବିରୋଧର ସମ୍ମୁଖୀନ ହେବେ । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ । ଅତି ନିଜର ମନେହେଉଥିବା ବନ୍ଧୁଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସୁବିଧାରେ ପକାଇପାରନ୍ତି । କହିବା ପାଇଁ ଚିନ୍ତା କରିଥିଲେ ମଧ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ ।

**ମୀନ** ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ସକାଶେ ମନସ୍ଥ କରିବେ । ସାଂସ୍କୃତିକ ଅନୁଷ୍ଠାନରେ ପ୍ରଶଂସନୀୟ କାମକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କଲେ ତାହା ନିଜ ପାଇଁ ବହୁ ହିତକର ସାବ୍ୟସ୍ତ ହେବ । ଆକସ୍ମିକ ଭାବରେ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ହୋଇପାରନ୍ତି ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ସେପ୍ଟେମ୍ବର ୫ , ଶ୍ରୀମନ୍ଦିରରେ ହରିଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଗୁରୁଦିବସ, ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ବିଦ୍ୟାବାଚସ୍ପତି ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ଜୟନ୍ତୀ । ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୮।୪୦ ଗତେ, ଘ.୧୦।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୫୦ ଗତେ, ଘ.୦୪।୨୨ ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୫/୨୦୨୩ | Bhubaneswar, Tuesday, September 5/2023 | ପୃଷ୍ଠା-୧



## ବାପା ହେଲେ ଯଶପ୍ରୀତ୍ ବୁମ୍‌ରା

ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ସୋମବାର ଏକ ପୁତ୍ର ସନ୍ତାନର ଜନକ ହୋଇଛନ୍ତି।

୧୨ ୦୮

## ଗଣେଶ ଚତୁର୍ଥୀରେ 'ଚନ୍ଦ୍ରମୁଖୀ ୨'

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ମୁଭି 'ଚନ୍ଦ୍ରମୁଖୀ-୨' ଆସନ୍ତା ଗଣେଶ ଚତୁର୍ଥୀରେ ପ୍ରେକ୍ଷାଳୟକୁ ଆସିବ।



# ଆଉ ୩ ଚାଇନା ନାଗରିକଙ୍କ ବିରୋଧରେ ଏଲ୍‌ଓସି

**ଭୁବନେଶ୍ୱର,୪।୮(ସତ୍ୟଜିତ୍ ରାଉତ)**

### ଅନ୍‌ଲାଇନ୍ ଠକେଇ ମାମଲା

ଦେଶର ବଡ଼ ଶିଳ୍ପପତି, କ୍ରୀଡ଼ାବିତ୍ ଓ ଅଭିନେତାଙ୍କ ଫଟୋ ବ୍ୟବହାର କରି ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଚଳାଇଛି। ଏହି ମାମଲାରେ ଚାଇନା ମାଷ୍ଟରମାଇଣ୍ଡ ଗୁଆଁହୁଆ ୱାଙ୍ଗଙ୍କ ବିରୋଧରେ ପୂର୍ବରୁ ଲୁକ୍‌ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଥିଲା। ଏବେ ତାଙ୍କ ସହଯୋଗୀ ତଥା ୩ ଚାଇନା ନାଗରିକଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଆରମ୍ଭ କରିଛି। ସେମାନେ ହେଲେ ଲିୟୁ ହୁଆଁ, ୱେନ୍‌ହ୍ୟୁ ଝେଙ୍ଗ୍ ଓ ଜିହ୍ୟୁ ଜିହାଲୁ। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ) ଏମାନଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି। ବିଓଆଇ ପକ୍ଷରୁ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରାଯାଇଛି। ଏଥିସହ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ବିଦେଶୀ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିଗୁଡ଼ିକ ସହ ମଧ୍ୟ ଯୋଗାଯୋଗ କରାଯାଉଛି। ତେବେ ଏମାନଙ୍କୁ ଧରିବା ଇଓଡବ୍ଲ୍ୟୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ଠକେଇ ର୍ୟାକେଟ ପରିଚାଳନା ଦାୟିତ୍ୱରେ ଥିବା ଭାରତ ମୁଖ୍ୟ ଚିତ୍ରଭେଲ୍‌ଙ୍କୁ ଇଓଡବ୍ଲ୍ୟୁ ଗତ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ତାମିଲନାଡୁରୁ ଗିରଫ କରିଥିବା ବେଳେ ସେ ଏବେ ଜେଲରେ ଅଛନ୍ତି।

ସୂଚନା ଅନୁଯାୟୀ, ମାଷ୍ଟରମାଇଣ୍ଡ ଗୁଆଁହୁଆ ତାଙ୍କ ସହଯୋଗୀଙ୍କ ସହ ୨୦୧୯ ବାଙ୍ଗାଲୋରକୁ ଆସି ସାଇବର ଠକେଇ କରିବାକୁ ପ୍ରାୟ ☞ପୃଷ୍ଠା-୯



ରାୟଗଡ଼ାରୁ ପାର୍ବତୀପୁରମ୍‌କୁ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ମାନ୍ୟମ ଜିଲା ଅର୍ତମ ଗାଁ ନିକଟରେ ଏକ ଦନ୍ତା ଶୁଣ୍ଢରେ ଏହାର କାଚକୁ ଭାଙ୍ଗୁଛି।

# ରାସ୍ତାରେ ବସ୍ କାଚ ଭାଙ୍ଗିଲା ଦନ୍ତା

**ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)**

### ଓଡ଼ିଶା-ଆନ୍ଧ୍ରପ୍ରଦେଶ ରାସ୍ତା ୪ ଘଣ୍ଟା ଜାମ୍

ଓଡ଼ିଶା ଆନ୍ଧ୍ରପ୍ରଦେଶ ସୀମାନ୍ତରେ ରାୟଗଡ଼ାରୁ ପାର୍ବତୀପୁରମ୍‌କୁ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଦନ୍ତାହାତୀ ଅଟକାଇ ଉପଦ୍ରବ କରିଛି। ରାୟଗଡ଼ା ବ୍ଲକ୍ କେରେଡାଠାରୁ ୧୦ କି.ମି ଦୂର ମାନ୍ୟମ ଜିଲା ଅର୍ତମ ଗାଁ ନିକଟରେ ହଠାତ୍ ଏକ ଦନ୍ତାହାତୀ ରାସ୍ତା ଉପରକୁ ଚାଲି ଆସି ଚଳନ୍ତା ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲା। ପରେ ହାତୀ ଶୁଣ୍ଢ ପିଟି ବସ୍‌ର ସମ୍ମୁଖ କାଚ ଭାଙ୍ଗିବା ସହ ବସ୍‌କୁ ଠେଲିବାକୁ ଲାଗିଥିଲା। ହାତୀର ଉତ୍ପାତ ଦେଖି ବସ୍‌ରେ ଯାତ୍ରା କରୁଥିବା ୩୦ ଯାତ୍ରୀ ଓ କର୍ମଚାରୀ ଭୟଭୀତ ହୋଇପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ହାତୀ ଉପଦ୍ରବ ଯୋଗୁ ଦୀର୍ଘ ୪ ଘଣ୍ଟା ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଯାନବାହନ ଚଳାଚଳ ଠପ୍ ରହିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ପହଞ୍ଚି ହାତୀକୁ ଜଙ୍ଗଲକୁ ଘଉଡାଇବା ପରେ ବସ୍ ତା'ର ଗନ୍ତବ୍ୟସ୍ଥଳକୁ ଯାଇଥିଲା।

ବୀରଗୋଟମ ଜଙ୍ଗଲ ଭିତରୁ ଏକ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି ୨ ଦିନ ହେବ କୋମରାଡ଼ା ବ୍ଲକ ଅଞ୍ଚଳରେ ବୁଲୁଥିଲେ ବୋଲି ଆନ୍ଧ୍ରପ୍ରଦେଶ ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଉକ୍ତ ହାତୀପଲକୁ ଘଉଡାଇବା ପାଇଁ ଗ୍ରାମବାସୀ ବାଜା ଓ ନିଆଁ ବ୍ୟବହାର କରୁଛନ୍ତି। ଫଳରେ ଗୋଟିଏ ହାତୀ ☞ପୃଷ୍ଠା-୯

# ଶ୍ୱଶୁରଘରେ ଡାକ୍ତର କ୍ୱାଇଁଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର,୪।୯(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଗୋଷଣୀନୂଆଗାଁ ଥାନା ଅନ୍ତର୍ଗତ ଶକ୍ତିନଗରରେ ରବିବାର ରାତିରେ ଜଣେ ଡାକ୍ତର ତାଙ୍କ ଶ୍ୱଶୁର ଘରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଡା. ସୁରେନ୍ଦ୍ର କୁମାର ରଥ(୫୧)। ସୁରେନ୍ଦ୍ରଙ୍କ ଘର ରାୟଗଡ଼ା ଜିଲାରେ ହୋଇଥିବା ବେଳେ ସେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ ବିଭାଗରେ କାର୍ଯ୍ୟରତ ଥିଲେ। କୌଣସି ଏକ ଘରୋଇ ଅଶାନ୍ତିରୁ ସୁରେନ୍ଦ୍ର ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ☞ପୃଷ୍ଠା-୯

# ମଣିପୁରରେ ଅଧିକ ସଂଘର୍ଷ କରାଇବା ଉଦ୍ୟମ: ଏଡିଟର୍ସ ଗିଲ୍ଡ ମୁଖ୍ୟଙ୍କ ନାଁରେ ଏତଲା

**ଇମ୍ଫାଲ/ନୂଆଦିଲ୍ଲୀ,୪।୯**

### ପ୍ରତ୍ୟାହାର ଲାଗି ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆର ଦାବି

ମଣିପୁରରେ ୪ ମାସ ହେଲା ଜାତିଆଣ ହିଂସା ଲାଗିରହିଥିବା ବେଳେ ଅଧିକ ସଂଘର୍ଷ ଘଟାଇବା ପାଇଁ ଉଦ୍ୟମ କରିବା ଅଭିଯୋଗରେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ)ର ଅଧ୍ୟକ୍ଷ ଏବଂ ୩ ସଦସ୍ୟଙ୍କ ନାଁରେ ରାଜ୍ୟ ସରକାର ଏତଲା ଦାଏର କରିଛନ୍ତି। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ସୋମବାର ଏହି ସୂଚନା ଦେଇଛନ୍ତି। ରାଜ୍ୟର ଜାତିଆଣ ହିଂସା ଉପରେ ତଥ୍ୟ ଦୃଷ୍ଟିରୁ ଭୁଲ୍ ରିପୋର୍ଟ ପ୍ରକାଶ କରାଯିବା ଅଭିଯୋଗରେ ଏତଲା ଦାଏର ହୋଇଛି। ସାମାଜିକ କର୍ମୀ ଗାଙ୍ଗୋମ୍ ଶରତଙ୍କ ଅଭିଯୋଗ ଆଧାରରେ ମଣିପୁର ପୋଲିସ ମାମଲା ରୁଜୁ କରିଛି। ଶତ୍ରୁତା ବଢ଼ାଇବା, କୌଣସି ସମ୍ପ୍ରଦାୟର ଧର୍ମକୁ ଅପମାନିତ କରିବା ଉଦ୍ଦେଶ୍ୟରେ ଉପାସନା ସ୍ଥଳର ପବିତ୍ରତା ନଷ୍ଟ କରିବା, କୌଣସି ବ୍ୟକ୍ତିଙ୍କ ଧର୍ମୀୟ ଭାବନାକୁ ଜାଣିଶୁଣି ଆଘାତ ଦେବା ଭଳି ଶବ୍ଦ ବ୍ୟବହାର ଆଦି ଅଭିଯୋଗରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଏତଲାରେ ଏଡିଟର୍ସ ଗିଲ୍ଡର ଅଧ୍ୟକ୍ଷ ସୀମା ମୁସ୍ତାଫା ଏବଂ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟ ସୀମା ଗୁହା, ଭରତ ଭୂଷଣ ଏବଂ ସଞ୍ଜୟ କପୁରଙ୍କ ନାଁ ରହିଛି। ତଥ୍ୟ ଅନୁସନ୍ଧାନ ଟିମ୍ ଗଠନ କରିବା ଓ ମଣିପୁର ପ୍ରସଙ୍ଗର ତଦନ୍ତ କରିବା ଲାଗି ସେମାନଙ୍କୁ କ୍ଷମତା ଦିଆଯାଇ ନ ଥିବା ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ☞ପୃଷ୍ଠା-୯




ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଳଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍ଭାସିତ କରିଦେଇପାରେ। –ଶ୍ରୀମା

# ମଣିପୁର ବିଭାଜନ

ମଣିପୁରରେ ୪ ମାସ ହେଲା ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ଜାତିଆଣ ହିଂସାରେ ୧୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଏଥିରେ ୫୦,୦୦୦ରୁ ଅଧିକ ଲୋକଙ୍କୁ ବିସ୍ଥାପିତ କରାଯାଇଛି। ହିଂସା ମଧ୍ୟରେ ଅନେକ ବିଷୟ ପଦାକୁ ଆସିଛି, ଯାହା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଦେଶର ସମ୍ମାନ ହାନି ଘଟିଛି। ଘଟଣାଚକ୍ରରେ ମଣିପୁରରେ ଦୁଇ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବାର ଏକ ଭିଡିଓ ପ୍ରକାଶ ପାଇଲା ପରେ ନିର୍ଯାତନାର ଗମ୍ଭୀରତା ଜଣାପଡ଼ିଲା। ବାସ୍ତବରେ ଦେଖିବାକୁ ଗଲେ ଏହି ଗୋଟିଏ ଭିଡିଓ ଯୋଗୁ ସବୁକଥା ପଦାକୁ ଆସିଲା। ସୋସିଆଲ ମିଡିଆରେ ଏହି ଭିଡିଓଟି ପଡ଼ି ନ ଥିଲେ ଆଜିର ଭାରତରେ ପାରମ୍ପରିକ ଗଣମାଧ୍ୟମର ବ୍ୟବସ୍ଥାରେ ମଣିପୁର ସମ୍ପର୍କରେ ସତ୍ୟ ଖବର କେହି ଜାଣିପାରି ନ ଥା'ନ୍ତେ। ଏଥିରୁ ଆମ ଦେଶର ପରିସ୍ଥିତି ଆକଳନ କରିବା ସହଜ।

ଏବେ ମଧ୍ୟ ମଣିପୁରରେ ହିଂସା ଥମିନାହିଁ। ଗତ ସପ୍ତାହ ମଧ୍ୟରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ରାଜ୍ୟ ସରକାର ୨ ସେପ୍ଟେମ୍ବରରେ ଇମ୍ଫାଲର ନ୍ୟୁ ଲାମ୍ବୁଲେନ ଅଞ୍ଚଳରୁ ଶେଷ ୧୦ଟି କୁକି ପରିବାରର ୨୪ ଜଣ ସଦସ୍ୟଙ୍କୁ କାଙ୍ଗୋପୋକପି ଜିଲାକୁ ସ୍ଥାନାନ୍ତର କରିଛନ୍ତି। ଫଳରେ ନ୍ୟୁ ଲାମ୍ବୁଲେନ କୁକିଶୂନ୍ୟ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସେଠାରେ ୩୦୦ କୁକି ପରିବାର ରହୁଥିଲେ। ଏବେ ଜାଣିବାର କୌଣସି ବାଟ ନାହିଁ ଯେ, ସେଠାରେ ଦୀର୍ଘଦିନ ଧରି ରହିଆସୁଥିବା କୁକିମାନଙ୍କୁ ବିସ୍ଥାପିତ କରିବା ପରେ ସେମାନଙ୍କର ମାଲିକାନାରେ ଥିବା ଜମି ଏବଂ ଘରବାଡ଼ି କାହାକୁ ହସ୍ତାନ୍ତର କରାଗଲା। ବିସ୍ଥାପିତ କୁକିମାନଙ୍କୁ ମେଇତି ଅଞ୍ଚଳରୁ ନେଇଯାଇ ରିଲଫ୍ କ୍ୟାମ୍ପରେ ରଖାଯାଉଛି। ଏହି ବିସ୍ଥାପନ ପ୍ରକ୍ରିୟା ନୂଆ ନୁହେଁ, ହିଂସା ଆରମ୍ଭ ହେବା ପରଠାରୁ ଏହା ଜାରିରହିଛି। ଏଭଳି ବିସ୍ଥାପନରେ ପିଲାମାନେ ସବୁଠୁ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ମଣିପୁର ସାମାଜିକ କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି। କୁହାଯାଇଛି ଯେ, ଏଯାବତ୍ ବିସ୍ଥାପିତ ହୋଇଥିବା ୫୦,୦୦୦ ଲୋକଙ୍କ ମଧ୍ୟରେ ୧୨,୬୯୪ ପିଲା ଅଛନ୍ତି । ଏମାନଙ୍କ ମଧ୍ୟରୁ ୧୦୦ରୁ ଅଧିକ ଗଭୀର ଭାବେ ମାନସିକ ଆଘାତ ପାଇଛନ୍ତି ଓ ୧୬ ଜଣ ଅତ୍ୟଧିକ ଅପପୁଷ୍ଟିର ଶିକାର ହୋଇଛନ୍ତି। ମାନସିକ ଆଘାତପ୍ରାପ୍ତ ପିଲାମାନଙ୍କର କାଉନ୍ସେଲିଂ ଚାଲିଛି ବୋଲି ସରକାରୀ ତଥ୍ୟରେ କୁହାଯାଇଛି। ଏହା ପ୍ରତିକାରର ଏକ ଦିଗ ହୋଇପାରେ, କିନ୍ତୁ ଯୁଦ୍ଧ କିମ୍ବା ଆଞ୍ଚଳିକ ସଂଘର୍ଷ ଯୋଗୁ ପିଲାମାନଙ୍କ ଜୀବନ ବିକାଶର ଆବଶ୍ୟକ ଭିତ୍ତିଭୂମିକୁ ନଷ୍ଟ କରିଦିଆଯାଉଛି। ଫଳରେ ସେମାନେ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। କେବଳ ମଣିପୁର ନୁହେଁ, ପୂର୍ବରୁ ଆସାମରେ ଘଟିଥିବା ଜାତିଗତ ହିଂସା ଓ ଅଶାନ୍ତ କଶ୍ମୀରରେ ପିଲାମାନେ ସମାନ ସ୍ଥିତିର ସମ୍ମୁଖୀନ ହୋଇଆସୁଛନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ଗୋଟିଏ ଭୟମୁକ୍ତ ପରିବେଶ ପିଲାଙ୍କ ମାନସିକ ଓ ଶାରୀରିକ ବିକାଶରେ ପ୍ରମୁଖ ଭୂମିକା ନେଇଥାଏ। ଏହାବ୍ୟତୀତ ପରିବାର, ଶୈକ୍ଷିକ ପରିବେଶ ଓ ସାଙ୍ଗସାଥୀ ଛାଡ଼ି ଚାଲିଯାଉଥିବା ପିଲାମାନଙ୍କୁ ସେମାନଙ୍କ ସ୍ୱାଭାବିକ ମାନସିକ ସ୍ଥିତିକୁ ଫେରାଇ ଆଣିବା କଷ୍ଟକର। ତେବେ ମଣିପୁରରେ ବିସ୍ଥାପିତ ପରିବାରଗୁଡ଼ିକ ସହିତ ରିଲିଫ କ୍ୟାମ୍ପରେ ରହୁଥିବା ପିଲାମାନଙ୍କୁ ପ୍ରଶାସନ ନିକଟସ୍ଥ ସ୍କୁଲରେ ନାମଲେଖାଇ ପଢ଼ିବାର ବ୍ୟବସ୍ଥା କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ଭୟମୁକ୍ତ ପରିବେଶ ନିଶ୍ଚିତ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଏଭଳି ପରିବେଶ ଆସିପାରିବ, ମଣିପୁର ହିଂସାମୁକ୍ତ ହେଲେ। କିନ୍ତୁ ସରକାର ଭୟମୁକ୍ତ ପରିବେଶ ଫେରାଇ ଆଣିବା ଲାଗି ଚେଷ୍ଟା କରିନାହାନ୍ତି। ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇପଡ଼ିଛି ବୋଲି ଜଣାପଡୁଛି ; ଯେଉଁଥିପାଇଁ, ଦେଖାଣିଆ ଭାବେ, ସରକାର ଏବେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ପୋଲିସ ବିଭାଗରେ ୫ ବର୍ଷ ଲାଗି ନିଯୁକ୍ତି ଦେଇଛନ୍ତି।

ମଣିପୁରର ପରିସ୍ଥିତି ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ଜାତିଆଣ ବିଭେଦରେ ସାରା ରାଜ୍ୟକୁ ଭାଗ କରିଦିଆଗଲାଣି। ରାଜନୈତିକ ଇଚ୍ଛାଶକ୍ତି ଯୋଗୁ ଏଭଳି ବିଭେଦ ବିରାଟ ଆକାର ଧାରଣ କରିପାରିଲା। ଏବେ ହୁଏତ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ସେହି ରାଜ୍ୟକୁ ଦୁଇ ଭାଗରେ –ମେଇତି ଏବଂ କୁକି– ବହୁଳ ଅଞ୍ଚଳରେ ବିଭାଜନ କରିଦେବା ସ୍ୱାଭାବିକ ମନେ ହୋଇପାରେ।

**ମଣିପୁରର ପରିସ୍ଥିତି ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ଜାତିଆଣ ବିଭେଦରେ ସାରା ରାଜ୍ୟକୁ ଭାଗ କରିଦିଆଗଲାଣି। ରାଜନୈତିକ ଇଚ୍ଛାଶକ୍ତି ଯୋଗୁ ଏଭଳି ବିଭେଦ ବିରାଟ ଆକାର ଧାରଣ କରିପାରିଲା। ଏବେ ହୁଏତ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ସେହି ରାଜ୍ୟକୁ ଦୁଇ ଭାଗରେ –ମେଇତି ଏବଂ କୁକି– ବହୁଳ ଅଞ୍ଚଳରେ ବିଭାଜନ କରିଦେବା ସ୍ୱାଭାବିକ ମନେ ହୋଇପାରେ।**

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | 4 | 2 | | |
| | | | | | | | 8 | |
| | 1 | | 7 | | | 5 | | 6 |
| | | | | 2 | 8 | | | |
| | | 4 | 1 | | | 6 | 5 | 3 |
| | 3 | | | | | | | |
| | | | 8 | | | | 6 | |
| 5 | | | | 1 | 6 | | | 7 |
| | | | | 9 | | 3 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 4 | 1 | 9 | 8 | 2 | 7 |
| 9 | 4 | 2 | 6 | 7 | 8 | 3 | 1 | 5 |
| 7 | 1 | 8 | 5 | 3 | 2 | 4 | 9 | 6 |
| 4 | 9 | 5 | 3 | 2 | 6 | 7 | 8 | 1 |
| 8 | 6 | 1 | 7 | 5 | 4 | 9 | 3 | 2 |
| 3 | 2 | 7 | 8 | 9 | 1 | 6 | 5 | 4 |
| 2 | 3 | 4 | 9 | 6 | 5 | 1 | 7 | 8 |
| 5 | 8 | 9 | 1 | 4 | 7 | 2 | 6 | 3 |
| 1 | 7 | 6 | 2 | 8 | 3 | 5 | 4 | 9 |

ଗତକାଲିର ଉତ୍ତର

# ଗୁରୁତୁଲ୍ୟ ଶିକ୍ଷକ ଓ ଶିଷ୍ୟତୁଲ୍ୟ ଛାତ୍ର



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ପରମ୍ପରାରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହନ୍ତି, ବରଂ ଏକ ଶକ୍ତିର ଉତ୍ସ ବା ଜୀବନ ଗଢ଼ିବାର ମହାସୂତ୍ର। ଗୁରୁଙ୍କ ଆଚରଣରେ ଥାଏ ଅମୃତର ପ୍ରଲେପ। ତାଙ୍କର ପ୍ରତିଟି ଚିନ୍ତା ଓ ଚେତନାରେ ପ୍ରକାଶ ପାଏ ଐଶ୍ୱରିକ ବିଭୂତି। ସେ ସାଧାରଣ ମନେହେଲେ ବି ଅସାଧାରଣ। ମଣିଷ ହେଲେ ବି ଦେବତା। ସେଥିପାଇଁ କୁହାଯାଏ– ''ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ।''

ଗୁରୁକୁଳ ଆଶ୍ରମ ଥିଲା ଆମ ଶିକ୍ଷା ବ୍ୟବସ୍ଥାର ମୂଳସୂତ୍ର। ଲୋକାଳୟର କୋଳାହଳମୟ ପରିବେଶଠାରୁ ବହୁ ଦୂରରେ ଗୁରୁକୁଳ ଆଶ୍ରମମାନ ଗଢି ବିଦ୍ୟା ବିତରଣ କରୁଥିଲେ ବ୍ୟାସ, ବାଲ୍ମୀକି, ବଶିଷ୍ଠ ଓ ସନ୍ଦିପନୀଙ୍କ ପରି ସମର୍ଥ ଗୁରୁ। ଆତ୍ମସଂଯମ ଓ ଆତ୍ମଶୃଙ୍ଖଳା ବଳରେ ସେମାନେ ଶିଷ୍ୟମାନଙ୍କୁ ପ୍ରଦାନ କରୁଥିଲେ ଆଲୋକ ଓ ଅମୃତ ପଥରେ ଯାତ୍ରୀ ହେବାର ମନ୍ତ୍ର। ନିଜର ସାଧନାଲବ୍ଧ ଦିବ୍ୟଜ୍ଞାନକୁ ସମାଜ କଲ୍ୟାଣ ନିମନ୍ତେ ବିତରଣ କରିବା ଥିଲା ସେମାନଙ୍କର ଲକ୍ଷ୍ୟ। ସେଥିପାଇଁ ସେଠାରେ ପାଠ୍ୟ ଖସଡ଼ା ଓ ଶାସ୍ତ୍ର ଅଧ୍ୟୟନଠାରୁ ଅଧିକ ଗୁରୁତ୍ୱ ଲଭିଥିଲା ଶ୍ରମ, ଶୃଙ୍ଖଳା, ସଂଯମ ଓ ସଂସ୍କାର। ଇନ୍ଦ୍ରିୟାନୁଗତ ବୌଦ୍ଧିକତା ଭିତ୍ତିରେ ଗୁରୁ ପରଖୁଥିଲେ ଶିଷ୍ୟର ଜ୍ଞାନ।

ଆଶ୍ରମ ଯୁଗର ଅବସାନ ପରେ ଆରମ୍ଭ ହେଲା ଚାଟଶାଳୀ ଶିକ୍ଷା ବ୍ୟବସ୍ଥା। ଲୋକାଳୟ ଭିତରେ ଚାଟଶାଳୀ ଗଢ଼ି ଶିକ୍ଷାଦାନ କଲେ ଅବଧାନେ। ଝାଟିମାଟି ଘର ଚାଟଶାଳୀରେ କଡ଼ାକଡ଼ି ଭାବେ ପାଳନ ହେଲା ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା। ମାନବିକତା ଓ ମୂଲ୍ୟବୋଧର ବିକାଶ ନିମନ୍ତେ ଏଠାରେ ପର୍ଯ୍ୟାୟକ୍ରମରେ ସ୍ଥାନ ପାଇଲା ପଞ୍ଚତନ୍ତ୍ର ଓ ହିତୋପଦେଶର ଲୋକଶିକ୍ଷାମୂଳକ କାହାଣୀ। ଗୁରୁକୁଳ ଆଶ୍ରମ ପରି ଏଠାରେ ଅନୁଶାସନ କଠୋର ହେଲେ ବି ଅବଧାନଙ୍କ ବାତ୍ସଲ୍ୟ ଓ ଅନାବିଳ ଆତ୍ମୀୟତାରେ ଅଭିମନ୍ତ୍ରିତ ହୋଇପଡ଼ିଥିଲା ଗୁରୁଶିଷ୍ୟ ସମ୍ପର୍କ। ତେଣୁ ସାରା ଜୀବନ ସ୍ମୃତିପଟରେ ସାଇତାହୋଇ ରହୁଥିଲା ଚାଟଶାଳୀରେ ବିଦ୍ୟାରମ୍ଭର ପୁଲକ ଓ ପ୍ରେରଣାର ଅନୁଭବ। ସେକଥା ପ୍ରକାଶ କରିବାକୁ ଯାଇ କବି କାଳିନ୍ଦୀଚରଣ ପାଣିଗ୍ରାହୀ ଲେଖିଛନ୍ତି– ''ମନେଅଛି ମୋର ଗ୍ରାମ ଚାଟଶାଳୀ ଚିହ୍ନିଥିଲି ଯହିଁ ଅକ୍ଷର ଆଗେ, ସରୁ ଦାଣ୍ଡ କଡ଼େ ଚାଳଘର ଖଣ୍ଡେ ଯାଇଥିଲି ଦିନେ ବାପାଙ୍କ ସାଙ୍ଗେ।''



କେବଳ ପ୍ରାଥମିକ ଶିକ୍ଷା ନୁହେଁ, ଗୁରୁକୁଳ ଶିକ୍ଷା ଆଦର୍ଶର ଭିତ୍ତି ଉପରେ ସ୍ଥାପନ ହେଲା ମାଧ୍ୟମିକ ଓ ଉଚ୍ଚଶିକ୍ଷା ବ୍ୟବସ୍ଥା। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ନିୟୋଜିତ ହେଲେ ଗୁରୁତୁଲ୍ୟ ଶିକ୍ଷକ ଓ ଅଧ୍ୟାପକ। ଗୁରୁ ଆଧ୍ୟାତ୍ମିକ ଜ୍ଞାନର ମାର୍ଗଦର୍ଶକ ହୋଇଥିବା ସ୍ଥଳେ ଶିକ୍ଷକ ହେଉଛନ୍ତି ପାର୍ଥିବ ଜ୍ଞାନର ମାର୍ଗଦର୍ଶକ ବା ଉପଦେଷ୍ଟା। ସାହିତ୍ୟ,ବିଜ୍ଞାନ, ଭୂଗୋଳ ଓ ଇତିହାସ ଆଦି ବିଷୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ହୁଏତ ଗୁରୁ ପଦବାଚ୍ୟ ନ ହୋଇପାରନ୍ତି, କିନ୍ତୁ ଯେଉଁ ଶିକ୍ଷକମାନେ ନିଷ୍ପାପର, ସମଦର୍ଶୀ , ସତ୍ୟନିଷ୍ଠ ଓ ଗୁରୁଙ୍କ ଭଳି ଆଚରଣ ସିଦ୍ଧ ସେମାନେ ନିଶ୍ଚୟ ଗୁରୁତୁଲ୍ୟ। ଶିକ୍ଷକଙ୍କ ଉପରେ ଥାଏ ନିଜେ ଶିଖି ଛାତ୍ରୀଛାତ୍ରଙ୍କୁ ଶିଖେଇବାର ଦାୟିତ୍ୱ। ଶିଖାଇବା ଅର୍ଥ ସତ୍‌ମାର୍ଗ ଦେଖାଇବା। ଅର୍ଥାତ୍ କେବଳ ପଢ଼ି ପଢ଼ାଇଦେଲେ ବା ବୁଝି ବୁଝେଇଦେଲେ ଜଣେ ଶିକ୍ଷକ ହୁଏ ନାହିଁ, ଏଥିପାଇଁ ସ୍ନେହସିକ୍ତ ହୃଦୟବତ୍ତା ଓ ଅକପଟ ଆନ୍ତରିକତା ଇତ୍ୟାଦି ରହିବା ଜରୁରୀ। ତେଣୁ ଶ୍ରୀଅରବିନ୍ଦ କହନ୍ତି, ''ଶିକ୍ଷକ ହେଉଛନ୍ତି ଜଣେ ସାଧକ। ତାଙ୍କର ଜୀବନ ହେଉଛି ସାଧନାର ଜୀବନ। ଏ ସାଧନା ହେଉଛି ସଚେତନତାର ଏକ କୀର୍ତ୍ତିସ୍ତମ୍ଭ।''

ଉପନିଷଦୀୟ ଭାଷାରେ ଗୁରୁଙ୍କ ଶରଣାପନ୍ନ ଆଧ୍ୟାତ୍ମ ବିଦ୍ୟା ସନ୍ଧାନୀଙ୍କୁ କୁହାଯାଏ ଶିଷ୍ୟ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ଗୁରୁଙ୍କ ଆତ୍ମାରୁ ଏକ ଶକ୍ତି ବା ଜ୍ଞାନାଲୋକ ସଞ୍ଚରିଆସେ ଏବଂ ତାହା ଯେଉଁ ଆତ୍ମାରେ ପ୍ରବେଶ କରେ, ସେ ଶିଷ୍ୟ। ଶକ୍ତି ପ୍ରାୟତଃ ସେହି ଆତ୍ମାରେ ପ୍ରବେଶ କରେ ଯିଏ ଗୁରୁଙ୍କ ପ୍ରତି ଏକାନ୍ତ ନିଷ୍ଠାପର। ଆରୁଣିର ପାଣି ମଡ଼ାଇବା ହେଉ କି ଉପମନ୍ୟୁର ଗାଈ ଜଗିବା ହେଉ, ତାହା ସେମାନଙ୍କ ଗୁରୁଭକ୍ତିର ବିରଳ ନିଦର୍ଶନ। ସେହି ଆଧ୍ୟାତ୍ମିକ ଜ୍ଞାନ ସନ୍ଧାନୀ ଶିଷ୍ୟମାନଙ୍କ ଭଳି ଜଣେ ଛାତ୍ର ଯଦି ଆଚରଣ ପ୍ରଦର୍ଶନ କରେ,ତେବେ ତାକୁ ଶିଷ୍ୟ ନ ହେଲେ ବି କୁହାଯିବ ଶିଷ୍ୟତୁଲ୍ୟ ଛାତ୍ର। ଶିଷ୍ୟତୁଲ୍ୟ ଛାତ୍ର କେବଳ ଗୁରୁତୁଲ୍ୟ ଶିକ୍ଷକମାନେ ସୃଷ୍ଟି କରିପାରନ୍ତି, ଯେଉଁମାନଙ୍କ ବ୍ୟକ୍ତିତ୍ୱର ଥାଏ ଏକ ସ୍ୱତନ୍ତ୍ର ପରିଚୟ। ସେମାନେ ପ୍ରାୟତଃ ଆଜୀବନ ବିଦ୍ୟାର୍ଥୀ। ଜ୍ଞାନ ସେମାନଙ୍କ ଶକ୍ତି ଓ ସାମର୍ଥ୍ୟର ଉତ୍ସ। ଅଧ୍ୟାପନା ସେମାନଙ୍କ ପାଇଁ ବୃତ୍ତି ନୁହେଁ, ପ୍ରବୃତ୍ତି। ପେସା ନୁହେଁ, ନିଶା। କେବଳ ଶିକ୍ଷାନୁଷ୍ଠାନ ଭିତରେ ନୁହେଁ, ସମଗ୍ର ମାନବ ଜାତି ପାଇଁ ଏମାନେ ଏକ ଏକ ଆଲୋକବର୍ତ୍ତିକା। ସେଭଳି ମହାନ୍ ଶିକ୍ଷକଙ୍କ କଥା ଉଠିଲେ ପ୍ରଥମେ ଆଖି ଆଗକୁ ଆସନ୍ତି ଆମ ଦେଶର ୩ଜଣ ରାଷ୍ଟ୍ରପତି ସର୍ବପଲ୍ଲୀ ଡ. ରାଧାକୃଷ୍ଣନ, ଡ. ଏ. ପି. ଜେ. ଅବଦୁଲ କଲାମ ଓ ଡ. ଶଙ୍କର ଦୟାଲ ଶର୍ମା।

ଓମାନ ରାଜଧାନୀ ମସ୍କାଟ୍ ବିମାନବନ୍ଦରରେ ପହଞ୍ଚିବାର ଥାଏ ଭାରତର ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ବିମାନ। ସେଠାରେ ପ୍ରତୀକ୍ଷାରେ ଥାଆନ୍ତି ଓମାନ୍ ସମ୍ରାଟ। ବିମାନ ଅବତରଣ କରିବା ମାତ୍ରେ ସମ୍ରାଟ ତା' ଭିତରକୁ ପଶିଗଲେ ଅଭିବାଦନ ଜଣାଇବା ପାଇଁ। ବିମାନରୁ ପାଛୋଟି ନେଇ ରାଷ୍ଟ୍ରପତି ଦମ୍ପତିଙ୍କୁ ଗାଡ଼ିରେ ବସାଇଲେ ଏବଂ ଡ୍ରାଇଭରକୁ ଓହ୍ଲେଇ ଦେଇ ନିଜେ ବସିଗଲେ ଚାଳକ ଆସନରେ। ଗାଡ଼ି ଚାଲିଲା ରାଜପ୍ରାସାଦ ଅଭିମୁଖେ। ବିସ୍ମିତ ଓ ଅଭିଭୂତ ହେଲେ ଓମାନ୍‌ର ଉଚ୍ଚ ଅଧିକାରୀ ଓ ସାମ୍ବାଦିକ। ସେଦିନ ଉଭୟ ରାଷ୍ଟ୍ରମୁଖ୍ୟଙ୍କ ସାମ୍ବାଦିକ ସମ୍ମିଳନୀରେ ଜଣେ ଗଣମାଧ୍ୟମ ପ୍ରତିନିଧି ସମ୍ରାଟଙ୍କୁ ପ୍ରଶ୍ନ କଲେ, କୌଣସି ରାଷ୍ଟ୍ରମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସମ୍ରାଟ କେବେ ବିମାନବନ୍ଦରକୁ ଆସନ୍ତିନାହିଁ। ଆମେରିକା ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ବି ଆପଣ ଆସି ନ ଥିଲେ, ଅଥଚ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇବା ପାଇଁ ଆପଣ ସ୍ୱୟଂ ବିମାନବନ୍ଦରକୁ ଗଲେ , ପ୍ରୋଟୋକଲ ଭାଙ୍ଗି ବିମାନ ଭିତରକୁ ପ୍ରବେଶ କଲେ ଏବଂ ପୁଣି ନିଜେ ଗାଡ଼ି ଚଳାଇ ଅତିଥିଙ୍କୁ ରାଜପ୍ରାସାଦ ଆଣିଲେ। କ'ଣ ହୋଇପାରେ ଏହାର କାରଣ ? ଓମାନ୍‌ର ଯୁବସମ୍ରାଟ ହସିଦେଇ କହିଲେ, ''ମୁଁ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇବା ପାଇଁ ଯାଇ ନ ଥିଲି, ବରଂ ଯାଇଥିଲି ଜଣେ ବିଦ୍ୟା ପ୍ରଦାତାଙ୍କ ଅଭ୍ୟର୍ଥନା ପାଇଁ। ମୁଁ ପୁଣେରେ ପଢୁଥିବା ବେଳେ ଡ.ଶର୍ମା ଥିଲେ ମୋର ଅଧ୍ୟାପକ। ସେ ହିଁ ମୋ ଜୀବନର ନିର୍ମାତା। ତେଣୁ ଛାତ୍ର ଭାବରେ ତାଙ୍କର ପୂଜା କରିବା ମୋର ପ୍ରଥମ କର୍ତ୍ତବ୍ୟ। ଏକଥା ପ୍ରମାଣକରେ ଯେ ଭାରତର ରାଷ୍ଟ୍ରପତି ଯେମିତି ଜଣେ ଗୁରୁତୁଲ୍ୟ ଶିକ୍ଷକ ଥିଲେ, ସେମିତି ଓମାନ୍‌ର ଯୁବ ସମ୍ରାଟ ଥିଲେ ଜଣେ ଶିଷ୍ୟତୁଲ୍ୟ ଛାତ୍ର। କିନ୍ତୁ ଅତୀତର ସେ ପରମ୍ପରା ଆଜି କାହିଁ ?

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ–୬୩୭୧୬୪୨୪୬୪**

# ଶୁଦ୍ଧ ବିଚାର



ଡକ୍ଟର ବାସୁଦେବ ମିଶ୍ର

ଆମ ଇଚ୍ଛାର ଅନୁକୂଳରେ କାର୍ଯ୍ୟ ହେଉଥିଲେ ଅଥବା ସେହି ଅନୁସାରେ ଆମକୁ ସଫଳତା ମିଳୁଥିଲେ ଆମେ ସେଥିପାଇଁ ଅନ୍ୟ କାହାକୁ, ଏମିତିକି ଈଶ୍ୱରଙ୍କୁ ବି ଶ୍ରେୟ ଦେଉନା। ଆମ ପାରିବାପଣିଆର ଫଳସ୍ୱରୂପ ତାହା ଆମର ପ୍ରାପ୍ୟ ଥିଲା ବୋଲି ଭାବିନେଉ। ଆମର କାର୍ଯ୍ୟ ସଫଳ ହେବା ଦିଗରେ ଈଶ୍ୱରଙ୍କର ଇଚ୍ଛା, ଗୁରୁଜନଙ୍କ ଆଶୀର୍ବାଦ ଅବା ବନ୍ଧୁମାନଙ୍କର ଶୁଭେଚ୍ଛା ଯେ ଥାଇପାରେ, ସେକଥା ଆମେ ମନକୁ ନେଉନା। ଈଶ୍ୱରଙ୍କ ବିରୋଧରେ ମଧ୍ୟ ଅଭିଯୋଗ ସବୁ ବାଢିଦେଉ। ପରୀକ୍ଷା ସମୟ ଆସିଲେ ପିଲାଏ ସାଧାରଣତଃ ପାଠପଢା ଉପରେ ଅଧିକ ଧ୍ୟାନ ଦେଇଥାନ୍ତି। କିନ୍ତୁ ଅନେକ ଛାତ୍ରୀଛାତ୍ର ପାଠପଢା ଉପରେ ନଜର ଦେଇଥାନ୍ତି ଯେତିକି, ତା'ଠାରୁ ଅଧିକ ଧ୍ୟାନ ଦିଅନ୍ତି ମନ୍ଦିରରେ, ଠାକୁରମାନଙ୍କ ପାଖରେ, ପୂଜା ହୋମ ମାନସିକ ଇତ୍ୟାଦି କରିବାରେ। ପରୀକ୍ଷାର୍ଥୀ କ'ଣ, ଆଜିକାଲି ନେତାମାନେ ନିର୍ବାଚନ ପାଇଁ ନାମାଙ୍କନ କରିବାକୁ ଯିବା ପୂର୍ବରୁ ମନ୍ଦିରରେ ଠାକୁର ଠାକୁରାଣୀଙ୍କ ପୂଜା ହୋମ ଇତ୍ୟାଦି କରିବା ଦେଖାଯାଏ। ପୁଣି ଯେଉଁଦିନ ନିର୍ବାଚନର ଫଳ ଘୋଷିତ ହୁଏ ସେଦିନ ମଧ୍ୟ ପ୍ରାର୍ଥୀମାନେ ଠାକୁର ଠାକୁରାଣୀଙ୍କ ଶରଣରେ ରହିବା ଦେଖାଯାଏ । ଏକଥା ମଧ୍ୟ ଦେଖାଯାଏ, ନିର୍ବାଚନରେ ସଫଳତା ପ୍ରାପ୍ତ ହୋଇଥିବା ପ୍ରାର୍ଥୀ ତାଙ୍କର ପାଞ୍ଚବର୍ଷ ସମୟକାଳ ମଧ୍ୟରେ ଆଉଥରେ କେବେ ସେହି ମନ୍ଦିରକୁ ଆସିବାକୁ ସମୟ ପାଆନ୍ତି ନାହିଁ।

ଠିକ୍ ସେମିତି ଆମେ ଚାହୁଁ କେହି ଆମ ସହିତ କଥାବାର୍ତ୍ତା କରିବା ସମୟରେ ଆମ ମନ ଅନୁକୂଳରେ ଅର୍ଥାତ୍ ଯେଉଁପରି କଥା ଶୁଣିଲେ ଆମର ମନ ଖୁସି ହେବ, ସେପରି କଥା କହୁ। ଏପରିକି ଆମ ନିଜ ବିଷୟରେ ମଧ୍ୟ କିଛି ଭଲ ଶୁଣିବା ପାଇଁ ଆମର କାନଦୁଇଟି ଅପେକ୍ଷା କରିଥାଏ। ସେଥିରେ ଏପଟ ସେପଟ ହେଲେ ଆମେ ବିରକ୍ତ ହୋଇଉଠୁ। କିନ୍ତୁ ସବୁବେଳେ ତାହା ସମ୍ଭବ ହୁଏନାହିଁ। ଆମେ ସମୟ ସମୟରେ ଏପରି କାର୍ଯ୍ୟ ପାଇଁ କିଛି ବାଧ୍ୟତାମୂଳକ ପରିସ୍ଥିତି ସୃଷ୍ଟିକରୁ ଏବଂ ନିଜ ବିଷୟରେ ଗୁଡ଼ିଏ ଭ୍ରାନ୍ତ ଧାରଣା ନିଜ ମନକୁ ନେଉ। ଏପରି କାର୍ଯ୍ୟ କରୁ ନ ଥିବା ଅଥବା କାର୍ଯ୍ୟରେ ସାହାଯ୍ୟ ସହଯୋଗ କରୁ ନ ଥିବା ଲୋକଙ୍କୁ ଆମେ ଅଜ୍ଞ, ମୂର୍ଖ ଅଥବା ପାଷଣ୍ଡ ବୋଲି କହି ତିରସ୍କାର କରୁ। ଶେଷରେ ପରିଣାମ ଆମକୁ ହିଁ ଭୋଗିବାକୁ ହୁଏ। ବଣର ରାଜା ସିଂହକୁ ଦିନେ ଶିଆଳଟାଏ ଭେଟି କହିଲା, ତୁମେ ନିଜକୁ ନିଜେ ରାଜା ବୋଲି କହିଲେ କ'ଣ ହେବ? ଏଠାରେ ବାସ କରୁଥିବା ଅନ୍ୟ ପଶୁପକ୍ଷୀମାନଙ୍କ ମତ ନେଇଛ? ସିଂହ ଭାବିଲା ସତ କଥା। ପରଦିନ ସେ ଗୋଟିଏ ଠେକୁଆକୁ ଭେଟି ସେଇ କଥା ପଚାରିବାରୁ ଠେକୁଆ 'ଆପଣ ହିଁ ଏ ବଣର ରାଜା' ବୋଲି କହିଲା। ସିଂହର ମନ ଭାରି ଖୁସିହେଲା। ତା'ପରେ ସେ ଗୋଟିଏ ବଣଭୁଆକୁ ଭେଟି ସେଇ କଥା ପଚାରନ୍ତେ ସେ ମଧ୍ୟ ତା'ର ଉତ୍ତରରେ ସିଂହକୁ ରାଜା ବୋଲି ସ୍ୱୀକାର କଲା। ଏଥର ସେ ଆହୁରି ଖୁସି ହୋଇ ବାଟରେ ଯାଉଯାଉ ସାମ୍ନାରେ ଆସୁଥିବା ହାତୀକୁ ଦେଖି ପଚାରିଲା– 'ଏ ବଣର ରାଜା କିଏ ?' ହାତୀ ଏ କଥା ଶୁଣି ତାକୁ ତା ଶୁଣ୍ଢରେ ଧରି ଜୋରକରି ତଳେ କଚାଡି ଦେଲା। ସିଂହକୁ ତା' ଶରୀରର ହାଡଗୁଡାକ ଭାଙ୍ଗିଯିବା ପରି ଲାଗିଲା। ତରବର ହୋଇ ଉଠି ଟିକିଏ ଦୂରକୁ ଘୁଞ୍ଚିଯାଇ କହିଲା– 'ମୋ ପ୍ରଶ୍ନର ଉତ୍ତର ଜଣାନାହିଁ ତ ସିଧା ସେକଥା ନ କହି ମୋତେ ତଳେ କଚାଡିଲ କିଆଁ ?'



ନିଜର କର୍ତ୍ତବ୍ୟ କର୍ମକୁ ଠିକ୍‌ରୂପେ ସମ୍ପାଦନ ନ କରି ଭଲ ଫଳ ଆଶା କରିବା ବୃଥା ହୋଇଥାଏ। ଜମିରେ ହଳ ନ କରି, ଚାଷ ବେଉଷଣ ନ କରି ମଗୁଶିର ମାସକୁ ହାତରେ ଦା' ଧରି ଧାନ କାଟିବାକୁ ଯିବାପରି କଥା। ତୁମେ ନିଜେ କିଏ ଏବଂ କେଉଁ କାର୍ଯ୍ୟ କରିବାରେ ତୁମର ଦକ୍ଷତା ରହିଛି, କେଉଁ କାର୍ଯ୍ୟକୁ ତୁମେ ସଫଳତାର ସହିତ ସମ୍ପନ୍ନ କରିପାରିବ ଏସବୁ କଥା ମନର ଶୁଦ୍ଧ ନିରପେକ୍ଷ ବିଚାର ଏବଂ ବିବେକର ଅନୁଶୀଳନ ଦ୍ୱାରା ସ୍ଥିର କରାଯାଇପାରେ। ଯେଉଁ କାର୍ଯ୍ୟ କରିବା ପାଇଁ ତୁମର ସାମର୍ଥ୍ୟ ନାହିଁ ସେପରି କାର୍ଯ୍ୟ କରିବା ପାଇଁ ଆବୋରି ବସିବାରେ କିଛି ନାହିଁ। ମାଟ୍ରିକ୍ ପାଠ ପଢିଥିବା ଲୋକ ପ୍ଲସ୍ ଥ୍ରୀ ପିଲାଙ୍କୁ ପାଠ ପଢାଇବ କିପରି ? ପ୍ରକୃତିର ଶକ୍ତ ନିୟମ ହେଲା ତୁମେ ଯେଉଁ ମଞ୍ଜି ପୋତିବ, ସେହି ଗଛ ତଥା ଫଳଟି ପାଇବ। ତୁମେ ଗୋଟିଏ ଭଲ କାମ କଲେ ତା'ର ଫଳସ୍ୱରୂପ ଭଲ ଫଳ ତୁମକୁ ପ୍ରାପ୍ତ ହେବ। ପ୍ରକୃତିର ନିୟମରେ ତୁମେ ଗୋଟିଏ ଧାନ ମାଟିରେ ପୋତିଦିଅ। ତା'ର ଫଳସ୍ୱରୂପ ମାଟି ମାଆ ତୁମକୁ ଆଞ୍ଜୁଳାଏ ଧାନ ନିଶ୍ଚୟ ଦେବ। ସେହି ନିୟମରେ ତୁମେ କରିଥିବା ଗୋଟିଏ ମନ୍ଦ କାମ ପାଇଁ ଅନେକ ଦଣ୍ଡ ତୁମ ପାଇଁ ସାଇତା ହୋଇ ରହିବ। କିନ୍ତୁ ଏସବୁ ପ୍ରତି ଆମର ନଜର ରହେନାହିଁ।

ଜୀବନର ପ୍ରତି ପଦକ୍ଷେପରେ ଆମକୁ ଅନେକ କଥା ବିଚାର କରିବାକୁ ପଡେ। ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତାଉପରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ଲୋକଟିକୁ ଦେଖି ମଧ୍ୟ ଅନେକ ଲୋକ ବାଟଭାଙ୍ଗି ଚାଲିଯାଆନ୍ତି। କିନ୍ତୁ ଶହେ ଲୋକଙ୍କ ପରେ ଶେଷରେ ଯେଉଁ ଲୋକଟି ସେହି କ୍ଷତାକ୍ତ ଲୋକଟିକୁ ଉଠାଇ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କଲା, ତା'ର ସଂସ୍କାର ଏବଂ ବିଚାରଶକ୍ତି ଅନ୍ୟମାନଙ୍କଠାରୁ ଅଲଗା ନିଶ୍ଚୟ। ଦୁଃସ୍ଥ ଲୋକଟିକୁ ଦେଖିବା ପରେ ତା'ର ସଂସ୍କାରୀ ମନ ତାକୁ ଆଉ ଆଗକୁ ଯିବାକୁ ଦେଲାନାହିଁ। ତା'ର ଦୁଃଖଦୁର୍ଦ୍ଦଶା ଦେଖି ତା'ର ହୃଦୟ ଦୟାରେ ବିଗଳିତ ହେଲା। ଏକ ନିର୍ଦ୍ଦିଷ୍ଟ ସଂସ୍କାରଯୁକ୍ତ ପରିବେଶରେ ବଢିଥିବା ଯୁବକଙ୍କ ପକ୍ଷରେ ହିଁ ଏହା ସମ୍ଭବ ହୋଇପାରେ। ନଚେତ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ଉପରେ ଚେତା ହରାଇ ପଡିରହିଥିବା ଲୋକର ପକେଟ ଅଣ୍ଡାଳିବା ଲୋକ ମଧ୍ୟ ଏ ସଂସାରରେ ଅଛନ୍ତି। ମୁମୂର୍ଷୁ ବୃଦ୍ଧ ପିତାଙ୍କର ସେବାଯତ୍ନରେ ଅନ୍ୟ ଭାଇମାନେ ବ୍ୟସ୍ତ ଥିବାବେଳେ ତା' ଭିତରୁ କେହି ପିତାଙ୍କର ସଞ୍ଚିତ ଧନକୁ ହାତେଇବାକୁ ଚେଷ୍ଟା କରିବା ଘଟଣା ଏ ସଂସାରରେ ବିରଳ ନୁହେଁ।

**ଦଶରଥପୁର, ଯାଜପୁର**
**ମୋ–୯୪୩୮୩୨୮୭୫୫**

## ଏଇ ଭାରତରେ

କୋଟାର ଇଞ୍ଜିନିୟର ଅମରପ୍ରୀତ ସିଂ 'ଗୌ ଅର୍ଗାନିକ୍ସ' ନାମକ ଏକ ଡାଏରି ଫାର୍ମ କରି ସେଠାରେ ଉତ୍ପାଦିତ ଦୁଗ୍ଧଜାତୀୟ ଖାଦ୍ୟକୁ ବିଭିନ୍ନ ଦେଶକୁ ରପ୍ତାନି କରୁଛନ୍ତି। ସେଠାରେ ବିଦ୍ୟୁତ୍ ଉତ୍ପାଦନ କରି ଫାର୍ମର ୭୦% ଆବଶ୍ୟକତା ପୂରଣ କରୁଛନ୍ତି। ୪୦ କିଲୋ ୱାଟ୍‌ର ଦୁଇଟି ବାୟୋଗ୍ୟାସ ପ୍ଲାଣ୍ଟ ମଧ୍ୟ ନିର୍ମାଣ କରିଛନ୍ତି। ଅମରପ୍ରୀତ ୨୦୧୨ରେ ରାଜସ୍ଥାନ ଟେକ୍ନିକାଲ ୟୁନିଭର୍ସିଟିରୁ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ନ୍ୟାଶନାଲ ଡାଏରି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରେ ଶିକ୍ଷା ଶେଷ କରିଥିଲେ। ୨୦୧୫ରେ ଇସ୍ରାଏଲର ତେଲ୍ ଆଭିଭ ୟୁନିଭର୍ସିଟିରେ ଡାଏରି ଅଟୋମେଶନରେ ପଢା ଶେଷ କରିବା ପରେ ଭାରତରୁ ଫେରି ତାଙ୍କ ଭାଇଙ୍କ ସହ ଗୋପାଳନ ଆରମ୍ଭ କରିଥିଲେ। ପ୍ରଥମେ ସେ ୨୭ଟି ଗାଈ ରଖିଥିଲେ। ଏବେ ଫାର୍ମରେ ୨୫୦ଟି ଗାଈ ଅଛନ୍ତି। ଏହା ସହ ନିକଟରେ ଥିବା ଚାଷୀମାନଙ୍କୁ ମଧ୍ୟ ତାଙ୍କ ସହ ଯୋଡ଼ିପାରିଛନ୍ତି। ସେମାନେ ଘିଅ, ଲହୁଣି, ଛେନା, ଗୋବର ଖତ ଓ ଜିଆଖତ ବିକ୍ରି କରୁଛନ୍ତି। ଅମରପ୍ରୀତିମଧ୍ୟ ୫୫ ଜଣ କୃଷକଙ୍କୁ ଏଭଳି ଆଧୁନିକ ଗୋପାଳନ ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି। ତାଙ୍କ ଉତ୍ପାଦିତ ସାମଗ୍ରୀ ଦକ୍ଷିଣ ଆଫ୍ରିକା, କାତାର ଏବଂ ସାଉଦି ଆରବକୁ ପଠାଉଛନ୍ତି। ମୋଟରେ ସେ ବର୍ଷକୁ ୬ କୋଟି ଟଙ୍କା ଆୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୯୮

- ଉତ୍ତର ବାଂଲାଦେଶ ଶାନିଆଜାନ ନଦୀରେ ଏକ ନୌକା ପ୍ରବଳ ସ୍ରୋତ ଯୋଗୁ ବୁଡ଼ିଯିବା ଫଳରେ ୧୦୦ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ।
- ସାମରିକ ବାହିନୀ ଅନ୍ତର୍ଗତ ସ୍ଥଳ ଓ ବିମାନ ବାହିନୀରେ କାର୍ଯ୍ୟରତ ଯବାନରୁ ଜେନେରାଲ ପଦବୀ ପର୍ଯ୍ୟନ୍ତ କର୍ମଚାରୀମାନଙ୍କ ଅବସର ଗ୍ରହଣ ବୟସସୀମା ୨ ବର୍ଷ ବୃଦ୍ଧି।
- ଓଡ଼ିଆ ଚଳଚ୍ଚିତ୍ର ତଥା ରଙ୍ଗମଞ୍ଚର ବର୍ଷୀୟାନ ଅଭିନେତା ସାମୁଏଲ ସାହୁ ଓରଫ ବାବିଙ୍କୁ ସମ୍ମାନଜନକ ଗୁରୁ କେଳୁଚରଣ ପୁରସ୍କାର।

## ଚିରନ୍ତନୀ

ଯେଉଁ ଶୂନ୍ୟତାକୁ ଭେଦି
ରବିରଶ୍ମି ନ ପାରଇ ପଶି
କରିବ ଉଜ୍ଜ୍ୱଳ ତାହା ପରେ
ସଦା ଝରି ମୋର ମସୀ।

–(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରାଥମିକ ଶିକ୍ଷାର ପ୍ରସାର ଆବଶ୍ୟକ

ମହାଶୟ,

ସାର୍ବଜନୀନ ଶିକ୍ଷାର ବିକାଶ ଓ ପ୍ରଗତି ନିମନ୍ତେ ସର୍ବୋପରି ପ୍ରାଥମିକ ଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମାଗଣାରେ ଅଧ୍ୟୟନ, ପୁସ୍ତକ ଏବଂ ସ୍କୁଲ ୟୁନିଫର୍ମ ପ୍ରଦାନ, ଉନ୍ନତ ମାନର ମଧ୍ୟାହ୍ନ ଭୋଜନ ଦେବାପରେ ମଧ୍ୟ ଅଭିଭାବକମାନେ ସରକାରୀ ସ୍କୁଲଠାରୁ ମୁହଁ ଫେରାଇ ନେଉଛନ୍ତି। କେତେକ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ କରାଯାଉଛି। କିନ୍ତୁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକ ତୁଳନାରେ ବେସରକାରୀ ବିଦ୍ୟାଳୟମାନଙ୍କରେ ଅଧ୍ୟୟନ ବହୁ ବ୍ୟୟ ସାପେକ୍ଷ ହେବା ସତ୍ତ୍ୱେ ବି ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବା କାରଣକୁ ସମୀକ୍ଷା ଓ ଚିନ୍ତାପ୍ରକଟ କରି ଶିକ୍ଷା ବ୍ୟବସ୍ଥାକୁ ସଚେତନାତ୍ମକ ଭାବେ ସୁଧାରିବାର ଦାୟିତ୍ୱ ସରକାରଙ୍କର। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ହିତ ସାଧନ ନିମନ୍ତେ ରାଜ୍ୟ ସରକାର ସେପରି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଦୁର୍ଭାଗ୍ୟଜନକ, ଯେଉଁଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ନିଜର ନ୍ୟାଯ୍ୟ ଦାବିରେ ରାଜରାସ୍ତାକୁ ଓହ୍ଲାଇ ଧାରଣା ଓ ଆନ୍ଦୋଳନ କରୁଛନ୍ତି। ଶିକ୍ଷକମାନଙ୍କର ମାନସିକ ଚାପ ଅର୍ଥାତ୍ ଶିକ୍ଷକତା ବ୍ୟତୀତ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ସର୍ଭେ, ଭୋଟର ତାଲିକା ପ୍ରସ୍ତୁତ କରିବା ଓ ଜନଗଣନା କାର୍ଯ୍ୟରୁ ନିବୃତ୍ତ ରହିବା ଜରୁରୀ ବୋଲି ମନେହୁଏ, କାରଣ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ପ୍ରଦାନରେ ବାଧା ସୃଷ୍ଟି କରିଥାଏ। ପ୍ରଭାବୀ ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷାନୀତିର ସଫଳ ରୂପାୟନ, ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଅବସ୍ଥାରେ ପରିବର୍ତ୍ତନ, ପରିମାଣାତ୍ମକ ଶିକ୍ଷାକୁ ବାଦ୍ ଦେଇ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସରକାର ତତ୍ପର ହେବା ଜରୁରୀ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ସେପ୍ଟେମ୍ବର , ୨୦୨୩

**ହେଲିକପ୍ଟର ଦୁର୍ଘଟଣାରେ ୩ ପାକ୍ ସୈନ୍ୟ ନିହତ**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୋମବାର ଏକ ପ୍ରଶିକ୍ଷଣ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ନୌସେନାର ୨ ଅଫିସର ଏବଂ ଜଣେ ନାବିକଙ୍କ ନାବିକଙ୍କ ମୃତ୍ୟୁ ଘଟିଛି। ବୈଷୟିକ ତ୍ରୁଟି କାରଣରୁ ଉପକୂଳ ସହର ଗ୍ୱାଦାରରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ତଦନ୍ତ ଜାରି ରହିଛି। ପାକ୍ ସୈନ୍ୟଙ୍କ ମୃତ୍ୟୁକୁ ନେଇ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି, କାମଚଳା ପ୍ରଧାନମନ୍ତ୍ରୀ ଅନୱାରୁଲ ହକ୍ କକର ଏବଂ ପୂର୍ବତନ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦାରୀ ଶୋକବ୍ୟକ୍ତ କରିଛନ୍ତି।





ଜି-୨୦ ସମିଟ୍ ଲାଗି ନୂଆଦିଲ୍ଲୀର ରାଜଘାଟଠାରେ ସଦସ୍ୟ ରାଷ୍ଟ୍ରଗୁଡିକର ପତାକା ଲଗାଯାଇଛି।

# ଜିନ୍‌ପିଙ୍ଗ୍ ଆସିବେନି

**ଜି୨୦ ସମିଟ୍‌ରେ ଯୋଗଦେବେ ଚାଇନା ପ୍ରଧାନମନ୍ତ୍ରୀ**

ବେଜିଂ,୪।୯

ଜି୨୦ ସମିଟ୍‌ରେ ଯୋଗଦେବା ଲାଗି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଭାରତ ଗସ୍ତରେ ଆସିବେ ନାହିଁ। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ସମ୍ମିଳନୀରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଯୋଗଦେବେ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତିରେ କୁହାଯାଇଛି। ବେଜିଂ ଏକ ସଙ୍ଗେ ଦୁଇ ସବୁଠୁ ପ୍ରଭାବଶାଳୀ ନେତାଙ୍କୁ ବିଦେଶକୁ ପଠାଇପାରିବ ନାହିଁ। ସେଥିପାଇଁ ଭାରତ ସରକାରଙ୍କ ଆମନ୍ତ୍ରଣକ୍ରମେ ଚାଇନା ପ୍ରଧାନମନ୍ତ୍ରୀ ୧୮ତମ ଜି୨୦ ସମିଟ୍‌ରେ ଯୋଗଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଆସନ୍ତା ୯ ଓ ୧୦ ତାରିଖରେ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ନୂଆଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଜୋର୍‌ଦାର ଆୟୋଜନ ଚାଲିଛି।

ଜି୨୦ ଭଳି କାର୍ଯ୍ୟକ୍ରମରେ ଚାଇନା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେବା ସହ ସକ୍ରିୟ ଅଂଶଗ୍ରହଣ କରିଥାଏ। ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଜି୨୦ ସହଯୋଗ ଉପରେ ଚାଇନା ଚିନ୍ତାଧାରା ଏବଂ ସ୍ଥିତି ସମ୍ପର୍କରେ ଜଣାଇବେ। ଉକ୍ତ



ଲି କିଆଙ୍ଗ

ସଂଗଠନରେ ଏକତା ଓ ସହଯୋଗ ବଢ଼ାଇବା ଲାଗି ବେଜିଂ ପଦକ୍ଷେପ ନେବ ବୋଲି ଏହାର ବହିର୍ବ୍ୟାପାର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି। ଜିନ୍‌ପିଙ୍ଗ୍‌ଙ୍କ ଅନୁପସ୍ଥିତିକୁ ନେଇ ବେଜିଂ କୌଣସି ନିର୍ଦ୍ଦିଷ୍ଟ କାରଣ ଜଣାଇନାହିଁ। ଚଳିତ ସପ୍ତାହରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ହେବାକୁ ଥିବା ଆସୋସିଏଶନ ଅଫ୍ ସାଉଥ୍‌ଇଷ୍ଟ ଏସିଆନ ନେଶନ୍ସ ଏବଂ ଇଷ୍ଟ ଏସିଆ ସମିଟ୍‌ରେ ମଧ୍ୟ ଜିନ୍‌ପିଙ୍ଗ ଯୋଗଦେଇ ନ ପାରନ୍ତି। ଉଭୟ କାର୍ଯ୍ୟକ୍ରମରେ କିଆଙ୍ଗ ଚାଇନାର ପ୍ରତିନିଧିତ୍ୱ କରିବେ।

## ସଂକ୍ଷେପରେ

### ଏୟାର ହୋଷ୍ଟେସ୍‌ଙ୍କୁ ହତ୍ୟା

**ମୁମ୍ବାଇ,୪।୯:** ଏୟାର ହୋଷ୍ଟେସ୍ ରୁପାଲ ଓଗ୍ରେ (୨୪)ଙ୍କ ମୃତଦେହ ମୁମ୍ବାଇର ଏକ ଆପାର୍ଟମେଣ୍ଟରୁ ମିଳିଛି। ଏନେଇ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ରୁପାଲଙ୍କ ଘର ଛତିଶଗଡ଼ରେ। ସେ ଏୟାର ଇଣ୍ଡିଆରେ ତାଲିମ ନେବା ଲାଗି ଗତ ଏପ୍ରିଲରେ ମୁମ୍ବାଇ ଆସିଥିଲେ। ରବିବାର ବିଳମ୍ବିତ ରାତିରେ ଅନ୍ଧେରୀର ମାରୋଲ ଅଞ୍ଚଳରେ ଥିବା କ୍ରିଶନଲାଲ୍ ମାରୱା ମାର୍ଗର ଏନ୍‌ଜି କମ୍ପ୍ଲେକ୍ସର ଏକ ଫ୍ଲାଟ୍‌ରୁ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ବେକ କଟାଯାଇଥିବାରୁ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ନାଁରେ ହତ୍ୟା ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି କେତେକ ଟିମ୍ ଗଠନ କରାଯାଇଛି।



ରୁପାଲ ଓଗ୍ରେ

### ଜମ୍ମୁ-କଶ୍ମୀରରେ ଏନକାଉଣ୍ଟର ଆତଙ୍କବାଦୀ ନିହତ

**ଶ୍ରୀନଗର,୪।୯:** ଜମ୍ମୁ-କଶ୍ମୀରର ରେଆସି ଜିଲାରେ ସୋମବାର ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ପୋଲିସ କର୍ମୀ ଆହତ ହୋଇଛନ୍ତି। ରେଆସି ଜିଲାର ଛାସନା ଅଞ୍ଚଳରେ ଦୁଇ ଜଣ ଆତଙ୍କବାଦୀ ଲୁଚି ରହିଥିବା ଖବର ଜଣାପଡ଼ିଥିଲା। ଏହାପରେ ସେନା କର୍ମଚାରୀ ଓ ସ୍ଥାନୀୟ ପୋଲିସ ମିଳିତ ସର୍ଚ୍ଚ ଅପରେଶନ ଚଳାଇଥିଲେ। ଏତିକିବେଳେ ଉଭୟ ପକ୍ଷରୁ ଗୁଳିବିନିମୟ ଘଟିଥିଲା ବୋଲି ଜମ୍ମୁ ପୋଲିସର ଅତିରିକ୍ତ ମହାନିର୍ଦ୍ଦେଶକ ଟୁଇଟ ଯୋଗେ ସୂଚନା ଦେଇଛନ୍ତି।

### ବଟି ଆଦାୟ ମାମଲାରେ ଏସ୍‌ପି, ଡିସ୍‌ପି ଗିରଫ

**ଗୁଆହାଟି,୪।୯:** ଆସାମର ବଲାଜୀ ଜିଲାରେ ହୋଇଥିବା ବଟି ଆଦାୟ ମାମଲାରେ ସୋମବାର ଏସ୍‌ପି ଓ ଡିଏସ୍‌ପିଙ୍କୁ ଗିରଫ କରାଯାଇଛି। ଏମାନଙ୍କୁ ମିଶାଇ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୯ଜଣଙ୍କୁ ଗିରଫ କରାଯାଇଛି। ପୋଲିସ ବଟି ଆଦାୟ କରୁଥିବାନେଇ ଅଗଷ୍ଟ ପ୍ରଥମ ସପ୍ତାହରେ କିଛି ଲୋକ ଅଭିଯୋଗ କରିଥିଲେ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଜି.ପି. ସିଂ କହିଛନ୍ତି। ଏହି ମାମଲାରେ ବଲାଜୀ ଜିଲା ଏସ୍‌ପିଙ୍କୁ ସିଆଡି ଗିରଫ କରିଛି। ଏଥିସହ ରବିବାର ରାତିରେ ତାଙ୍କ ସରକାରୀ ବାସଭବନରେ ଚଢ଼ଉ କରାଯାଇଛି। ପୂର୍ବରୁ ଏହି ମାମଲାରେ ଜଣେ ଏଏସ୍‌ପି, ତାଙ୍କ ସ୍ୱାମୀ ଏବଂ ଅନ୍ୟ ୪ ଜଣ ପୋଲିସ କର୍ମଚାରୀ ଓ ଜଣେ ସାଧାରଣ ନାଗରିକଙ୍କୁ ଗିରଫ କରାଯାଇଥିଲା। ଘଟଣା ପରେ ବଲାଜୀ ଏସ୍‌ପିଙ୍କୁ ଜିଲା ବାହାରକୁ ବଦଳି କରାଯାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ସନାତନ ଧର୍ମ ବିରୋଧୀ ମନ୍ତବ୍ୟ**

# 'ଇଣ୍ଡିଆ'ର ସମ୍ପର୍କ ନାହିଁ: ଟିଏମ୍‌ସି

ନୂଆଦିଲ୍ଲୀ,୪।୯

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ 'ସନାତନ ଧର୍ମ' ସମ୍ପର୍କିତ ମନ୍ତବ୍ୟକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ନିନ୍ଦା କରିଛି। ଏଭଳି ମନ୍ତବ୍ୟ ସହ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର କୌଣସି ସମ୍ପର୍କ ନାହିଁ ବୋଲି ମମତା ବାନାର୍ଜୀଙ୍କ ଦଳ କହିଛି। ସଦ୍ଭାବ ଆମ ସଂସ୍କୃତି। ସବୁ ଧର୍ମ ପ୍ରତି ଆମର ସମ୍ମାନ ରହିଛି। କେହି କୌଣସି ଧର୍ମକୁ ଅପମାନିତ କରି ମନ୍ତବ୍ୟ ଦେଲେ ଆମେ ତାହାର ନିନ୍ଦା କରିବା ଆବଶ୍ୟକ ବୋଲି ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି।

ସୂଚନାଯୋଗ୍ୟ, ତାମିଲନାଡୁର କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଉଦୟନିଧି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସମାନତା ଓ ସାମାଜିକ ନ୍ୟାୟର ବିରୋଧୀ ସନାତନ ଧର୍ମର ବିଲୋପ ହେବା ଆବଶ୍ୟକ ବୋଲି କହିଥିଲେ। ସେ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଓ ଡେଙ୍ଗୁ ଜ୍ୱର ସହ ତୁଳନା କର ଏହାକୁ ନଷ୍ଟ କରିଦିଆଯିବା ଉଚିତ ବୋଲି କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଡିଏମ୍‌କେ ନେତା କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି। ଏହି ପ୍ରସଙ୍ଗରେ ଭାଜପା ବିରୋଧୀ ମେଣ୍ଟ ଇଣ୍ଡିଆ ଏବଂ

**କଂଗ୍ରେସରେ ମତଭେଦ**



କୁନାଲ ଘୋଷ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି। ଭୋଟ ବ୍ୟାଙ୍କ ଏବଂ ତୁଷ୍ଟୀକରଣ ରାଜନୀତି ପାଇଁ ଇଣ୍ଡିଆ ବ୍ଲକ୍ ସନାତନ ଧର୍ମକୁ ଅପମାନିତ କରୁଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଉଦୟନିଧିଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସରେ ମତଭେଦ ଦେଖାଯାଇଛି। ବରିଷ୍ଠ କଂଗ୍ରେସ ନେତା କେ.ସି. ବେଣୁଗୋପାଳ କହିଛନ୍ତି, ସବୁ ଧର୍ମକୁ ସମ୍ମାନ ଦିଆଯିବା ଆବଶ୍ୟକ। ମତ ଉପସ୍ଥାପନ କରିବା ଅଧିକାର ସବୁ ରାଜନୈତିକ ଦଳର ରହିଛି। କଂଗ୍ରେସ ସମସ୍ତଙ୍କ ଧର୍ମୀୟ ବିଶ୍ୱାସକୁ ସମ୍ମାନ କରେ। ସର୍ବଧର୍ମ ସମଭାବ କଂଗ୍ରେସର ଆଦର୍ଶ ବୋଲି ବେଣୁଗୋପାଳ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା କମଳନାଥ କହିଛନ୍ତି, ଏହା ଉଦୟନିଧିଙ୍କ ବ୍ୟକ୍ତିଗତ ମତ। ତାଙ୍କ ସହ କମଳନାଥ ଏକମତ ନ ଥିବା କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ତଥା କର୍ନାଟକ ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ କହିଛନ୍ତି, ସମାନ ଅଧିକାର ଦେଉ ନ ଥିବା ଯେକୌଣସି ଧର୍ମ ରୋଗଠାରୁ ଭଲ ନୁହେଁ।

### ୟୁପି ମନ୍ତ୍ରୀ ସନାତନ ଧର୍ମକୁ ଅପମାନିତ କରିଥିଲେ

**ଭିଡିଓ ଜାରି ପରେ ଇସ୍ତଫା ଦାବିକଲେ ବିରୋଧୀ**

ଉତ୍ତରପ୍ରଦେଶ ରାମପୁରର ଲୋଧେଶ୍ୱର ମହାଦେବ ମନ୍ଦିରରେ ଥିବା ଶିବଲିଙ୍ଗ ଉପରେ ରାଜ୍ୟ ମନ୍ତ୍ରୀ ସତୀଶ ଶର୍ମା ହାତ ଧୋଉଥିବାର ଭିଡିଓ ଭାଇରାଲ ହେବା ପରେ ବିରୋଧୀ ଦଳଗୁଡ଼ିକ ଏହାର ନିନ୍ଦା କରିଛନ୍ତି। ମନ୍ଦିରର ପୂଜକ ସତୀଶଙ୍କୁ ଶିବଲିଙ୍ଗ ଆଧାରରେ ହାତ ଧୋଇବାରେ ସହାୟତା କରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଭାଜପାକୁ ସମାଲୋଚନା କରିବା ପାଇଁ ଏହା ବିରୋଧୀ ଦଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିକୁ ବଳ ଯୋଗାଇଛି। ୟୁପି ମନ୍ତ୍ରୀ ସନାତନ ଧର୍ମକୁ ଅପମାନିତ କରିଥିବା ୟୁପି କଂଗ୍ରେସ ସଭାପତି ଅଜୟ ରାୟ କହିଥିବାବେଳେ ସେ ଇସ୍ତଫା ଦିଅନ୍ତୁ ବୋଲି ଅନ୍ୟତମ କଂଗ୍ରେସ ନେତା ସୁରେନ୍ଦ୍ର ରାଜପୁତ ଦାବି କରିଛନ୍ତି। ଭାଜପା ମନ୍ତ୍ରୀ ଶିବଙ୍କୁ ଅପମାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ



ସତୀଶ ଶର୍ମା

ବହିଷ୍କାର କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ନେତା ସୁନିଲ ସିଂ ସାଜନ କହିଛନ୍ତି, ଭିଡିଓର ଭାଜପାର ପ୍ରକୃତ ଚରିତ୍ର ଜଣାପଡ଼ିଛି। ଅଧର୍ମୀ ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ସେ ଯୋଗୀଙ୍କୁ ଆହ୍ୱାନ ଦେଇଛନ୍ତି।

**ୟୁପି ପ୍ରିନ୍ସିପାଲ୍ ହତ୍ୟା ମାମଲା**

### ଆଇଏସ୍ ସମର୍ଥକ ଦୋଷୀସାବ୍ୟସ୍ତ

ନୂଆଦିଲ୍ଲୀ,୪।୯(ପି.ଟି.)

ଉତ୍ତରପ୍ରଦେଶର ଜଣେ ଅବସରପ୍ରାପ୍ତ ହାଇସ୍କୁଲ୍ ପ୍ରିନ୍ସିପାଲ୍‌ଙ୍କୁ ହତ୍ୟା ମାମଲାରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ୨ ଉଗ୍ରପନ୍ଥୀଙ୍କୁ ଦୋଷୀସାବ୍ୟସ୍ତ କରିଛି। ୭ ବର୍ଷ ପୂର୍ବେ କାନ୍‌ପୁରର ପୂର୍ବତନ ସ୍କୁଲ୍ ପ୍ରିନ୍ସପାଲ ରାମବାବୁ ଶୁକ୍ଲାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ କାନପୁରର ଅତିଫ ମୁଜାଫର ଏବଂ ମହମ୍ମଦ ଫୈଜଲ ଖାନ୍ ଗିରଫ ହୋଇଥିଲେ। ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ଲାଗି ଶୁକ୍ଳାଙ୍କୁ ହତ୍ୟା କରାଯିବା ପଛରେ ଆଇଏସ୍‌ର ଷଡ଼ଯନ୍ତ୍ର ଥିବା ଏନ୍‌ଆଇଏ ଦର୍ଶାଇଥିଲା। ମାମଲାର ତୃତୀୟ ଅଭିଯୁକ୍ତ ମହମ୍ମଦ ସୈଫୁଲ୍ଲା ୨୦୧୭ ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଗୁଳିରେ ନିହତ ହୋଇଥିଲେ। ଦୋଷୀସାବ୍ୟସ୍ତ ଅତିଫ ଏବଂ ମହମ୍ମଦ ଫୈଜଲ ଖାନ୍‌ଙ୍କୁ ଆସନ୍ତା ୧୧ ତାରିଖରେ ଅଦାଲତ ଦଣ୍ଡବିଧାନ କରିବେ।

### ଏନ୍‌ସି ନେତାଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ବିଧାନସଭାରେ ପାକିସ୍ତାନ ସପକ୍ଷ ସ୍ଲୋଗାନ**



ମହମ୍ମଦ ଆକବର ଲୋନ୍

ନୂଆଦିଲ୍ଲୀ,୪।୯

୨୦୧୮ରେ ଜମ୍ମୁ-କଶ୍ମୀର ବିଧାନସଭାରେ 'ପାକିସ୍ତାନ ଜିନ୍ଦାବାଦ୍' ସ୍ଲୋଗାନ ଦେଇଥିବା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ମହମ୍ମଦ ଆକବର ଲୋନ୍‌ଙ୍କୁ ଦିନକ ମଧ୍ୟରେ ସତ୍ୟପାଠ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ସେ ଭାରତର ସମ୍ବିଧାନକୁ ମାନୁଥିବା, ଦେଶର ସାର୍ବଭୌମତ୍ୱ ଏବଂ ଜମ୍ମୁ-କଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିଥିବା ନେଇ ସତ୍ୟପାଠରେ ଉଲ୍ଲେଖ କରିବେ। ବିଚ୍ଛିନ୍ନତାବାଦୀ ଶକ୍ତିଙ୍କ ସମର୍ଥନରେ ବିଧାନସଭାରେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇ ଲୋନ୍ ବଡ଼ ବିବାଦ ସୃଷ୍ଟି କରିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରିବାରେ ଲୋନ୍ ହେଉଛନ୍ତି ମୁଖ୍ୟ ପିଟିଶନର। ସୋମବାର ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଲୋନ୍ ସର୍ବୋଚ୍ଚ ଅଦାଲତଙ୍କୁ କ୍ଷମା ମାଗିବା ସହ ଭାରତର ସମ୍ବିଧାନ ପ୍ରତି ତାଙ୍କର ନିଷ୍ଠା ଥିବା ପ୍ରମାଣ ଦେଇ ସତ୍ୟପାଠ ଦାଖଲ କରନ୍ତୁ।

### ପୂର୍ବତନ ଏଏପି କାଉନସିଲରଙ୍କୁ ଜାମିନ

**ଦିଲ୍ଲୀ ଦଙ୍ଗା ମାମଲା**

ନୂଆଦିଲ୍ଲୀ,୪।୯

୨୦୨୦ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ପୂର୍ବତନ ଏଏପି କାଉନସିଲର ତାହିର ହୁସେନଙ୍କୁ ଦିଲ୍ଲୀ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ହୁସେନଙ୍କୁ ଯଦିଓ ଜାମିନ ମିଳିଛି, ତେବେ ସେ ଜେଲ୍‌ରେ ହିଁ ରହିବେ। କାରଣ ତାଙ୍କ ବିରୋଧରେ ଅନ୍ୟ ସାମ୍ପ୍ରଦାୟିକ ଦଙ୍ଗା ମାମଲା ବିଚାରାଧୀନ ରହିଛି। ୫ଟି ଦଙ୍ଗା ମାମଲାରେ ହୁସେନଙ୍କୁ ଦିଲ୍ଲୀ ହାଇକୋର୍ଟ ଚଳିତ ବର୍ଷ ଜୁଲାଇ ୧୨ରେ ଜାମିନ ପ୍ରଦାନ କରିଥିଲେ। ଏହା ଆଧାରରେ ତାଙ୍କୁ ୨୦୨୦ ଦଙ୍ଗା ମାମଲାରେ ଜାମିନ ପ୍ରଦାନ କରାଯାଇଛି।

**କୁଳପତି ନିଯୁକ୍ତି**

### ରାଜ୍ୟପାଳ-ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ

କୋଲ୍‌କାତା,୪।୯

କୁଳପତି ନିଯୁକ୍ତିକୁ ନେଇ ପଶ୍ଚିମବଙ୍ଗ ରାଜ୍ୟପାଳ ଓ ଟିଏମ୍‌ସି ମଧ୍ୟରେ ପୁଣି ନୂଆ ବିବାଦ ଦେଖାଦେଇଛି। ରବିବାର ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟର କୁଳପଳତିଙ୍କୁ ରାଜ୍ୟପାଳ ସି.ଭି. ଆନନ୍ଦବୋଷ ନିଯୁକ୍ତି ଦେଇଥିଲେ। ଏହାକୁ ନେଇ ସୋମବାର ରାଜ୍ୟ ଶିକ୍ଷାମନ୍ତ୍ରୀ ଭତ୍ୟ ବାସୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ରାଜ୍ୟପାଳ ସ୍ୱେଚ୍ଛାଚାରୀ ଭାବେ କାମ କରୁଛନ୍ତି। ଏହା ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ। ରାଜ୍ୟପାଳଙ୍କ ଭୂମିକା ଓ କାର୍ଯ୍ୟ ସମ୍ପର୍କରେ ଯେଉଁ ବିଲ୍ ରାଜ୍ୟ ବିଧାନସଭାରେ ପାରିତ ହୋଇଥିଲା ତାର ଖୋଲା ଉଲ୍ଲଙ୍ଘନ ବୋଲି ମନ୍ତ୍ରୀ ବାସୁ ଅଭିଯୋଗ କରିଛନ୍ତି। ରାଜ୍ୟପାଳଙ୍କ ଏହି ପଦକ୍ଷେପ ରାଜ୍ୟର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିବ। ରାଜ୍ୟର କୌଣସି ବ୍ୟକ୍ତିଙ୍କ ବିନା ପରାମର୍ଶରେ ଏହି ନିଯୁକ୍ତି ଦିଆଯାଇଛି। ଆଇନ ଅନୁସାରେ ରାଜ୍ୟପାଳ ସମସ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ସେ କ୍ଷମତାର ଅପବ୍ୟବହାର କରିବେ। ସେହିପରି ରାଜ୍ୟର ଶିକ୍ଷାବିତ୍ ଫୋରମ୍ ମଧ୍ୟ ରାଜ୍ୟପାଳଙ୍କ ଏଭଳି ପଦକ୍ଷେପ ଉଚ୍ଚ ଶିକ୍ଷା ବ୍ୟବସ୍ଥା ଲାଗି ଆଦୌ ଶୁଭଙ୍କର ନୁହେଁ ବୋଲି କହିଛି।



### ଇସ୍ରୋର ମହିଳା ବୈଜ୍ଞାନିକଙ୍କ ପରଲୋକ

**ଚନ୍ଦ୍ରୟାନ-୩ ସମେତ ବିଭିନ୍ନ ମିଶନର ଅବଗଣନା କରିଥିଲେ**

ବେଙ୍ଗାଲୁରୁ,୪।୯

ଇସ୍ରୋର ମହିଳା ବୈଜ୍ଞାନିକ ଏନ୍.ଭାଲରମଥିଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଚନ୍ଦ୍ରୟାନ-୩ ସମେତ ଇସ୍ରୋର ଅନେକ ମିଶନ ଲାଗି କାଉଣ୍ଟଡାଉନ (ଅବଗଣନା) କରିଥିଲେ। ଚନ୍ଦ୍ରୟାନ-୩ ତାଙ୍କର ଶେଷ କାଉଣ୍ଟଡାଉନ୍ ଥିଲା। ତାଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ଶ୍ରୀହରିକୋଟାରୁ ଇସ୍ରୋର ମିଶନ୍‌ର କାଉଣ୍ଟଡାଉନ ବେଳେ ଭାଲରମଥିଙ୍କ ସ୍ୱର ଆଉ ଶୁଣିବାକୁ ମିଳିବ ନାହିଁ ବୋଲି ଏହାର ପୂର୍ବତନ ନିର୍ଦ୍ଦେଶକ ଡ. ପି.ଭି. ଭେଙ୍କିଟାକ୍ରିଷ୍ଣନ କହିଛନ୍ତି।



ଏନ୍. ଭାଲରମଥି

### ତୃତୀୟ ବିବାହ କଲେ ହରିଶ ସାଲ୍‌ଭେ

ଲଣ୍ଡନ,୪।୯

ଭାରତର ପୂର୍ବତନ ସଲିସିଟର ଜେନେରାଲ ତଥା ଖ୍ୟାତନାମା ଆଇନଜୀବୀ ହରିଶ ସାଲ୍‌ଭେ ରବିବାର ଲଣ୍ଡନରେ ଏକ ଘରୋଇ ଉତ୍ସବରେ ଟ୍ରିନାଙ୍କୁ ବିବାହ କରିଛନ୍ତି। ୬୮ ବର୍ଷୀୟ ସାଲ୍‌ଭେଙ୍କର ଏହା ତୃତୀୟ ବିବାହ। ହରିଶ ସ୍ତ୍ରୀ ଟ୍ରିନାଙ୍କ ସହ ଛିଡ଼ାହୋଇ ତାଙ୍କ କପାଳରେ ଚୁମ୍ବନ ଦେଉଥିବାର ଭିଡିଓରେ ଦେଖିବାକୁ ମିଳିଛି। ଏହି ବିବାହ ଉତ୍ସବରେ ନୀତା ଅମ୍ବାନୀ, ପୂର୍ବତନ ଆଇପିଏଲ୍ ଅଧ୍ୟକ୍ଷ ଲଳିତ ମୋଦି, ଉଜ୍ଜ୍ୱଳ ରାଉତଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସାଲ୍‌ଭେ ୩୮ ବର୍ଷର ବୈବାହିକ ଜୀବନ ଅତିବାହିତ କରିବା ପରେ ୨୦୨୦ ଜୁନ୍‌ରେ ତାଙ୍କ



ତୃତୀୟ ସ୍ତ୍ରୀ ଟ୍ରିନାଙ୍କ ସହ ହରିଶ ସାଲ୍‌ଭେ।

ପ୍ରଥମ ସ୍ତ୍ରୀ ମୀନାକ୍ଷୀ(୩୮)ଙ୍କୁ ଛାଡ଼ପତ୍ର ଦେଇଥିଲେ। ସାଲ୍‌ଭେ ଓ ମୀନାକ୍ଷୀଙ୍କର ଦୁଇ ଝିଅ ସାକ୍ଷୀ ଓ ସାନିୟା ରହିଛନ୍ତି। ୨୦୨୦ରେ ସାଲ୍‌ଭେ କାରୋଲିନ୍ ବ୍ରୋସାର୍ଡଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

ସୁପ୍ରିମକୋର୍ଟରେ ଆଇନ ବ୍ୟବସାୟ କରୁଥିବା ସାଲ୍‌ଭେ ବହୁ ହାଇପ୍ରୋଫାଇଲ ମାମଲାରେ ଓକିଲାତି କରିଛନ୍ତି। କୁଳଭୂଷଣ ଯାଦବଙ୍କ ବିରୋଧରେ ପାକିସ୍ତାନ ଗୁପ୍ତଚର ଅଭିଯୋଗ ଆଣିବା ପରେ ସେଠାର ସାମରିକ ଅଦାଲତ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ତାଙ୍କ ପାଇଁ ସାଲ୍‌ଭେ ମାମଲା ଲଢ଼ି ମାତ୍ର ୧ ଟଙ୍କା ଫି ନେଇଥିଲେ। କ୍ରିଷ୍ଣା ଗୋଦାବରୀ ଅବବାହିକା ଗ୍ୟାସ୍ ବିବାଦ ଏବଂ ବଲିଉଡ୍ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ ହିଟ୍ ଆଣ୍ଡ ରନ୍ ମାମଲାକୁ ସାଲ୍‌ଭେ ପରିଚାଳନା କରିଥିଲେ। ସୁପ୍ରିମକୋର୍ଟରେ ପ୍ରଥମ ଆଣ୍ଟି-ଡମ୍ପିଙ୍ଗ୍ ମାମଲାରେ ଯୁକ୍ତି ଉପସ୍ଥାପନ କରି ଖ୍ୟାତି ଅର୍ଜନ କରିଥିଲେ। ସେ ୧୯୯୯ ନଭେମ୍ବରରୁ ୨୦୦୨ ନଭେମ୍ବର ଭାରତର ସଲିସିଟର ଜେନେରାଲ ଥିଲେ। ଏହା ବ୍ୟତୀତ ୱେଲ୍ସ ଏବଂ ଇଂଲଣ୍ଡ କୋର୍ଟରେ ସେ ମହାରାଣୀଙ୍କ ଓକିଲ ନିଯୁକ୍ତ ହୋଇଥିଲେ।

## ସଂକ୍ଷେପରେ

### ଲୋଇସିଂହା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**ଲୋଇସିଂହା,୪।୯(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହାର ୫୩ତମ ସାର୍ବଜନୀନ ଦୁର୍ଗପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗାମଣ୍ଡପ ପରିସରରେ ବଳରାମ ସିଂରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରଥମ ପର୍ଯ୍ୟାୟରେ ପୂର୍ବବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଏହାପରେ ଚଳିତବର୍ଷ ପୂଜା କମିଟି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବ ସମ୍ମତକ୍ରମେ ବଳରାମସିଂ ରାଏ ସଭାପତି, ଭୋଳାନାଥ ସାହୁ କାର୍ଯ୍ୟକାରୀ ସଭାପତି, ରାଜା ସାହୁ ଉପସଭାପତି, ପ୍ରଦୀପ କୁମାର ସାହୁ ସମ୍ପାଦକ, ଅଭିଳାଷ ହୋତା ଓ ରଞ୍ଜିତ ରାଏ ସହସମ୍ପାଦକ, ଭବାନୀ ଶଙ୍କର ପଧାନ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଏଥିସହ ସରପଞ୍ଚ ନବକିଶୋର ନାଏକ, ରାଜେନ୍ଦ୍ର ନାଏକ, ଭୂତନାଥ ନାଏକ, ପ୍ରଦ୍ୟୁମ୍ନ ସାହୁ, ବିଭୂତି ପଧାନ, ସୁଧାଂଶୁ ଶେଖର ପାଣ୍ଡିଆଙ୍କ ସମେତ ୧୧ ଜଣ ଉପଦେଷ୍ଟା ରହିଛନ୍ତି।

### ଆନ୍ଦୋଳନରେ ପିଇଓ, ଚିନ୍ତାରେ ହିତାଧିକାରୀ

**ଦେଓଗାଁ, ୪।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ୧୮ଦିନ ହେଲା ଆନ୍ଦୋଳନରେ ରହିଛନ୍ତି। ଫଳରେ ଇଓମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ଚିନ୍ତାରେ ପଡିଛନ୍ତି ଆବାସ ଯୋଜନା ଓ ଭତ୍ତା ପାଉଥିବା ହିତାଧିକାରୀ। ଅନ୍ୟପଟେ ଆଉ ୧୫ଦିନ ପରେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ। ସରକାର ସେମାନଙ୍କ ଦାବିକୁ ସପ୍ତାହକ ମଧରେ ପୂରଣ ନ କଲେ ଚଳିତ ମାସ ବୃଦ୍ଧାବୃଦ୍ଧ ହିତାଧିକାରୀ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହେବା ନିଶ୍ଚିତ। ଅନ୍ୟପଟେ ଆବାସ ଯୋଜନା ତିଆରି କରୁଥିବା ହିତାଧିକାରୀ ସମୟ ସୀମା ଭିତରେ ଘର ସମ୍ପୂର୍ଣ୍ଣ କରିବାପାଇଁ ଲାଗିପଡିଛନ୍ତି। ଯଦି ବିଲ ପାଇବାରେ ବିଳମ୍ବ ହୁଏ ତାହେଲେ ଅନେକେ ଅସୁବିଧାର ସମ୍ମୁଖୀନ ହେବା ଏବଂ ଖର୍ଚ୍ଚାନ୍ତ ହେବାନେଇ ଚିନ୍ତାରେ ରହିଥିବା ଅଭିଯୋଗ ଆସିଛି। ତେଣୁ ରାଜ୍ୟ ସରକାର ପିଇଓମାନଙ୍କ ଦାବି ଉପରେ ତୁରନ୍ତ ବିଚାର ନ କଲେ ଆଗକୁ ପଞ୍ଚାୟତସ୍ତରରେ ଅଚଳାବସ୍ଥା ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଣୁ ଏ ଦିଗରେ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### କଣ୍ଟାବାଞ୍ଜି ଜିଲା ଦାବି, ୧୨ଘଣ୍ଟା ବନ୍ଦ ଆଜି

**କଣ୍ଟାବାଞ୍ଜି, ୪।୯(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ରାଜସ୍ୱ ଜିଲା ଦାବିରେ ମଙ୍ଗଳବାର ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଛି ଜିଲା ସଂଘର୍ଷ ସମିତି। ଏଥଇପାଇଁ ସୋମବାର ଡାକବାଜି ଯନ୍ତ୍ର ଯୋଗେ କଣ୍ଟାବାଞ୍ଜି ସହରର ଓ ଆଖପାଖ ଅଞ୍ଚଳରେ ପ୍ରଚାର କରାଯାଇଛି। ଜିଲା ଦାବିକୁ ସମର୍ଥନ କରିବା ପାଇଁ ସମସ୍ତ ଅନୁଷ୍ଠାନକୁ ନିବେଦନ କରାଯାଇଛି। ଆଗାମୀ ଦିନରେ ଜିଲା ଦାବି ଘୋଷଣା ନ କଲେ କଣ୍ଟାବାଞ୍ଜି, ତୁରେକେଲା, ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ଅଞ୍ଚଳରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘର୍ଷ ସମିତି ବୈଠକରେ ନିଷ୍ପତ୍ତି ନେଇଛି।

### ନିଃଶୁଳ୍କ କ୍ୟାନସର ଚିହ୍ନଟ ଶିବିର

**କଣ୍ଟାବାଞ୍ଜି, ୪।୯(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଗ୍ରୱାଲ ସଭା ଟ୍ରଷ୍ଟ ଏବଂ ବାଲକୋ ରାୟପୁର ଦ୍ୱାରା ସୋମବାର ସ୍ଥାନୀୟ ହରିଭବନରେ ଏକ ନିଃଶୁଳ୍କ କ୍ୟାନସର ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ସଭାପତି ସୁରେଶ କୁମାର ଆର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଧାୟକ ସାଲୁଜା ମାରୱାଡି ଯୁବାମଞ୍ଚ, ଅଗ୍ରୱାଲ ସଭାଟ୍ରଷ୍ଟ ଓ ମହିଳା ମଞ୍ଚର ବିଭିନ୍ନ ଜନସେବାମୂଳକ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସଞ୍ଜୟଗାନ୍ଧି ଅଗ୍ରୱାଲ, ଡାକ୍ତର ଭୁପେନ୍ଦ୍ର ପ୍ରସାଦ ଉପସ୍ଥିତ ଥିଲେ। ଶିବିରରେ ୭୦ଜଣ ରୋଗୀ ଚିକିତ୍ସା କରାଇଥିଲେ। ଚିହ୍ନଟ ରୋଗୀମାନଙ୍କୁ ଅଗ୍ରୱାଲ ସଭା ଟ୍ରଷ୍ଟ ଏବଂ ବାଲକୋ ରାୟପୁର ଦ୍ୱାରା ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ସୂଚନା ଦିଆଯାଇଛି। ଶିବିର ପରିଚାଳନାରେ ଅରୁଣ କୁମାର ଆର୍ଯ୍ୟ, ନବୀନ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଆଶିଷ ଖାଇତାନ, ପରବଜିତ ସିଂ ସାଲୁଜା ସହଯୋଗ କରିଥିଲେ।

# ଲୋକକଳା ଲୋକସଂସ୍କୃତିର ମୂଳ ଉତ୍ସ

**ବଲାଙ୍ଗୀର, ୪।୯ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଜିଲା ସଂସ୍କୃତି ଭବନରେ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଅତିଥିଭାବେ ଯୋଗଦେଇ ସୂଚନା, ଶିକ୍ଷା, ଯୋଗାଯୋଗ କାର୍ଯ୍ୟକ୍ରମ ଆଧାରରେ ଲୋକକଳାର ପ୍ରୟୋଗ କିପରି କରାଯିବ ତାଲିମ ପ୍ରଦାନ କରିଥିଲେ। ଲୋକକଳା ହିଁ ଗୋଟିଏ ଅଞ୍ଚଳର ସାମଗ୍ରିକ ସଂସ୍କୃତିର ମୂଳଭିତ୍ତି ବୋଲି ସେ କହିଥିଲେ। ଏହାଦ୍ୱାରା ଲୋକକଳା, କଳାକାର ତଥା କଳା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହେଉଥିବା ଜନତାଙ୍କ ପାଇଁ ସୁନ୍ଦର ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶି, ବଙ୍ଗୋମୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରେଣୁରଞ୍ଜନ ବାଗ, ପାଟଣାଗଡ ଉପଖଣ୍ଡର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ସଞ୍ଜୀବ କୁମାର ମହାନ୍ତି ମଞ୍ଚାସୀନ ହୋଇଥିଲେ। ସୂଚନା, ଶିକ୍ଷା, ଯୋଗାଯୋଗ ଆଧାରରେ ଲୋକ କଳା ପରିବେଷଣ କରି ଲୋକଙ୍କୁ କେମିତି ଅବଗତ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। କଳାକାର ମାନେ ଶେଷରେ ଲୋକକଳା ପରିବେଷଣ କରିଥିଲେ। ଆଗାମୀ ଦିନରେ କାର୍ଯ୍ୟକ୍ରମ ସଫଳ ହେବ ବୋଲି କହିଥିଲେ। ଶେଷରେ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସରକାରଙ୍କ ଜନହିତକର ଯୋଜନା ଯେମିତି ମଧୁବାବୁ ପେନସନ ତଥା ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ଓଡିଶା ଆଦର୍ଶ ବିଦ୍ୟାଳୟ ଫସଲ ବୀମା ଯୋଜନା, ଫସଲ ଋଣ ସୁଦ୍ଧା ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡିଶା ନବୀନ ଓଡିଶା, ୫ଟି ହାଇସ୍କୁଲ ରୂପାନ୍ତିକରଣ ଯୋଜନା ସମ୍ବନ୍ଧରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ଡିପିସି ମିଶନ ଶକ୍ତି, ମମତା ଯୋଜନା, ଅଧିକାରୀମାନେ ବିଭିନ୍ନ ଯୋଜନା ସମ୍ପର୍କରେ ସଭ୍ୟମାନଙ୍କୁ ବୁଝାଇଥିଲେ। ରାଜ୍ୟ ସଂସାଧନ ସଭ୍ୟ ଡକ୍ଟର ଅଜୟ କୁମାର ମିଶ୍ର ଆସି ଜିଲା ସଂସାଧନ ସଭ୍ୟମାନଙ୍କୁ କାର୍ଯ୍ୟକ୍ରମ ବିଷୟରେ ବୁଝେଇଥିଲେ। ଉଦ୍‌ଯାପନୀ ସଭାକୁ ଅଧ୍ୟାପକ ତଥା କବି ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ନାଟ୍ୟଭୂଷଣ ଛୁରିଆ, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ କଳାକାର ମାନଙ୍କର କାର୍ଯ୍ୟକ୍ରମ ପରିବେଷଣ, ସୂଚନା ଓ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ଜିଲା ସଂସ୍କୃତି ଅଧିକାରୀ ମିଶ୍ର ତାଲିମ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଅକୁ ପିଟି ମାରି ଦିଆଯାଇଥିବା ଅଭିଯୋଗ କଲେ ବାପା

- କ୍ଷତାକ୍ତ ଯୁବକଙ୍କ ହସ୍ପିଟାଲରେ ମୃତ୍ୟୁ ଘଟଣା
- ସିସିଟିଭି ଯାଞ୍ଚ କରୁଛି ଟାଉନ୍ ଥାନା ପୋଲିସ

**ବଲାଙ୍ଗୀର, ୪।୯ (ବୀରେନ୍ଦ୍ର କୁମାର ଝାଙ୍କର)**



ସିଦ୍ଧାନ୍ତ ବରର୍ଡ୍ଡୀଙ୍କ ଫାଇଲ ଫଟୋ।

ବଲାଙ୍ଗୀର ସହର ନିକଟ ଖୁଜେନପାଲି ନୂଆ ମଦଭାଟି ନିକଟରେ ରବିବାର ସନ୍ଧ୍ୟାରେ ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ପୁଇଁତଳା ଥାନା କେଶରକେଲା ଗାଁର ସିଦ୍ଧାନ୍ତ ବରର୍ଡ୍ଡୀ (୨୫)ବୋଲି ଜଣାପଡିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସିଦ୍ଧାନ୍ତଙ୍କ ବାପା ଥବୀର ବରର୍ଡ୍ଡୀ ତାଙ୍କ ପୁଅକୁ ପିଟି ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ କିଏ ଏବଂ କେଉଁ କାରଣରୁ ସିଦ୍ଧାନ୍ତଙ୍କୁ ହତ୍ୟା କରିଛନ୍ତି ସେ ନେଇ କିଛି କହିନାହାନ୍ତି। ଅନ୍ୟପଟେ ପୋଲିସ ହାତରେ ସିସିଟିଭି ଫୁଟେଜ ଲାଗିଛି। ବଲାଙ୍ଗୀର ସହର ସୁଦପଡାଠାରେ ଥିବା ଏକ କପଡା ଦୋକାନରେ ସିଦ୍ଧାନ୍ତ ସେଲସ୍‌ମ୍ୟାନ୍ ଭାବେ କାମ କରୁଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ୨ ଜଣ ଯୁବକ ତାଙ୍କୁ ଏକ ସ୍କୁଟିରେ ବସାଇ ନେଇଥିବା ଜଣାପଡିଛି। ସିସିଟିଭି ଫୁଟେଜରେ ୪/୫ ଜଣ ଯୁବକ ଥିବା ଦେଖାଯାଇଛି। ପୋଲିସ ଏଦିଗରେ ଅଧିକ ତଦନ୍ତ ଜାରି ରଖିଛି। ଏସଡିପିଓ ତୋଫାନ୍ ବାଗ ଘଟଣାର ସବୁଦିଗକୁ ପୋଲିସ ତଦନ୍ତ କରୁଛି ବୋଲି କହିଛନ୍ତି।

# ଜିଲା ପ୍ରଶାସନର ଯୁଗ୍ମ ଜନଅଭିଯୋଗ ଶୁଣାଣି



ଜିଲାପାଳ ଏବଂ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ବଲାଙ୍ଗୀର, ୪।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ସେପ୍ଟେମ୍ବର ମାସର ପ୍ରଥମ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ପୁଇଁତଳା ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ। ଏହି ଜନଅଭିଯୋଗ ଶୁଣାଣିରେ ୨୧୯ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଛି। ତନ୍ମଧ୍ୟରୁ ୧୭୭ଟି ବ୍ୟକ୍ତିଗତ ଓ ୪୨ ଟି ସାମୂହିକ ଦରଖାସ୍ତ ରହିଛି। ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟାଗୁଡିକର ଶୁଣାଣି ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୫୫ଟି ମାମଲାର ଶୁଣାଣିର ସମାଧାନ ସେଠାରେ ହୋଇଛି। ବାକି ଥିବା ମାମଲାଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ଶୁଣାଣି କରିବାକୁ ଜିଲାପାଳ ରାଣା ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ଜଣଙ୍କୁ ୧ ଲକ୍ଷ ୬୦ ହଜାର ଟଙ୍କା ଓ ରେଡକ୍ରସ ପାଣ୍ଠି ଅନ୍ତର୍ଗତ ୩ ଜଣଙ୍କୁ ୪୬ ହଜାର ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ରେଡକ୍ରସ ପାଣ୍ଠି ଅନ୍ତର୍ଗତ ଗୌତ ରଣାଙ୍କୁ ୩୦ ହଜାର , ଅସୀମ ସୁନାଙ୍କୁ ୧୦ ହଜାର ଏବଂ ଫୁଲମତି ବାଗଙ୍କୁ ୬ ହଜାର ଟଙ୍କା ଦିଆଯାଇଛି।

## ଆଦିବାସୀ କଳାକେନ୍ଦ୍ର ଉଦ୍‌ଘାଟିତ

**ମୁରିବାହାଲ, ୪।୯(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଆସି ସୋମବାର ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ପ୍ରଥମେମୁରିବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କଲେଜ ଯାଇଥିଲେ। ଉଭୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କଲେଜରେ୧୨୦ ଶଯ୍ୟା ବିଶିଷ୍ଟ ଛାତ୍ରବାସ ନିର୍ମାଣର ସେ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସେ ମୁରିବାହାଲ ଉଚ୍ଚବିଦ୍ୟାଳୟ ପରିଦର୍ଶନ ଯାଇ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ମୁରିବାହାଲ କଲ୍ୟାଣ ମଣ୍ଡପ ନିକଟରେ ନିର୍ମିତ ଆଦିବାସୀ କଳାକେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ ସାଂସଦ ବିଶି। ସମ୍ମାନୀତ ଅତିଥି ଭାବେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, କଳାକାର ସାଜିଦ ମହମ୍ମଦ, ମଧୁସୂଦନ ମହାନନ୍ଦ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦୀପକ ରଞ୍ଜନ ବାଗ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜୀବ କୁଅଁର, ଅଧ୍ୟାପକ ଦିଲୀପ ପଶାୟତ, ଗୋବିନ୍ଦ ବଘାର, ଭୁବନ ମାଝି, ଖୁସିରାମ ଧାରୁଆ, ଧନୁ ଧାରୁଆ, ଯୁଧିଷ୍ଠିର ମାଝି, ପତ୍ରଙ୍ଗି ମାଝି, କ୍ଷୀର ଭୋଇ, ସରସ୍ୱତୀ ଭୋଇ, ଲିଙ୍ଗରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଆଶ୍ରମ ବିଦ୍ୟାଳୟରେ ତାଲା ପକାଇ ଧାରଣା

**ଶିକ୍ଷକ ନିଯୁକ୍ତି ଦାବି**



ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକ ଧାରଣାରେ ବସିଛନ୍ତି।

**ଖପ୍ରାଖୋଲ, ୪।୯(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଆଶ୍ରମ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦ ସହ ନୂତନ ଶିକ୍ଷକ ନିଯୁକ୍ତି ଦାବି କରି ସୋମବାର ଛାତ୍ରୀଛାତ୍ର, ଅବିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ଅନୁସୂଚିତ ଜାତି ଜନଜାତି ବିଭାଗ ଦାରା ପରିଚାଳିତ ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୪୦୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ କେବଳ ୪ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ଅଫିସ କାମରେ ଗଲେ ବିଦ୍ୟାଳୟରେ ୩ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଜଣେ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଲା ଦିନରୁ ଛୁଟିରେ ଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଶିକ୍ଷକ ନିଯୁକ୍ତି ଦାବି ନେଇ ଅବିଭାବକମାନେ ଅନୁସୂଚିତ ଜାତି ଜନଜାତି ବିଭାଗକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନ ନେବାରୁ ପରିଶେଷରେ ଗ୍ରାମବାସୀ ଏହିଭଳି ଚରମ ପକ୍ଷେପ ନେଇଥିବା କହିଛନ୍ତି। ଖବର ପାଇ ବିଡିଓ ବିଜୟ କୁମାର ହୋତା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଧାରଣାସ୍ଥଳରେ ପହଞ୍ଚି ଅବିଭାବକଙ୍କୁ ବୁଝାଶୁଝା କରିଥିଲେ। ଶୀଘ୍ର ଶିକ୍ଷକ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଗଙ୍ଗାଧରଙ୍କ ସାହିତ୍ୟ ତାଙ୍କ ସ୍ମୃତିକୁ ଉଜାଗର କରି ରଖିବ

**ଗୁଡ଼ଭେଲା, ୪।୯ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ତୋଷାଳୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରତିଷ୍ଠାତା ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ସଭାପତିତ୍ୱରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତୁଷୁରା ଏନଏସି ଅଧକ୍ଷ ଅଜୟ କୁମାର ଜୟଶ୍ୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସାହିତ୍ୟିକ ତୁଳସୀ ଜୈନ, ରଘୁନନ୍ଦନ ସିଂ, ଶେଖ ମହମ୍ମଦ ୱାହିଦ, ବିଦ୍ୟାଳୟ କମିଟି ଅଧକ୍ଷ ସୁଧାକର ପ୍ରଧାନ ଯୋଗଦେଇଥିଲେ। ଗଙ୍ଗାଧରଙ୍କ ସାହିତ୍ୟ କୃତୀ ତାଙ୍କୁ ସବୁଦିନ ପାଇଁ ତାଙ୍କ ସ୍ମୃତିକୁ ଉଜାଗର କରି ରଖିବ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପ୍ରିନ୍ସିପାଲ ରବିନ୍ଦ୍ର ମହାକୁର ମଞ୍ଚ ପରିଚାଳନା କରିଥଇଲେ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟ ପୂର୍ବତନ ପରିଚାଳନ କମିଟି ସମ୍ପାଦକ ବଜରଙ୍ଗ କେଡିଆ।

## ଏକଦିବସୀୟ ଫୁଟ୍‌ବଲ: ସାଇପାଲି ଚାମ୍ପିୟନ

**ଲୋଇସିଂହା,୪।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ଗ୍ରାମର ଇଲେଭେନ ଷ୍ଟାର ଫୁଟବଲ ସଂଘ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ବରଗଡ ଜିଲା ସାଇପାଲି ଓ ସୁବର୍ଣ୍ଣପୁର ଜିଲା ଫପସି ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ରେଫରୀ ଟାଇବ୍ରେକରର ସହାୟତା ନେଇଥିଲେ । ଏଥିରେ ୪-୩ ଗୋଲରେ ଫପସିକୁ ହରାଇ ସାଇପାଲି ଚାମ୍ପିୟନ ହୋଇଥିଲା । ଫପସିର ହୃଷୀକେଶ ପାଣ୍ଡେ ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ଗୋଲ କିପର ଭାବେ ସାଇପାଲିର ବବଲୁ ଭୂଏ ପୁରସ୍କୃତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଲୋଇସିଂହା ସରପଞ୍ଚ ନବକିଶୋର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର ଅପ ଦଳକୁ ୬ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ ।

## ଓଏଭିରେ ସଂସ୍କୃତ ସପ୍ତାହ ସମାରୋହ

**ବଲାଙ୍ଗୀର, ୪।୯ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ନିକଟସ୍ଥ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୋମବାର ସଂସ୍କୃତ ସପ୍ତାହ ସମାରୋହ ଅନୁଷ୍ଠିତ ହେଇଥିଲା। ନୋଡାଲ ପ୍ରିନ୍ସିପାଲ କ୍ଷମାନିଧି ଝାଙ୍କର ସଂସ୍କୃତ ଭାଷାରେ ନିହିତ ଜ୍ଞାନ ଭଣ୍ଡାର ଏବଂ ବିଜ୍ଞାନ ତତ୍ତ୍ୱ ବିଷୟରେ ଜାଣିବା ପାଇଁ ପ୍ରତ୍ୟେକ ଭାରତୀୟ ସଂସ୍କୃତ ଶିଖିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ସହ ସଂସ୍କୃତିରକ୍ଷା ଦିଗରେ ଆଧୁନିକ ଯୁଗରେ ସଂସ୍କୃତ ଭାଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସଂସ୍କୃତ ଶିକ୍ଷକ ଶେଷଦବ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମବେତ ସ୍ୱରରେ ଛାତ୍ରୀଛାତ୍ରମାନେ ଶ୍ରୀମଦ୍‌ଭଗବଦ୍ ଗୀତା ସ୍ୱରବାଚନ କରିଥିଲେ। ସଂସ୍କୃତ ଗୀତରେ ନୃତ୍ୟ, ସ୍ୱାଧୀନତା ସଂଗ୍ରାମୀ ଦେଶଭକ୍ତ ଚରିତ୍ରରେ ବିଭିନ୍ନ ବେଶଭୂଷା ସହିତ ଏକପାତ୍ର ଅଭିନୟ, ସଂସ୍କୃତ ସାମାନ୍ୟ ଜ୍ଞାନ ପରୀକ୍ଷା ଏବଂ ସ୍ତୋତ୍ର ପାଠ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନେ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ମୁକ୍ତେଶ୍ୱର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାମାନଙ୍କରେ ନିର୍ଣ୍ଣାୟକ ଭୂମିକାରେ ଏବଂ ବିଭିନ୍ନ ଦାୟିତ୍ୱରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ସହ ପ୍ରିନ୍ସିପାଲ ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

# ନକଲି ଆଦିବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରିଣୀ ବୈଠକ**

**ଲୋଇସିଂହା, ୪।୯(ସୁଶାନ୍ତ ବାରିକ)**



କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ସୋମବାର ସ୍ଥାନୀୟ ଗଣ୍ଡୱାନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବିକଶିତ ରଣା ଓ ମାଳି ଜାତିକୁ ଆଦିବାସୀ ସମ୍ପ୍ରଦାୟରେ ସାମିଲ କରିବା ପାଇଁ ପରାମର୍ଶଦାତା କମିଟି ସୁପାରିଶ କରିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନକଲି ଆଦିବାସୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଅଧ୍ୟକ୍ଷ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଟାଳଟୁଲ ନୀତିଅବଲମ୍ବନ ନ କରି ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଅଣଆଦିବାସୀଙ୍କ ଜବରଦଖଲରେ ଥିବା ଆଦିବାସୀଙ୍କ ଜମି ଫେରସ୍ତ, ଜମି ହସ୍ତାନ୍ତର ଅନୁମତି ବନ୍ଦ, ବେଚାପତି ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା, ଆଦିବାସୀ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ମହାବିଦ୍ୟାଳୟରେ ସିଟ୍ ବୃଦ୍ଧି, ଷ୍ଟାଇପେଣ୍ଡ ବୃଦ୍ଧି, ଆଟ୍ରୋସିଟି କେଶର ଅଭିଯୁକ୍ତଙ୍କୁ ଗିରଫ କରିବା ଆଦି ଦାବି ରହିଛି । ଏହାବ୍ୟତୀତ ଟିଟିଲାଗଡ, ବଙ୍ଗୋମୁଣ୍ଡା ବଲାଙ୍ଗୀର, ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରିବାକୁ ମତପ୍ରକାଶ ପାଇଥିଲା। ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ, ସେବାଶ୍ରମ ଓ କନ୍ୟାଶ୍ରମରେ ସିଟ୍ ସଂଖ୍ୟା ଓ ହଷ୍ଟେଲ ବୃଦ୍ଧି, ଅଭାବ ଶିକ୍ଷକ ପୂରଣ ସକାଶେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ, ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ, ଜିଲା କାର୍ଯ୍ୟକାରୀ ସଭାପତି ବନଲତା ମାଝିଙ୍କ ସମେତ ଜିଲାର ୧୪ ବ୍ଲକର ସଭାପତି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କଫ ସିରପ୍ ଜବତ, ଜଣେ ଗିରଫ

**ପଦ୍ମପୁର, ୪।୯ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଆଦର୍ଶ ଥାନା ପୋଲିସ ରଜାପଡାର ମହମ୍ମଦ ଅସିପଙ୍କ ଘରେ ଚଢାଉ କରିଛି। ତାଙ୍କଠାରୁ ୫ ଲିଟର କଫ ସିରପ୍ ମିଶ୍ରଣ, ୩୮ ବୋତଲ ଏସକଫ ସିରଫ, ଗୋଟିଏ ଷ୍ଟ୍ରିପ୍ ନାଇଟ୍ରୋସେନ ଟେନ ଟାବଲେଟ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୩୪/୨୩) ରୁଜୁ କରିବା ସହ ଅଭିଯୁକ୍ତ ଅସିପଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ବ୍ଲକସ୍ତରୀୟ ବିଜ୍ଞାନ ପ୍ରଶିକ୍ଷଣ ଶିବିର

**ପଦ୍ମପୁର,୪।୯(ପ୍ରଦୀପ୍ତ ଦାଶ):** ପଦ୍ମପୁରର ଜମଲାଠାରେ ଥିବା ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଶିକ୍ଷା ଜିଲା ଶିକ୍ଷା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜବୋଡ଼ାସମ୍ବର ଓ ଗାଇସିଲେଟ ବ୍ଲକର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଚାଣ୍ଟିପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧୁସୂଦନ ଦେବତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି, ସଭାପତି ଓ ସାଧନକର୍ମୀ ମାନସ ରଞ୍ଜନ ଶତପଥି ଓ ମୋହନ ରଣା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସୁଶୀଲ କୁମାର ବରିହା ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ।

### ଅମୃତ କୁଟୁମ୍ବର ବାର୍ଷିକୋତ୍ସବ

**ଭେଡ଼େନ,୪।୯(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅମୃତ କୁଟୁମ୍ବର ତୃତୀୟ ବାର୍ଷିକୋତ୍ସବ ସ୍ଥାନୀୟ ବିଜୟ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଆନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି, ଡା. ସତ୍ୟସାଇ ନାୟକ, ସାମାଜିକ କର୍ମୀ ପ୍ରକାଶ ପଟ୍ଟନାୟକ, ଭରତ ବେହେରା ପ୍ରମୁଖ ସମ୍ମାନିତ ଅତିଥି, ଅଧ୍ୟାପକ ସନ୍ତୋଷ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣିଷ ସେବା ହିଁ ଈଶ୍ୱରଙ୍କ ସେବା ବୋଲି ମତପ୍ରକାଶ କରିଥିଲେ। ଉତ୍ସବରେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ମାହେଶ୍ୱରୀ ସେନା, ସାମ୍ବାଦିକ ସଂଘ, କୋଶଳ ସେନା, ସେବା ପରିବାର ସମେତ ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୯୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ହୀରା ମହାକୁର, ଉତ୍ପଳ ଭୋଇ ଉତ୍ସବ ପରିଚାଳନା କରିଥିଲେ। ଘନଶ୍ୟାମ ଅଗ୍ରୱାଲ, ଭୀଷ୍ମ ଛନ୍ଦ, ଗୋପୀନାଥ ମେହେର, ଶମ୍ଭୁନାଥ ପଧାନ, ମହେନ୍ଦ୍ର ସେଟ, ଶଶିଭୂଷଣ ମେହେର, ପ୍ରହ୍ଲାଦ ମେହେର, ସୁଧାଂଶୁ ଦେହେରୀ, ଦିଲୀପ ଦ୍ୱାରୀ ପ୍ରମୁଖ ସହଯୋଗ କରିଥିଲେ।

### ତୈଳିକ ବୈଶ୍ୟ ସାହୁ ସମାଜର ନୂତନ କର୍ମକର୍ତ୍ତା

**ପାଇକମାଳ,୪।୯(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ତୈଳିକ ସାହୁ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଏହି ଅବସରରେ ନୃସିଂହନାଥସ୍ଥିତ ସାହୁ ସମାଜ ଧର୍ମଶାଳାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଇନଜୀବୀ ରାଜ କିଶୋର ସାହୁ ସଭାପତିତ୍ୱ କରିଥିବା ବେଳେ ଯୁଧିଷ୍ଠିର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ସଭାପତି ଭିକାରି ସାହୁ ମୁଖ୍ୟ ଅତିଥି ଓ ଡା. ଭକ୍ତପୁରନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବତନ ବ୍ଲକ ସମ୍ପାଦକ ପିତାମ୍ବର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସର୍ବସମ୍ମତି କ୍ରମେ ନୂତନ କମିଟିର ସଭାପତି ଭାବେ ବଳରାମ ସାହୁ, ଉପ ସଭାପତି ଦହିତ କୁମାର ସାହୁ ଓ ଭୋଳାନାଥ ସାହୁ, ସମ୍ପାଦକ ଯୁଧିଷ୍ଠିର ସାହୁ, ସହସମ୍ପାଦକ ନେତ୍ରାନନ୍ଦ ସାହୁ ଓ କୋଷାଧ୍ୟକ୍ଷ ଭାବେ ଦୁର୍ଯ୍ୟୋଧନ ସାହୁଙ୍କୁ ମନୋନିତ କରାଯାଇଥିଲା। ଜିଲା କମିଟି ସଦସ୍ୟ ଡା. ବିରଞ୍ଚି ସାହୁ ଓ ରାଜେନ୍ଦ୍ର ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏହାସହିତ ୪ ଜଣ ଉପଦେଷ୍ଟା ଓ ୧୨ ଜଣ ସଦସ୍ୟ ଭାବେ ଚୟନ ହୋଇଥିଲେ। ଡାକ୍ତର ଚୈତନ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସୋମବାର ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଚାଷକୁ ବିଦ୍ୟୁତ୍ ସଂଯୋଗ ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି ।

# ଚାଷକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)**

- ବକେୟା ଅସୁଲ ଆଳରେ କାଟିଦେଲେ
- ଅଚଳ ହେଲା ଉଠାଜଳସେଚନ ପ୍ରକଳ୍ପ
- ପାଣି ନ ପାଇ ଚାଷଜମି ଶୁଖିଲା
- ଚାଷୀଙ୍କୁ ଫସଲକ୍ଷତି ଚିନ୍ତା ଘାରିଲା

ଚାଷଜମିକୁ କେନାଲ ପାଣି ମାଡୁନି। ଆଶାନୁରୂପ ବୃଷ୍ଟିପାତ ମଧ୍ୟ ହେଉନାହିଁ। ଏଭଳି ସ୍ଥିତିରେ ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରି ଦିଆଯାଇଛି। ଫଳରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ା, ମହୁଲପାଲି, ମାନପୁର, ଦେଶଭଟଲି ଆଦି ପଞ୍ଚାୟତ ଅଧୀନ ଗ୍ରାମଗୁଡ଼ିକର ଧାନ ଫସଲ ପାଣି ଅଭାବରୁ ନଷ୍ଟ ହେବାରେ ଲାଗିଛି। ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ଶତାଧିକ ଚାଷୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଉଠାଜଳସେଚନ ପ୍ରକଳ୍ପକୁ ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ପାଇଁ ନିବେଦନ କରିଥିଲେ। ଏହି ସମୟରେ ଅରକ୍ଷିତ ବନଛୁର, ସୁରେନ୍ଦ୍ର ଭୁଏ, ସାଗର ଦେହେରୀ, ଗୋବିନ୍ଦ ଭୁଏଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଉକ୍ତ ପଞ୍ଚାୟତର ବହୁ ଗ୍ରାମରେ ଥିବା ଚାଷଜମିକୁ କେନାଲ ପାଣି ମାଡ଼ି ନ ଥାଏ। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷ ବର୍ଷା ଏବଂ ଉଠାଜଳସେଚନ ପ୍ରକଳ୍ପ ପାଣି ଉପରେ ନିର୍ଭର କରିଥାଏ। ଆରମ୍ଭରୁ ଭଲବର୍ଷା ହୋଇଥିଲେ ସୁଦ୍ଧା ଗତ ୩ ମାସ ହେଲା ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ଏଭଳିସ୍ଥଳେ ଉଠାଜଳସେଚନ ପ୍ରକଳ୍ପରୁ ଜମିରେ ପାଣି ମଡ଼ାଇ ଚାଷୀମାନେ ଫସଲକୁ ବଞ୍ଚାଇ ରଖିଥିଲେ। କିନ୍ତୁ ଦୀର୍ଘଦିନ ହେଲା ସମ୍ପୃକ୍ତ ଅଞ୍ଚଳର ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଫଳରେ ପାଣି ଅଭାବରୁ ଧାନ ଫସଲ ନଷ୍ଟ ହେବାରେ ଲାଗିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଭେଡ଼େନ ବ୍ଲକର ଗଣ୍ଡତୁରୁମରୁ ଖୁଣ୍ଟୁଲିପାଲି ପର୍ଯ୍ୟନ୍ତ ୧୧୧ଟି ଉଠାଜଳସେଚନ ପ୍ରକଳ୍ପ ରହିଛି। ସମ୍ପୃକ୍ତ ଅଞ୍ଚଳରେ ଚାଷୀମାନେ ସେହି ଉଠାଜଳସେଚନ ପ୍ରକଳ୍ପରୁ ପାଣି ଉଠାଇ ଜମିରେ ମଡ଼ାଇଥାନ୍ତି। କିନ୍ତୁ ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଦୀର୍ଘଦିନ ହେଲା ଚାଷୀମାନେ ଫସଲରେ ପାଣି ମଡ଼ାଇ ପାରୁନାହାନ୍ତି। ବିଦ୍ୟୁତ୍ ସଂଯୋଗ ପାଇଁ ନିବେଦନ କଲେ ବିଭାଗୀୟ କର୍ମଚାରୀ ବକେୟା ଦେୟ ପ୍ରଦାନ କଲେ ବିଦ୍ୟୁତ୍ ସଂଯୋଗ କରିବାକୁ କହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲେ ସୁଦ୍ଧା ସେମାନଙ୍କ ପାଖକୁ ମାତ୍ରାଧିକ ପରିମାଣର ବିଲ୍ ଆସୁଥିବା ଅଭିଯୋଗ ହୋଇଛି। ଫଳରେ ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ହେବାରେ ଲାଗିଛି ବୋଲି ଚାଷୀମାନେ କହିଛନ୍ତି।

ଚାଷୀ ଗରୁଡ଼ଧ୍ୱଜ ଭୋସାଗର କହିଛନ୍ତି, ଉଠାଜଳସେଚନ ପ୍ରକଳ୍ପରେ ଆମେ ଚାଷ କରିଥାଉ। କିନ୍ତୁ ବକେୟା ବିଦ୍ୟୁତ୍ ଦେୟ ଦାବିକରି ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ଫଳରେ ଫସଲ ନଷ୍ଟ ହେଉଛି। ଆମ କଥା କେହି ଶୁଣୁ ନାହାନ୍ତି। ସେଥିପାଇଁ ଜିଲାପାଳଙ୍କୁ ଗୁହାରୀ କରିବାକୁ ଆସିଛୁ ବୋଲି ସେ କହିଥିଲେ। ଲିମଛୋଡ଼ ଗ୍ରାମର ଅରୁଣ ପୋଢ଼ କହିଥିଲେ, ଆମେ ଯେତେ ବିଦ୍ୟୁତ୍ ବ୍ୟବହାର କରୁନାହୁଁ, ତାହାଠାରୁ ବହୁ ଅଧିକ ବିଲ୍ ଆସୁଛି। ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ମଚାରୀ ଶୁଣୁ ନାହାନ୍ତି ଏବଂ ବକେୟା ଦେୟ ପ୍ରଦାନ ନ କଲେ ବିଦ୍ୟୁତ ସଂଯୋଗ କରିବେ ନାହିଁ ବୋଲି କହୁଛନ୍ତି। ଏଭଳି ହେଲେ ସବୁ ଫସଲ ଉଜୁଡ଼ିଯିବ ବୋଲି ସେ କହିଛନ୍ତି।

### ଗଙ୍ଗାଧରଙ୍କ କାବ୍ୟକୃତି ପ୍ରେରଣାଦାୟୀ

**ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରେନ୍‌ବୋ ପବ୍ଲିକ ସ୍କୁଲରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରସରାସ୍ଥିତ ମିଳିତ ଗ୍ରାମପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଭାବ କବିଙ୍କ ସାହିତ୍ୟରେ ରହିଥିବା ଈଶ୍ୱର ବିଶ୍ୱାସ, ପ୍ରକୃତି ଚିତ୍ରଣ, କର୍ମଯୋଗ ଉପରେ ଆଲୋକପାତ କରିଥିଲେ। କବି ଗଙ୍ଗାଧରଙ୍କ ଜୀବନ ତଥା ତାଙ୍କ କାବ୍ୟକୃତିରୁ କିଛି ପ୍ରେରଣାଦାୟୀ ଘଟଣା ଉପସ୍ଥାପନ କରି ଛାତ୍ରୀଛାତ୍ରଙ୍କୁ ସେଥିରୁ ଶିକ୍ଷାଲାଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ବାରିକ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଲୋକ ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ମେହେର ସ୍ୱଭାବ କବିଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦିକା ଚନ୍ଦନା ରଥ ଗଙ୍ଗାଧର ସାହିତ୍ୟରେ ନାରୀ ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଦିଶାନ୍ତ ପାଢ଼ୀ ଓ ଗୌତମ ପଣ୍ଡା ପ୍ରକୃତି କବି ଗଙ୍ଗାଧରଙ୍କ ରଚିତ କବିତା ଗାନ କରିଥିଲେ। ଛାତ୍ରୀ ତୁଳସୀ ରାଉତ ଗଙ୍ଗାଧର ସାହିତ୍ୟରେ ଭକ୍ତି ଭାବନା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଚରିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଫୁଟବଲ: କେଶ୍ରିପାଲି ଚାମ୍ପିୟନ

**ଭେଡ଼େନ,୪।୯(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ହାଇସ୍କୁଲ ପଡ଼ିଆରେ ମା' ବାଉତି ସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ କେଶ୍ରିପାଲି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଫଳାଫଳ ଅମୀମାଂସିତ ହେବାରୁ ଟାଇବ୍ରେକର ଜରିଆରେ କଦଳୀପାଲି ଦଳକୁ ୩-୨ ଗୋଲରେ ହରାଇ କେଶ୍ରିପାଲି ଦଳ ଚାମ୍ପିୟନ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ଯଥାକ୍ରମେ ଟିହିକିପାଲି ଦଳ ଓ କେଉଁଟିପାଲି ଦଳକୁ ପରାସ୍ତ କରି କଦଳୀପାଲି ଏବଂ କେଶ୍ରିପାଲି ଦଳ ଫାଇନାଲକୁ ପ୍ରବେଶ କରିଥିଲେ। ନୀଳରଞ୍ଜନ ପଣ୍ଡା, ଜୟକୁମାର ଭୋଇ, ମିଥୁନ କାଣ୍ଡ ଖେଳଗୁଡ଼ିକୁ ପରିଚାଳନା କରିଥିଲେ। ମା' ବାଉତି ସ୍ପୋର୍ଟିଂର ସଦସ୍ୟମାନେ ସହଯୋଗ କରିଥିଲେ ।

## ପାଇକମାଳରେ ବ୍ଲକସ୍ତରୀୟ ଜିଜ୍ଞାସା ଟ୍ରେନିଂ



ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**ପାଇକମାଳ,୪।୯(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ଏବଂ ଝାରବନ୍ଧ ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଶିବିର ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଧୀରଜ କୁମାର ପଟ୍ଟନାୟକ, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡାମଣି ବାରିକ, ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ ଶୋଭମ ପତି ଯୋଗ ଦେଇଥିଲେ। ଟିକେଶ୍ୱର ପ୍ରସାଦ ପଟେଲ ଏବଂ କୃଷ୍ଣଚନ୍ଦ୍ର ହୋତା ରିସୋର୍ସ ପର୍ସନ ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସ୍ତରରେ କିପରି ପିଲାମାନଙ୍କ ବିଜ୍ଞାନ ପ୍ରତି ଆଗ୍ରହ, ସୃଜନଶୀଳତା ବୃଦ୍ଧିପାଇବ ତାହା ଉପରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଇକମାଳ ବ୍ଲକରୁ ୨୬ ଓ ଝାରବନ୍ଧ ବ୍ଲକରୁ ୧୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ।

## ରେମଣ୍ଡାରେ କଂଗ୍ରେସର ସାଙ୍ଗଠନିକ ବୈଠକ

**ଭେଡ଼େନ,୪।୯(ସୁଦନ ମହାକୁର)**

ବରଗଡ଼ ଜିଲା ଭେନେନ ବ୍ଲକ ଅନ୍ତର୍ଗତ ରେମଣ୍ଡା ପଞ୍ଚାୟତରେ ସଞ୍ଜୟ ନନ୍ଦଙ୍କ ଆହ୍ୱାନକ୍ରମେ କଂଗ୍ରେସର ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଜାପାନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ କଂଗ୍ରେସ ସଭାପତି ତଥା ପସିସି ସଭ୍ୟ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ବୁଥ୍‌ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଶାସକ ବିଜେଡି ଏବଂ ଭାଜପାର ଚାଷୀମାରଣ ନୀତି, ବିଭିନ୍ନ ଉନ୍ନୟନ କାମରେ ପିସି କାରବାର, ଅତ୍ୟାଚାରର ସୀମା ଲଂଘନ ବିଷୟରେ ସ୍ୱର ଉତ୍ତୋଳନ କରାଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ମାଧବ ସାହୁ, ଦୋଳଗୋବିନ୍ଦ ବେହେରା, ଗୋବିନ୍ଦ ସାହୁ, ପ୍ରଦୀପ ମହାପାତ୍ର, ରାମକୃଷ୍ଣ ବାରିକ, ତାରାଚାନ୍ଦ ସାଥୁଆ, ଶରତ ସରାଫ, ସଞ୍ଜୟ ସାହୁ, ଭୀମ ଭୋଇ, ସହଦେବ ମେହେର, ଅଶୋକ କର, ଚମାର ମେହେର, ଅନନ୍ତ ପାତ୍ର ପ୍ରମୁଖ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହେବାକୁ ପରାମର୍ଶ

**ବାନ୍ଧୁପାଲି ଗାଁରେ ଉପଜିଲାପାଳ**

**ପଦ୍ମପୁର,୪।୯(ପ୍ରଦୀପ୍ତ ଦାଶ)**

ଗତ କିଛିଦିନ ହେଲା ଜଣେ ମହିଳାଙ୍କ ଦେହରେ ଦୈବୀଶକ୍ତି ଆବିର୍ଭାବ ହୋଇଥିବା ପ୍ରଚାରକୁ ନେଇ ବରଗଡ଼ ଜିଲା ପଦ୍ମପୁର ବ୍ଲକ ବାନ୍ଧୁପାଲି ଗାଁରେ ପ୍ରବଳ ଜନସମାଗମ ହେଉଥିଲା। ଫଳରେ ପଦ୍ମପୁର-ଗାଇସିଲେଟ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଭିଡ଼ ଅସମ୍ଭାଳ ହେବାରୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ତେବେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ସୋମବାର ଉକ୍ତ ଗାଁକୁ ଆସି ସ୍ଥିତି ପରଖିଥିଲେ। ସେ ଲୋକଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ରୋଗରୁ ମୁକ୍ତି ପାଇଁ କୌଣସି ଭୁଲ ବିଶ୍ୱାସର ବଶବର୍ତ୍ତୀ ନ ହୋଇ ବିଜ୍ଞାନସମ୍ମତ ଚିକିତ୍ସା ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଉପଜିଲାପାଳ ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ସହ ଆଲୋଚନା କରି ସେସବୁ ବନ୍ଦ କରିବାକୁ ତାଗିଦ କରିଥିଲେ। ଗାଁରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି କୁମ୍ଭାର କହିଛନ୍ତି ।

## ସ୍ୱାସ୍ଥ୍ୟସେବା ଶିବିର, ୬୩୪ ଚିକିତ୍ସିତ



ମୁରଲୀକ୍ରୀଷ୍ଣା ଫାଉଣ୍ଡେଶନ ଅଧ୍ୟକ୍ଷ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

**ଭେଡ଼େନ,୪।୯(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ମହୁଲପାଲି ୟୁଜିୟୁପି ସ୍କୁଲ ପରିସରରେ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ସମ୍ବଲପୁର, ଭବ୍ୟଶ୍ରୀ ପ୍ରାଇଭେଟ ଲିମିଟେଡ କେଶ୍ରିପାଲି ଏବଂ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ବରଗଡ଼ର ମିଳିତ ଆନୁକୂଲ୍ୟରେ ରବିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ଜରୀ, ଦାନ୍ତ, ଭେଷଜ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି ଏବଂ ଚକ୍ଷୁ ବିଭାଗରେ ୬୩୪ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଏଥିସହ ରକ୍ତ, ଚକ୍ଷୁ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିକାଶ ହସ୍ପିଟାଲର ଫାଉଣ୍ଡର ଡ଼ି. ମୁରଲୀକ୍ରୀଷ୍ଣା ମୁଖ୍ୟ ଅତିଥି ଏବଂ ଭି. ଭି ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦନ୍ତରୋଗ ବିଭାଗରେ ଡ଼ା. ପ୍ରିୟଙ୍କିତା କର, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡ଼ା. ବିସ୍ମୟ କୁମାର ଷଡ଼ଙ୍ଗୀ, ମେଡ଼ିଶିନରେ ଡ଼ା. ଭେଷଜ ରତ୍ନ ମାଝୀ, ସର୍ଜରୀରେ ଡ଼ା ଶ୍ରୀବତ୍ସ କୁମାର ମହାପାତ୍ର, ଅସ୍ଥିଶଲ୍ୟରେ ଡ଼ା. ଶିବାଶିଷ ପାଣିଗ୍ରାହୀ ପ୍ରମୁଖ ରୋଗୀ ଚିକିତ୍ସା କରିଥିଲେ। ସେହିପରି ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯିବା ସହ ୩୮ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବିଜନ କୁମାର କର୍ମୀ ଶିବିର ପରିଚାଳନା କରିଥିଲେ। ସେହିପରି ମାହେଶ୍ୱରୀ ସେନା, କୋଶଳ ସେନା, ବଜରଙ୍ଗ ଦଳର ସଦସ୍ୟମାନେ ସହଯୋଗ କରିଥିଲେ ।

## ୯୨ ଅଭିଯୋଗ ପଞ୍ଜୀକୃତ

**ବରପାଲିରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି**

**ବରପାଲି,୪।୯(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବରପାଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୯୨ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଏହି ଅଭିଯୋଗ ଗୁଡିକ ମଧ୍ୟରେ ଅଧିକାଂଶ ବିଜୁ ପକ୍କା ଘର ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ଥିଲା। ଜିଲାପାଳ ମୋନିଷା ବାନାର୍ଜୀ ସମସ୍ତ ଅଭିଯୋଗ ଗ୍ରହଣ କରି ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବାନାର୍ଜୀ, ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା, ପିଡି ଆଦିତ୍ୟ ଗୋୟଲ, ତହସିଲଦାର ରକ୍ମଣ ମେହେର, ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ, ବ୍ଲକ ଅଧକ୍ଷା ରୀନା ଥଇତଙ୍କ ସମେତ ଜିଲାସ୍ତରୀୟ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ଜନ ଅଭିଯୋଗ ଶୁଣାଣିରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟମାନେ।

## ଲୋକସଂସ୍କୃତି ଲୋକଜୀବନର ଅବିଚ୍ଛେଦ୍ୟ ଅଙ୍ଗ

**ଲରମ୍ଭା କଲେଜରେ ଜାତୀୟ ସମ୍ମାନ**

**ସରଣ୍ଡା,୪।୯(ଯୁଧିଷ୍ଠିର ମହାପାତ୍ର)**



ଜାତୀୟ ସମ୍ମାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରଗଡ ଜିଲା ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟରେ 'ଓଡିଆ ଲୋକସାହିତ୍ୟ' ବିଷୟକୁ ନେଇ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ସଭାପତିତ୍ୱରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟଅତିଥି, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ଓଡିଆ ସହକାରୀ ପ୍ରାଧ୍ୟାପକ ଡ. ଶରତ କୁମାର ଜେନା, କୋହ୍ଲଣ ବିଶ୍ୱବିଦ୍ୟାଳୟ ଚାଇଁବସାର ଓଡିଆ ବିଭାଗ ମୁଖ୍ୟ ଡ. ହରିହର ପ୍ରଧାନ, ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ଡ. ରଘୁନାଥ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗର ମୁଖ୍ୟ ଡ. ଶାନ୍ତିଲତା ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ଅଜିତ କୁମାର ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ମାନର ଦ୍ୱିତୀୟ ଅଧିବେଶନରେ ଡ. ରଘୁନାଥ ମେହେରଙ୍କ ସଭାପତିତ୍ୱରେ ଓଡିଆ ଲୋକସାହିତ୍ୟର ବିଭିନ୍ନ ଦିଗ ଉପରେ ଭିତ୍ତି ପ୍ରବନ୍ଧ ପାଠ କରାଯାଇଥିଲା। ଏଥିରେ ବିଭିନ୍ନ କଲେଜରୁ ଆସିଥିବା ଅଧ୍ୟାପିକା ଅଧ୍ୟାପକ, ଗବେଷକମାନେ ନିଜ ପ୍ରବନ୍ଧ ପାଠ କରିଥିଲେ। ଆଲୋଚକମାନେ ଲୋକସଂସ୍କୃତି କିପରି ଲୋକଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଓ ଲୋକ ଜୀବନରେ ଏହାର ଆଭିମୁଖ୍ୟ କ'ଣ ତାହା ଉପରେ ମତ ରଖିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅଧ୍ୟାପିକା ସଂଘମିତ୍ରା ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଡ. ରଞ୍ଜିତ ପଧାନ, ଅଧ୍ୟାପିକା ଯଶୋବନ୍ତୀ ସା, ଅଧ୍ୟାପକ ବୃଜରାଜ ମେହେରଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।




## ଆଜି କ'ଣ କେଉଁଠି

ରାଉରକେଲା
- ସିଆଇଟିୟୁ କାର୍ଯ୍ୟକାରିଣୀର ତୃତୀୟ ଦିବସ, ରାଧିକା ରିଜେନ୍ସି, ପୂର୍ବାହ୍ଣ ସାଢେ ୧୦ଟା ।
- ମାନବିକତା ପରିବାର ପକ୍ଷରୁ ଗୁରୁଦିବସ ପାଳନ, ଭଞ୍ଜ ଭବନ ପ୍ରେକ୍ଷାଳୟ, ପୂର୍ବାହ୍ଣ ୧୦ଟା।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ରାଉରକେଲା,୪।୯(ଦିନେଶ ମିଶ୍ର):** ଲାଠିକଟା ଥାନା ଅନ୍ତର୍ଗତ ଲୋଦର ଗ୍ରାମରେ ଜଣେ ଯୁବକଙ୍କୁ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଶୁକ୍ରା ତନ୍ତୀ(୩୪)। ଶୁକ୍ରା ରବିବାର ରାତିରେ ଖାଇ ସାରିବା ପରେ ଘର ବାରଣ୍ଡାରେ ଖଟିଆରେ ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ତାଙ୍କ ବାମଗୋଡକୁ କାମୁଡି ଦେଇଥିଲା। ଫଳରେ ତାଙ୍କ ବାମଗୋଡ ଫୁଲି ଦେହହାତ ଘୋଳାବିନ୍ଧା ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଲାଠିକଟା ଡାକ୍ତରଖାନା ଏବଂ ପରେ ଆର୍‌ଜିଏଚକୁ ସ୍ଥାନାନ୍ତର କରାଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା,୪।୯(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ପୋଲିସ ବନ୍ଧମୁଣ୍ଡା ରୋଡ୍ ଫଟାପାଇପ ଅଞ୍ଚଳରୁ ରବିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କଠାରୁ ୨୧ କେଜି୬୨୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଆଚାର୍ଯ୍ୟ ହରିହର ସ୍କୁଲ ନିକଟରେ ରହୁଥିବା ନାରାୟଣ ବେହେରା(୨୭)। ସୋମବାର ଏ ନେଇ ପୋଲିସ ଏକ ମାମଲା (ନଂ.୩୦୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଯୁବକଙ୍କୁ ଛୁରାମାଡ଼, ୨ ଗିରଫ

**ରାଉରକେଲା,୪।୯(ସଙ୍ଗୀତା ଜେନା):** ଅଗଷ୍ଟ ୨୮ ତାରିଖରେ ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ରହୁଥିବା ଅର୍ଜୁନ ବାରିକ ଓ ବିର୍ସା ଓରାମଙ୍କୁ ୫ଜଣ ଯୁବକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ସମ୍ପୃକ୍ତ ଅଭିଯୋଗ ହେବା ପରେ ପୋଲିସ ସୋମବାର ଗୋପବନ୍ଧୁପାଲ୍ଲୀ ଅଞ୍ଚଳରୁ ୨ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶାଳ ମଣ୍ଡଳ ଓ ରୋହିତ ମଣ୍ଡଳ। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୩।୨୩) ରୁଜୁ କରିଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚାଲିଛି।

# ବର୍ଜ୍ୟଜଳ ପ୍ରକ୍ରିୟାକରଣ କେନ୍ଦ୍ର ପାଇଁ ଜମି ବାଧକ

ରାଉରକେଲା,୪।୯(ବିପ୍ଳବ ରଞ୍ଜନ ଦାଶ)


ଅନୁପ କୁମାର ମଲିକ



ଡ. ଶୁଭଙ୍କର ମହାପାତ୍ର

ରାଉରକେଲାର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ, ଶଙ୍ଖ ଏବଂ କୋଏଲ ନଦୀ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ଆବଶ୍ୟକ ବର୍ଜ୍ୟଜଳ ଉପଚାର ପ୍ରକ୍ରିୟାକରଣ କେନ୍ଦ୍ର (ଇଟିପି) ସ୍ଥାପନ ହୋଇ ନ ପାରିବାରୁ ସହରର ଡ୍ରେନ ପାଣି ସିଧାସଳଖ ନଦୀରେ ମିଶି ପ୍ରଦୂଷିତ ହେଉଛି। ଅନ୍ୟପକ୍ଷେ ଏଥିପାଇଁ ଆବଶ୍ୟକ ଜମି ମିଳୁ ନ ଥିବାରୁ ଏହି ପ୍ଲାଣ୍ଟ ସ୍ଥାପନ ହୋଇପାରୁନାହିଁ ବୋଲି ରାଉରକେଲା ପ୍ରଦୂଷଣ ବିଭାଗ କହିଛି।

ବିଭାଗୀୟ ସୂଚନା ଅନୁସାରେ, ବର୍ତ୍ତମାନ ରାଉରକେଲା ସହରର ବର୍ଜ୍ୟଜଳ ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ ନଦୀରେ ମିଶୁଛି। ନଦୀମାନଙ୍କୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ଆବଶ୍ୟକ ଜମି ଅଭାବରୁ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ପ୍ରାୟ ୨ମାସ ତଳେ ରାଜ୍ୟ ପ୍ରଦୂଷଣ ବିଭାଗର ବରିଷ୍ଠ ଅଧିକାରୀମାନେ ରାଉରକେଲା ଆସି ଉକ୍ତ ୩ ନଦୀ କିଭଳି ପ୍ରଦୂଷଣ ମୁକ୍ତ ହେବ ସେ ନେଇ ନୂଆ ଟେକ୍ନୋଲୋଜି ଜରିଆରେ ଇଟିପି ପଏଣ୍ଟ ଗୁଡିକୁ ଅପ୍‌ଡେଟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଖୁବଶୀଘ୍ର ଆର୍‌ଏସ୍‌ପି ଟାଉନଶିପ୍ ଓ କୋଏଲନଗର ଅଞ୍ଚଳରେ ଏକ ବୃହତ ୱାଟର ଟ୍ରିଟମେଣ୍ଟ କେନ୍ଦ୍ର ସ୍ଥାପନ ହେବ। ଏଥିପାଇଁ ବ୍ୟୟବରାଦ ହୋଇସାରିଛି। ୧୦ମାସ ତଳେ ଏ ନେଇ ରାଉରକେଲା ପ୍ରଦୂଷଣ ବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ମାତ୍ର ଆବଶ୍ୟକ ଜମି ଯୋଗାଡ ହୋଇ ନ ପାରିବାରୁ ଏହି ପ୍ରକଳ୍ପ କାର୍ଯ୍ୟ ଅଟକି ରହିଛି। ଉକ୍ତ ପ୍ରକଳ୍ପ ହେଲେ କୋଏଲ ନଗର ଅଞ୍ଚଳର ବର୍ଜ୍ୟଜଳ ଟ୍ରିଟ୍‌ମେଣ୍ଟ ହୋଇ କୋଏଲ ନଦୀରେ ମିଶିବ।

ଅନ୍ୟପକ୍ଷେ ସହରାଞ୍ଚଳରେ ଗୋଟିଏ ମାତ୍ର କମନ ଇଫ୍ଲୁଲେଣ୍ଟ ଡ୍ରେନେଜ ସିଷ୍ଟମ ଥିବାବେଳେ ଏହି ସିଷ୍ଟମ ବଡ ଆକାରରେ କରାଯିବାର ଯୋଜନା ଚାଲିଛି। ସହରର ସମସ୍ତ ହୋଟେଲ ବର୍ଜ୍ୟଜଳ କମନ ସିଭରେଜରେ ଯୋଡିବାକୁ ବିଭାଗ ତରଫରୁ ଯୋଜନା ଚାଲିଛି। ଖୁବ୍‌ଶୀଘ୍ର ଜମି ସମସ୍ୟା ସମାଧାନ ହେବା ପରେ ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯିବ। ଏହାସହ

### ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ ନଦୀ ପ୍ରଦୂଷିତ

ବାୟୋ ମେଡ୍ରିକାଲ କେମିକାଲଯୁକ୍ତ ପାଣି ମଧ୍ୟ ଟ୍ରିଟମେଣ୍ଟ କରିବା ପାଇଁ ଜମି ଚିହ୍ନଟ କରାଯାଉଛି। ଏଥିପାଇଁ ସମସ୍ତଙ୍କ ସହଯୋଗ ସହ ଜନସଚେନତା ଜରୁରୀ ବୋଲି ରାଉରକେଲା ପ୍ରଦୂଷଣ ବିଭାଗ ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲିକ ମତ ଦେଇଛନ୍ତି। ସେହିପରି ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ର କହିଛନ୍ତି, ସହରାଞ୍ଚଳ ବର୍ଜ୍ୟଜଳ ଟ୍ରିଟ ହୋଇ ସ୍ୱରେଜ ସିଷ୍ଟମ ମାଧ୍ୟମରେ ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ନଦୀକୁ ଯାଉଛି। ଆର୍‌ଏସ୍‌ପି ମଧ୍ୟ ବର୍ଜ୍ୟଜଳ ଟ୍ରିଟ୍ କରି ନଦୀକୁ ଛାଡୁଛି। ଅନ୍ୟପଟେ କୌଣସି ହୋଟେଲ ବା ହସ୍ପିଟାଲ ବାୟୋ ମେଡ୍ରିକାଲ କେମିକାଲ ପାଣି ଡ୍ରେନରେ ଛାଡୁଥିବା ନେଇ ଆମ ପାଖରେ ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ଚଳିତ ବର୍ଷ ପାର୍ବଣରେ ନଦୀଗୁଡିକ ପ୍ରଦୂଷଣ ମୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ମହାପାତ୍ର କହିଥିଲେ।

# ଓକିଲ ସଂଘର କଳାବ୍ୟାଜ୍ ଧାରଣ



ଆଇନଜୀବୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି। (ଫଟୋ: ବିବେକ)

ରାଉରକେଲା,୪।୯(ବିପ୍ଳବ ରଞ୍ଜନ ଦାଶ)

### ଗାଜିଆବାଦ, ହାପୁର ଘଟଣାକୁ ନିନ୍ଦା

ଉତରପ୍ରଦେଶର ଗାଜିଆବାଦରେ ହୋଇଥିବା ହତ୍ୟାକାଣ୍ଡ ଏବଂ ହାପୁରରେ ଓକିଲ ଓ ପୋଲିସ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣା ପରେ ଓକିଲଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ନିନ୍ଦା କରି ସୋମବାର ରାଉରକେଲା ଓକିଲ ସଂଘ କଳାବ୍ୟାଜ ଧାରଣ କରି ପ୍ରତିବାଦ କରିଛି। ସଂଘ କାର୍ଯ୍ୟାଳୟଠାରେ ସଂଘର ସଦସ୍ୟ ଜନ୍ ଏକ୍କାଙ୍କ ମୃତ୍ୟୁକୁ ନେଇ ଶୋକସଭା ପାଳନ କରାଯାଇଥିଲା। ଏ ନେଇ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଆସୋସିଏଶନ ପକ୍ଷରୁ ସୋମବାରଠାରୁ ରାଜ୍ୟର ଓକିଲ ସଂଘଗୁଡିକ ବିଭିନ୍ନ ସ୍ଥାନରେ କଳାବ୍ୟାଜ ଧାରଣ କରି ପ୍ରତିବାଦ କରିଛନ୍ତି। ଆସନ୍ତା ଗୁରୁବାର ଏହି ପରିପ୍ରେକ୍ଷୀରେ ଏକ ସମୀକ୍ଷା ବୈଠକ ଆୟୋଜିତ ହେବ। ଏଥିରେ ଓକିଲ ସୁରକ୍ଷା ଅଧିନିୟମ ପ୍ରସ୍ତୁତ ହେବା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି। ଓକିଲ ସଂଘ ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ କଳାବ୍ୟାଜ ଧାରଣ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।



ବିକ୍ଷୋଭସ୍ଥଳରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଉପସ୍ଥିତ। (ଫଟୋ: ବିବେକ)

# ବିକ୍ଷୋଭକାରୀଙ୍କୁ ଭେଟିଲେ ଜୁଏଲ ଓରାମ

ରାଉରକେଲା,୪।୯(ସଙ୍ଗୀତା ଜେନା)

### ଉତ୍କଳମଣି ହୋମିଓପ୍ୟାଥି ମେଡିକାଲ କଲେଜ

ରାଜ୍ୟର ହୋମିଓପ୍ୟାଥି କଲେଜ ଛାତ୍ରୀଛାତ୍ର ବିଭିନ୍ନ ଦାବି ନେଇ କଲେଜରେ ତାଲା ପକାଇ ଗତ ଗୁରୁବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଡି କ୍ରମରେ ରାଉରକେଲା ସେକ୍ଟର-୨୧ ଉତ୍କଳମଣି ହୋମିଓପ୍ୟାଥି ମେଡିକାଲ କଲେଜର ଛାତ୍ରୀଛାତ୍ର କଲେଜ କକ୍ଷଗୁଡ଼ିରେ ତାଲା ପକାଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହାମଧ୍ୟରେ ୫ ଦିନ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ହୋଇପାରିନାହିଁ। ସୋମବାର ଅପରାହ୍ଣରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ବିକ୍ଷୋଭକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ସମସ୍ତ ସମସ୍ୟା ଅବଗତ ହୋଇସାରିବା ପରେ ଓରାମ କହିଥିଲେ, ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଉତ୍କଳମଣି କଲେଜର ୧୪ ଜଣିଆ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀ ଯାଇ ସେଠାରେ ଆୟୁଷ ବିଭାଗ ମନ୍ତ୍ରୀଙ୍କୁ ଭେଟି ଏହାର ସମାଧାନ କରିବା ଉଚିତ। ତେବେ ସେ ନିଜ ଖର୍ଚ୍ଚରେ ଉକ୍ତ ପ୍ରତିନିଧି ଦଳକୁ ଦିଲ୍ଲୀ ନେଇ ମନ୍ତ୍ରୀଙ୍କୁ ଭେଟ କରାଇବା ସହ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି ଓରାମ କହିଛନ୍ତି। ସେହିପରି ଆୟୁଷ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାଜପା ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ନିହାର ରାୟ, ଅଙ୍କୁଶ ବର୍ମା, କେଦାର ପ୍ରିୟଦର୍ଶୀ, ପ୍ରବାଳ ରଞ୍ଜନ ବାରିକ, ବିନ୍ଦର ସିଂହ, ସେକ୍ଟର-୨୧ ୱାର୍ଡ ନମ୍ବର ୩୧ ଭାଜପା ମଣ୍ଡଳର ଯଦୁମଣି ପାତ୍ର, ନୀଳକଣ୍ଠ ପରିଡ଼ା, ସତ୍ୟନାରାୟଣ ସେଠ, ସୌରଭ ଆଚାର୍ଯ୍ୟ, ତାପସ ପରିଡ଼ା, ସନଥ ମିଶ୍ର, ସୋନୁ ସିଂ, ଭୁଗୋଳ ପାତ୍ର, ତାପସ ପରିଡ଼ା, ପ୍ରକାଶ ଥାପାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟର ୧୦୭ ବ୍ଲକରେ ସରକାରୀ ହୋମିଓପ୍ୟାଥି ଚିକିତ୍ସାଳୟ ଓ ୧୧୪ଟି ବ୍ଲକରେ କୌଣସି ଆୟୁର୍ବେଦିକ ଚିକିତ୍ସାଳୟ ନାହିଁ। ବିଗତ ୨୧ ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାରୀ ଆୟୁଷ ଚିକିତ୍ସାଳୟ ଖୋଲାଯାଇନାହିଁ। ଆୟୁଷ ଡାକ୍ତର ପଦବୀ ସୃଷ୍ଟି କରାଯାଉନାହିଁ। ଚଳିତ ବର୍ଷ ଅନ୍ୟୂନ ୫ଶହ ସରକାରୀ ହୋମିଓପ୍ୟାଥି ଓ ୫ଶହ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବା ସହ ପ୍ରତିବର୍ଷ ଶହେ ହୋମିଓପ୍ୟାଥି ଚିକିତ୍ସାଳୟ ଓ ଶହେ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବାକୁ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏ ଦିଗରେ ସରକାରୀ ଉଦାସୀନତା ବିରୋଧରେ ରାଜ୍ୟର ୩ଟି ଆୟୁର୍ବେଦିକ ଓ ୪ଟି ହୋମିଓପାଥିକ କଲେଜର ଛାତ୍ରୀଛାତ୍ର ଅଗଷ୍ଟ ୧୮ରେ ରାଜ୍ୟ ଆୟୁଷ ବିଭାଗକୁ ଅବଗତ କରାଇଥିଲେ। ତେବେ କୌଣସି ସୁଫଳ ନ ମିଳିବାର ସେମାନେ ଅଗଷ୍ଟ ୨୫ ତାରିଖରୁ କଳାବ୍ୟାଜ ପରିଧାନ ସହ ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି।

# ୟୁଜିଆଇଇର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି

ରାଉରକେଲା,୪।୯(ସଙ୍ଗୀତା ଜେନା)

ରାଉରକେଲା ଉତ୍କଳମଣି ଗୋପବନ୍ଧୁ ଇଞ୍ଜିନିୟରିଂ କଲେଜ (ୟୁଜିଆଇଇ) ଆନୁକୂଲ୍ୟରେ ହୀରକ ଜୟନ୍ତୀ ଉତ୍ସବ ପାଳନ ହେବାକୁ ଯାଉଛି। ଏ ନେଇ ରବିବାର ପ୍ରାକ୍ତନ ଛାତ୍ରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଗତି ଦାସଙ୍କ ଅଧ୍ୟକ୍ଷତାରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ତଥା ପ୍ରାକ୍ତନ ଛାତ୍ରମାନେ ଯୋଗ ଦେଇଥିଲେ। ରାଉରକେଲା ବିଧାୟକ ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ଏମ୍‌ପି ଜୁଏଲ ଓରାମ ଓ ବିଶେଶ୍ୱର ଟୁଡୁଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରାଯାଇଥିଲା। ଶୁଭେନ୍ଦୁ ପଣ୍ଡାଙ୍କ ପରିଚାଳନା ଓ ପ୍ରଦୀପ ଜେନାଙ୍କ ସହଯୋଗରେ ସଭାକାର୍ଯ୍ୟ ସମ୍ପାଦନ ହୋଇଥିଲା। ବିଶିଷ୍ଟ ଶିଳ୍ପପତି ଆଦିତ୍ୟ ମହାପାତ୍ର, ଯତୀନ ନାୟକ, ଶ୍ରମିକ ନେତା ପ୍ରଶାନ୍ତ ବେହେରା ମତାମତ ଦେଇଥିଲେ। ମେଜର ଚକ୍ରଧର ପରିଡ଼ା ଓ ଅଧ୍ୟକ୍ଷା ଦାସ ଛାତ୍ରମାନଙ୍କ ଭବିଷ୍ୟତ ପରିକଳ୍ପନା କରିଥିଲେ। ନଭେମ୍ବର ୨୬ ତାରିଖରେ ଏହି ହୀରକ ଜୟନ୍ତୀ ପାଳନ ହେବ। ଏଥିପାଇଁ ନଭେମ୍ବର ୧୦ ତାରିଖରେ ଏକ ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ପୂଜାରୀ, ଚିତ୍ତରଞ୍ଜନ ମିଶ୍ର, ତ୍ରୈଲୋଚନ ସାମଲ, ଗୋପାଳ ଦାସ, ନୀଳମଣି ମହାପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ଗୋବିନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୪।୯(ଦିନେଶ ମିଶ୍ର)

### ଆଭା ଅନ୍ୱେଷର ବାର୍ଷିକୋତ୍ସବ ପାଳିତ

ଶିକ୍ଷାର୍ଥୀ ଶିକ୍ଷକ ସାମାଜିକ କଲ୍ୟାଣ ସଙ୍ଗଠନ ଆଭା ଅନ୍ୱେଷର ଅଷ୍ଟମ ବାର୍ଷିକୋତ୍ସବ ଡେଲି ମାର୍କେଟ ସ୍ଥିତ ଟାଉନ ଉଚ୍ଚବିଦ୍ୟାଳୟରେ ସୋମବାର ପାଳିତ ହୋଇଛି। ଏଥିରେ ସଭାପତି ଆର୍ତ୍ତତ୍ରାଣ ଜେନା ଅଧ୍ୟକ୍ଷତା କରିଥିଲେ। ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ବିକାଶ ଓ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷା ଅଧିକାରୀ ରଶ୍ମିବାଳା ରାଉତରାୟ ଯୋଗଦେଇ ମଣିଷକୁ ମଣିଷ କରି ଗଢି ତୋଳିବା ଏକ ଜଟିଳ ପ୍ରକ୍ରିୟା। ଏଥିରେ ଶିକ୍ଷକଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବନ୍ଧମୁଣ୍ଡା ବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ସାମଲ, ପ୍ରଫୁଲ୍ଲ ଜେନା, ମୀନା କୁମାରୀ ଜେନା, ଟାଉନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଗଡନାୟକ, ଗାୟତ୍ରୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଶିକ୍ଷକ ଭାସ୍କର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁତ୍ରା ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ପତି ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବାସଚ୍ୟୁତଙ୍କ ହକ୍ ଦାବିରେ ଏଆର୍‌ଏମ୍ ଅଫିସ ଘେରାଉ



**ରାଉରକେଲା,୪।୯(ବିପ୍ଳବ ରଞ୍ଜନ ଦାଶ):** ବାସଚ୍ୟୁତଙ୍କୁ କ୍ଷତିପୂରଣ ଦାବି କରି ସୋମବାର ବନ୍ଧମୁଣ୍ଡା ରେଲୱେ ଏଆର୍‌ଏମ୍‌ଙ୍କ ଅଫିସ ଘେରାଉ କରାଯାଇଛି। ଏହି ସମୟରେ ବେଆଇନ ଭାବେ ବାସ ଓ ଜମିଚ୍ୟୁତ ହୋଇଥିବା ଗରିବମାନଙ୍କୁ କ୍ଷୟକ୍ଷତି ମୁତାବକ ଅର୍ଥରାଶି କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରିବାକୁ ଦାବି ହୋଇଥିଲା। ଏଥିସହିତ ଏଆରଏମଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଉପରେ ଖୁବଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଆରଏମ୍ ରାଜକିଶୋର ମହାନ୍ତି ନେତୃ ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ବିମଳ ବାନାର୍ଜୀ, ବଣ୍ଡି ଓରାମ, ମହେଶ୍ୱର ତନ୍ତୀ, କେ. ସି ମହତୋଙ୍କ ସମେତ ଶ୍ରଦ୍ଧାପାଲି, ନେପାଳି ବସ୍ତି ଓ ଆର୍‌ଏସ କଲୋନୀ ଆଦି ବସ୍ତିର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

# କମିଶନରଙ୍କୁ ଫେରାଦ ହେଲେ ବସ୍ତିବାସୀ

### ଗୋପବନ୍ଧୁପାଲ୍ଲୀ, ଇନ୍ଦିରା ନଗର ସମସ୍ୟା

ରାଉରକେଲା,୪।୯(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ଗୋପବନ୍ଧୁପାଲ୍ଲୀ, ଅମରନାଥ ବସ୍ତି ଓ ଇନ୍ଦିରାନଗରର ବିଭିନ୍ନ ସମସ୍ୟା ନେଇ ମହାନଗର ନିଗମ କମିଶନରଙ୍କୁ ବସ୍ତିବାସୀ ସୋମବାର ଫେରାଦ ହୋଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ସେମାନେ କମିଶନରଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅମରନାଥ ବସ୍ତିର ନାରାୟଣ ଗଳି, ଦିଲୀପ ଗଳି, ରଜାକ୍ ଗଳି ଅଞ୍ଚଳରେ ଆବଶ୍ୟକ ରାସ୍ତା ଓ ନାଳି ନିର୍ମାଣ କରାଯିବା ସହିତ ପୂର୍ବନିର୍ମିତ ନାଳି ଉପରେ କଭର ସ୍ଲାବ୍ ପକାଯାଇ ଲୋକଙ୍କ ଯାତାୟତ ଉପଯୋଗୀ କରିବାକୁ ସେମାନେ ଦାବି କରିଥିଲେ। ଗୋପବନ୍ଧୁପାଲ୍ଲୀର ମୋଚିପଡା, କାଜି ମହଲା ଓ ହନୁମାନ ମନ୍ଦିର ଗଳିରେ ନାଳି ସଫେଇ ଓ ଭାଙ୍ଗିରୁଜି ଯାଇଥିବା ନାଳିର ଆବଶ୍ୟକ ମରାମତି ପାଇଁ ପଦକ୍ଷେପ, ଟିମ୍ବର କଲୋନୀର ମଙ୍ଗଳା ମନ୍ଦିର ବସ୍ତିର ବିପର୍ଯ୍ୟସ୍ତ ରାସ୍ତା, ଇନ୍ଦିରା ନଗରର ରେଲୱେ ପାଚେରି ପାର୍ଶ୍ୱ ରାସ୍ତା ଓ ନାଳି ନିର୍ମାଣ ପାଇଁ ପଦକ୍ଷେପ ନେବା ସହିତ ଉପର ଇନ୍ଦିରା ନଗର ବସ୍ତିରେ ରାସ୍ତା, ନାଳି ନିର୍ମାଣ ଓ ବିପର୍ଯ୍ୟସ୍ତ ରାସ୍ତାର ମରାମତି ତଥା ଏସ୍‌ଆର୍‌ସି ଅଫିସ ପଛପାର୍ଶ୍ୱ ନାଳିର ସଫେଇ ପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ସେବାଦଳର ବୁଲୁ ଦାସ, ଶେକ ହୁସେନ, ରାଜୁ ପ୍ରସାଦ, ମୁନ୍ନା ଜୟସ୍ୱାଲ, ଏମ୍‌ଡି ଆଜାଦ, ବିବେକ ସାହୁ ପ୍ରମୁଖ ଆଲୋଚନା କରିଥିଲେ।


ଆର୍‌ଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# କେନ୍ଦ୍ର ସରକାରକୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ

### ସିଆଇଟିୟୁ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଘାଟିତ

ରାଉରକେଲା,୪।୯(ସଙ୍ଗୀତା ଜେନା)



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି। (ଫଟୋ: ବିବେକ)

ଟ୍ରେଡ୍ ୟୁନିୟନ୍ ସିଆଇଟିୟୁ ପକ୍ଷରୁ ସୋମବାର ହୋଟେଲ ରାଧିକା ରିଜେନ୍ସି ଠାରେ ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ଜାତୀୟ କାର୍ଯ୍ୟକାରିଣୀ ବୈଠକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ପ୍ରାରମ୍ଭରେ ସଙ୍ଗଠନର ଲାଲ ପତାକା ଉତ୍ତୋଳନ କରାଯାଇଥିଲା। ସଙ୍ଗଠନର ସର୍ବଭାରତୀୟ ସଭାନେତ୍ରୀ ଡ. କେ. ହେମଲତା ଏହାକୁ ଉତ୍ତୋଳନ କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ୧୨୭ ଜଣ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଆକର୍ଷଣ ଡ. ହେମଲତା ମୋଦି ସରକାରଙ୍କ ଶୋଷଣ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରକୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ ଦିଆଯାଇଥିଲା। ସିଆଇଟିୟୁର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତପନ୍ ସେନ୍ ରିପୋର୍ଟ ଉପସ୍ଥାପନ କରିବା ପରେ ବିଭିନ୍ନ ରାଜ୍ୟରୁ ଆସିଥିବା ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ କୋଷାଧ୍ୟକ୍ଷ ଏମ୍. ସାଇବାବୁ ଶୋକପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଏ. କେ. ପଦ୍ମନାଭନ, ବିଷ୍ଣୁ ମହାନ୍ତି, ଏ. ସୁନ୍ଦରରାଜନ୍, ଜେ. ମାର୍ଶିକୁଟି ଆମ୍ମା, ଆର୍. ଲକ୍ଷ୍ମିୟା, ସମ୍ପାଦକ ଏସ୍ ଦେବରାୟ, ଇଣାମରମ କରିମ୍, ପ୍ରଶାନ୍ତ ନନ୍ଦି ଚୌଧୁରୀ, ଜି. ସୁକୁମାରନ୍, ଡି. ଡି. ରାମାନନ୍ଦନ୍, ଏ. ଆର. ସିନ୍ଧୁ, ମୀନାକ୍ଷୀ ସୁନ୍ଦରମ୍, ଉଷାରାଣୀଙ୍କ ସମେତ ଶତାଧିକ ସଭ୍ୟ ସାମିଲ ହୋଇଥିଲେ। ଅଭ୍ୟର୍ଥନା କମିଟି ପକ୍ଷରୁ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରମୋଦ ସାମଲ, ସାଧାରଣ ସମ୍ପାଦକ ବିମାନ ମାଇତି, କୋଷାଧ୍ୟକ୍ଷ ଜାହାଙ୍ଗୀର ଅଲ୍ଲୀ, ଉପାଧ୍ୟକ୍ଷ ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାସ, ଯଯାତି କେଶରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୧୨ଗ୍ରାମ ବ୍ରାଉନସୁଗାର ଜବତ

**ସମ୍ବଲପୁର,୪।୯(ବି.ଶଙ୍କର):** ସମ୍ବଲପୁର ଜିଲା ଅବକାରୀ କାର୍ଯ୍ୟାଳୟର ସଦର ରେଞ୍ଜ ପକ୍ଷରୁ ସୋମବାର ସୁନାପାଲିରେ ଚଢ଼ାଉ କରାଯାଇ ୧୨ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏହି ଘଟଣାରେ ସୁନାପାଲିର ଏମ୍‌ଡି ସରଫରାଜ (୨୭)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଫାର୍ମରୋଡ୍‌ରୁ ବାଇକ୍ ଚୋରି

**ସମ୍ବଲପୁର,୪।୯(ବି.ଶଙ୍କର):** ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଫାର୍ମରୋଡ୍ ବିଗ୍‌ବଜାର ସାମ୍ନାରୁ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଟାଉନ ଥାନା ଅନ୍ତର୍ଗତ କୁମ୍ଭାରପଡାର ଅଖତର ଅଲ୍ଲୀ ନିଜ ଓଆର୍‌୧୫ଏନ୍‌-୪୫୮୮ ନମ୍ବର ବାଇକ୍ ନେଇ ବିଗ୍‌ବଜାରକୁ ଯାଇଥିଲେ। ବାହାରେ ସେ ବାଇକ୍‌ରେ ତାଲା ପକାଇ ଭିତରକୁ ପରିବାର ସହ ବଜାର କରିବାକୁ ଯାଇଥିଲେ। ବାହାରକୁ ଆସିବା ପରେ ତାଙ୍କ ବାଇକ୍‌ଟି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମେହେର ଜୟନ୍ତୀ

**ନାକଟିଦେଉଳ,୪।୯(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କବି ଗଙ୍ଗାଧରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ସ୍ୱଭାବ କବିଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବିଶ୍ୱ ଦେଖ ମଧୁମୟ ପ୍ରାରମ୍ଭିକ ସଂଗୀତ ଗାନ କରଥିଲେ। ଅଧ୍ୟାପିକା ସୁବାଷିନୀ ବେହେରା ଓ ଅଧ୍ୟାପକ ଶରତ କୁମାର ଶତପଥୀ କବି ଗଙ୍ଗାଧରଙ୍କ ରଚିତ କାବ୍ୟଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ପତିତ ମହାନନ୍ଦ ଅତିଥି ପରିଚୟ ଓ ଅଧ୍ୟାପକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଅସୁସ୍ଥ ବିଜେଡି ନେତାଙ୍କୁ ଭେଟିଲେ ପ୍ରସନ୍ନ ଆଚାର୍ଯ୍ୟ

**ରେଢାଖୋଲ,୪।୯(ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ବିଜେଡିର ବରିଷ୍ଠ ନେତା ଧନେଶ୍ୱର ଜେନା ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି। ତେବେ ସୋମବାର ପୂର୍ବତନ ସାଂସଦ ତଥା ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ରେଢାଖୋଲ ଆସି ଅସୁସ୍ଥ ଧନେଶ୍ୱରଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହିତ ତାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସାହାଯ୍ୟ କରିବାକୁ କହିଛନ୍ତି। ତାଙ୍କ ସହ ରେଢାଖୋଲ ଏନ୍‌ଏସିର ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଧର୍ମାନୁଷ୍ଠାନ ଉନ୍ନତୀକରଣ ପାଇଁ ଭୂମି ପୂଜନ

**ନାକଟିଦେଉଳ,୪।୯(ବୈକୁଣ୍ଠ ନାଥ ସାହୁ):** ରେଢାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ସୋମବାର ନାକଟିଦେଉଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ଧର୍ମାନୁଷ୍ଠାନର ଉନ୍ନତୀକରଣ ପାଇଁ ଭୂମି ପୂଜନ କରିଛନ୍ତି। ବିଧାୟକ ପୂଜାରୀ ପାଣିମୁରା, କିସିଣ୍ଡା, ଗୋଗୁଆ, ଡ଼ଇଁଚା ଓ ଘୋଷରାମାଳ ପଞ୍ଚାୟତରେ ଥିବା ୮ ମନ୍ଦିର, ଚର୍ଚ୍ଚର ଉନ୍ନତି ପାଇଁ ଭୂମିପୂଜା କରିବା ସହ ଗ୍ରାମବାସୀଙ୍କ ସହିତ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କିସିଣ୍ଡା ସରପଞ୍ଚ ରୀନା ନାଏକ, ପାଣିମୁରା ସରପଞ୍ଚ ଜଗନ୍ନାଥ ପ୍ରଧାନ, ଗୋଗୁଆ ସରପଞ୍ଚ ଧନେଶ୍ୱର ପ୍ରଧାନ, ଡ଼ଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ, ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ଉଗ୍ରେସନ ଦେହୁରି, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀଛାତ୍ର

## ଶିକ୍ଷକଙ୍କ ଡେପୁଟେସନ ଆଦେଶ ପ୍ରତ୍ୟାହାର ଦାବି


ବିଦ୍ୟାଳୟ ଗେଟ୍ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା।

**ନାକଟିଦେଉଳ,୪।୯(ବୈକୁଣ୍ଠ ନାଥ ସାହୁ)**

ଶିକ୍ଷକଙ୍କ ଡେପୁଟେଶନ ଆଦେଶ ପ୍ରତ୍ୟାହାର ଦାବିରେ ସୋମବାର ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଏହି ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୭୬ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପୂର୍ବରୁ ଏଠାରେ ୧୦ଜଣ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ୪ମାସ ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ଝୁଝୁମୁରା ବ୍ଲକ ଗିରିପାଲି ଉଚ୍ଚବିଦ୍ୟାଳୟକୁ ବଦଳି କରାଯାଇଛି। ସେହିପରି ଗତ ମାସରେ ଜଣେ ଶିକ୍ଷକଙ୍କୁ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର କମଳାନାଳୀ ବିଦ୍ୟାଳୟକୁ ଡ଼େପୁଟେସନରେ ପଠାଇ ଦିଆଯାଇଥିବା ବେଳେ ସେପ୍ଟେମ୍ବର ୧ରୁ ଆଉ ଜଣେ ଶିକ୍ଷକଙ୍କୁ କଦୋବାହାଲ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟକୁ ସପ୍ତାହକୁ ତିନିଦିନ ପାଇଁ ଡ଼େପୁଟେସନରେ ପଠାଇ ଦିଆ ଯାଇଛି। ଏପରି ସ୍ଥିତିରେ ମାତ୍ର ୭ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଠିକ ଭାବେ ଶିକ୍ଷାଦାନ କରିବା ସମ୍ଭବପର ହୋଇପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତ। ଡ଼େପୁଟେସନରେ ପଠାଯାଇଥିବା ଶିକ୍ଷକମାନଙ୍କୁ ଶୀଘ୍ର ଫେରାଇ ଆଣିବାକୁ ଦାବି କରି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ପ୍ରଶାସନଠାରେ ଅଭିଯୋଗ କରିଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସେମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଥିବା କହିଛନ୍ତି। ପୂର୍ବାହ୍ନ ୧୦ଟା ସମୟରେ ପରିଚାଳନା କମିଟି ସଭାପତି ରାହୁଲ କୁମାର ପ୍ରଧାନ, ସଦସ୍ୟ ଅମୀୟ କୁମାର ପ୍ରଧାନ, ଲୋକନାଥ ଦେହୁରି, ପ୍ରଫୁଲ୍ଲ ମାଝି, ଝରଣା ମାଝି, ସୀମା ଦେହୁରିଙ୍କ ସମେତ ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଖବର ପାଇ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଓ ଜାମୁଯୋରୀ ସିଆର୍‌ସିସି ପ୍ରଦୀପ କୁମାର ସେଠ ଅପରାହ୍ନ ୧ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟକୁ ଡ଼େପୁଟେସନରେ ପଠାଯାଇଥିବା ଶିକ୍ଷକଙ୍କୁ ଆସନ୍ତା ୧୫ଦିନ ମଧ୍ୟରେ ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଜଳବିଭାଜିକା ପକ୍ଷରୁ ଡ୍ରାଇଭିଂ ତାଲିମ ଉଦ୍‌ଘାଟିତ


ତାଲିମ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଯୁବକମାନେ।

**କୁଚିଣ୍ଡା,୪।୯(ବିରଞ୍ଚି ଦର୍ଶା)**

କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ଜଳବିଭାଜିକା ମିଶନ ପକ୍ଷରୁ ବେକାରୀ ଯୁବକଙ୍କୁ ନେଇ ୧୫ଦିନିଆ ଦ୍ୱିତୀୟ ପର୍ଯ୍ୟାୟ ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମ ଖଣ୍ଡୋକଟାଠାରେ ଉଦ୍‌ଘାଟିତ ହୋଇଯାଇଛି। ରିୱାର୍ଡ ଯୋଜନାରେ ୧୧ ଗୋଟି ଜଳବିଭାଜିକା କମିଟିର ମୋଟ ୫୫ଜଣ ବେକାର ଯୁବକଙ୍କୁ ତାଲିମ ପ୍ରଦାନ କରାଯିବ। ଭାରତ ସରକାରଙ୍କ ଦ୍ୱାରା ବେକାର ଯୁବକଙ୍କ ଦକ୍ଷତା ବିକାଶ ନିମନ୍ତେ ଏହି ଯୋଜନା ଜଳବିଭାଜିକା ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ପ୍ରଥମ ପର୍ଯ୍ୟାୟ ତାଲିମ ପିଏମ୍‌କେଏସ୍‌ୱାଇ ଯୋଜନାରେ ସଫଳତାର ସହ ଶେଷ ହୋଇଛି । ଦିତୀୟ ପର୍ଯ୍ୟାୟ ତାଲିମକୁ ରବିବାର କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ କାର୍ଯ୍ୟକାରୀ ଅଧିକାରୀ (ପିଆଇଏ) ମହେନ୍ଦ୍ର ପାଣ୍ଡେ ଉଦ୍‌ଘାଟନ କରିଛନ୍ତି। ରାମତିଲେଇମାଲ, କୁର୍ମିମୁଣ୍ଡା, ଭାଲୁବାହାଲ, ଅର୍ଜୁନ ବାଉରୀଗୋଡା, ଖଣ୍ଡୋକଟା, କିଣ୍ଡିରା, କୁଟୁରାଟୁଆଁ, କିରାଶାସନ, ପାରୁଆଭାଡି, ରୂପଧର ବାଉରୀଗୋଡା, ହାଡିପାଲି ଭଳି ଜଳବିଭାଜିକା କମିଟିର ବେକାର ଯୁବକ ତାଲିମ ଗ୍ରହଣ କରୁଛନ୍ତି ।

# ପାଚିକା ମହାସଂଘର ବିକ୍ଷୋଭ ସମାବେଶ

**ସମ୍ବଲପୁର,୪।୮(ଶୁଭାଶିଷ ପାଢ଼ୀ)**

ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ମହାସଂଘ ପକ୍ଷରୁ ସୋମବାର ୧୦ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ, ସମସ୍ତ ପାଚକ ପାଚିକାମାନଙ୍କୁ ନିଯୁକ୍ତିପତ୍ର ଓ ସରକାରୀ ମାନ୍ୟତା, ସର୍ବନିମ୍ନ ମଜୁରି ୩୩୩ ଟଙ୍କା ତଥା ମାସିକ ୧୦ ହଜାର ଟଙ୍କା ଲାଗୁ, ୨୦୧୮ରୁ କେନ୍ଦ୍ର ସରକାର ଦେଇଥିବା ସହାୟତା ରାଶି ପ୍ରାୟ ୩୦ ହଜାର ବକେୟା ଟଙ୍କା ପ୍ରଦାନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିବାରୁ ମଜୁରିଆ ସ୍ୱୀକୃତି ଦେଇ ଭବିଷ୍ୟତ ନିଧି ଯୋଜନାରେ ସାମିଲ, ପେନ୍‌ସନ୍ ବ୍ୟବସ୍ଥା ଲାଗୁ, ପ୍ରତ୍ୟେକ ମାସର ଦରମା ପ୍ରଥମ ସପ୍ତାହରେ ଦେବା ଆଦି ଅନ୍ୟତମ। ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସରୋଜିନୀ କୁମ୍ଭାର, ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ସା, ରାଜ୍ୟ ସହ ସମ୍ପାଦକ ନିରଞ୍ଜନ ପତ୍ର, ହରିହର ପ୍ରଧାନ, ହରେକୃଷ୍ଣ ମେହେର, ଜିଲା ସଭାପତି ଦୀପାଞ୍ଜଳି ଯାଦବ ପ୍ରମୁଖ ନେତୃତ୍ୱରେ ଶତାଧିକ ପାଚକ ପାଚିକା ସାମିଲ ହୋଇଥିଲେ। ପ୍ରାରମ୍ଭରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।



ଜିଲାପାଳଙ୍କ ଅଫିସ ଆଗରେ ପାଚିକାପାଚକଙ୍କ ବିକ୍ଷୋଭ।

### ସରକାରୀ ସୁବିଧାରୁ ବଞ୍ଚିତ ଚମାରପଡ଼ାବାସୀ

**ସମ୍ବଲପୁର,୪।୮(ଶୁଭାଶିଷ ପାଢ଼ୀ):** ମାନେଶ୍ୱର ବ୍ଲକ ଗୁଣ୍ଡେରପୁର ପଞ୍ଚାୟତ ଅନ୍ତର୍ଗତ ଛତାବର ଗ୍ରାମର ଚମରପଡା ୧୦ବର୍ଷ ହେବ ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଛି। ହେଲେ ୬୦ ପରିବାର ବାସ କରୁଥିବା ବସ୍ତିକୁ ଭଲ ରାସ୍ତାଟିଏ ନାହିଁ। ସରକାର ଘରକୁ ଘର ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ନେଇ ଘୋଷଣା କରୁଥିବାବେଳେ ଏଠାରେ ଏହି ଯୋଜନା ବହୁ ଦୂରରେ ରହିଛି। ଏହି ସମସ୍ୟା ନେଇ ବସ୍ତିବାସିନ୍ଦା ଜିଲା ପ୍ରଶାସନ, ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ବସ୍ତିରେ ଝାଡ଼ାବାନ୍ତି ଓ ଜ୍ୱରରେ ୨୫ରୁ ଊର୍ଦ୍ଧ୍ୱ ଲୋକ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଡାକ୍ତରୀ ଦଳ ବସ୍ତିରେ ପହଞ୍ଚି ଚିକିତ୍ସା କରିଛନ୍ତି। ଏବେ ୪/୫ ଜଣ ଚିକିତ୍ସାଧୀନ ଅଛନ୍ତି। ଚମାରପଡାବାସୀ ପୁଣି ଥରେ ସମସ୍ୟା ସମାଧାନ ଦାବି ନେଇ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର ପାଇଁ ଭୂମି ପୂଜନ

**କୁଚିଣ୍ଡା,୪।୯(ବିରଞ୍ଚି ଦର୍ଶା)**

କୁଚିଣ୍ଡା ବ୍ଲକ ଲାଡ ଗ୍ରାମରେ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସୋମବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ତହସିଲଦାର ପ୍ରସନ୍ନ ଟେଟେ, କୁଚିଣ୍ଡା ଲ୍ୟାମ୍ପ ସଭାପତି ନବୀନ ମାଝି, ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରିମିତା ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରବୀଣ ସୁରିନ ପ୍ରମୁଖ ଯୋଗ ଦେଇଥିଲେ। ପୂଜାରେ ଜମିଦାତା ମନୋଜ ଚୌଧୁରୀ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ ଏହି ମନ୍ଦିରର ପୁନରୁଦ୍ଧାର ଓ ମରାମତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

# ନିୟମିତ ହେଲେ ଲକ୍ଷ୍ୟ ହାସଲ କରିହେବ

## ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ଓରିଏଣ୍ଟେଶନ ପ୍ରୋଗ୍ରାମ

**ସମ୍ବଲପୁର,୪।୯(ବି.ଶଙ୍କର)**

ସମ୍ବଲପୁର ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ତିନିଦିନିଆ ଓରିଏଣ୍ଟେଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ୨୦୨୩ ଡିପ୍ଲୋମା ଇଞ୍ଜିନିୟରିଂ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସକାଶେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କୁ ଅଧ୍ୟାପକ, ପରିଚାଳନା କମିଟି ସଦସ୍ୟ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ ଛାତ୍ରୀଛାତ୍ର ନିୟମିତ ହେଲେ ସର୍ବୋତ୍ତମ ଫଳାଫଳ ପାଇବା ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଥିଲେ। ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ରାଜଶେଖର ସିହ୍ନା ପ୍ରଶିକ୍ଷଣ ଦିଆଯିବା ଓ ପ୍ରବୀଣ କୁମାର ପଠକ ପରୀକ୍ଷା ବ୍ୟବସ୍ଥା ବିଷୟରେ ସୂଚିତ କରିଥିଲେ। ଏଥିରେ ବିକମ୍, ବିବିଏ, ବିସିଏ, ବିଏସ୍‌ସି ନର୍ସିଂ ବିଭାଗର ଛାତ୍ରୀଛାତ୍ର ସାମିଲ ଥିଲେ। ଦ୍ୱିତୀୟ ଦିନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତୃତୀୟ ଦିନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଭାଗନେଇଥିଲେ। ନିବେଦିତା ଧର, ଜାହାନବୀ ବାରିକ ଓ ଆକାଂକ୍ଷା କର ସଂଯୋଜନା କରିଥିଲେ।



ଓରିଏଣ୍ଟେଶନ ପ୍ରୋଗ୍ରାମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ସିଦ୍ଧେଶ୍ୱରୀ ଧର୍ମ ସଂସଦରେ ଆଲୋଚନା

**ସମ୍ବଲପୁର,୪।୯(ବି.ଶଙ୍କର):** ସମ୍ବଲପୁର ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋପୀନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଗଙ୍ଗାଧର ସାହିତ୍ୟରେ ଆଧ୍ୟାତ୍ମିକ ଚିନ୍ତାଧାରା ରହିଥିଲା ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ସୁଶାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଦ୍ୟାଳୟ ବସ୍‌ର ଶୁଭ ଉଦ୍‌ଘାଟନ

**ସମ୍ବଲପୁର,୪।୯(ବି.ଶଙ୍କର)**

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଦ୍ୟାଳୟ ବସ୍‌ର ଶୁଭ ଉଦ୍‌ଘାଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜମନକିରାସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁଗମନାଗମନ ନିମନ୍ତେ କମ୍ପାନୀ ନୂତନ ବସ୍ ସହାୟତା କରିଛି। ଉଦ୍‌ଘାଟନୀ ସମାରୋହରେ କୁଚିଣ୍ଡା ବିଧାୟକ କିଶୋର କୁମାର ନାଏକ, ବ୍ଲକ ଅଧ୍ୟକ୍ଷ ଆଶ୍ରିତ ଭୋଇ, ସହକାରୀ ଯନ୍ତ୍ରୀ ସାଲୋନୀ ସିଂ ଯୋଗଦାନ କରିଥିଲେ। ପୂଜାର୍ଚ୍ଚନା ସହ ଅତିଥିମାନେ ସବୁଜ ପତାକା ଦେଖାଇ ବସ୍‌ସେବା ଆରମ୍ଭ କରିବା ପରେ ଛାତ୍ରୀଛାତ୍ରଙ୍କ ଯାତ୍ରା ଆରମ୍ଭ ହୋଇଥିଲା । ଉକ୍ତ ବସ୍ ସହାୟତା ଦ୍ୱାରା ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଜିତ କୁମାର ନାଏକଙ୍କ ସମତେ ସହକାରୀ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୱାର୍ଡ ସମସ୍ୟା ନେଇ ଏସ୍‌ଏମ୍‌ସିକୁ ଦାବିପତ୍ର

**ସମ୍ବଲପୁର,୪।୯(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ୩୩ନଂ. ୱାର୍ଡରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ନିମନ୍ତେ ୱାର୍ଡବାସୀ ସୋମବାର ମହାନଗର ନିଗମ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ସାକ୍ଷାତ କରି ସୁନାପାଲିର ବିଭିନ୍ନ ରାସ୍ତା ଖରାପ ହୋଇପଡ଼ିଛି। ତାକୁ ପୁନଃ ନିର୍ମାଣ ପାଇଁ ଦାବି କରିଥିଲେ। ଏହାସହ ଏହି ଅଞ୍ଚଳର ମୁଖ୍ୟ ରାସ୍ତାରେ ଅଚଳ ହୋଇପଡ଼ିଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ତୁରନ୍ତ ମରାମତି, ମିନି ପାର୍କ ଓ ଓପନ ଜିମ ପ୍ରତିଷ୍ଠା ପାଇଁ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି।

# ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ବିକ୍ଷୋଭ

**ସମ୍ବଲପୁର,୪।୯(ବି.ଶଙ୍କର)**

ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ। ଦରମା ବୃଦ୍ଧି, ପେନ୍‌ସନ୍ ବ୍ୟବସ୍ଥା, ସାମାଜିକ ନିରାପତ୍ତା, ଗାଆଁ କଲ୍ୟାଣ ସମିତିରୁ ବାଦ୍ ଦେବା, ପଦୋନ୍ନତିରେ ଅଗ୍ରାଧିକାର, କର୍ମୀଙ୍କ ଖାତାକୁ ଦରମା କିମ୍ବା ଆନୁଷଙ୍ଗିକ ଅର୍ଥ ସିଧାସଳଖ ପଠାଇବା ପ୍ରଭୃତି ଦାବି ପୂରଣ କରିବାକୁ ସ୍ଲୋଗାନ ଦେଇଥିଲେ। ଜିଲା ସମ୍ପାଦକ ପ୍ରମିଳା ସିଂହ, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢୀ, କାର୍ଯ୍ୟକାରୀ ସଭାନେତ୍ରୀ ସଂଘମିତ୍ରା ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ନାରୀ ସେବା ସଦନରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ୟା ସମାଧାନ ନ ହେଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। କନକ ପ୍ରଧାନ, ରୀତାରାଣୀ ପତି, ସୌଦାମିନୀ ପାଣ୍ଡେ, ମଞ୍ଜୁଲତା ମାଝି, ଫଣି ରାଉଳ, ମମତା ରାଣୀ ପ୍ରଧାନ, ଅନିତା ନାୟକ, ଶୁଭ୍ରା ମିଶ୍ର, ତୁଳସୀ ଭୋଇଙ୍କ ସମେତ ଜିଲାର ସମସ୍ତ ବ୍ଲକରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ।


ସମ୍ବଲପୁରରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ରାଲି।

# କୁଚିଣ୍ଡା ଉପଖଣ୍ଡକୁ ଜିଲା ଘୋଷଣା କର

## ଗଣଧାରଣା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**କୁଚିଣ୍ଡା,୪।୯(ବିରଞ୍ଚି ଦର୍ଶା)**



ଦାବିପତ୍ର ଗ୍ରହଣ କରୁଛନ୍ତି ଉପଜିଲାପାଳ।

କୁଚିଣ୍ଡା ଉପଖଣ୍ଡକୁ ଜିଲା ଘୋଷଣା ଦାବିରେ କ୍ରିୟାନୁଷ୍ଠାନ କମିଟି ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲା। କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ପୂର୍ତ୍ତ ବିଭାଗ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚି ଗଣଧାରଣା ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନରେ କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରମୋଦ ଛୁରିଆ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ରାଜେନ୍ଦ୍ର ଛତ୍ରିଆ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଅଖିଳ ପ୍ରତାପ ସିଂ, କରୁଣାକର କିଷାନ, ସୁବାସ ଚନ୍ଦ୍ର ନାଏକ, ପ୍ରଫୁଲ୍ଲ ସାହୁ, କିର୍ତ୍ତନ ସେନାପତି, ଗଣେଶ ଅଗ୍ରୱାଲ, ରମାକାନ୍ତ ମହାକୁଳଙ୍କ ସମେତ ବିଭିନ୍ନ ରାଜନୈତିକ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇ କୁଚିଣ୍ଡା ଉପଖଣ୍ଡକୁ ସରକାର ତୁରନ୍ତ ଜିଲା ଘୋଷଣା କରିବାକୁ ଦାବି ଉପସ୍ଥାପନ କରିଥିଲେ। ସମ୍ବଲପୁର ଜିଲା ମହକୁମାଠାରୁ କୁଚିଣ୍ଡା ପ୍ରାୟ ୮୭କିମି ଏବଂ ଶେଷ ମୁଣ୍ଡରେ ଥିବା ପଞ୍ଚାୟତର ଦୂରତା ପ୍ରାୟ ୧୫୦କିମିରୁ ଅଧିକ। ତେଣୁ ସରକାରୀ କାମ ପାଇଁ ଏତେ ବାଟ ଯାଇ କାମ କରିବା ଜନସାଧାରଣଙ୍କ ପାଇଁ କଷ୍ଟକର ହେଉଛି। ଏହାଛଡା କୁଚିଣ୍ଡା ସ୍ୱତନ୍ତ୍ର ଜିଲା ହେଲେ ଅଞ୍ଚଳର ସାମଗ୍ରିକ ବିକାଶ ସହ ସାଧାରଣ ଲୋକ ଉପକୃତ ହୋଇପାରିବେ ବୋଲି ଆନ୍ଦୋଳନକାରୀ ଦର୍ଶାଇଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନରୁ କୁଚିଣ୍ଡାକୁ ଜିଲା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସରକାର ଆଗାମୀ ନୂଆଖାଇ ମଧ୍ୟରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟଥା ଆନ୍ଦୋଳନ ଜୋରଦାର ହେବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ପ୍ରମୋଦ ଛୁରିଆ କହିଛନ୍ତି।

# ନିୟମିତ ହେଲେ ଲକ୍ଷ୍ୟ ହାସଲ କରିହେବ

**ସମ୍ବଲପୁର,୪।୯(ବି.ଶଙ୍କର)**

ସମ୍ବଲପୁର ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ପକ୍ଷରୁ ତିନିଦିନିଆ ଓରିଏଣ୍ଟେଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ୨୦୨୩ ଡିପ୍ଲୋମା ଇଞ୍ଜିନିୟରିଂ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସକାଶେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କୁ ଅଧ୍ୟାପକ, ପରିଚାଳନା କମିଟି ସଦସ୍ୟ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ ଛାତ୍ରୀଛାତ୍ର ନିୟମିତ ହେଲେ ସର୍ବୋତ୍ତମ ଫଳାଫଳ ପାଇବା ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଥିଲେ। ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ରାଜଶେଖର ସିହ୍ନା ପ୍ରଶିକ୍ଷଣ ଦିଆଯିବା ଓ ପ୍ରବୀଣ କୁମାର ପଠକ ପରୀକ୍ଷା ବ୍ୟବସ୍ଥା ବିଷୟରେ ସୂଚିତ କରିଥିଲେ। ଏଥିରେ ବିକମ୍, ବିବିଏ, ବିସିଏ, ବିଏସ୍‌ସି ନର୍ସିଂ ବିଭାଗର ଛାତ୍ରୀଛାତ୍ର ସାମିଲ ଥିଲେ। ଦ୍ୱିତୀୟ ଦିନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତୃତୀୟ ଦିନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଭାଗନେଇଥିଲେ। ନିବେଦିତା ଧର, ଜାହାନବୀ ବାରିକ ଓ ଆକାଂକ୍ଷା କର ସଂଯୋଜନା କରିଥିଲେ।




ଓରିଏଣ୍ଟେଶନ ପ୍ରୋଗ୍ରାମ କୃତୀମାନଙ୍କୁ ପୁରସ୍କୃତ କରାଯାଉଛି।

# ମୋ ସ୍କୁଲ ଅଭିଯାନ ପକ୍ଷରୁ ବୃକ୍ଷରୋପଣ



ଅମାମୁଣ୍ଡା ପ୍ରାଥମିକ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଉଛି।

**ବରପାଲି,୪।୯(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକର ତେଜଙ୍ଗ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ଅମାମୁଣ୍ଡା, ଧୋବାପାଲି, ସରଧାପାଲି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାନ୍ଧୁମୁଣ୍ଡା, ଜୁହ୍ନା ବ୍ରାହ୍ମଣୀ, ତିଲେଇମାଲ, ଉଚ୍ଚ ବିଦ୍ୟାଳୟ ରକ୍ସା, ତେଜଙ୍ଗ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ତିଲେଇମାଲଠାରେ ବୃକ୍ଷ ଚାରାରୋପଣ କରାଯାଇଥିଲା। ତିଲେଇମାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ପ୍ରତିନିଧି ରାଧେଶ୍ୟାମ ମିଶ୍ର, ବରପାଲି ବ୍ଲକ ସହ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସାହୁ ଓ ସିଆର୍‌ସିସି ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ପୁରାତନ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ ବୃକ୍ଷରୋପଣ କରିଥିଲେ। ତେଜଙ୍ଗ କ୍ଲଷ୍ଟରର ବିଭିନ୍ନ ସ୍କୁଲରେ ୩୫୦ଟି ବୃକ୍ଷଚାରା ରୋପଣ କରାଯାଇଛି ବୋଲି ସିଆର୍‌ସିସି ସାହୁ କହିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.No.Sr.DMM/KUR/EP/2023-24/08, ତା.29.08.2023ରିଖ

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ: www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

(1)ଟେଣ୍ଡର ସଂ.81235462A: ସାମଗ୍ରୀଗୁଡ଼ିକର ବିବରଣୀ: ରୁଫ୍ ମାଉଣ୍ଟେଡ୍ (Roof Mounted) AC ପ୍ୟାକେଜ ୟୁନିଟ୍, ପରିମାଣ-11 ସେଟ୍।

(2)ଟେଣ୍ଡର ସଂ.81235798: ସାମଗ୍ରୀଗୁଡ଼ିକର ବିବରଣୀ: 3-ଫେଜ୍ ଟ୍ରାକ୍ସନ ମୋଟର୍ସ୍ (Traction Motors), ପରିମାଣ-2 ଗୋଟି।

(3)ଟେଣ୍ଡର ସଂ.81235799: ସାମଗ୍ରୀଗୁଡ଼ିକର ବିବରଣୀ: 3-ଫେଜ୍ ଟ୍ରାକ୍ସନ କନଭର୍ଟର (Traction Converter), ପରିମାଣ-1 ଗୋଟି।

(4)ଟେଣ୍ଡର ସଂ.81235779: ସାମଗ୍ରୀଗୁଡ଼ିକର ବିବରଣୀ: ପିନିୟନ (Pinion) ସହିତ କମ୍ପ୍ଲିଟ୍ ଟ୍ରାକ୍ସନ ମୋଟର (Traction Motor), ପରିମାଣ-2 ଗୋଟି।

ବନ୍ଦ ହେବା ତାରିଖ ଓ ସମୟ: ତା.26.09.2023, 1500 ଘଟିକା (କ୍ରମ ସଂ.1 ଏବଂ 2 ପାଇଁ), ତା.10.10.2023, 1500 ଘଟିକା (କ୍ରମ ସଂ.3 ପାଇଁ) ଏବଂ ତା.16.10.2023, 1500 ଘଟିକା (କ୍ରମ ସଂ.4 ପାଇଁ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-533/O/23-24

## ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ଡି-୮୪୧-ଆଇଓଏଭର ଲାପ୍, (୨) ସିକେପି-୬୧୫-ଆର୍ଥିଂ, (୩) ସିକେପି-ଡି-୬୪୨-ଭିଇଏଚ୍-ବିଏମ୍‌ବି, (୪) ସିକେପି-ଡି-୭୦୩-ଭିଇଏଚ୍-ଡିପିଏସ୍, ତାରିଖ: ୦୪।୦୯।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। କ୍ର.ସଂ., କାର୍ଯ୍ୟର ନାମ: (୧) ସିକେପି ଡିଭିଜନରେ ଷ୍ଟପ୍ ସିଗ୍ନାଲ ସାମ୍ନାରେ ଇନସୁଲେଟେଡ୍ ଓଭରଲାପ୍‌ର ସ୍ଥାନାନ୍ତରଣ (ପର୍ଯ୍ୟାୟ-I)। (୨) ସିକେପି ଡିଭିଜନରେ ଏଫ୍‌ଓବି/ଆର୍‌ଓବି/ପ୍ଲାଟ୍‌ଫର୍ମ ଆଶ୍ରୟସ୍ଥଳୀ ଏବଂ ୨୫ କେଭି ଏସି ଟ୍ରାକ୍ସନ୍ ସିଷ୍ଟମ୍ ନିକଟବର୍ତ୍ତୀ ଅନ୍ୟାନ୍ୟ ସ୍ଥାୟୀ ସପୋର୍ଟ ଷ୍ଟ୍ରକ୍ଚରଠାରେ ଆର୍ଥିଂର ବ୍ୟବସ୍ଥା। (୩) ସିନିୟର ଡିଇଇ/ଟିଆର୍‌ଡି/ସିକେପିଙ୍କ ଅଧୀନରେ ଦୁଇବର୍ଷ ଅବଧି ପାଇଁ ଏସ୍‌ଏସ୍‌ଇ/ଓଏଚ୍‌ଇ/ବିଏମ୍‌ବିଙ୍କ କ୍ଷେତ୍ରାଧିକାରରେ ରେଳପଥ ସାମଗ୍ରୀ ପରିବହନ ପାଇଁ ୪.୫ ଏମ୍‌ଟି କ୍ଷମତାବିଶିଷ୍ଟ ଟ୍ରକ୍ (ଗଠନ ଓ ମଡେଲ ସ୍ୱରାଜ ମାଜ୍‌ଦା ଲିମିଟେଡ୍ ସରତାଜ ଏଚ୍‌ଜି ୭୨ ବିଏସ୍-IV ୩୩୩୫/ଆଇଚର୍ ୧୦.୭୫ ଇ୨ ପ୍ଲସ୍ ୩୫୧୫ କିମ୍ବା ସମତୁଲ୍ୟ) ଭଡ଼ା ସୂତ୍ରରେ ନେବା। (୪) ସିନିୟର ଡିଇଇ/ଟିଆର୍‌ଡି/ସିକେପିଙ୍କ ଅଧୀନରେ ଦୁଇବର୍ଷ ପାଇଁ ଏସ୍‌ଏସ୍‌ଇ/ଓଏଚ୍‌ଇ/ଡିପିଏସ୍‌ଙ୍କ କ୍ଷେତ୍ରାଧିକାରରେ ରେଳପଥ ସାମଗ୍ରୀର ପରିବହନ ପାଇଁ ୧ ଟନ୍ କ୍ଷମତାବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା। ଟେଣ୍ଡର ମୂଲ୍ୟ: ₹୭,୮୧,୩୯,୮୫୧.୦୫ (କ୍ର.ସଂ. ୧ ପାଇଁ), ₹୨୮,୭୮,୩୦୦/- (କ୍ର.ସଂ. ୨ ପାଇଁ), ₹୧୮,୨୬,୦୯୫/- (କ୍ର.ସଂ. ୩ ପାଇଁ) ଏବଂ ₹୧୦,୭୦,୨୯୮/- (କ୍ର.ସଂ. ୪ ପାଇଁ)। ଇଏମ୍‌ଡି: ₹୫,୪୦,୭୦୦/- (କ୍ର.ସଂ. ୧ ପାଇଁ), ₹୫୭,୬୦୦/- (କ୍ର.ସଂ. ୨ ପାଇଁ), ₹୩୬,୫୦୦/- (କ୍ର.ସଂ. ୩ ପାଇଁ) ଏବଂ ₹୨୧,୪୦୦/- (କ୍ର.ସଂ. ୪ ପାଇଁ)। ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ ପାଇଁ), ୬ ମାସ (କ୍ର.ସଂ. ୨ ପାଇଁ) ଏବଂ ୨୪ ମାସ (କ୍ର.ସଂ. ୩ ଓ ୪ ପାଇଁ)। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୨୯।୦୯।୨୦୨୩ରିଖ ୧୫.୦୦ ଘଟିକା। ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ପ୍ରତ୍ୟେକ ପାଇଁ ତା୨୯।୦୯।୨୦୨୩ରିଖ ୧୫.୩୦ ଘଟିକା। ଇ-ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଇଇ/ଟିଆର୍‌ଡି/ଦକ୍ଷିଣ ପୂର୍ବ ରେଳପଥ। ଇ-ଟେଣ୍ଡର http://www.ireps.gov.in ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-574)

## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ସିବି_ଟାଟା_ଯୋଦ୍ଧା
ଗାଡ଼ି ନଂ.- OD07AJ9324
ନିର୍ମାଣ ବର୍ଷ - 2021
ସଂରକ୍ଷିତ ମୂଲ୍ୟ - 428000.00

2) ମଡେଲ ନଂ. ସିବି_ଟାଟା_ପ୍ରାଇମା_3525_ଟିପ୍ପର୍
ଗାଡ଼ି ନଂ.- OD05BH4077
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 3397387.50

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001** ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 9234106336

## କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଏମ୍ପାନେଲମେଣ୍ଟ-ଟ୍ରାନ୍ସପୋର୍ଟେସନ/କୋଷ୍ଟାଲ୍/୦୩/୨୦୨୩ ତାରିଖ: ୦୨।୦୯।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଏମ୍ପାନେଲମେଣ୍ଟ-ଟ୍ରାନ୍ସପୋର୍ଟେସନ/ସଦର୍ଣ୍ଣ/୦୪/୨୦୨୩ ତାରିଖ: ୦୨।୦୯।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଏମ୍ପାନେଲମେଣ୍ଟ-ଟ୍ରାନ୍ସପୋର୍ଟେସନ/ୱେଷ୍ଟର୍ଣ୍ଣ/୦୫/୨୦୨୩ ତାରିଖ: ୦୨।୦୯।୨୦୨୩

**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ଓଡ଼ିଶା ରାଜ୍ୟରେ ଉପକୂଳବର୍ତ୍ତୀ/ଦକ୍ଷିଣବର୍ତ୍ତୀ/ପଶ୍ଚିମବର୍ତ୍ତୀ ଜିଲ୍ଲା ଏବଂ ପାଟନା ଅଞ୍ଚଳର ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ନିମନ୍ତେ ଖାଦ୍ୟଶସ୍ୟ, ଔଦ୍ୟୋଗିକ ସାମଗ୍ରୀ, ଇ-ବାଣିଜ୍ୟ ସାମଗ୍ରୀ ଇତ୍ୟାଦିର ପରିବହନ ନିମନ୍ତେ ପରିବହନ ଠିକାଦାରଙ୍କ ତାଲିକାଭୁକ୍ତୀକରଣ ଲାଗି ଆଗ୍ରହୀ ପକ୍ଷମାନଙ୍କଠାରୁ ତିନିଟି ପୃଥକ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିକ୍ରୟ ପାଇଁ ଟେଣ୍ଡର ଅନ୍‌ଲାଇନ୍‌ରେ ତା୦୪।୦୯।୨୦୨୩ରିଖ ୧୦.୦୦ ଘଟିକାରୁ ତା୨୪।୦୯।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ବିବରଣୀ ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.comରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ।

ଆଞ୍ଚଳିକ ପ୍ରବନ୍ଧକ


# ସୋନପୁର ଥାନାରେ ଏତଲା

ସନାତନ ଧର୍ମକୁ ନେଇ ଉଦୟନିଧିଙ୍କ ବିବାଦୀୟ ବୟାନ



ଏତଲା ପାଇଁ ସୋନପୁର ଥାନା ସମ୍ମୁଖରେ ହିନ୍ଦୁ ସଂଗଠନର ନେତୃବୃନ୍ଦ।

**ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)**

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା ତାମିଲନାଡୁର କ୍ରୀଡା ଓ ଯୁବ କଲ୍ୟାଣ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ସନାତନ ଧର୍ମକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସନାତନ ଧର୍ମକୁ କରୋନା ଭୁତାଣୁ, ମ୍ୟାଲେରିଆ ଓ ଡେଙ୍ଗୁ ଜ୍ୱର ସହ ତୁଳନା କରି ଏହାକୁ ନଷ୍ଟ କରି ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ଉଦୟନିଧିଙ୍କ ଏହି ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏଭଳି ମନ୍ତବ୍ୟ ପାଇଁ ସୋମବାର ସୋନପୁର ଥାନାରେ ଉଦୟନିଧିଙ୍କ ବିରୋଧରେ ଏତେଲା ଦିଆଯାଇଛି। ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ ଓ ବଳରାମ ସିଂ ଯାଦବଙ୍କ ନେତୃତ୍ୱରେ ଏହି ଏତଲା ଦିଆଯାଇଥିଲା। ସୁରେଶ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ଜଗନ୍ନାଥ ତ୍ରିପାଠୀ, ବାପି ଦାସ, ସୁଦାମ ସାହୁ, କୁମାର ସାହୁ, ସୁରେଶ ପାତ୍ର ଓ ଶିବ ସେଠୀ ପ୍ରମୁଖ ଉପସ୍ଥିତ ରହି ଉଦୟନିଧିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

# ଜୁନିୟର ମହିଳା କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା




ଅତିଥି,ଅଧ୍ୟକ୍ଷ, ଅଧ୍ୟାପକଙ୍କ ସହ ନବାଗତ ଛାତ୍ରୀମାନେ।

**ବିନିକା, ୪।୯ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବାଉଁଶୁଣୀ ମହିଳା ଜୁନିୟର କଲେଜରେ ନୂତନ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ନିହାର ରଞ୍ଜନ ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିଳ୍ପପତି ଆଦିକନ୍ଦ ବାବୁ, ମୁଖ୍ୟବକ୍ତାଭାବେ ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପଧାନ, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ମେହେର, ଗରିବ ସାଲମା, ବସୁ ଖମାରି, ଶେଷଦେ ସା ଯୋଗଦେଇ ଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ଅତିଥି ବାବୁ କଲେଜର ଗୋଟିଏ କୋଠରୀ ଓ ଏକ ମିନି ଶୌଚାଳୟ ନିଜ ଖର୍ଚ୍ଚରେ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ। ଅତିଥି ମେହେର ଯୁକ୍ତ ୨ର ୫୦ ଖଣ୍ଡ ପୁସ୍ତକ ପ୍ରଦାନ କରିଥିଲେ। ଅଧ୍ୟାପକ ରମଣ ପଧାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ପ୍ରଦୀପ କୁମାର ପଧାନ, ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନଜୀବୀ ସୁରକ୍ଷା ବିଲ୍ ଦାବି କଲା ଜିଲା ସଂଘ

**ବୌଦ୍ଧ,୪।୯(ଅଜିତ କୁମାର ବାରିକ)**

ଉତ୍ତରପ୍ରଦେଶର ଗାଜିଆବାଦଠାରେ ଜଣେ ଆଇନଜୀବୀଙ୍କୁ ହତ୍ୟା ଘଟଣାକୁ ସାରା ରାଜ୍ୟର ଆଇନଜୀବୀମାନେ ନିନ୍ଦା କରିବା ସହ ସୋମବାର ପ୍ରତିବାଦ ଦିବସ ପାଳନ କରିଛନ୍ତି। ଏହି କ୍ରମରେ ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ଧୁରୀଣ କୁମାର ଦେହୁରିଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଗାଜିଆବାଦ ଘଟଣାକୁ ସମସ୍ତ ଆଇନଜୀବୀ ନିନ୍ଦା କରିଥିଲେ। ଆଇଜଜୀବୀ ସୁରକ୍ଷା ବିଲ ଓ କାର୍ଯ୍ୟସ୍ଥଳରେ ସେମାନଙ୍କ ସୁରକ୍ଷା ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦେହୁରି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ଆଇନଜୀବୀ ତାରେଣୀ କୁମାର ମହାପାତ୍ର, ଅଶୋକ ସାହୁ, ଶିବପ୍ରସାଦ ପଣ୍ଡା, ଗ୍ୟାନରଞ୍ଜନ ପଟ୍ଟନାୟକ, ଅମ୍ରିତ ପ୍ରଧାନ, ଦେବରଞ୍ଜନ ବିଶି ଥିଲେ।



ଆଇନଜୀବୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# କେନାଲରେ ଦୂଷିତ ପାଣି ଛଡ଼ା ନ ଯାଉ

**ନୂଆପଡ଼ା,୪।୯(ମକାରୁ ବେମାଲ)**

ନୂଆପଡା ସଦର ଏନ୍‌ଏସି ଦେଇ ଯାଇଥିବା କେନାଲରେ ନାଳ, ନର୍ଦ୍ଦମା ଓ ଘରୋଇ ଅପରିଷ୍କାର ପାଣି ଛାଡୁଥିବାରୁ ନେନାଲ ପାଣି ଦୁଷିତ ହେଉଛି। ନେନାଲ ପାଣି ବ୍ୟବହାର କରୁଥିବା ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। କେନାଲରେ ଘରୋଇ ଅପରିଷ୍କାର ପାଣି ନ ଛାଡିବା ପାଇଁ ସଦର ଅଞ୍ଚଳ ବିଜ୍ଞାପିତ ପରିଷଦ ୫, ୬ ଓ ୭ ନମ୍ବର ୱାର୍ଡବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅପର ଜୋଙ୍କ ଜଳ ସେଚନ ପ୍ରକଳ୍ପ ପତୋରାର କେନାଲ ନୂଆପଡା ସଦର ବିଜ୍ଞାପିତ ପରିଷଦର ୱାର୍ଡ ନଂ. ୫, ୬ ଓ ୭ ଦେଇ ଯାଇଛି। ସେହି କେନାଲ ପାଣି ଲୋକେ ଜମିରେ ମଡାଇବା ସହ ଅନ୍ୟ କାମରେ ବ୍ୟବହର କରୁଛନ୍ତି। କେନାଲରେ ନାଳ, ନର୍ଦ୍ଦମା ଓ ଘରୋଇ ଅପରିଷ୍କାର ପାଣି ଛାଡି ଦେଉଥିବାରୁ କେନାଲ ପାଣି ଅପରିଷ୍କାର ହୋଇ ବ୍ୟବହାର କରୁଥିବା ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ବିଷୟରେ ପୂର୍ବରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ପୁଣି ଥରେ ଅଭିଯୋଗ କରିଛନ୍ତି। ଏହାର ବିଧିବଧ ତଦନ୍ତ କରି କେନାଲରେ ଅପରିଷ୍କାର ପାଣି ଛାଡୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କେନାଲ ପାଣି ବ୍ୟବହାର କରୁଥିବା ଲୋକଙ୍କ ପାଇଁ ସ୍ୱଚ୍ଛ ପାଣି ଯୋଗାଇ ଦେବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି।


## ODISHA PUBLIC SERVICE COMMISSION, CUTTACK

**NOTICE**

No. 6860/PSC Dt.04.09.2023
(2PE-19-22/23) (DR-V)

No. D-123: It is for information of all concerned that pursuant to the Advertisement No. 14 of 2021-2022, **164 (One Hundred Sixty Four)** candidates bearing following PPSAN have been allowed to appear the interview to determine their eligibility for recruitment to the Post of **Assistant Professor (Stage-I) "Commerce"**. The interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 from **25.09.2023 to 29.09.2023** as per the Programme mentioned below.

| Date | Time of Interview | PPSAN of Candidates | |
|---|---|---|---|
| | | Board - I | Board - II |
| 25.09.2023 | 10.30 A.M. | 00088631, 00090699, 00094919, 00078466, 00088138, 00100271, 00086598 & 00086047 = **08 Candidates** | 00096156, 00092648, 00096703, 00081278, 00093025, 00086190, 00113913 & 00089060 = **08 Candidates** |
| | 02.30 P.M. | 00094851, 00092798, 00077606, 00119315, 00093335, 00094250 & 00096050 = **07 Candidates** | 00091009, 00092872, 00117410, 00088132, 00114693, 00096257 & 00096151 = **07 Candidates** |
| 26.09.2023 | 10.30 A.M. | 00078335, 00093156, 00093658, 00094046, 00025898, 00089425, 00094668, 00083037, 00095751 & 00095249 = **10 Candidates** | 00077450, 00094627, 00066934, 00053198, 00077901, 00094783, 00077471, 00092987, 00097959 & 00082465 = **10 Candidates** |
| | 02.30 P.M. | 00080409, 00088031, 00095230, 00086821, 00089283, 00093155 & 00102402 = **07 Candidates** | 00080607, 00095864, 00118966, 00097299, 00078523, 00093832 & 00091619 = **07 Candidates** |
| 27.09.2023 | 10.30 A.M. | 00094852, 00090403, 00081841, 00092650, 00090380, 00093035, 00089987, 00094210, 00086038 & 00095954 = **10 Candidates** | 00091428, 00092795, 00095057, 00096645, 00097815, 00118886, 00100862, 00114956, 00081510 & 00095858 = **10 Candidates** |
| | 02.30 P.M. | 00095146, 00114366, 00096610, 00088107, 00097054, 00087550 & 00086602 = **07 Candidates** | 00092323, 00086517, 00090683, 00092871, 00118712, 00083043 & 00052217 = **07 Candidates** |
| 28.09.2023 | 10.30 A.M. | 00064736, 00068731, 00076049, 00082740, 00088055, 00080692, 00095040, 00095090, 00119427 & 00114005 = **10 Candidates** | 00091007, 00095987, 00117408, 00092952, 00074947, 00088969, 00068589, 00093635, 00090561 & 00097889 = **10 Candidates** |
| | 02.30 P.M. | 00086016, 00118324, 00039098, 00055078, 00055251, 00069520 & 00076940 = **07 Candidates** | 00109499, 00022735, 00087468, 00034912, 00095226, 00093563 & 00096717 = **07 Candidates** |
| 29.09.2023 | 10.30 A.M. | 00078679, 00081673, 00096308, 00095809, 00034060, 00056248, 00081969, 00082883, 00091297 & 00119180 = **10 Candidates** | 00116740, 00028919, 00079965, 00016417, 00016460, 00052756, 00058746, 00086001, 00095479 & 00098808 = **10 Candidates** |
| | 02.30 P.M. | 00113644, 00082475, 00095454, 00099142, 00034699 & 00037142 = **06 Candidates** | 00098826, 00113588, 00113643, 00115172, 00118567 & 00086380 = **06 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laiddown in the advertisement. Mere participation in the document verification does not reserve any right for selection to interview.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

The candidates are further advised to bring three sets of Xerox copies of published research papers as earlier produced during document verification.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

OIPR-12002/11/0089/2324 Sd./- Secretary

## UTKAL UNIVERSITY OF CULTURE

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ
UTKAL UNIVERSITY OF CULTURE

Sanskruti Vihar, Madanpur, Bhubaneswar - 752054
Visit us at: uuc.ac.in

No. 980/UUC Date: 29.08.2023

**ADMISSION NOTIFICATION - 2023-24**

No. CAD-1883: Utkal University of Culture invites application on ONLINE MODE ONLY for admission in the following innovative, inter-disciplinary and career oriented 2 years Post Graduate Courses.

| Courses | Duration | No. of Seats |
|---|---|---|
| **Faculty of Culture Studies (M.A. Programme)** | | |
| • Culture Studies (Inter-disciplinary Social Science) | 2 Years | 32 |
| **Faculty of Architecture and Archaeology (M.A. Programme)** | | |
| • Cultural Heritage and Conservation | 2 Years | 16 |
| • Museology | 2 Years | 16 |
| **Faculty of Language and Literature (M.A. Programme)** | | |
| • Linguistics | 2 Years | 32 |
| • Odia Language and Literature | 2 Years | 32 |
| **Faculty of Visual Art (MVA Programme)** | | |
| • Painting | 2 Years | 24 |
| • Print Making | 2 Years | 16 |
| • Applied Art & Desing | 2 Years | 24 |
| • Sculpture | 2 Years | 16 |
| • Art History | 2 Years | 16 |
| **Faculty of Performing Art (MPA Programme)** | | |
| • Odissi Vocal | 2 Years | 24 |
| • Hindustani Vocal | 2 Years | 24 |
| • Odissi Dance | 2 Years | 24 |
| • Chhow Dance | 2 Years | 16 |
| • Tabla | 2 Years | 16 |
| • Mardal | 2 Years | 16 |
| • Violin | 2 Years | 16 |
| • Flute | 2 Years | 16 |
| • Sitar | 2 Years | 16 |
| • Drama (Acting, Design and Direction) | 2 Years | 16 |

**Eligibility:** Any person who has passed the qualifying degree with atleast 45% of marks in aggregate (40% for SC/ST Students) of Utkal University of Culture or any other examination conducted by other Universities/ Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses. The qualifying degree and other details can be seen from the prospectus available for download from **uuc.ac.in- Prospectus 2023-24**.

**Application Procedure:** Candidates are required to login to **uuc.ac.in (Admissions - 2023)** to registered themselves for ONLINE application on payment of **Rs.300/-** (Three hundred) only towards application fee payable on online mode.

**Commencement of Online Application form for admission into P.G. Courses** 31.08.2023 to 16.09.2023

**Last date for submission of hard copy or application along with required documents** 22.09.2023

**Other details are available in the e-Prospectus.**

By order of Vice-Chancellor
Head, P.G. Teaching Departments
OIPR-03005/11/0005/2324

## ସଂକ୍ଷେପରେ

### ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ଘରେ ଚାଲିଥିଲା ସେକ୍ସ ର‌୍ୟାକେଟ

**ଜଣେ କୋର୍ଟ ଚାଲାଣ**

**ଭବାନୀପାଟଣା,୪।୯(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ରାମନଗର ପଡାରେ



ରବିବାର ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ଏକ ଘରୁ ସେକ୍ସ ର‌୍ୟାକେଟ ଠାବ କରିଥିଲା। ଠାବ ହୋଇଥିବା ଘର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ବୋଲି ଜଣାପଡିଛି। ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେକ୍ସ ର‌୍ୟାକେଟ ସମୟରେ ୨ଜଣ ବଙ୍ଗୀୟ ଯୁବତୀ ସହ ଜଣେ ଯୁବକ ଧରାପଡିଥିଲେ। ସୋମବାର ଏହି ଘଟଣାରେ ସମ୍ପୃକ୍ତ ସ୍ଥାନୀୟ ଟିଭି ସେଣ୍ଟର ପଡାର ବିବେକ ବିଶୋଇ ଓରଫ୍ ବିଟୁ ନାମକ ଜଣେ ଯୁବକଙ୍କୁ ଭବାନୀପାଟଣା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ରବିନ୍ଦ୍ର ନାଥ ଆରୁଖ ନିଜ ଘର ସ୍ଥାନୀୟ ଟିଭି ସେଣ୍ଟର ପଡାର ବିବେକ ବିଶୋଇ ନାମକ ଜଣେ ଯୁବକଙ୍କୁ ଭଡା ଦେଇଥିଲେ। ବିବେକ ଉକ୍ତ ଘରେ ବଙ୍ଗୀୟ ଯୁବତୀ ରଖି ସେକ୍ସ ର‌୍ୟାକେଟ ଚଲାଉଥିବା ଅଭିଯୋଗ ହୋଇଥିଲା। ରବିବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ଚଢାଉ କରି ଏହାର ପର୍ଦ୍ଦାଫାଶ କରିଥିଲା। ଏହି ଘଟଣା ନେଇ ଭବାନୀପାଟଣା ଟାଉନ ଥାନା ପୋଲିସ ଏକ ମାମଲା (ନଂ.୨୯୯/୨୩) ରୁଜୁ କରିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ପ୍ରକାଶ କରିଛନ୍ତି।

### ଜୁନାଗଡ଼କୁ ଜିଲା ଦାବି ପ୍ରସଙ୍ଗ: କୋର କମିଟି ଗଠିତ

**ଜୁନାଗଡ଼,୪।୯(ସୁନୀଲ କୁମାର ସିଂହ):** ନିର୍ବାଚନ ପୂର୍ବରୁ ସରକାର ନୂତନ ଜିଲା ଘୋଷଣା କରିପାରନ୍ତି। ଏହି ପରିପେକ୍ଷୀରେ ଜୁନାଗଡ଼ ଜିଲା ଗଠନ ଆନ୍ଦୋଳନକୁ ଆଗେଇ ନେବା ପାଇଁ ସ୍ଥାନୀୟ ଆରଏମସି ସଭାଗୃହରେ ସାଧାରଣ କମିଟି ତଥା କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହକ ଭାବେ ଆଇନଜୀବୀ ହିମାଂଶୁ ଶେଖର ବରାଡ଼ଙ୍କ ସହ ପ୍ରଭାତ କୁମାର ଦାଶ, ସମ୍ପାଦକ ସନ୍ତୋଷ କୁମାର ସିଂଦେଓ, ସହସମ୍ପାଦକ ନରେନ୍ଦ୍ର କୁମାର କ୍ଷିତି, ସଂଯୋଜକ ଭାବେ ନଗରପାଳ ମୁକେଶ ଅଗ୍ରୱାଲ ଓ ଉପଦେଷ୍ଟା ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, କାର୍ଯ୍ୟକାରୀ ସଦସ୍ୟା ଭାବେ ଏନଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ ପ୍ରମୁଖ ରହିଛନ୍ତି। ପୁନର୍ବାର ଏହି କମିଟିରେ ସମସ୍ତ ପୁରୁଖା ନେତା ଓ ବୟୋଜେଷ୍ଠଙ୍କୁ ନେଇ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆବାହକ ସୂଚନା ଦେଇଛନ୍ତି।

### ଜୁନାଗଡ଼ ଦଧିବାମନ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ଜୁନାଗଡ଼,୪।୯(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ପ୍ରାଚୀନ ଦଧିବାମନ ମନ୍ଦିରରେ ଚଳିତ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୦ ତାରିଖ ସକାଳ ୭ଟା.୫୮ରୁ ୮ଟା ୧୩ ପର୍ଯ୍ୟନ୍ତ ନୂଆଁଖାଇ ପର୍ବ ପାଳନ ହେବ ବୋଲି ଅଞ୍ଚଳର ବଡବଡ ପଣ୍ଡିତ, ବିଷାରଦମାନେ ସ୍ଥାନୀୟ ମୁକ୍ତି ମଣ୍ଡପଠାରେ ଆଲୋଚନା କରି ସୂଚନା ଦେଇଛନ୍ତି। ନଳିନି କୁମାର ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ମଧୁ ପୁରୋହିତ, ବିଷ୍ଣୁ ପାଣିଗ୍ରାହୀ, ରାଧେଶ୍ୟାମ ପଣ୍ଡା, କାଶୀ ବିଶ୍ୱନାଥ ପୁରୋହିତ, ହରପ୍ରସାଦ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତା ନିର୍ମାଣ ପାଇଁ ଦାବି

**ନର୍ଲା,୪।୯(ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲାସ୍ଥିତ କଲେଜ ଛକ ନିକଟରେ ଥିବା ବ୍ଲକ ମିଶନ ଶକ୍ତି ଗୃହ ଓ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାଳୟକୁ ଯାଉଥିବା ରାସ୍ତା ଗତ ୨ ବର୍ଷ ଶୋଚନୀୟ ହୋଇଛି। ଏହି କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ପ୍ରତିଦିନ ଯିବା ଆସିବା କରିଥାନ୍ତି। ହେଲେ ରାସ୍ତା ପାଣି କାଦୁଅ ଜମି ଦୟନୀୟ ଅବସ୍ଥାରେ ରହିଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବାରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

# ନାହିଁ ସ୍କୁଲଗୃହ, କ୍ଲବ ଘରେ ପାଠପଢ଼ା



କ୍ଲବ ଘରେ ପାଠପଢ଼ା ଚାଲିଛି।

**ସନବାହାଲି ପ୍ରାଥମିକ ବିଦ୍ୟାଳୟ**

- କ୍ଲବ ଘରେ ପିଲାଙ୍କ ଭବିଷ୍ୟତ ଗଢ଼ା
- ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ
- ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ପିଲା

**ନୂଆପଡ଼ା,୪।୯(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଆଗ୍ରେନ ପଞ୍ଚାୟତ ସନବାହାଲି ଗାଁର କ୍ଲବ ଘରେ ଚାଲିଛି ପିଲାଙ୍କ ଭବିଷ୍ୟତ ଗଢ଼ା। ସନବାହାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୨ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟ ଗୃହ ନ ଥିବାରୁ ଗାଁର ମା' ବସ୍ତ୍ରାଣୀ ୟୁଥ କ୍ଲବ ବା କ୍ରିକେଟ କ୍ଲବ ଘରେ ପିଲାଙ୍କୁ ପାଠପଢା ଯାଉଛି। ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ବସାଇ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏଥିରେ ପିଲା କିଭଳି ଅଧ୍ୟୟନ କରୁଥିବେ ତାହା ସହଜେ ଅନୁମେୟ।

ସୂଚନା ମୁତାବକ ଖଡିଆଳ ଓ କୋମନା ବ୍ଲକ ମଧ୍ୟ ଭାଗରେ ଥିବା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଯୋଗୁ ସନବାହାଲି ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଭାବେ ଘୋଷଣା ହୋଇଥିଲେ ମଧ୍ୟ ଲୋକେ ଗାଁ ଛାଡି ଯାଇ ନ ଥିଲେ। ୨୦୨୨ ଜୁନ ୩ରେ ଗାଁ ଛାଡିବା ପାଇଁ ଜିଲାପାଳଙ୍କ ଚିଠି ଆଧାରରେ ଗ୍ରାମବାସୀ ଗାଁ ଛାଡି ଦେଇଥିଲେ। ସନବାହାଲି ଗ୍ରାମବାସୀ ୫ ଶହ ମିଟର ଦୂର ବିଜୁ ଏକ୍ସପ୍ରେସ ୱ କଡରେ ବସତି ସ୍ଥାପନ କରିଛନ୍ତି। ଗାଁ ବୁଡି ଗଲା ବୋଲି ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଗାଁର ପିଲାଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି। ଗ୍ରାମବାସୀ ବିଦ୍ୟାଳୟ ଗାଁରେ ରହୁ ବୋଲି ଦାବି କରିବା ପରେ ସନବାହାଲି ପ୍ରାଥମିକ ବିଦ୍ୟାଳୟ ରହିଛି। କିନ୍ତୁ ବିଦ୍ୟାଳୟ ଗୃହ ନାହିଁ। ସନବାହାଲି ଗାଁଠାରୁ ବେଳଗାଁ ଓ ଆଗ୍ରେନ ୩ କି.ମି. ଲେଖାଏ ଯିବାକୁ ପଡେ। ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସେହି ରାସ୍ତାରେ କୁନି ପିଲାମାନଙ୍କୁ ମରଣ ମୁହଁରେ ଠେଲି ଦେବୁ କି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଅନ୍ଧାରକୁ ଠେଲି ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗାଁରେ ବିଦ୍ୟାଳୟ ଗୃହ ନାହିଁ। ପିଲା କ୍ଲବ ଘରେ ପାଠ ପଢୁଛନ୍ତି। ଅନ୍ୟ ଅସୁବିଧା ନ କହିବା ଭଲ। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠି ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କୁ ପଚାରିବାରୁ ମୁଁ ମିଟିଂକୁ ଯାଉଛି ବୋଲି କଥାକୁ ଏଡାଇ ଦେଇଥିଲେ। ସନବାହାଲି ଗାଁରେ ନୂତନ ବିଦ୍ୟାଳୟ ଗୃହ ଦିଆଯାଉ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚରଣ ମାଝି, ଲକ୍ଷ୍ମୀ ଅହିର, ମହେନ୍ଦ୍ର ମାଝି, ଉଜଳ ପଟେଲ, ନକୁଳ ପଟେଲ, ଚନ୍ଦ୍ରିକା ମାଝି, ସୁଶିଳା ସୁନାନୀ, ସାଧୁ ପଟେଲ, ହର ମୋହନ ମେହେର, ମାନସିଂ ଅହିର, ନାରାୟଣ ଅହିର, ଜଳଧର ପଟେଲ, ଚତ୍ତୁର ମାଝି, କୁନୁ ମାଝି, ଦୃପସିଂ ମାଝି, ଜଗଦିଶ ପଟେଲ, ଭାନୁ ପ୍ରତାପ ମାଝି ପ୍ରମୁଖ ଦାବି କରିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭବାନୀପାଟଣା,୪।୯(ଉତ୍ତମ କୁମାର ଦାଶ)**

ଓଡ଼ିଶା ସାମାଜିକ ସୁରକ୍ଷା ସେବା ସଂଘ କଳାହାଣ୍ଡି ଜିଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲାରେ ୩୯ଟି ନୂତନ ଅତିରିକ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି, ଅତିରିକ୍ତ ୧୫ଟି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି ଓ କ୍ୟାଡରର ପୁନରବିନ୍ୟାସ ତଥା ବେତନ ବୃଦ୍ଧି ପ୍ରମୁଖ ସଂଘ ପକ୍ଷରୁ ଦାବି କରାଯାଇଛି। ଜିଲା ସଂଯୋଜକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସସ୍ମିତା ପଟେଲ, ସସ୍ମିତା ହୋତା, ଦମୟନ୍ତୀ ନାୟକ, କ୍ଷିତିସୁତା ମେହେର, ଦୀପକ ବେହେରା, ସୁନାରାମ ସୋରେନ, ତୁଷାର ରଞ୍ଜନ ସାହୁ ପ୍ରମୁଖ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖଣି ଉପନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

**ଭବାନୀପାଟଣା,୪।୯(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ପରମାନନ୍ଦପୁର ଓ କଣ୍ଟାବାଞ୍ଜିଠାରେ ସୋମବାର କଳାହାଣ୍ଡି ମଣ୍ଡଳ ଖଣି ଉପନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଯୋଗଦେଇ ବିଦ୍ଧିବଦ୍ଧ ଭାବେ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା, କଳାହାଣ୍ଡି ମଣ୍ଡଳ ଖଣି ଉପନିର୍ଦ୍ଦେଶକ ବିଶ୍ୱନାଥ ସୋରେନ, ଖଣି ଅଧିକାରୀ ମୁରଲୀଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଇଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**



ଦାବିପତ୍ର ଦେବା ପାଇଁ ଆସିଥିବା ନିର୍ବାଚିତ ପ୍ରତିନିଧିମାନେ।

**ନୂଆପଡ଼ା,୪।୯(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ଭେରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରାଯାଇଛି। ଏ ନେଇ ସୋମବାର ଜିଲାପାଳ ହେମକାନ୍ତ ସାଏଙ୍କୁ ନିର୍ବାଚିତ ପ୍ରତିନିଧିମାନେ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭେରା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପେଶ୍ୱର ବ୍ରହ୍ମଦେବ ନିୟମିତ ଭାବେ କାର୍ଯ୍ୟକୁ ଆସୁ ନାହାନ୍ତି। କାଁଭାଁ ପଞ୍ଚାୟତକୁ ଆସି ନିଜ ମନମୁତାବକ କାର୍ଯ୍ୟ କରନ୍ତି। ସରପଞ୍ଚ କିମ୍ବା କୌଣସି ନିର୍ବାଚିତ ଜନପ୍ରତିନିଧିଙ୍କ କଥା ଶୁଣୁ ନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ପାଉଣା ମିଳିନାହିଁ। ହିତାଧିକାରୀଙ୍କୁ ପ୍ରତି ମାସରେ ବାର୍ଦ୍ଧକ୍ୟ ଭତ୍ତା ଦିଆ ଯାଉନାହିଁ। ଅସହାୟ, ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ ହିତାଧିକାରୀମାନେ ପ୍ରତି ମାସରେ ପଞ୍ଚାୟତକୁ ଭତ୍ତା ପାଇଁ ଆସି ନିରାଶରେ ଫେରି ଯାଉଥିବା ଅଭିଯୋଗ କରିଛନ୍ତି। ରାଶନ ସାମଗ୍ରୀ ପ୍ରତି ମାସରେ ଠିକ ଭାବେ ଦିଆଯାଉନାହିଁ। ପଞ୍ଚାୟତକୁ ଆସୁଥିବା ସବୁ ଫଣ୍ଡ ନିଜ ମନମୁଖିରେ କାର୍ଯ୍ୟ କରୁଛନ୍ତି। ନିର୍ବାଚିତ ଜନପ୍ରତିନିଧିମାନେ କହିଲେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ ନିଜ ପୈତୃକ ସମ୍ପତ୍ତି ଭଳି ବ୍ୟବହାର କରି ଆସୁଛନ୍ତି। ଏହାର ତଦନ୍ତ କରି ଦୋଷୀ ଅଧିକାରୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପଞ୍ଚାୟତ ସରପଞ୍ଚ ଚମନ ଲାଲ ପାଣ୍ଡେ, ସମିତି ସଭ୍ୟ ତାତୁରାମ ପାଣ୍ଡେ, ୱାର୍ଡ ସଭ୍ୟା/ସଭ୍ୟ ଲଳିତ ଦାସ, ପାନସିଂ ମାଝି, ହେମବାତି ମାଝି, ଖିଲେଶ୍ୱରୀ ପାଣ୍ଡେ, ଅମ୍ରିତ ହରିଜନ, କୁମାରୀ ହରିଜନ, କୁନ୍ତଳା ବାଇ ଧରୁଆ, ଗୌନ୍ଦରାମ ପାଣ୍ଡେ, ଶିବ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ।

## କବି ଜୟନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା

**ଖଡ଼ିଆଳ,୪।୯(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଶିକ୍ଷକ ଭବନଠାରେ କବି ଜୟନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରତିଷ୍ଠାନ ଉପଦେଷ୍ଟା ତଥା ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ ଅଧ୍ୟକ୍ଷତା କରିଥିବା ବେଳେ ଆଲୋଚକ ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଫଣିନ୍ଦ୍ରମ ଦେଓ ଓ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପାଢ଼ୀ ଯୋଗଦେଇଥିଲେ। କଣ୍ଟାବାଞ୍ଜି କେ.ଭି.କଲେଜ ଇଂରାଜୀ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ସ୍ୱାଗତ ସମ୍ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୋଡେନ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ସାମୁଏଲ ଦାନୀ କବି ମହାପାତ୍ରଙ୍କ ଉପରେ ସ୍ମୃତି ଚାରଣ କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶଶିକାନ୍ତ ଖମାରୀ, ଶିକ୍ଷାବିତ ଡକ୍ଟର ସୁଶାନ୍ତ କୁମାର ବିଶି, ଅରୁଣ କୁମାର ପଣ୍ଡା, ଅବନୀ ମୋହନ ଖମାରୀ ଏବଂ ଅଯୋଧ୍ୟା ନାଥ ଦାଶ କବିଙ୍କ ଲିଖିତ ଇଂରାଜୀ କବିତା ପାଠ କରିଥିଲେ। ପ୍ରାରମ୍ଭରେ କବି ମହାପାତ୍ରଙ୍କ ଅମର ଆତ୍ମାଙ୍କ ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ପଟ୍ଟାୟତ ନୀଳଲୋହିତ ସିଂଦେବ, ସତୀଶ କୁମାର ପଟ୍ଟନାୟକ, ସନାତନ ମହାନ୍ତି, ମୀନା ଶାହା, ନୀଳିମାରାଣୀ ସାଗର, ଆଦିତ୍ୟ ନାରାୟଣ ପଣ୍ଡା, କିଶୋର ବାଗ, କାର୍ତ୍ତିକ ବାଗ, ଚତୁର୍ଭୁଜ ସିଂହ ଦେଓ, ଶୁଭ ସଂକେତ ଯୋଷୀ, ରୋଶନ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ରୋଜଗାର ଦେଇଛି ମୂର୍ତ୍ତି କାରିଗରି



ଶିଳ୍ପୀ ହେମାନନ୍ଦ ସାହୁ ମୂର୍ତ୍ତି ତିଆରି କରୁଛନ୍ତି।

**କର୍ଲାମୁଣ୍ଡା,୪।୯(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ମହକୁମାଠାରୁ ଦୁଇ କିଲୋମିଟର ଦୂରରେ ରହିଛି ଫଲସାପଡା। ଏହି ଗାଁର ଶିଳ୍ପୀ ହେମାନନ୍ଦ ସାହୁ (୨୮) ମୂର୍ତ୍ତି ତିଆରି କରି ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି। ଚଳିତବର୍ଷ ଗଣେଶ ପୂଜା ପାଇଁ ବିଭିନ୍ନ ଗାଁରୁ ୮୦ଟି ଗଣେଶ ମୂର୍ତ୍ତି ତିଆରି ପାଇଁ ଅଗ୍ରୀମ ପାଇଛନ୍ତି। ପଥର କାରିଗରୀ ସାଙ୍ଗକୁ ମାଟିର ମୂର୍ତ୍ତି ତିଆରି ନିମନ୍ତେ ହେମାନନ୍ଦଙ୍କୁ ବହୁ ଦୂର ଦୁରନ୍ତାରୁ ଡାକରା ଆସିଥାଏ। ବର୍ଷକ ମଧ୍ୟରେ ଗଣେଶ ପୂଜା, ସରସ୍ୱତୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା ସମୟରେ ତାଙ୍କ ହାତ ତିଆରି ମୂର୍ତ୍ତିର ଚାହିଦା ରହିଥାଏ। ଏଥି ନିମନ୍ତେ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ସେ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଅନେକ ସମ୍ବଲପୁରୀ ଗୀତ ଲେଖିବା ସହ କଣ୍ଠଦାନ କରି ଅଞ୍ଚଳରେ ବେଶ ଲୋକପ୍ରିୟ ହୋଇପାରିଛନ୍ତି।

# ଓକିଲଙ୍କ ସୁରକ୍ଷା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ନୂଆପଡ଼ା,୪।୯(ମକାରୁ ବେମାଲ)**

ଉତ୍ତରପ୍ରଦେଶର ଗାଜିଆବାଦରେ ଜଣେ ଓକିଲଙ୍କୁ ଗୁଳି କରି ହତ୍ୟା କରିବା ଘଟଣାର ପ୍ରତିବାଦରେ ସୋମବାର ନୂଆପଡା ଜିଲା ଓକିଲ ସଂଘ ଓ ଜିଲା ସିଭିଲ ବାର୍ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଜିଆବାଦ କୋର୍ଟରେ କାର୍ଯ୍ୟରତ ଓକିଲ ମନୋଜ ଚୌଧୁରୀ ମଧ୍ୟାହ୍ନରେ ନିଜ ଚ୍ୟାମ୍ବରରେ ବସିଥିବା ବେଳେ କିଛି ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଲୋକଙ୍କ ସେବାରେ ଥାଇ ମଧ୍ୟ ଓକିଲମାନେ ସୁରକ୍ଷିତ ମଣୁ ନାହାନ୍ତି। କେତେବେଳେ ଅନ୍ୟ କେଉ ଓକିଲଙ୍କ ଉପରେ ଏହିପରି ଘଟଣା ଘଟି ଯାଇ ପାରେ ଏଡାଇ ଦେଇ ହେବନାହିଁ। ଯଥାଶୀଘ୍ର ଓକିଲ ପ୍ରୋଟେକ୍ସନ ଆକ୍ଟ ଲାଗୁ କରି ଓକିଲମାନଙ୍କୁ ସୁରକ୍ଷା ବ୍ୟବସ୍ଥା କରାଯାଉ ବୋଲି ଜିଲା ଓକିଲ ସଂଘ ଓ ଜିଲା ସିଭିଲ ବାର୍ ଓକିଲ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ଆଇନଜୀବୀ ମୁରଲିଧର ପଣ୍ଡା, ପ୍ରସନ୍ନ ମହାପାତ୍ର, ବିଶ୍ୱମଣି ପାଣିଗ୍ରାହୀ, ପପ୍ପୁ ସ୍ୱାଇଁ, କ୍ଷିତିଶ ଅଶୋକ ବୋଧନକର, କମଲେଶ ଦିକ୍ଷୀତ, ଅଶୋକ ଦେବାଙ୍ଗନ, ଲାଲଟୁ ବୋଷ, ରମେଶ ଭୋଇ, କୁମୁଦ ହୋତା, ପୁରୁଷୋତମ ସୋନି, ବାପି ଦାସ, ନିତୁ ବାଗ ପ୍ରମୁଖ ଓ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।

## ଗଙ୍ଗାଧର ଜୟନ୍ତୀ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଡ଼ିଆଳ,୪।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆ ସିକୁଆଁସ୍ଥିତ ଜ୍ଞାନାଲୋକ ଯୁବକ ସଂଘ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଛି। ସମାରୋହରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ନାଗ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ଜିଲା ଭୁଲିଆ ସମାଜ ଉପସଭାପତି ହରିହର ମେହେର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଭୁଲିଆ ସମାଜ ଗ୍ରାମ ସଭାପତି ଲିଙ୍ଗରାଜ ମେହେର ଏବଂ ମୁଖ୍ୟବକ୍ତା ଭାବେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ତଥା କବି ଗୌରାଙ୍ଗ କୁମାର ସାହୁ ଯୋଗଦେଇଥିଲେ। ଶିକ୍ଷକ ଗୌତମ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଲକ୍ଷ୍ୟପତି ଶବର, ଅଚ୍ୟୁତାନନ୍ଦ ପୁଟେଲ, ଅବିନାଶ ଶବର, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ସ୍ୱରାଜ କୁମାର ଦାସ, ଗିରିଶ ବାରିକ, ସଂଯୁକ୍ତା ମୈକାପ, ଦୀନକୃଷ୍ଣ କ୍ଷେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚାଷୀଙ୍କ ତହସିଲ କାର୍ଯ୍ୟାଳୟ ଘେରାଉ

**କୋକସରା,୪।୯**
**(ଦୁଷ୍ମନ୍ତ କୁମାର ପାଇଯୋଶୀ)**

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ମରୁଡ଼ି ଘୋଷଣା ଦାବି

କଳାହାଣ୍ଡି ଜିଲା କୋକସରା ବ୍ଲକରେ ନିଅଣ୍ଟିଆ ବର୍ଷା ଯୋଗୁ ସମ୍ଭାବ୍ୟ ମରୁଡି ପରିସ୍ଥିତି ଉପୁଜିଛି। ଶ୍ରାବଣ ମାସ ଯାଇ ଭାଦ୍ର ମାସ ଆସିଲା। ହେଲେ ବ୍ଲକର ଅନେକ ପଞ୍ଚାୟତର ଚାଷୀ ରୁଆ, ବେଉଷଣ କରି ପାରିନାହାନ୍ତି। ଯେଉଁ ଜମିରେ ରୁଆ, ବେଉଷଣ ହୋଇଥିଲା, ପାଣି ଅଭାବରୁ ଚାଷ ଜମି ଫାଟି ଆଁ କରିଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ଫାଇନାନ୍ସ ଓ ମହାଜନୀ ଋଣ ଆଣି ଚାଷ କାର୍ଯ୍ୟ କରିଥିଲେ। ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବ୍ଲକର ୨୨ ପଞ୍ଚାୟତରେ ମରୁଡି ସ୍ଥିତିଦେଖା ଦେଇଥିବା ବେଳେ କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କୃଷି ଋଣ ଛାଡ, କୃଷି ବୀମା ପ୍ରଦାନ ଓ ଛାତ୍ରୀଛାତ୍ରଙ୍କ ଫି' ଛାଡ଼ ଓ ଅନ୍ୟ ଦାବି ନେଇ ସୋମବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ସଚେତନ କୃଷକ ମଞ୍ଚ ଆବାହକ ଚାଷୀ ନେତା ଶିବପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ବ୍ଲକର ୨୨ ପଞ୍ଚାୟତର ଶତାଧିକ ମହିଳା ପୁରୁଷ କ୍ଷତିଗ୍ରସ୍ତ ଚାଷୀମାନେ କୋକସରା ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରି ଦାବି ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ୨୩ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଚେତନ କୃଷକ ମଞ୍ଚ ଆବାହକ ଶିବ ପ୍ରସାଦ ପ୍ରଧାନୀଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସଚେତନ କୃଷକ ମଞ୍ଚ ସଭାପତି ମିନକେତନ ପ୍ରଧାନୀ, ବୁଟୁନାଥ ସରାବୁ, ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ଗରୁଡ଼ ଧ୍ୱଜ ମାଝୀ, ମଙ୍ଗଲୁ ଚରଣ ଭାଟି, ଜୟଲାଲ ନାଏକ, ପଞ୍ଚକ ପୋଢ଼, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ଲଡୁଗାଁ ସରପଞ୍ଚ ନକୁଳ ନାଏକ, ସମିତି ସଭ୍ୟ ମହିମା ଘନଶ୍ୟାମ ନାଏକ, ଚିନ୍ତାମଣି ପଟେଲ, ରତୁରାଜ ମାଝି, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ସୁରେଶ ପାତ୍ରଙ୍କ ସମେତ ୨୨ ପଞ୍ଚାୟତ ଜନପ୍ରତିନିଧି ଓ ଚାଷୀମାନେ ଉପସ୍ଥିତ ରହିଥିଲେ।



ଚାଷୀମାନେ ଏକ ରାଲିରେ ତହସିଲ ଅଫିସ ଘେରାଉ ପାଇଁ ଯାଉଛନ୍ତି।

## ସଂକ୍ଷେପରେ

### ଗାଡି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**କନ୍ଧମାଳ,୪।୯(ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କସୁରବନ୍ଧ ଗ୍ରାମର ଦ୍ୱାରୁ ବେହେରା (୪୮)। ଦ୍ୱାରୁ ରବିବାର ରାତିରେ ମୋଟରସାଇକେଲ ଯୋଗେ ବହାଜୋର ଗ୍ରାମରୁ ନୂଆପାଲି ଯାଉଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ତୁରନ୍ତ ତାଙ୍କୁ ମନମୁଣ୍ଡା ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ପଞ୍ଚରଥ ମନ୍ଦିରରୁ ମୂର୍ତ୍ତି ଚୋରି ଅଭିଯୋଗରେ ଯୁବକ ଗିରଫ

**ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସହର ସୋନପୁର ଥାନା ନିକଟସ୍ଥ ପଞ୍ଚରଥ ଶିବ ମନ୍ଦିରରୁ ଶନିବାର



ରାତିରେ ମୂର୍ତ୍ତି ଚୋରି ହୋଇଥିଲା। ସୋନପୁର ପୋଲିସ ଏହି ଘଟଣାରେ ତଦନ୍ତ କରି ମୂର୍ତ୍ତି ଚୋରି କରିଥିବା ଆଲୋକ ସେଠୀ(୩୧)ଙ୍କୁ ସୋମବାର ଗିରଫ କରିଛି। ଆଲୋକଙ୍କ ଘର ସୁବର୍ଣ୍ଣପୁର ଜିଲା ଲଛିପୁରରେ। ମନ୍ଦିରରୁ ଧାତୁରେ ନିର୍ମିତ ଶିବ, ପାର୍ବତୀ, ବିଷ୍ଣୁ ଓ ଗଣେଷଙ୍କ ମୂର୍ତ୍ତି ସହ ଏକ କଳସ ଓ ଘଣ୍ଟି ଚୋରି ହୋଇଥିଲା। କିରନ ଚରଣ ଦାଶ ନାମକ ଜଣେ ରଙ୍ଗମସ୍ତ୍ରୀଙ୍କ ପାଇଁ ଚୋରି ହୋଇଥିବା ମୂର୍ତ୍ତି ଓ ସାମଗ୍ରୀ ରବିବାର ଉଦ୍ଧାର ହୋଇଥିଲା। ପୂଜକଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

### ଏନ୍ଏସି ଲିଗ୍ ଫୁଟ୍‌ବଲ: ଗେହ୍ଲା ମା' କ୍ଲବ ଫାଇନାଲରେ

**ବୌଦ୍ଧ,୪।୯(ଅଜିତ କୁମାର ବାରିକ):** ବୌଦ୍ଧଗଡ ଏନ୍ଏସି ପକ୍ଷରୁ କଚେରି ପଡିଆରେ ଚାଲିଥିବା ଏନ୍ଏସି ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ ଗେହ୍ଲା ମା' କ୍ଲବ ବୌଦ୍ଧ ଓ ଆଇଆର୍‌ବି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗେହ୍ଲା ମା' କ୍ଲବ ୨-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚରେ ଅତିଥି ଭାବରେ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷ ସୁବାଶିନୀ ସେଠୀ, ଜିଲା କ୍ରୀଡା ସଂସଦର ସମ୍ପାଦକ ରବିନ୍ଦ୍ର କୁମାର ରାଉତ, ଜିଲା ପ୍ରେସ କ୍ଲବ ସଭାପତି ବରଜ କୁମାର ବେହେରା, ଆଇନଜୀବୀ ରାଜେନ୍ଦ୍ର ଦେହୁରି, କାଉନସିଲର ସନ୍ତୋସିନୀ ନେପାକ ଯୋଗଦେଇଥିଲେ। ମ୍ୟାଚକୁ ରେଫରି ସୁବ୍ରତ ପୁରୋହିତ, ଅମିତ ନାୟକ, ସୂର୍ଯ୍ୟକାନ୍ତ ବେହେରା ପରିଚାଳନା କରିଥିଲେ।

### ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୪।୯(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୪।୧୨।୨୦୧୫ ତାରିଖରେ ବୌଦ୍ଧ ଅବକାରୀ ବିଭାଗର କର୍ମଚାରୀ କନ୍ଧମାଳ ଥାନା ବରାହକାଲୁ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ସେହି ଗ୍ରାମର ନିର୍ମଳ ରଣା ଏକ ମୋଟରସାଇକେଲ ପଛରେ ବସ୍ତାରେ ଗଞ୍ଜେଇ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି ନିର୍ମଳ ଖସିଯିବାକୁ ଉଦ୍ୟମ କରୁଥିବାବେଳେ କର୍ମଚାରୀ ତାଙ୍କୁ କାବୁ କରିଥିଲେ। କର୍ମଚାରୀମାନେ ବସ୍ତାରେ ଥିବା ୨୦କେଜି ଗଞ୍ଜେଇ ଜବତ କରିବା ସହ ନିର୍ମଳଙ୍କୁ ଗିରଫ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ମାମଲାଟି ପରିବର୍ତ୍ତୀ ସମୟରେ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (୨ଏସିସି୨୩/୧୫) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ନିର୍ମଳଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରିତମ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସକୁ ଗୁରୁତ୍ୱ



ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ଏସ୍‌ପି ଓ କମିଟି ସଭ୍ୟ ବୃନ୍ଦ।

- ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱ ଗଛରେ ଲାଗିବ ରିଫ୍ଲେକ୍ଟର ଷ୍ଟ୍ରିପ୍
- ଏନ୍ଏଚ୍‌କୁ ସଂଯୋଗ କରୁଥିବା ରାସ୍ତାରେ ହମ୍ପସ୍ ନିର୍ମାଣ ହେବ
- ୭ ମାସରେ ୫୭ ଦୁର୍ଘଟଣା, ୩୯ ଜୀବନହାନୀ

**ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)** ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ଉକ୍ତ ବୈଠକରେ ଅଧକ୍ଷତା କରିଥିଲେ। କମିଟି ଆବାହକ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଜୁଲାଇ ମାସରେ ଜିଲାରେ ୩ଟି ଦୁର୍ଘଟଣା ଘଟିଥିଲା। ସେଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାରେ ଚଳିତ ବର୍ଷ ଜାନୁୟାରୀରୁ ଜୁଲାଇ ମଧ୍ୟରେ ୫୭ଟି ଦୁର୍ଘଟଣା ଘଟିଛି। ଏଥିରେ ୩୯ ଜଣଙ୍କ ଜୀବନ ଯାଇଛି। ଅନେକ ଆହତ ହୋଇଛନ୍ତି। ତେଣୁ ସଚେତନତା କାର୍ଯ୍ୟକ୍ରମ, ପୋଲିସ ଓ ପରିବହନ ବିଭାଗର ଯାନବାହାନ ଯାଞ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା। ଜୁଲାଇ ମାସରେ ବିନା ହେଲମେଟ୍‌ରେ ବାଇକ୍ ଚଳାଉଥିବା ୫୨୪ ଜଣଙ୍କୁ ଓ ମଦ୍ୟପାନ କରି ଡ୍ରାଇଭିଂ କରୁଥିବା ୨୧ ଜଣଙ୍କୁ ଧରା ଯାଇଥିଲା। ମୋଟ ୧୭୨ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଦୁର୍ଘଟଣା ହ୍ରାସ ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ୧୦ଟି ବ୍ଲାକ ସ୍ପଟ୍(ଦୁର୍ଘଟଣା ପ୍ରବଣ ଅଞ୍ଚଳ)ରେ ସୂଚନା ଫଳକ ଲଗାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ଗୁଡିକରେ ଦୁର୍ଘଟଣା ବୃଦ୍ଧି ପାଉଛି। ସେଥିପାଇଁ ସଂଯୋଗ କରୁଥିବା ରାସ୍ତା ପୂର୍ବରୁ ହମ୍ପସ୍ ନିର୍ମାଣ କରିବାକୁ ସମ୍ପୃକ୍ତ ରାସ୍ତାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱରେ ରିଫ୍ଲେକ୍ଟର ଷ୍ଟ୍ରିପ୍ ଲଗାଯାଇନି। ଏଥିପାଇଁ ରାତିରେ ଦୁର୍ଘଟଣା ଘଟୁଛି। ତେଣୁ ଜିଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ତରଭା ନମସ୍ତେ ଛକଠାରୁ ସୋନପୁର ତେଲନଦୀ ବ୍ରିଜ୍ ପର୍ଯ୍ୟନ୍ତ ଓ ଏସ୍ ପତ୍ରାପାଲିରୁ ବୀରମହାରାଜପୁର-କଦଳୀଗଡ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଗଛରେ ରିଫ୍ଲେକ୍ଟର ଷ୍ଟ୍ରିପ୍ ଲଗାଯିବ। ଏହି କାର୍ଯ୍ୟ ଶିଘ୍ର ସାରିବାକୁ ଜିଲାପାଳ ରାୟ ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଏସ୍‌ପି ଅମରେଶ କୁମାର ପଣ୍ଡା, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ଦାମୋଦର କୈବର୍ତ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ଇଂ ପହଲ୍ଲାଦ ମୁଣ୍ଡା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଓଏସଆରଟିସିର ସୁବର୍ଣ୍ଣପୁର ଜିଲା ସାଧାରଣ ପରିଚାଳକ ଜୟଶ୍ରୀ ମଣ୍ଡଳ ଲକ୍ଷ୍ମୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଜିଲା ସଡକ ସୁରକ୍ଷା କମିଟି ସଭ୍ୟ ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ ମେହେର, ପୁରୁଷୋତ୍ତମ ପାଣିଗ୍ରାହୀ, ରେଆରର ଅଞ୍ଜଳି ନେଗୀ, ଜୁନିୟର ଏମଭିଆଇ ବିଶ୍ୱରଞ୍ଜନ ସାହୁ ଓ ଟ୍ରକ ମାଲିକ ସଂଘର ଭାସ୍କର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଶିବିରରେ ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

**ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)** ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଶୁଣିଥିଲେ। ପଞ୍ଜିକୃତ ମୋଟ ୩୨ଟି ଅଭିଯୋଗ ଦରଖାସ୍ତ ମଧ୍ୟରୁ ୨୭ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଥିଲା। ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ୫୪ ଜଣ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ସୋନପୁରର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପିଡି ଡ୍ରୁଡା ବିଶ୍ୱରଞ୍ଜନ ବାରିକ୍, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ତହସିଲଦାର ନବୀନ କିଶୋର ପାଢୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ।

# ପ୍ଲାଷ୍ଟିକମୁକ୍ତ ପରିବେଶ ନିମନ୍ତେ ସଚେତନତା




ସଚେତନତା ଶୋଭାଯାତ୍ରା ବସ୍ତି ପରିକ୍ରମା କରୁଛି।

**ଅମରପାଲି, ୪।୯(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳିକା ହାଇସ୍କୁଲରେ ସୋମବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଣୀ ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସୁସ୍ଥ ପରିବେଶ ପାଇଁ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ଆନନ୍ଦଦାୟିନୀ ସିଂ ବାବୁ, ଅରୁନ୍ଧତି ମଲ୍ଲିକ, ଶିକ୍ଷକ ରାଜା ବାରିକ, ଆକାଶ କୁମାର ବେହେରା, ଏସ.ଏସ. ପ୍ରିୟଦର୍ଶିନୀ ସ୍ୱଚ୍ଛତା ଉପରେ ମତବ୍ୟକ୍ତ କରିଥିଲେ। ପରେ ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ବ୍ୟାନର ଓ ପ୍ଲାକାର୍ଡ ଧରି ବୀରମହାରାଜପୁର ବସ୍ତି ପରିକ୍ରମା କରିଥିଲେ। ସ୍ୱଚ୍ଛତା ଓ ପ୍ଲାଷ୍ଟିକମୁକ୍ତ ପରିବେଶ ନିମନ୍ତେ ଲୋକଙ୍କୁ ସଚେତନ କରାଯାଇଥିଲା।

# ଚିନାୟୁରୀ-ରେଟାମୁଣ୍ଡା କେନାଲ ରାସ୍ତାରେ ଗର୍ତ୍ତ

**ଡୁଙ୍ଗୁରିପାଲି, ୪।୯(ଦୀନବନ୍ଧୁ ସୁନା)** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚିନାୟୁରୀ-ରେଟାମୁଣ୍ଡା ମୁଖ୍ୟ କେନାଲ ରାସ୍ତା ଚିନାୟୁରୀ ନିକଟରେ ଦବିଯାଇ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ସମ୍ପୃକ୍ତ ପଥରେ ଯାତାୟାତ ପାଇଁ ବିପଜ୍ଜନକ ହୋଇପଡିଛି। ଏହି ରାସ୍ତା ପଥରଖଣ୍ଡି, ଅନ୍ତପାଲି, ଗୁଲିହାପଦର, ତିତେରକୁନ୍ଦ, ଭାଲୁପାଲି, ସତଲମା, ରାମପୁରକୁ ସଂଯୋଗ ହୋଇଛି। ଦବି ଯାଇଥିବା ସ୍ଥାନରେ ସୁରକ୍ଷା ସଂକେତଭାବେ ତାଳପତ୍ର ଇଟା ଦିଆଯାଇଛି। ଇତିମଧ୍ୟରେ ୧୫ ଦିନ ବିତି ଯାଇଥିଲେ ବି କୌଣସି ପଦକ୍ଷେପ ନିଆ ଯାଉନି। ଏ ସମ୍ପର୍କରେ ଚିନାୟୁରୀ ସେକସନ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ମାନଙ୍କରଙ୍କୁ ପଚାରିବାରୁ ଦିନେ ଦୁଇ ଦିନ ଭିତରେ କାମ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା



ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ବିଚାରକ ଓ ଶିକ୍ଷକ।

**ମୁର୍ଷୁଣ୍ଡି ହାଇସ୍କୁଲ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ**

**ଅମରପାଲି,୪।୯( ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଉଛି। ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାଟକ ପ୍ରତିଯୋଗିତାରେ ବ୍ଲକର ୬ ଟି ହାଇସ୍କୁଲର ୪୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତି ନାଟକରେ ଆଠ ଜଣ ଲେଖାଏ ଅଂଶଗ୍ରହଣ କରିଥିଲେ। ପିତମହୁଲ ହାଇସ୍କୁଲ ସମାଜରେ ଅନ୍ଧ ବିଶ୍ୱାସ ଶୀର୍ଷକ ବିଜ୍ଞାନ ନାଟକ ପରିବେଷଣ କରିଥିଲେ। ସୁବଳୟା ହାଇସ୍କୁଲ ସ୍ୱାସ୍ଥ୍ୟର ଯତ୍ନ ଉପରେ ସଚେତନତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାମାଜିକ ଅନ୍ଧବିଶ୍ୱାସ, ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲ ମାଣ୍ଡିଆ ଏକ ଉତ୍ତମ ଖାଦ୍ୟ, ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ ସ୍ୱଚ୍ଛ ଭାରତ, ବୀରମହାରାଜପୁର ବାଳିକା ହାଇସ୍କୁଲ ଦୈନନ୍ଦିନ ଜୀବନରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଶୀର୍ଷକ ବିଜ୍ଞାନ ନାଟକ ପରିବେଷଣ କରିଥିଲେ। ନାଟ୍ୟଗୁରୁ ନାରାୟଣ ଦେହୁରୀ ଓ ହୃଷୀକେଶ ଦାସ ବିଚାରକଭାବେ ଯୋଗଦେଇ ନାଟକଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲର ନାଟକ ଶ୍ରେଷ୍ଠ ବିବେଚିତ ହୋଇ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛି। ଆସନ୍ତା ୮ ତାରିଖରେ ସୁବର୍ଣ୍ଣପୁର ମହାରାଜା ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ମୁର୍ଷୁଣ୍ଡି ହାଇସ୍କୁଲ ଅଂଶଗ୍ରହଣ କରିବ।

# କବିତା ପୁସ୍ତକ ଉନ୍ମୋଚନ ଉତ୍ସବ

**ବରଗଡ଼,୪।୯(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଗାନ୍ଧୀ ଭବନ ପାଠାଗାର ପରିସରରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ସୃଷ୍ଟି ଫାଉଣ୍ଡେଶନ ତରଫରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କବି ରୋହିତ ଦାଶଙ୍କ କବିତା ପୁସ୍ତକ ଓଲଟ ବୃକ୍ଷ ଏବଂ ଭିଜା ଭିଜା ବର୍ଷା ଉନ୍ମୋଚିତ ହୋଇଥିଲା। ସୃଷ୍ଟି ଫାଉଣ୍ଡେଶନର ଅଧ୍ୟକ୍ଷା ଜିତାରାଣୀ ଦାଶଙ୍କ ଉଦ୍ୟମରେ ହୋଇଥିବା ଉକ୍ତ ଉତ୍ସବରେ ଶାନ୍ତି ନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଶରତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକର ରଚୟିତା କବି ଦାଶଙ୍କ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଝାଡ଼ଖଣ୍ଡ ଚାଇଁବସାସ୍ଥିତ କୋହ୍ଲଣ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ହରିହର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ଦାଶଙ୍କ ଲିଖିତ କବିତାର ଉଲ୍ଲେଖନୀୟ ଦିଗ ଉପରେ ଆଲୋକପାତ କରିଥିଲେ।




ଅତିଥିବୃନ୍ଦ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

କବି ଡ. ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଡ. ରଘୁନାଥ ମେହେର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବେତାର ଶିଳ୍ପୀ ଗୋପାଳକୃଷ୍ଣ ଦାଶ, ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟାପକ ଡ. ଉମେଶ ମହାପାତ୍ର, କଣ୍ଠଶିଳ୍ପୀ ଅଶୋକ ପଶାୟତ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ତପସ୍ୱିନୀ ଗୁରୁ, ଦାମୋଦର ସାହୁ, ପଞ୍ଚାନନ ବାରିକ, ଆୟାସ ପଣ୍ଡା, ଆଲୋକ ରଞ୍ଜନ ଦାଶ, ପ୍ରତ୍ୟୁଷ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସୁକୋମଳ ଦାଶ, ରୋହିତ ଦାଶ ଉନ୍ମୋଚିତ ପୁସ୍ତକରୁ ୨ଟି କବିତା ପାଠ କରିଥିଲେ। ପ୍ରାରମ୍ଭରେ କବି ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶୋକସଭା ହୋଇଥିଲା।

# ଜିଲାସ୍ତରୀୟ ହକି, ଭଲିବଲ ପ୍ରତିଯୋଗିତା

**ବୌଦ୍ଧ,୪।୯(ଅଜିତ କୁମାର ବାରିକ)** ବୌଦ୍ଧ ଜିଲା ଷ୍ଟାଡିୟମରେ ସୋମବାର ହକି ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପବିତ୍ର ରାଉତ, ଜିଲା ମିଲେଟ ମିଶନ କୋଅର୍ଡିନେଟର ଜିତେନ୍ଦ୍ର କରଡି ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ କନ୍ଧମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ୬୦ ଜଣ ପ୍ରତିଯୋଗୀ ଯୋଗଦେଇଥିଲେ।

# ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସଚେତନତା ସମାବେଶ

**ବୀରମହାରାଜପୁର,୪।୯ (ପୀତାମ୍ବର ସାହୁ)** ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡିଶା ଓ ଜିଲା ମତ୍ସ୍ୟ ବିଭାଗ ସୁବର୍ଣ୍ଣପୁରର ମିଳିତ ଅନୁକୂଲ୍ୟରେ ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖମ୍ବେଶ୍ୱରୀପାଲିଠାରେ ମତ୍ସ୍ୟ ସମ୍ପଦ ବିକାଶ ଓ ଉତ୍ପାଦନ ବୃଦ୍ଧି ସଚେତନତା ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାନଦୀରେ ମତ୍ସ୍ୟ ସମ୍ପଦ ବିକାଶ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ଯାଆଁଳା ଛାଡ଼ିବା କାର୍ଯକ୍ରମ ନେଇ ଉକ୍ତ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ ମୂଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲାଷ୍ଟିଂ ଓ ବିଷତେଲ ପ୍ରୟୋଗ କରି ବେଆଇନ ମାଛ ମାରିବାକୁ ନିଷିଦ୍ଧ ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ବିଭୂତି ପଧାନ ଯୋଗଦେଇ ମହାନଦୀର ମତ୍ସ୍ୟ ସମ୍ପଦ ବିକାଶ ନିମନ୍ତେ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ଜଳସମ୍ପଦ ବିକାଶ ପାଇଁ ଯାଆଁଳା ଛଡାଯିବ ବୋଲି କହିଥିଲେ। ଶତାଧିକ ମତ୍ସ୍ୟଜୀବୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।ମତ୍ସ୍ୟଜିବୀ ପରିବାର ତରଫରୁ ରଞ୍ଜନ ବାଘ, ଘୁଣ୍ଟୁ ଗୋପାଳ ଝଙ୍କାର, ୱାର୍ଡ ସଭ୍ୟ ଧରିତ୍ରୀ ବାଘ ଏଥିରେ ସହଯୋଗ କରିଥିଲେ।

# କୁଲୁତା ସମାଜର ସାଙ୍ଗଠନିକ ବୈଠକ

**ବାଉଁଶୁଣୀ, ୪।୯(ଦେବାଶିଷ ନେପାକ)** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ସ୍ଥିତ (ଜହ୍ନପଙ୍କ) ଆନନ୍ଦମାର୍ଗ ଆଶ୍ରମଠାରେ ଆଞ୍ଚଳିକ କୁଲୁତା ସମାଜର ସାଙ୍ଗଠନିକ ବୈଠକ ଆଞ୍ଚଳିକ ସଭାପତି ବର୍ଷଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଅଧିଷ୍ଠାତ୍ରୀ ଦେବୀ ରଣେଶ୍ୱର ରାମଚଣ୍ଡୀଠାରେ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲା କୁଲୁତା ସମାଜ ସଭାପତି ବିରଞ୍ଚ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଓ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଭୋଇ, ଯୁଗ୍ମ ନିର୍ବାଚନ ଅଧିକାରୀ ନରେନ୍ଦ୍ର ସାହୁ, ଜିଲା ସହ ସମ୍ପାଦକ ବସୁଦେବ ନାଏକ, ଉପସଭାପତି ସ୍ୱାଧୀନ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜହ୍ନାପଙ୍କଠାରେ ନିର୍ମାଣ ହେବାକୁ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିର କିପରି ସମ୍ପନ୍ନ ହେବ ସେଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ କଷ୍ଟ ସାହୁ, ଉପସଭାପତି ସାଗର ନାଏକ, ସମ୍ପାଦକ ବସୁଦେବ ନାଏକ, ସହସମ୍ପାଦକ ପାର୍ଥ ପ୍ରଧାନ, କୋଷାଧକ୍ଷ ନରେନ୍ଦ୍ର ସାହୁଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶେଷରେ ସ୍ୱାଧୀନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଦଶରଥ ପ୍ରଧାନ, ସୁନୀଲ ବାରିକ, ସନ୍ତୋଷ ଭୋଇ, ସିଦ୍ଧେଶ୍ୱର ପ୍ରଧାନ ପ୍ରମୁଖ ଆଞ୍ଚଳିକ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ସୁନାଗରିକ ହୁଅ, ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କର

**ରାଜ୍ୟ, ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ପୁରସ୍କୃତ**

**ତରଭା, ୪।୯(ମାନଭଞ୍ଜନ ମିଶ୍ର)** ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜରେ ରାଜ୍ୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ପୁରସ୍କୃତ କରାଯାଇଛି। କଲେଜ ଅଧକ୍ଷା ସୁଶ୍ରୀ ମିନତୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ନିରଞ୍ଜନ ପୂଝାରୀ, କଲେଜ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କୃତ କରିବା ଅବସରରେ ମନ୍ତ୍ରୀ ପୂଝାରୀ ତାଙ୍କ ବକ୍ତ୍ୟବରେ ସୁନାଗରିକ ହୋଇ ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କର ବୋଲି କହିଥିଲେ। କଲେଜ ପରିଚାଳନା




ମନ୍ତ୍ରୀ ନିରଞ୍ଜନ ପୂଝାରୀଙ୍କ ସହ ଅନ୍ୟାନ୍ୟ ଅତିଥି।

କମିଟି ସଭାପତି ସାହୁ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ଦିଗଦର୍ଶନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କୁମାର କମ୍ପ, ଏନଏସି ଉପାଧକ୍ଷ ଗଗନ ଅଗ୍ରୱାଲ ଉପସ୍ଥିତ ଥିଲେ। ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଦେବେନ୍ଦ୍ର ବିଜୟ ସାହୁ, ବୃକୋଦର ମେହେର, ରାଜେଶ ମେହେର, ଜୟ ପ୍ରକାଶ ସାହୁ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, ସନ୍ତୋଷ କୁମାର ଚାନ୍ଦ, ଖେଳ ଶିକ୍ଷକ ସଞ୍ଜୀବ ସାହୁ ଯୋଗଦାନ କରିଥିଲେ। ନବ ନିର୍ମିତ ଶୈକ୍ଷିକ କୋଠାର ପାଚେରି ଓ ନିର୍ମାଣ ହେଉଥିବା ସମ୍ମିଳନୀ କକ୍ଷ ଶୀଘ୍ର ସମାପ୍ତ ହେବ ବୋଲି ମନ୍ତ୍ରୀ ପୂଜାରୀ ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଭାରସାମ୍ୟ ହରାଇ ବାଇକ୍ ଆରୋହୀ ମୃତ

**କୁଆଁରମୁଣ୍ଡା,୪।୯(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ ଫରେଷ୍ଟ ବିଟ୍ ହାଉସ୍ ଓ ଜଟିଆ ରାସ୍ତା ମଧ୍ୟରେ ରବିବାର ଏକ ବାଇକ୍ ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭିଷେକ କୁଜୁର(୨୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା( ନଂ ୧୮୯/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଅଭିଷେକ ଓଡି୧୪ଓ୍ୱାଇ୫୬୨୦ ବାଇକ୍ ଯୋଗେ ଫରେଷ୍ଟ ବିଟ୍ ହାଉସ ଆଡକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ମୃତ ଅଭିଷେକ ହାତୀ ଘଉଡାଳୀଭାବେ କଚାରୁ ଫରେଷ୍ଟ ବିଟ୍ ଅଞ୍ଚଳରେ କାମ କରୁଥିଲେ। ରବିବାର ଛୁଟି ନେଇଥିଲେ ବୋଲି କୁଆଁରମୁଣ୍ଡା ବନ ରେଞ୍ଜ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ୭୧ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

**ସୁନ୍ଦରଗଡ଼,୪।୯(ଜୟ ନାରାୟଣ ମେଣ୍ଟୁଲି) :** ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ପରାଗ ହର୍ଷଦ ଗଭାଲି ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଆଦିର ଶୁଣାଣି କରିଥିଲେ। ମୋଟ ୧୯୩ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୪୯ ବ୍ୟକ୍ତିଗତ ଏବଂ ୪୪ ସାମୂହିକ ଅଭିଯୋଗ ରହିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨୯ଟି ଆବେଦନ ଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ମଧୁବାବୁ ପେନ୍‌ସନ ଯୋଜନା, ରାସନ କାର୍ଡ, ଡ୍ରେନେଜ ସମସ୍ୟା, ବିଦ୍ୟାଳୟ, କଳାକାର ଭତ୍ତା ଆଦି ସବୁ ରହିଥିଲା। ୭୧ଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ ହୋଇଥିଲା। ବାକି ରହିଥିବା ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ (ସାଧାରଣ), ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା (ରାଜସ୍ୱ), ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ମନୋଜ ମହାଜନ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ସଦର ଉପଜିଲାପାଳ ଦାଶରଥି ସରାବୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସିଲିଂ ଜମି ପଟ୍ଟା ଦେବାକୁ କୋଶଳ ସମାଜର ଦାବି

**ବଡ଼ଗାଁ,୪।୯( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ସିଲିଂ ଜମି ପାଇଥିବା ହିତାଧିକାରୀଙ୍କୁ ଦୀର୍ଘ ବର୍ଷରୁ ଜମି ପଟ୍ଟା ଦିଆଯାଉ ନାହିଁ। ଏନେଇ କୋଶଳ ସମାଜ ପକ୍ଷରୁ ତୁରନ୍ତ ହିତାଧିକାରୀଙ୍କୁ ସେମାନଙ୍କ ସିଲିଂ ଜମି ପଟ୍ଟା ପ୍ରଦାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ହିତାଧିକାରୀଙ୍କୁ ପଟ୍ଟା ଦିଆ ନ ଗଲେ ବଡ଼ଗାଁ ତହସିଲ ଅଫିସ ଘେରାଉ କରାଯିବ ବୋଲି ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ବ୍ଲକର କେତେକ ପଞ୍ଚାୟତର ବହୁ ସଂଖ୍ୟକ ହିତାଧିକାରୀ ସିଲିଂ ଜମି ପଟ୍ଟା ପ୍ରଦାନ ପାଇଁ ଆବେଦନ କରିଥିଲେ ମଧ୍ୟ ତହସିଲ ଅଫିସରେ ପଟ୍ଟା ନ ଦେଇ ହଇରାଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହି କ୍ରମରେ ସୋମବାର କୋଶଳ ସମାଜର ମହାସଚିବ ଦିଲ୍ଲୀପ ପଣ୍ଡା ଜିଲାପାଳଙ୍କ ଜନ ଶୁଣାଣିରେ ଲିଖିତ ଜଣାଇଥିଲେ। ଏହା ଉପରେ ଜିଲାପାଳ ତହସିଲଦାରଙ୍କୁ ୧୫ ଦିନ ମଧ୍ୟରେ ତଦନ୍ତ କରି ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସ୍ଥିତ ମୁକୁନ୍ଦପୁର ଜଙ୍ଗଲକୁ ଯାଉଛନ୍ତି ଝାଡ଼ଖଣ୍ଡ ଜଙ୍ଗଲରୁ ଆସିଥିବା ୨୨ ଟିକିଆ ହାତୀ ପଲ।

## ମୁକୁନ୍ଦପୁର ଜଙ୍ଗଲକୁ ଗଲେ ୨୨ ହାତୀ

**ବଡ଼ଗାଁ,୯।୮(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳକୁ ଝାଡ଼ଖଣ୍ଡ ଜଙ୍ଗଲରୁ ୨ମାସ ପୂର୍ବେ ଆସିଥିବା ୨୨ଟି ହାତୀ ପଲ କିଛି ଦିନ ହେଲା ମହାବୀର ପର୍ବତରେ ରହୁଥିଲେ। ସୋମବାର ଭୋର୍ ୫ଟାରୁ ଏହି ହାତୀପଲ ମୁକୁନ୍ଦପୁର ଗାଁ ନିକଟ ଜଙ୍ଗଲକୁ ଫେରିଛନ୍ତି। ବନ କର୍ମଚାରୀ ବିଜୁ ନାଏକ, ହରିହର ସାହୁ, ବ୍ରହ୍ମା ନାଏକ, ଅଭିନ ସୁନ୍ଦର୍ ସାହୁ, ସମୀର ଟିଗା, ବିକାଶ ନାଗ, ଯଶିକାନ୍ତ ବୁଡ଼ା ହାତୀପଲକୁ ଘଉଡାଇ ଜଙ୍ଗଲରେ ନେଇ ଛାଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ହାତୀପଲ ଉପଦ୍ରବ କରି ନ ଥିଲେ ମଧ୍ୟ ଗାଁ ନିକଟ ଜଙ୍ଗଲରେ ଥିବାରୁ ଧାନ ଚାଷ ନଷ୍ଟ କରିବା ଆଶଙ୍କା ପ୍ରକାଶ ପାଇଛି।

# ଗୁରୁ ହିଁ ମାର୍ଗଦର୍ଶକ

ସୁନ୍ଦରଗଡ,୪।୯
(ଜୟ ନାରାୟଣ ମେଣ୍ଟୁଲି)

ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକକୁ ଯିଏ ବାଟ ଦେଖାନ୍ତି ସେ ହିଁ ଗୁରୁ। ଭାରତ ବର୍ଷର ଗୁରୁ ଶିଷ୍ୟ ପରମ୍ପରା, ମୂଲ୍ୟବୋଧ ଭାରତୀୟ ସଂସ୍କୃତିକୁ ଗୌରାନିତ୍ୱ କରିପାରିଛି। ଏହି ମହାନ ପରମ୍ପରାକୁ ବଜାୟ ରଖିବା ପାଇଁ ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜୟନ୍ତୀକୁ ପବିତ୍ର ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଶିକ୍ଷାଦାନ ଭଳି ମହାନ ବୃତ୍ତିକୁ ଆପଣାଇ ଶିକ୍ଷାର ଆଲୋକ ବୁଣି ଥିବା ଗୁରୁଙ୍କ ଅଭିବ୍ୟକ୍ତିକୁ ନେଇ ଉପସ୍ଥାପନା।



ଗୁରୁଶିଷ୍ୟର ପରମ୍ପରା ଆଦି କାଳରୁ ଭାରତୀୟ ସଂସ୍କୃତିର ପରିଚାୟକ। ଆଜି ମନେ ପଡେ ବାଲ୍ୟକାଳରୁ ଶିକ୍ଷକତା କରିବା ପର୍ଯ୍ୟନ୍ତ ମତେ ଶିକ୍ଷାଦାନ କରିଥିବା ଗୁରୁଙ୍କୁ। ଶିକ୍ଷକତା ଜୀବନରେ ଏହାର ମହତ୍ତ୍ୱକୁ ଆହୁରି ଅନୁଭବ କରୁଛି। ଶିକ୍ଷକଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ରାଷ୍ଟ୍ର ନିର୍ମାଣରେ ନିଜର ଅବଦାନ ଦେଇଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଏହି ଗୁରୁଶିଷ୍ୟ ପରମ୍ପରା ଆଗକୁ ମଧ୍ୟ ବଜାୟ ରହିବ ବୋଲି ମୋର ଦୃଢ ଆଶା ଓ ବିଶ୍ୱାସ।

**– ସସ୍ମିତା ଯୋଷୀ**
ସହକାରୀ ଶିକ୍ଷକ, ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ, ସୁନ୍ଦରଗଡ।

ସଫଳ ଜୀବନ ପାଇଁ ଗୁରୁଙ୍କ ଛାପ ଅର୍ନିବାର୍ଯ୍ୟ। ଗୁରୁଙ୍କ ଚାଲିଚଳନ, ଚିନ୍ତା ଧାରା ଆଦର୍ଶ ଶିଷ୍ୟ ଉପରେ ବିଶେଷ ପ୍ରଭାବ ପକାଏ। ଗୁରୁ ଶିଷ୍ୟ ସମ୍ପର୍କ ଆମ ସମୟରେ ଯେମିତି ଥିଲା ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି। ଗୁରୁଙ୍କ ଗୁରୁ ଦାୟିତ୍ୱ ରହିବା ବିଧେୟ। ଏବେ ମଧ୍ୟ ଶିଷ୍ୟଙ୍କ ଭକ୍ତିଭାବ,ସମ୍ମାନବୋଧ କମି ନାହିଁ। ଏହି ସମ୍ପର୍କ ସବୁଦିନ ବଜାୟ ରହୁ। ଦେଶ, ଜାତିର ମାନ ସର୍ବଦା ଉଚ୍ଚରେ ରହୁ।



**–ବିଜୟ କୁମାର ସାହୁ,** ଅଧ୍ୟକ୍ଷ
ଭେଡାବାହାଲ ମହାବିଦ୍ୟାଳୟ, ସୁନ୍ଦରଗଡ।



ପିତାମାତାଙ୍କ ପରେ ମନୁଷ୍ୟକୁ ଯଦି କିଏ ସଠିକ ଦିଗଦର୍ଶନ ଦିଏ ସିଏ ହେଉଛନ୍ତି ପୂଜ୍ୟ ଗୁରୁ। ବିଦ୍ୟାଦାନ ସହ ଜ୍ଞାନ ଉଦୟ, ବିବେକାନୁମୋଦିତ କାର୍ଯ୍ୟ କରିବା ପାଇଁ ପଥ ପଦର୍ଶକ। ନିଜ ରୁଚିକୁ ଉଡାଣ ଦେବାପାଇଁ ସାହାସ ଜୁଟାଇବା। ତେଣୁ ଗୁରୁ ହିଁ ମୋ'ଜୀବନରେ ଶ୍ରେଷ୍ଠ ପଥପଦର୍ଶକ।

**– ବିବିଧ ବିଶ୍ୱ,** ଯୁବ ଗାଳ୍ପିକ



ପିତାପୁତ୍ରଙ୍କ ସମ୍ପର୍କ ପରି ଗୁରୁ ଶିଷ୍ୟଙ୍କ ସମ୍ପର୍କ ସରଳ,ଅନାବିଳ ଓ ନିଷ୍କପଟ ହେବା ଉଚିତ। ଗୁରୁଭକ୍ତି ହିଁ ଜ୍ଞାନ ଭଣ୍ଡାର ଖୋଲିବା ପାଇଁ ପ୍ରକୃତ ଚାବିକାଠି। ନିର୍ଜିବ ପାଷାଣ ଦେହରେ ପ୍ରାଣ ସଞ୍ଚାର କରି ପାରୁଥିବା, ମୂକକୁ ବାଚାଳ କରି ପାରୁଥିବା, ମାଟି ପିଣ୍ଡୁଳାକୁ ଯେକୌଣସି ସାର୍ଥକ ପ୍ରାଣବନ୍ତ କରିପାରୁଥିବା ବଳିଷ୍ଠ ବ୍ୟକ୍ତିତ୍ୱର ଅନ୍ୟ ନାମ ହେଉଛି ଗୁରୁ।

**–ଶଚୀରାଣୀ ବହିଦାର,** ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ,ସୁନ୍ଦରଗଡ।

## ଜୁନାଗଡ଼ ଦଧିବାମନ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ଜୁନାଗଡ଼,୪।୯(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ପ୍ରାଚୀନ ଦଧିବାମନ ମନ୍ଦିରରେ ଚଳିତ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୦ ତାରିଖ ସକାଳ ୭ଟା.୫୮ରୁ ୮ଟା ୧୩ ପର୍ଯ୍ୟନ୍ତ ନୂଆଁଖାଇ ପର୍ବ ପାଳନ ହେବ ବୋଲି ଅଞ୍ଚଳର ବଡବଡ ପଣ୍ଡିତ, ବିଷାରଦମାନେ ସ୍ଥାନୀୟ ମୁକ୍ତି ମଣ୍ଡପଠାରେ ଆଲୋଚନା କରି ସୂଚନା ଦେଇଛନ୍ତି। ନଳୀନି କୁମାର ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ମଧୁ ପୁରୋହିତ, ବିଷ୍ଣୁ ପାଣିଗ୍ରାହୀ, ରାଧେଶ୍ୟାମ ପଣ୍ଡା, କାଶୀ ବିଶ୍ୱନାଥ ପୁରୋହିତ, ହରପ୍ରସାଦ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆବର୍ତ୍ତନ ପାଣ୍ଠିର ସୁବିନିଯୋଗ ଜୀବିକାରେ ହେବ ଗୁଣାତ୍ମକ ଉନ୍ନତି



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ସୁନ୍ଦରଗଡ,୪।୯(ଜୟ ନାରାୟଣ ମେଣ୍ଟୁଲି)**

**ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଉତ୍ତୁଡା ଜଙ୍ଗଲର ପୁନରୁଦ୍ଧାର ଓ ନୂତନ ଜଙ୍ଗଲ ସୃଷ୍ଟିର ମହତ୍ତ୍ୱ ଉଦ୍ଦେଶ୍ୟ ରଖି ସୁନ୍ଦରଗଡ ବନଖଣ୍ଡର ଉଜ୍ଜଲପୁର, ହେମଗିର, ଲେଫ୍ରିପଡା, ବଡଗାଁ ଓ ସୁନ୍ଦରଗଡ ବନାଞ୍ଚଳର ୧୫୬ଟି ବନ ସୁରକ୍ଷା ସମିତିରେ ୫ ବର୍ଷ ଧରି ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ କାର୍ଯ୍ୟରତ ରହିଛି। ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ, ଅତି ଗରିବ ପରିବାରଙ୍କୁ ବିଭିନ୍ନ ରୋଜଗାରଭିତ୍ତିକ କାର୍ଯ୍ୟରେ ସଫଳଭାବେ ନିୟୋଜିତ କରାଯାଇପାରିଛି। ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧୪ରୁ ଉଜ୍ଜଲପୁର ବନ ଚେତନା କେନ୍ଦ୍ରଠାରେ ଆରମ୍ଭ ହୋଇଥିବା ରୋଜଗାର ଭିତ୍ତିକ କାର୍ଯ୍ୟ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ସୋମବାର ସୁନ୍ଦରଗଡ ବନାଞ୍ଚଳର ରାଉଳ୍ଡେଗ୍ରା ଠାରେ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୧୫୬ ଟି ବନ ସୁରକ୍ଷା ସମିତିର ୩୧୨ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୩୧୫୨ ଜଣ ତାଲିମ ଗ୍ରହଣ କରିଥିଲେ। ପନିପରିବା ଚାଷ, ଜିଆଖତ ପ୍ରସ୍ତୁତି, ପଶୁପାଳନ ବିଷୟବସ୍ତୁ ଉପରେ ଆଧାରିତ ଏହି ତାଲିମ କାର୍ଯ୍ୟକ୍ରମ ମାନଙ୍କରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ପ୍ରାଣୀସମ୍ପଦ ବିକାଶ ବିଭାଗର ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ, ପଶୁରୋଗ ସମ୍ବନ୍ଧୀୟ ସହକାରୀ ଶଲ୍ୟ ଚିକିତ୍ସକ, ବିଭିନ୍ନ ଅଞ୍ଚଳର ପ୍ରଗତିଶୀଳ ଚାଷୀମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ସୁନ୍ଦରଗଡ ବନଖଣ୍ଡ ତଥା ଖଣ୍ଡୀୟ ପରିଚାଳନା ଏକକ ତରଫରୁ ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଲଙ୍କ ନେତୃତ୍ୱରେ ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା, ଏଫଏମୟୁ ସଂଯୋଜକ ପ୍ରତ୍ୟେକ ବନାଞ୍ଚଳରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବନପାଳ, ସଭ୍ୟ ସଚିବ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆବର୍ତ୍ତନ ପାଣ୍ଠିର ବ୍ୟବହାର ଦ୍ୱାରା ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ବହୁଳ ମାତ୍ରାରେ ଆରମ୍ଭ କରିବା ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କ ଜୀବନ ଜୀବିକାର ମାନରେ ଉନ୍ନତି ହୋଇପାରିବ ବୋଲି ଅଂଶଗ୍ରହଣକାରୀମାନେ ମତ ପ୍ରଦାନ କରିଥିଲେ।

## ବେଆଇନ ଟେଣ୍ଡର ବାତିଲ ଦାବିରେ ପ୍ରଶାସନକୁ ଭେଟିଲେ

**ରାଜଗାଙ୍ଗପୁର,୩।୯(ଅଶୋକ ପାଣି)**



ଜିଲା ପ୍ରଶାସନଙ୍କ ସହ ୧୧ କାଉନସିଲର ଆଲୋଚନା କରୁଛନ୍ତି।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ପୁଣି ଅଶାନ୍ତ। ପୌରପରିଷଦର ବିନା ରେଜୁଲେସନରେ କୋଟି କୋଟି ଟଙ୍କାର ଟେଣ୍ଡର ବିରୋଧରେ କିଛି ଦିନ ତଳେ ୧୨ ଜଣ କାଉନସିଲର ଟେଣ୍ଡର ବାତିଲ ପାଇଁ ଧାରଣାରେ ବସିଥିଲେ। ତଦନୁଯାୟୀ, ୨୫-୮ରେ ଜିଲା ନଗର ଉନ୍ନୟନ ବିଭାଗ (ଡୁଡା) ନିର୍ଦ୍ଦେଶକ ଲଳିତ ସରେଙ୍ଗ ପୌରପରିଷଦକୁ ଆସି କାଉନସିଲରଙ୍କ ସହିତ ବୈଠକ କରି ୨୨-୮ର ୪ କୋଟି ୯୦ ଲକ୍ଷ ଟଙ୍କାର ଟେଣ୍ଡର ବାତିଲ କରିଥିଲେ ଏବଂ ୨୦-୭ର ୧ କୋଟି ୪୯ ଲକ୍ଷର ଟେଣ୍ଡରକୁ ଏକ ବୈଠକ ୨-୯ ରେ ଡକାଇ ଏହା ଉପରେ ନିଷ୍ପତ୍ତି ନେବାପାଇ କହିଥିଲେ। ଗତ ୨-୯ରେ ବୈଠକ ଡକାଯାଇଥିଲା ଓ ଏହି ବୈଠକରେ ପୌରାଧ୍ୟକ୍ଷ, ଡୁଡା ନିର୍ଦ୍ଦେଶକ ତଥା କାଉନସିଲର ଉପସ୍ଥିତ ଥିଲେ। ଏହି ବୈଠକରେ ମଧ୍ୟ ଉକ୍ତ କାଉନସିଲରମାନେ ୨୦-୭ର ଟେଣ୍ଡର ବାତିଲ କରିବା ପାଇଁ ପ୍ରକାଶ କରିଥିଲେ। କିନ୍ତୁ ପୌରାଧ୍ୟକ୍ଷ ଏହାକୁ ବାତିଲ କରିବା ପାଇଁ ରୋକଠୋକ ମନା କରି ଦେଇଥିଲେ। ଫଳରେ କାଉନସିଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ୧୧ କାଉନସିଲର ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇ ଲିଖିତଭାବେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଦେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କୁ ମଧ୍ୟ ଦେଇଛନ୍ତି। ପୌରାଧ୍ୟକ୍ଷଙ୍କ ଏପରି ମନମୁଖୀ କାର୍ଯ୍ୟ ଗଣତନ୍ତ୍ରରେ ଠିକ ନୁହେଁ ଓ ଏହି ଟେଣ୍ଡରକୁ ତୁରନ୍ତ ବାତିଲ କରାଯାଇ ନୂତନ ଟେଣ୍ଡର କରାଯାଉ ବୋଲି ସେଥିରେ ଉଲ୍ଲେଖ ରହିଛି।

## ଜାଗା ମିଶନ ଉପରେ ସଚେତନତା କାର୍ଯ୍ୟକ୍ରମ

**ବ୍ରଜରାଜନଗର,୪।୯(ବିଜୟ ବରାଡ):** ବ୍ରଜରାଜନଗର ପୌରାଞ୍ଚଳ କଲ୍ୟାଣ ମଣ୍ଡପଠାରେ ଜାଗା ମିଶନ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜାଗା ମିଶନ ଜରିଆରେ ବସ୍ତିବାସିନ୍ଦା କିପରି ଲାଭ ପାଇପାରିବେ ସେ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ଜାଗା ମିଶନର ଉପଦେଷ୍ଟା ଶାଶ୍ୱତୀ ମିଶ୍ର ମୁଖ୍ୟଅତିଥି ଓ ବ୍ରଜରାଜନଗର ପୌରାଧ୍ୟକ୍ଷା ଯଜ୍ଞାସେନି ଓରାମ, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ଟାଉନ ମହିଳା ସଭାନେତ୍ରୀ ନଳିନୀ ପ୍ରଧାନ, ଦୀପକ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ମହେଶ ମୁଳି, ଚାରୁଲତା ପ୍ରଧାନ, ପ୍ରଭାତି ଗଡ଼ନାୟକ, ମିନା ନାଏକ, ପଦ୍ମିନୀ ବାଗ, ମଧୁ ଶ୍ରୀବାସ୍ତବ, ଲତା ରାଓଲାନି ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ଲହୁଣୀପଡ଼ା,୪।୯(ଦାଶରଥି ପଣ୍ଡା)**

କେ. ବଲାଙ୍ଗ ଥାନା ଅନ୍ତର୍ଗତ ଯୋଯୋ ଟୋଲା ଓ ନୂଆ ଟୋଲା ଗ୍ରାମର ରାସ୍ତା ଶୋଚନୀୟ ହୋଇଥିବାରୁ ଗ୍ରାମବାସୀ ମାଟି ପକାଇ ସମତୁଲ କରି ଯାତାୟତର ସୁବିଧା କରିଛନ୍ତି। ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ହୋଇପାରି ନାହିଁ। ବର୍ଷା ଦିନେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ଯାଇପାରୁ ନାହିଁ। ସମସ୍ୟାର ସମାଧାନ ପାଇଁ ଉଭୟ ଟୋଲାର ଲୋକମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧ୍ୟ ହୋଇ ଉଭୟ ଗ୍ରାମର ଲୋକେ ମିଳିତ ଭାବେ ରବିବାର ରାସ୍ତା ଉପରେ ମାଟି ପକାଇ ସମତୁଲ କରିବା ସହିତ ଯାତାୟତର ସୁବିଧା କରିଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, କେ. ବଲାଙ୍ଗ ଠାରୁ ବାଙ୍କର ଡୋଲା ଦେଇ ଯୋଯୋ ଟୋଲା ପର୍ଯ୍ୟନ୍ତ ପିଚୁ ରାସ୍ତା ଯାଇଛି। କିନ୍ତୁ ଯୋଯୋ ଟୋଲା ଠାରୁ ନୂଆ ଟୋଲା ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନେ ନୂଆ ଟୋଲାରୁ ଯୋଯୋ ଟୋଲାକୁ ପାଣି କାଦୁଅ ରାସ୍ତାରେ ଲୋକେ ଯା' ଆସ କରିଥାନ୍ତି। ବର୍ଷା ଦିନରେ ନୂଆ ଟୋଲାର ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଜରୁରୀ କାର୍ଯ୍ୟରୁ ବଞ୍ଚିତ ହେଉଥିବା ଅଭିଯୋଗ କରିନ୍ତି।



ଗ୍ରାମବାସୀ ରାସ୍ତା ଉପରେ ମାଟି ପକାଇ ଯାତାୟାତ ସୁବିଧା କରୁଛନ୍ତି।

## ଟ୍ରେନ୍ ରହଣି ଦାବିରେ ତେଜିଲେ ଜନସାଧାରଣ

**ଜେନେରାଲ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ**

**ହେମଗିର,୪।୯(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ରେଳଷ୍ଟେସନରେ ଟ୍ରେନ ରହଣୀ ଦାବିକୁ ନେଇ ସୋମବାର ରେଲୱେ ସଂଗ୍ରାମ ସମିତି ତରଫରୁ କନିକା ପଞ୍ଚାୟତ ଅଫିସଠାରୁ ରେଳଷ୍ଟେସନ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଟାଟା ଇତବାରି, ଟାଟା ବିଲାସପୁର, ଉତ୍କଳ ଏକ୍ସପ୍ରେସରେ ଟ୍ରେନ ରହଣୀ ପାଇଁ ଜେନେରାଲ ମ୍ୟାନେଜର ରେଲୱେ ବିଲାସପୁର ଜୋନଙ୍କୁ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଅଞ୍ଚଳର ଜନସାଧାରଣ ତଥା ହେମଗିର,ଲେଫ୍ରିପଡ଼ା ବ୍ଲକର ଅନେକ ବ୍ୟବସାୟୀ ସଂଗଠନ ଏହି ଟ୍ରେନ ଉପରେ ନିର୍ଭର କରିଥାନ୍ତି। ଅନେକ ଗରିବ ଲୋକ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଟ୍ରେନ ଯୋଗେ ପଡୋଶୀ ରାଜ୍ୟ ଯାଇ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଟ୍ରେନ୍ ଗୁଡିକ ରହଣି ବନ୍ଦ ହେବା ଯୋଗୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏକ ବିଶାଳ ଶୋଭାଯାତ୍ରା ବାହାରି ହେମଗିର ରେଳଷ୍ଟେସନ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟିକା କୁସୁମ ଟେଟେ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୁନ୍ତି ପ୍ରଧାନ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶିନାଥ ରାଉତ, ଜିଲା ପରିଷଦ ସଭ୍ୟା ମହିମା ସେଠ, ବିଜେଡ ବ୍ଲକ ସଭାପତି ସୁକାନ୍ତ ପତି, ରାଜେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ଦାବି ପତ୍ରର ଏକ ନକଲ କପି ରେଳ ବିଭାଗର ଡିଆର୍‌ଏମ୍,ଏମ୍‌ପି ଜୁଏଲ ଓରାମ, ଜିଲାପାଳଙ୍କ ନିକଟକୁ ପଠାଯାଇଛି। ଏହି ଅବସରରେ ସମିତି ସଭାପତି ଶାନ୍ତ ଧୃଆ, ଉପ ସଭାପତି ଉପେନ୍ଦ୍ର ଭୋଇ, ଆବାହକ ମୁସ୍ତାକ ଅହମ୍ମଦ, କୋଷାଧ୍ୟକ୍ଷ ଅଜୁ ବାଜପେୟୀ, ସଂପାଦକ ମୁରଲୀଧର ପଧାନ, ଅଶୋକ ପଣ୍ଡା ସହିତ ଅଞ୍ଚଳର ଜନ ସାଧାରଣ ଓ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ।




ଟ୍ରେନ ରହଣି ଦାବିରେ ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ଟ୍ରେଲର ଚାପାରେ ହେଲପର ମୃତ

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର): ବାରକୋଟ ଥାନା ବଡକୁଦରସ୍ଥିତ ଟୋଲଗେଟ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରେଲର ଚାପାରେ ଅନ୍ୟ ଏକ ଟ୍ରକ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହାରାଷ୍ଟ୍ର ରାଜ୍ୟ ଚନ୍ଦ୍ରପୁର ଥାନା ଅଞ୍ଚଳର ବିକାଶ ମାରୋତୀ ୱାଦାଇ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଟ୍ରେଲର ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ,ବଡକୁଦର ଟୋଲଗେଟ ନିକଟରେ ଏକ ଟ୍ରେଲର ଠିଆ ହୋଇଥିବା ବେଳେ ସେଠାରେ ଥିବା ଅନ୍ୟ ଏକ ଟ୍ରକର ହେଲପର ଉକ୍ତ ଟ୍ରେଲର ତଳେ ଆଶ୍ରୟ ନେଇଥିଲେ। ସମ୍ପୃକ୍ତ ଟ୍ରେଲର ଚାଳକଙ୍କ ଅସାବଧାନତା ଯୋଗୁ ଗାଡି ଷ୍ଟାଟ କରିଥିଲେ। ଫଳରେ ଗାଡି ଚକାତଳେ ଚାପି ହୋଇ ହେଲପରଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।

### ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର): ବାରକୋଟ ବ୍ଲକ ଅନ୍ତର୍ଗତ ଠିଆନାଳରୁ ଔତଳ ଏବଂ ପରୁଣାପାଣି ଠାରୁ ଝରାକଣ୍ଡଳ ଦେଇ ସୁନ୍ଦରଗଡ ଜିଲାର ଟେଣ୍ଡରା ଗ୍ରାମକୁ ନୂତନ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଗୁରୁସଙ୍ଗ ପଞ୍ଚାୟତ ସରପଞ୍ଚ ଭବାନୀକାନ୍ତ ବିଶ୍ୱାଳ, ବିଶ୍ୱନାଥ ସାହୁ, ମୀନକେତନ ପ୍ରଧାନ, ପ୍ରଶନ୍ନ ସାହୁ, ବନମାଳୀ ମାଝି, ଧରଣୀଧର ଠାକୁର, ରାକେଶ ସାହୁ ଓ ବିନୁ ପ୍ରଧାନ ପ୍ରମୁଖ ଭୁବନେଶ୍ୱରଠାରେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଲୁହା ଯନ୍ତ୍ରାଂଶ ଚୋରି ଅଭିଯୋଗରେ ୩ ଗିରଫ

କୁଚିଣ୍ଡା,୪।୯(ବିରଞ୍ଚି ଦର୍ଶୀ): କୁଚିଣ୍ଡା ଏନ୍ଏସି ୱାର୍ଡ ନଂ.୪ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ଷ୍ଟୋର ରୁମରୁ ଲୁହା ଯନ୍ତ୍ରାଂଶ ଚୋରି ଅଭିଯୋଗରେ କୁଚିଣ୍ଡା ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୁଣ୍ଟୁଲାବାହାଲରେ ରହୁଥିବା ୱାର୍ଡ ନଂ୪ ସର୍ଗିଡିହି ପଡାର ଦୀପକ ମାକର (୩୯), ସାଗର ସୁନାନୀ ଓରଫ ରାଜା(୨୫) ଓ ସୁବାସ ସୁନାନୀ(୨୧)। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୦/୨୩) ରୁଜୁ କରିବା ସହ ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗତ ୨୨ତାରିଖରେ ଚୋରି ହୋଇଥିବାବେଳେ ୨୩ରେ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

### ଘୁସୁରାମାଲ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ସମ୍ବଲପୁର,୪।୯(ଶୁଭାଶିଷ ପାଢ଼ୀ): ସମ୍ବଲପୁର ଜିଲା ମେଘପାଲ ପଞ୍ଚାୟତ ଘୁସୁରମଲ ଗ୍ରାମବାସୀ ସୋମବାର ଯୁଯୁମୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗ୍ରାମର ଜଣେ ଯୁବକ ଅଶାନ୍ତ ବାତାବରଣ ସୃଷ୍ଟି କରୁଛନ୍ତି। ବିନା କାରଣରେ ଧମକଚମକ ଦେଉଛନ୍ତି। ତାଙ୍କ ନାମରେ ଯୁଯୁମୁରା ଥାନାରେ ଏକାଧିକ ମାମଲା ରହିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଗାଁ ଲୋକେ ଅଘଟଣ ଘଟିବା ଆଶଙ୍କାରେ ଅଙ୍ଗନୱାଡି କେନ୍ଦ୍ରକୁ ପିଲାଙ୍କୁ ଛାଡୁନାହାନ୍ତି। ମେଘପାଳ ସରପଞ୍ଚ ମମତା ପ୍ରଧାନ ଓ ସମିତି ସଦସ୍ୟା ଲିଲିମା ଧୁରୁଆଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଦିଆଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ଝାରସୁଗୁଡା - ବାରକୋଟ ରେଳ ଲାଇନ ସର୍ଭେ ତ୍ୱରାନ୍ୱିତ ପାଇଁ ଆଲୋଚନା

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)



ମୁଖ୍ୟ ଯନ୍ତ୍ରୀ (ନିର୍ମାଣ)ଇ. ରାଧାମୋହନ ସିଂଙ୍କ ସହ ଆଲୋଚନା କରୁଛନ୍ତି।

ବାରକୋଟ -ଝାରସୁଗୁଡା କୁଚିଣ୍ଡା ଦେବଗଡ଼ ବାରକୋଟ ଲାଇନ ସର୍ଭେକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରିଥିବା ଜଣାପଡିଛି। ସୋମବାର ଜିଲା ନାଗରିକ କମିଟିର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ରେଳ ସଦନରେ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ )ଇ. ରାଧାମୋହନ ସିଂଙ୍କ ସହିତ ବାରକୋଟ -ଝାରସୁଗୁଡା ରେଳ ପଥର ଫାଇନାଲ ଲୋକେସନ ସୋର୍ଭ ଓ ଡିପିଆର୍ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିବା ସହିତ ଆଲୋଚନା କରିଥିଲେ । ସମ୍ଭାବ୍ୟ ଷ୍ଟେସନ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଆଗାମୀ ୪ମାସ ମଧ୍ୟରେ ସୋର୍ଭ ଓ ଡିପିଆର କାର୍ଯ୍ୟ ସମାପ୍ତ ହେବ ବୋଲି ଇଞ୍ଜିନିଅର ସିଂ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗ ପ୍ରତିନିଧି ଦଳଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ କମିଟିର ସୁଧୀର କପରଦାର, ଉପନଗରପାଳ ପ୍ରଜିତ ଭୋଜ, ଲକ୍ଷ୍ମଣ ପ୍ରଧାନ, କୁମୁଦବନ୍ଧୁ ଶତପଥି ତଥା ରାଘବ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ଦେବଗଡ଼, ୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଚେୟାରମ୍ୟାନ ମଧୁସୂଦନ ପ୍ରଧାନ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହା ମାନବ ସଭ୍ୟତାର ଆତ୍ମା ବୋଲି ଉତ୍ଥାପନ କରି ଲୋକଙ୍କୁ ବଞ୍ଚାଇ ରଖିବା ଓ କଳାକାରଙ୍କ ଜୀବନ ଜୀବିକାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ ଯୋଜନାର ପ୍ରଚାର ପ୍ରସାର ଏକ ଅଭିନବ ଯୋଜନା ବୋଲି ଉଲ୍ଲେଖ କରିଥିଲେ। ସେପ୍ଟେମ୍ବର ୧୫ ରୁ ୩୦ ପର୍ଯ୍ୟନ୍ତ ପାରମ୍ପରିକ ଲୋକ କଳା ମାଧ୍ୟମରେ ବ୍ଲକର ପ୍ରତି ପଞ୍ଚାୟତର ଗ୍ରାମରେ ଯେଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ଆମ ଓଡ଼ିଶା ନବୀନ ଓଡ଼ିଶା, କୃଷି, ଫସଲ ବୀମା, ମଧୁବାବୁ ପେନସନ, ୫ଟି ମାଧ୍ୟମରେ ବିଦ୍ୟାଳୟ ରୂପାନ୍ତିକରଣ, ଆଦର୍ଶ ବିଦ୍ୟାଳୟ, ମିଶନ ଶକ୍ତି, ହକି କ୍ରୀଡ଼ାର ପ୍ରଚାର ପ୍ରସାର, ମମତା ଓ ହରିଶ୍ଚନ୍ଦ୍ର ଯୋଜନାର ସଫଳ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ। ଏହି ଶିବିରରେ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ଯୋଗାଣ ନିରୀକ୍ଷକ ଡରେସ ସୋହଲା, ସହକାରୀ ବ୍ଲକ କୃଷି ଅଧିକାରୀ ବିଦେଶୀ ଶତପଥି, ବିପିସି ମିଶନ ଶକ୍ତି ମହରଗା ମାଝି, ସହକାରୀ ଯନ୍ତ୍ରୀ ଜାଉରୁ ଏକ୍କା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ ଟୁଡୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ। ଶିବିରରେ ବ୍ଲକରୁ ୮୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଭୂପେନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ମା’ ଅକ୍ଷରପାଟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

## ଗୋପପୁର ଚାମ୍ପିୟନ

ଦେବଗଡ଼,୪।୯(ଶଶାଙ୍କ ଝାଙ୍କର ଝାଙ୍କର)

ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତ ଅକ୍ଷରଶୀଳା ଗ୍ରାମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମା’ ଅକ୍ଷରପାଟ ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଝୁମ୍ପୁରା ଫୁଟ୍‌ବଲ ଦଳ ଓ ଗୋପପୁର ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପପୁର ଫୁଟ୍‌ବଲ ଦଳ ଟାଇବ୍ରେକର ଜରିଆରେ ଝୁମ୍ପୁରା ଫୁଟ୍‌ବଲ ଦଳକୁ ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ସମ୍ମାନିତ ଅତିଥିଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ଚମ୍ପିୟାନ ଗୋପପୁର ଫୁଟ୍‌ବଲ ଦଳ ଓ ରନର୍ସ ଅପ ଝୁମ୍ପୁରା ଫୁଟ୍‌ବଲ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ରମାକାନ୍ତ ପ୍ରଧାନ, ବଳଭଦ୍ର ସାହୁ, ଦୋଳାନନ୍ଦ ପ୍ରଧାନ ଓ ମଧୁସୂଦନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ମା’ ଅକ୍ଷରପାଟ କ୍ଲବର ସଭାପତି ସୁଶାନ୍ତ କୁମାର ସାହୁ, ସମ୍ପାଦକ ରଥି ଧିବର, କୋଷାଧ୍ୟକ୍ଷ ରାକେଶ କୁମାର ପ୍ରଧାନ, ପ୍ରିତମ ବେହେରା, କେଶ ଧିବର, ମୁଗୁନୁ ଧିବର, ମୁଗଲ ଧିବର, ତପନ ଧିବର, ସିଲୁ ସାହୁ, ସିଦ୍ଧାନ୍ତ ସାହୁ, ବଳରାମ ଧିବର ଓ ସିନୁ ଧିବର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଭାଷ୍ୟକାର ଭାବେ ଜଗା ସାହୁ ଓ ଫକୀର ମୋହନ ଦଳବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।




ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ଚେକ୍ ପ୍ରଦାନ କରାଯାଉଛି।

### ରେଙ୍ଗାଲବେଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦାବି

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ରେଙ୍ଗାଲବେଡା ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ ଓ ନୂତନ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ ଓ ଆଦିବାସୀ ଉନ୍ନୟନ ପରିଷଦ ସଭାପତି ପାଞ୍ଜିଆ ଭୋଇଙ୍କ ନେତୃତ୍ୱରେ ତାବଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରେଙ୍ଗାଲବେଡା ଉନ୍ନୟନ କମିଟିର ସଭାପତି ପବିତ୍ର ମୋହନ ପ୍ରଧାନ,ବିଷ୍ଣୁ ଚରଣ ଭୋଇ ଓ ଲେପନ ସାହୁଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ବାସୀନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ପ୍ରଦାନ କରିଥିଲେ।

# କେନାଲ ନିର୍ମାଣ ଦାବିରେ ଜିଲାପାଳଙ୍କୁ ଫେରାଦ

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

କେନାଲ ନିର୍ମାଣ ପାଇଁ ବାରକୋଟ ବ୍ଲକ ବମ୍ପରଡା ପଞ୍ଚାୟତ ଭକ୍ତବଡକୁଦର ଗ୍ରାମବାସୀ ସୋମବାର ଦେବଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହେବାସହ ଏହି ମର୍ମରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଚାଷଜମିକୁ ଜଳ ଯୋଗାଣ ନିମନ୍ତେ ଉକ୍ତ ଗ୍ରାମରେ ପ୍ରାୟ ୪୦ ବର୍ଷ ପୂର୍ବେ କେନାଲ ନିର୍ମାଣ କରାଯାଇଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଚାଷ ଜମିକୁ ଜଳ ସେଚନ ହୋଇ ନ ପାରି ଏହାର ଜଳ ଅନ୍ୟତ୍ର ପ୍ରବାହିତ ହେଉଥିବାରୁ ଜଳାଭାବ ଦେଖାଦେବାସହ ଫସଲ ନଷ୍ଟ ହେବାରେ ଲାଗିଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ସୋମବାର ବାରକୋଟ ବ୍ଲକ ଜିଲାପରିଷଦ ଜୋନ-୩ର ପୂର୍ବତନ ଜିଲା ପରିଷଦ ସଦସ୍ୟ ଦାଶରଥୀ କିଷାନଙ୍କ ନେତୃତ୍ୱରେ ଭକ୍ତବଡକୁଦର ଗ୍ରାମର ଠୁରୁ କିଷାନ, ଗୁରୁଚରଣ କିଷାନ, ରମେଶ କିସାନ,ଗୌରାଙ୍ଗ କିସାନ ଓ ଟଙ୍କଧି କିସାନଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କ କାଯ୍ୟାଳୟକୁ ଆସି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ବମ୍ପରଡା ପଞ୍ଚାୟତର ସରପଞ୍ଚ ନମିତା ସାହୁ ମଧ ଦସ୍ତଖତ କରିଥିବା ଜଣାପଡିଛି।

### ବୁଢ଼ାରଜା ଉଚ୍ଚବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର,୪।୯(ବି.ଶଙ୍କର): ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବିଗଙ୍ଗାଧର ମେହେରଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଆଲୋଚକ ଭାବରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳିରାଣୀ ଦାଶ ସ୍ୱଭାବ କବିଙ୍କ ବହୁମୁଖୀ ସାହିତ୍ୟର ଦିଗଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁଷମା ଖଡ଼ିଆ, ଦେବଶ୍ରୀ ଦେହୁରି, ଜୟନ୍ତୀ ହୋତା, ପୁଷ୍ପାଞ୍ଜଳି ସାହୁ ସହଯୋଗ କରିଥିଲେ ।

# ତ୍ରୁଟିପୂର୍ଣ୍ଣ ହାଇଟେକ୍ ସର୍ଭେ ରଦ୍ଦ ପାଇଁ କଂଗ୍ରେସର ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମକର୍ତ୍ତା।

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ହୋଇଥିବା ତ୍ରୁଟିପୂର୍ଣ୍ଣ ହାଇଟେକ୍ ସର୍ଭେ ରଦ୍ଦ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ ଉପ ନଗରପାଳ ବସନ୍ତ କୁମାର ମିଶ୍ର, କଂଗ୍ରେସ ଏସ୍ସିସେଲ ସଭାପତି ମଞ୍ଜୁଳ କୁମାର ନାଏକ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ ଓ ପୂର୍ବତନ ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ବିଶ୍ୱାଳଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। କଂଗ୍ରେସର ଅଭିଯୋଗ ଅନୁଯାୟୀ, ନିକଟ ଅତୀତରେ ଜିଲାରେ ହୋଇଥିବା ହାଇଟେକ୍ ସର୍ଭେରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି। ବସବାସ କରୁଥିବା ସ୍ଥାୟୀ ବାସିନ୍ଦା ଓ ବହୁ ଚାଷୀ ହାଇଟେକ୍ ସର୍ଭେ ବିଷୟରେ ଭଲ ଭାବରେ ଅବଗତ ନ ଥିବାରୁ ଭୁଲରେ ସଂଶୋଧନ କରିବା ପାଇଁ ଦରଖାସ୍ତ ଦେଇନାହାନ୍ତି। ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ହାଇଟେକ୍ ସର୍ଭେ କରି ନ ଥିବାରୁ ବ୍ୟାପକ ତ୍ରୁଟି ଦେଖାଦେଇଛି। ଏତେ ଗୁଡିଏ ଭୁଲ ସଂଶୋଧନ କରିବା ପ୍ରଶାସନ ପକ୍ଷରେ ଅସମ୍ଭବ ବୋଲି କଂଗ୍ରେସ ଅଭିଯୋଗ କରିବା ସହ ଚାଷୀ ମାନେ ଧାନ ବିକ୍ରି ପଞ୍ଜିକରଣ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜମି କ୍ରୟ ବିକ୍ରୟ କ୍ଷେତ୍ରରେ ମଧ ବହୁ ସମସ୍ୟା ଦେଖାଦେଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲାରେ ହୋଇଥିବା ହାଇଟେକ୍ ସର୍ଭେକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ପୁନର୍ବାର ନିର୍ଭୁଲ ଭାବେ ସର୍ଭେ କରିବାକୁ ଉକ୍ତ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଛି। ଏଥିସହ ପୁରୁଣା ଖତିୟାନ ଅନୁସାରେ ସମସ୍ତ ଚାଷୀଙ୍କ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିବା ସହିତ ପୁରୁଣା ଖତିୟାନ ଅନୁସାରେ ଅନ୍ୟ ସମସ୍ତ କାର୍ଯ୍ୟ କରାଯିବାକୁ ମଧ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

### କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ଅଧ୍ୟକ୍ଷାଙ୍କ ଯୋଗଦାନ

ସମ୍ବଲପୁର,୪।୯(ବି.ଶଙ୍କର): ବୁର୍ଲାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ସୋମବାର ନୂତନ ଅଧ୍ୟକ୍ଷା ଭାବେ ସୁସ୍ମିତା ପଧାନ ଯୋଗ ଦେଇଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ସଂଘ ସଦସ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ସହ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଅଧ୍ୟକ୍ଷା କହିଛନ୍ତି। ଅଭିଭାବକ ସଂଘର ଉପସଭାପତି ଏ.କେ. ପଟ୍ଟନାୟକ, ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, ତୁଷାରକାନ୍ତ ସାହୁ, ଅଶୋକ ପଧାନ, ସରୋଜ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳା



ଜିଲାପାଳ ମହିଳାଙ୍କୁ ଚେକ ପ୍ରଦାନ କରୁଛନ୍ତି।

ଦେବଗଡ଼, ୪।୯(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ମିଶନ ଶକ୍ତି ଦ୍ୱାରା ଆୟୋଜିତ ଋଣ ମେଳା ଜିଲାପାଳ ସୋମେଶ କୁମାର୍ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମିଶନ ଶକ୍ତି ଓ ମହିଳା ଶିଶୁ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବରଣ୍ୟ ଅତିଥି ବ୍ଲକ ଚେୟାରମ୍ୟାନ ପୁଷ୍ପାଞ୍ଜଳୀ ପାତ୍ର, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଲିଡ ଡିଷ୍ଟ୍ରିକ୍ ମ୍ୟାନେଜର ରବୀନ୍ଦ୍ର କୁମାର ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଜିଲାପାଳ ଉପାଧ୍ୟାୟ ୨୫୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୮କୋଟି ୩୬ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ଏଥିସହ ୪୧ ଜଣ ଗୋଷ୍ଠୀ ସହାୟକାଙ୍କୁ ସ୍କୁଟର ଲୋନ ମଞ୍ଜୁର କରାଯାଇଥିଲା। ଜିଲା ପ୍ରକଳ୍ପ ପରିଚାଳିକା ମିଶନ ଶକ୍ତି ସ୍ମରଣିକା ମହାପାତ୍ର ପାରମ୍ଭିକ ସୂଚନା ଦେଇଥିଲେ ।

# ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼,୪।୯(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଡଅଁରାସ୍ଥିତ ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାରକୋଟ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଶିବିରକୁ ଆନୁଷ୍ଠାନିକଭାବେ ଉଦ୍‌ଯାପନ କରିଥିଲେ ।



ପ୍ରଶିକ୍ଷଣ ଶିବିରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼, ୪।୯(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି।

ଜିଲାପାଳ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଆସିଥିବା ୨୪ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶକ୍ୟ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୧୭ଟି ବ୍ୟକ୍ତିଗତ ସମସ୍ୟା ଏବଂ ୭ଟି ସାମୂହିକ ସମସ୍ୟା ରହିଥିଲା। ୦.୦୪ ଡିସିମିଲି ଜମିବାଡ଼ି ପଟା, ପାଣି ଅଭାବରୁ ଫସଲ ନଷ୍ଟ, ମେଗା ୱାଟର ପ୍ରୋଜେକ୍ଟ ମାଧ୍ୟମରେ ପାଣି ଯୋଗାଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ, ମଧୁବାବୁ ପେନସନ ଆଦି ଜନସାଧାରଣ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଉପଜିଲାପାଳ ପରୀକ୍ଷୀତ ସାହୁ, ଡେପୁଟି କଲେକ୍ଟର ଲୀଳାବତୀ ନାୟକଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୁରବେ ନମଃ

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଆଜି ସୁଭଦ୍ରା ଜରାନିବାସ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଶିଷ୍ଟ ଆଇନଜୀବୀ ଜଗତ୍‌ବନ୍ଧୁ ଚୌଧୁରୀଙ୍କ ଦିବଂଗତ ପତ୍ନୀ ସୁଭଦ୍ରା ଦେବୀଙ୍କ ସ୍ମୃତିରେ ନିର୍ମିତ ଏ ଜରାନିବାସର ଅବୈତନିକ ତତ୍ତ୍ୱାବଧାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳକଣ୍ଠ ମିଶ୍ର ସ୍ୱେଚ୍ଛାରେ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଏଥିପାଇଁ ସମସ୍ତ ଆୟୋଜନ ଚୂଡାନ୍ତ ହୋଇସାରିଛି। ଏଥିସହ ସ୍ଥାନୀୟ କେତେକ ଉତ୍ସାହୀ ଯୁବକ କିଛିଟା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଛନ୍ତି। ମନ୍ତ୍ରୀ ସନ୍ଧ୍ୟା ୬ ଟା ୩୦ ମିନିଟ୍ ସୁଦ୍ଧା ପହଞ୍ଚିବେ ବୋଲି ତାଙ୍କ ବ୍ୟକ୍ତିଗତ ସଚିବଙ୍କ ପାଖରୁ ଫୋନ୍ ଆସିଥିଲା।

ଠିକ୍ ସମୟରେ ମନ୍ତ୍ରୀ ପହଞ୍ଚିଗଲେ। ମନ୍ତ୍ରୀଙ୍କୁ ସ୍ୱାଗତ କରି ପାଛୋଟି ନେବା ପାଇଁ ସମସ୍ତେ ଆଶ୍ରମର ମୁଖ୍ୟ ଫାଟକ ନିକଟକୁ ଧାଇଁଗଲେ। ହଠାତ୍ ସମସ୍ତଙ୍କୁ ଚକିତ କରିଦେଇ ମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ନୀଳକଣ୍ଠ ବାବୁଙ୍କ ପାଦଛୁଇଁ ପ୍ରଣାମ କଲେ। ଅପ୍ରସ୍ତୁତ ନୀଳକଣ୍ଠ ବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ଏବଂ ଭାବିଲେ ମନ୍ତ୍ରୀ ମତେ ତ ଚିହ୍ନି ନାହାନ୍ତି। ଅନ୍ୟ କିଏ ପରିଚିତ ବୋଲି ଭାବି ବୋଧହୁଏ ପ୍ରଣାମ କରିଦେଲେ। କିନ୍ତୁ ଖୁବଶୀଘ୍ର ସମସ୍ତଙ୍କ ସନ୍ଦେହ ମୋଚନ ହେଲା, ଯେତେବେଳେ ଯୁବମନ୍ତ୍ରୀ ତାଙ୍କୁ କହିଲେ, ସାର୍- ମୋତେ କ'ଣ ଆପଣ ଚିହ୍ନି ପାରୁ ନାହାନ୍ତି? ମୁଁ ପରା ସେଇ ଚନ୍ଦନ, ଯାହାକୁ ଆପଣ ଚାନ୍ଦ୍ ବୋଲି ଶ୍ରଦ୍ଧାରେ ଡାକୁଥିଲେ। ସେଦିନ ଦଶମ ଶ୍ରେଣୀରେ ଆପଣ ମତେ ଯାହା କହିଥିଲେ ଆଜି ଆପଣଙ୍କ ଆଶୀର୍ବାଦରୁ ମୁଁ ସେୟା ହୋଇପାରିଛି। ଆପଣ ମୋର ଆଦର୍ଶ, ଚିର ନମସ୍ୟ। ସମସ୍ତେ ହତବାକ୍ ହୋଇ ଯାଇଥିଲେ ଏ କଥାରେ। ପୁରୁଣା ଦିନକୁ ଫେରି ଯାଉଥିଲେ ନୀଳକଣ୍ଠ ବାବୁ। ପ୍ରାୟ ୧୫ ବର୍ଷ ତଳକୁ, ନହନହକା ପତଳା ଗଢଣର ସାବନା ରଙ୍ଗର ପିଲାଟେ ଥିଲା ଚନ୍ଦନ ପ୍ରଧାନ। ଆଖି ଦୁଇଟିରେ ଅଫୁରନ୍ତ ଆତ୍ମବିଶ୍ୱାସର ଉଜ୍ଜ୍ୱଳ ଇସ୍ତାହାର। ପ୍ରତିଦିନ ପରି ସେଦିନ ବି ନୀଳକଣ୍ଠ ସାର୍ ସାହିତ୍ୟ ବହିର ଗୋଟିଏ ପଦ୍ୟ ବୁଝାଇବା ପୂର୍ବରୁ ସ୍ୱରଚିତ କବିତାରୁ ଦୁଇଧାଡି ପିଲାଙ୍କୁ ଶୁଣାଉଥିଲେ।

ସୁନୀଳ ଆକାଶ ତଳେ ସବୁଜ ପୃଥିବୀ,
କିଏ ସେଇ ଚିତ୍ରକର ଆଙ୍କିଦେଲା
ମନଲୋଭା ଛବି।

ଭଲ ପଢୁଥିବା ଦୁଇଚାରି ଜଣ ଛାତ୍ରୀଛାତ୍ର ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଥାନ୍ତି। କିନ୍ତୁ ହଠାତ୍ ପୁରା କ୍ଲାସର ନୀରବତା ଭଙ୍ଗକରି ଚନ୍ଦନ ପ୍ରତିବାଦର ସ୍ୱର ଉତ୍ତୋଳନ କଲା। ନାଁ ସାର୍ ପୃଥିବୀ ଆଉ ଆକାଶର ରଙ୍ଗ ବଦଳିଯାଇଛି। ପୁରା କ୍ଲାସଟା ପିଲାଙ୍କ ହସରେ ଫାଟି ପଡ଼ିଲା। ପଛପଟ ବେଞ୍ଚରୁ ଚଗଲା ପିଲାଟେ କହୁଥାଏ, ଆରେ ୟାର୍ ଆଖିଖରାପ ହେଇଗଲାଣି ନା କା'ଣ? ପୁରା ବାଇଆଟେରେ। ସାର୍‌ଙ୍କୁ ପଣ୍ଡିତ ଭଳି କ'ଣ ନା କ'ଣ କହିଯାଉଛି।

ପୁଣିଥରେ ନିଜ ଯୁକ୍ତିକୁ ପ୍ରମାଣିତ କରିବାକୁ ଯାଇ ଚନ୍ଦନ କହିଲା, ମୁଁ କଣ ଭୁଲ୍ କହିଲି ସାର୍? ଆକାଶ ଆଉ ନୀଳ ଦିଶୁନି ଓ ପୃଥିବୀରୁ ସବୁଜିମା ହଜିଯାଉଛି। ସହରର କଂକ୍ରିଟ ଜଙ୍ଗଲ ମଧ୍ୟରେ ମଣିଷ ପାଲଟି ଯାଇଛି ଗୋଟେ ରୋବଟ୍। ସବୁଜ ଜଙ୍ଗଲ ଆଜି ପୁରା ଶ୍ରୀହୀନ। ପଶୁପକ୍ଷୀ ସମସ୍ତେ ଅସୁରକ୍ଷିତ। ସବୁଆଡେ ହାହାକାର ଆଉ ଆର୍ତ୍ତନାଦ। ପୁରା କ୍ଲାସଟା ନୀରବ ହୋଇ ଯାଇଥିଲା ଚନ୍ଦନ କଥାରେ, ଅଗତ୍ୟା ଚନ୍ଦନକୁ ପ୍ରଶଂସା କରି ତାକୁ ସେଦିନ ଆଶୀର୍ବାଦ କରିଥିଲେ ନୀଳକଣ୍ଠ ସାର୍ ଆଉ କହିଥିଲେ ଭବିଷ୍ୟତରେ ତୁ ନିଶ୍ଚୟ ଦେଶର ଜଣେ ବରପୁତ୍ର ହେବୁ, ଆଉ ଏ ଜାତିର ନେତୃତ୍ୱ ନେବୁ। ତା'ସାଙ୍ଗମାନେ ପରିହାସ କରି କହୁଥାନ୍ତି, ହଁ ଚନ୍ଦନ ତୁ ବଡ ହେଲେ ମନ୍ତ୍ରୀଟେ ନିଶ୍ଚୟ ହେବୁ। କହିବା ବାହୁଲ୍ୟ ଅତୀତର ମୋର ପ୍ରିୟଛାତ୍ର ଚାନ୍ଦ୍ ଓରଫ୍ ଚନ୍ଦନ ପ୍ରଧାନ ଆଜି ଏତେ କମ୍ ବୟସରେ ଜଣେ ମନ୍ତ୍ରୀ ହୋଇପାରିଛି। ଆଉ ସେଦିନର ଭବିଷ୍ୟବାଣୀ ସତରେ ପରିଣତ ହୋଇଛି।

ଆଖିରୁ ତାଙ୍କର ଝରି ପଡୁଥିଲା ଆନନ୍ଦାଶ୍ରୁ କେଇଟୋପା। ଦୁଇହାତରେ ସେ କୁଣ୍ଢେଇ ପକେଇଲେ ସେଦିନର ପ୍ରିୟଛାତ୍ର ଚାନ୍ଦ୍‌କୁ। ତାଙ୍କ ମୁହଁରୁ ଆପେ ଆପେ ବାହାରି ଆସିଲା। ମୁଁ ଆଜି ମୋର ଗୁରୁଦକ୍ଷିଣା ତୋ ପାଖରୁ ପାଇଗଲିରେ ଚାନ୍ଦ୍। ମୋ ଛାତ୍ର ଆଜି ରାଜ୍ୟର ଜଣେ ବିଶିଷ୍ଟ ମନ୍ତ୍ରୀ। ଗର୍ବରେ ମୋ ଛାତି କୁଣ୍ଢେମୋଟ ହୋଇଯାଉଛି। ଯୁବମନ୍ତ୍ରୀଙ୍କ କୃତଜ୍ଞ ଓଠରେ ଫୁଟି ଉଠୁଥିଲା ଦ୍ୱିତୀୟା ଚନ୍ଦ୍ରର ଧାରେ ସଲ୍ଲଜ ହସ।

– ସବିତା ମହାପାତ୍ର
ପ୍ରଧାନ ଶିକ୍ଷୟତ୍ରୀ, ସରକାରୀ ହାଇସ୍କୁଲ, ଡୁମୁଡୁମା ଭିଲେଜ୍, ଭୁବନେଶ୍ୱର,
ମୋ:୯୪୩୭୪୩୯୪୬୭

# ସଚିନ୍‌ଙ୍କ ମାର୍ଗଦର୍ଶନରେ ସ୍କୁଲମୁହାଁ ମୁଣ୍ଡାସାହି ପିଲା

**ହାଣ୍ଡିଆ ପିଇ ଜଙ୍ଗଲରେ ବୁଲୁଥିଲେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ମୁଣ୍ଡାସାହି ପିଲା। ମୂଲ ଲାଗିବାକୁ ବାପା ମା' ଯାଉଥିବାବେଳେ କୁନିକୁନି ପିଲାମାନେ ତାଙ୍କ ସହ ବି ଯାଉଥିଲେ। ପାଠପଢ଼ାରେ ଡୋରି ଲାଗିବା ସହ ସେମାନଙ୍କ ମାନସିକ ଓ ଶାରୀରିକ ବିକାଶର ସୁଯୋଗ ନ ଥିଲା। ତେବେ ସ୍ଥାନୀୟ ଜଣେ ଯୁବକ ସଚିନ୍ ମହାପାତ୍ରଙ୍କ ପ୍ରଚେଷ୍ଟାରେ ବସ୍ତିର ଶତାଧିକ ପିଲା ଏବେ ସ୍କୁଲ ଯିବା ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ମନ ବଳାଉଛନ୍ତି। ଗୁରୁଦିବସ ଅବସରରେ ଏଭଳି ଜଣେ ଗୁରୁଙ୍କ ସମ୍ପର୍କରେ...**



**ଇଏ ବି ଜଣେ ଗୁରୁ**

ଏମବିଏ ପାସ୍ କରିବା ପରେ ଚାକିରି ନ କରି କୃଷି ଓ ସମାଜ ସେବା ପ୍ରତି ମନ ବଳାଇଥିଲେ ଦାରୁଠେଙ୍ଗ ଅଞ୍ଚଳର ସଚିନ ମହାପାତ୍ର। ଅଭାବ ଅନଟନ ଓ ସଚେତନତା ଅଭାବରୁ ବସ୍ତି ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଥିବା ଜାଣିବାକୁ ପାଇଥିଲେ। ୨୦୧୭ରେ ସେ ସ୍ଥାନୀୟ ମୁଣ୍ଡାସାହିରେ ପହଞ୍ଚିଥିଲେ। କୋମଳମତି ପିଲାଙ୍କୁ ଦେଖିବା ପରେ ତାଙ୍କ ମନ ଏକପ୍ରକାର ଆନ୍ଦୋଳିତ ହୋଇଥିଲା। ମା'ବାପାଙ୍କ ସହ ପିଲାମାନେ ହାଣ୍ଡିଆ ପିଉଥିଲେ। ସେମାନଙ୍କ ସହିତ କାମକୁ ଯିବା ସହ ଗାଁ, ଜଙ୍ଗଲ, ରାସ୍ତାରେ ବୁଲୁଥିଲେ। କେତେଜଣ ମଧ୍ୟ ଅବାଟକୁ ଚାଲିଯାଉଥିଲେ। ସ୍ଥାନୀୟ ଅଞ୍ଚଳରେ ମୁଣ୍ଡାସାହି ସ୍କୁଲ ଥିଲେ ମଧ୍ୟ ସେଠାକୁ କେହି ପଢ଼ିବାକୁ ଯାଉ ନ ଥିଲେ। ମା'ବାପା ମଧ୍ୟ ଏ ଦିଗରେ ଆଗ୍ରହ ପ୍ରକାଶ କରୁ ନ ଥିଲେ। ସେଇ ପିଲାମାନଙ୍କୁ ଶିକ୍ଷାଦାନ ପାଇଁ ସଚିନ ସେହିଦିନଠାରୁ ମନ ବଳାଇଥିଲେ। ଖେଳକୁଦଠାରୁ ଆରମ୍ଭ କରି ପାଠ ପଢ଼ିବା ପାଇଁ ସେ ପିଲାମାନଙ୍କୁ ଉତ୍ସାହିତ କରୁଥିଲେ। ଫଳସ୍ୱରୂପ ବର୍ତ୍ତମାନ ମୁଣ୍ଡାସାହି ବିଦ୍ୟାଳୟରେ ୫୦ରୁ ଅଧିକ ପିଲା ପ୍ରଥମରୁ ପଞ୍ଚମ ଶ୍ରେଣୀରେ ନାମ ଲେଖାଇ ପାଠ ପଢୁଛନ୍ତି। ଆଖପାଖ ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟକୁ ମଧ୍ୟ ଏଠାକାର ପିଲାମାନେ ଯାଉଛନ୍ତି। ସେହିପରି କେତେଜଣ ପିଲାଙ୍କୁ ଆନନ୍ଦ ଆଶା ଅନୁଷ୍ଠାନରେ ଓ ଆଉ କିଛି ପିଲାଙ୍କୁ କିସ୍‌ରେ ପଢ଼ାଇବା ପାଇଁ ସମସ୍ତ ବନ୍ଦୋବସ୍ତ କରାଇଛନ୍ତି। ପ୍ରଥମେ ପ୍ରଥମେ ପିଲାଙ୍କୁ ସ୍କୁଲ ଛାଡିବାକୁ ମା'ବାପା ଅମଙ୍ଗ ହେଉଥିଲେ। ମାତ୍ର ସଚିନ୍‌ଙ୍କ ପରାମର୍ଶରେ ଏବେ ସେମାନେ ସଚେତନ ହେଲେଣି। ଚଳିତବର୍ଷ କେତେଜଣ ପିଲା କଲେଜରେ ନାମ ଲେଖାଇଥିବା ସେ କହିଛନ୍ତି। କେବଳ ପାଠପଢ଼ା ନୁହେଁ, ଫୁଟବଲ୍ ଖେଳ ପ୍ରତି ମଧ୍ୟ ପିଲାମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଟିକେ ସମୟ ମିଳିଲେ କୁନିକୁନି ପିଲାଙ୍କ ପାଖରେ ସଚିନ୍ ପହଞ୍ଚି କିଛିନା କିଛି ଶିଖାଉଛନ୍ତି। ଅକ୍ଷର ଶିଖାଇବା ସହ ସ୍କୁଲ ଯିବାର ଉପକାରିତା ବିଷୟରେ ବୁଝାଉଛନ୍ତି। କ୍ରୀଡ଼ା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କର ଶାରୀରିକ ତଥା ବୌଦ୍ଧିକ ବିକାଶ ପାଇଁ ଉଦ୍ୟମ କରିଆସୁଛନ୍ତି। ପୋଷାକ ସହ ଖାତା କଲମ ଆଦି ପାଠ୍ୟୋପକରଣ ମଧ୍ୟ ପିଲାଙ୍କୁ ପ୍ରଦାନ କରୁଥିବା ପିଲାମାନେ କୁହନ୍ତି। ଏପରିକି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉକ୍ତ ଅଞ୍ଚଳର ଉପର ଶ୍ରେଣୀର ପିଲାମାନେ ସମୟ ପାଇଲେ ତଳ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାରେ ସହାୟତା କରୁଛନ୍ତି। ସେହିପରି ସମାଜରେ କୃଷି ଓ କୃଷକର ଆବଶ୍ୟକତା ସମ୍ପର୍କରେ ସଚିନ୍ ପିଲାମାନଙ୍କୁ ଅବଗତ କରାଇଥା'ନ୍ତି। ତେବେ ମୁଣ୍ଡାସାହି ବିଦ୍ୟାଳୟରେ କେବଳ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ତେଣୁ ଉକ୍ତ ବିଦ୍ୟାଳୟର ଉନ୍ନତୀକରଣ କରାଯିବା ସହ ବିଦ୍ୟାଳୟରେ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତ ହୋଇପାରିଲେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରିବ ବୋଲି ସଚିନ୍ କହିଛନ୍ତି। ଉଚ୍ଚଶିକ୍ଷା ଲାଭ କରିଥିବା ଜଣେ ବ୍ୟକ୍ତି କୃଷିକ୍ଷେତ୍ରରେ ମଧ୍ୟ ଉତ୍କର୍ଷତା ପ୍ରଦର୍ଶନ କରିପାରିବ ବୋଲି ସେ ବିଚାର କରନ୍ତି। ସଚିନ୍ କୌଣସି ସ୍କୁଲ୍‌ର ଶିକ୍ଷକ ନ ଥିଲେ ମଧ୍ୟ ଆଜିର ସମାଜରେ ଜଣେ ଗୁରୁ ଭାବେ ଉଦାହରଣ ସୃଷ୍ଟି କରିଛନ୍ତି।

**-ରିପୋର୍ଟ: ଅନୁରାଧା ମହାରଣା**



ମୁଣ୍ଡାସାହି ପିଲାଙ୍କୁ ପୁସ୍ତକ ବଣ୍ଟାଯାଇଛି।

# ଗୁରୁ ଯେବେ ଶିଷ୍ୟ ଥିଲେ...

ସେପ୍ଟେମ୍ବର ୫, ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦିନଟିକୁ ପବିତ୍ର ଗୁରୁଦିବସ ପାଳନ କରାଯାଉଛି। ଶିଷ୍ୟମାନେ ନିଜନିଜ ଗୁରୁଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରୁଥିବାବେଳେ ଗୁରୁମାନେ ମଧ୍ୟ ନିଜ ଶିଷ୍ୟ ଜୀବନର ଅନୁଭୂତି ସ୍ମରଣ କରନ୍ତି। ଏହି ଅବସରରେ କେତେଜଣ ଗୁରୁ ନିଜ ଛାତ୍ର ଜୀବନର ଅଭୁଲା ଘଟଣା ସମ୍ପର୍କରେ ଯାହା କୁହନ୍ତି...

- ରିପୋର୍ଟ: ଅନୁରାଧା ମହାରଣା



### ସାର୍ ନଥିଲେ ସପ୍ତମ ଯାଏ ପଢ଼ିଥାନ୍ତି

ଝିଅ ପିଲା ବୋଲି ସପ୍ତମ ଶ୍ରେଣୀ ପରେ ଘରେ ଆଉ ମୋତେ ପଢ଼ାଇବାକୁ ଚାହୁଁନଥିଲେ। ନିତ୍ୟାନନ୍ଦ ନାୟକ ସାର୍ ଘରେ ଆସି ବହୁତ ବୁଝାଇଥିଲେ। ତା'ପରେ ହାଇସ୍କୁଲରେ ମୋ ନାମ ଲେଖାଯାଇଥିଲା। ନିତ୍ୟାନନ୍ଦ ସାର୍ ନ ଥିଲେ ସପ୍ତମ ଯାଏ ପଢ଼ିଥାନ୍ତି। ହାଇସ୍କୁଲରେ ଆମର ଇଂରାଜୀ ଶିକ୍ଷକ ଯଦୁମଣି ତ୍ରିପାଠୀଙ୍କ ପାଠପଢ଼ା ଶୈଳୀ ମୋର ଏବେବି ମନ ଅଛି। ମୁଁ ମୋର ଶିକ୍ଷୟତ୍ରୀ ଜୀବନରେ ସବୁବେଳେ ତାଙ୍କ ପଥ ଅନୁସରଣ କରିଆସିଛି।

- ଶ୍ରୀମତୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ

### ସାରଙ୍କୁ ଦେଖି ସାରା ଦିନ ଛାତରେ ଲୁଚିଥିଲି



ମୋର ଯେତେବେଳେ ସପ୍ତମ ଶ୍ରେଣୀ ସରିଲା ଘର ପାଖ ଆବାସିକ ବିଦ୍ୟାଳୟରେ ବାପା ତଥା ମୋ ଗୁରୁ ନାମ ଲେଖାଇଥିଲେ। ମାତ୍ର ଘରଛାଡ଼ି ରହିବା ଅଭ୍ୟାସ ମୋର ନଥିଲା। ତେଣୁ ଗାଁ ସ୍କୁଲରେ ପଢ଼ିବି କହି ଚାଲି ଆସିଥିଲି। ଏହାପରେ ସ୍କୁଲର କ୍ରିଷ୍ଣା ସାର୍ ମୋତେ ନେବାକୁ ଘରକୁ ଆସିଥିଲେ। କିନ୍ତୁ ମୁଁ ସାରା ଦିନ ଛାତ ଉପରେ ଲୁଚିଯାଇଥିଲି। ଯଦିଓ ବିଦ୍ୟାଳୟକୁ ଫେରି ନଥିଲି ମାତ୍ର ସାର୍‌ଙ୍କ ସେହି ଭଲପାଇବା ପରବର୍ତ୍ତୀ ସମୟରେ ବୁଝିପାରିଥିଲି।

- ଡ. ଦେବୀଲାଲ ମିଶ୍ର, ପ୍ରାଧାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

### ଗୁରୁଙ୍କ ମାର୍ଗଦର୍ଶନରେ ଗୁରୁ ହୋଇପାରିଛି



କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟରେ ସଙ୍ଗୀତ ଶିଖିବାବେଳର କଥା। ୨ ବର୍ଷ ଭୂଷଣ ପାଠ୍ୟକ୍ରମ ସାରିବା ପରେ ବିଶାରଦ ଶେଷ କରିବା ପାଇଁ ଆର୍ଥିକ ଓ ଅନ୍ୟାନ୍ୟ ସମସ୍ୟା ପ୍ରତିବନ୍ଧକ ସାଜିଥିଲା। ସେତେବେଳେ ଗୁରୁ ଦିବାକର ପାଣ୍ଡେ ସବୁ ସମସ୍ୟାକୁ କିପରି ଏଡ଼ାଇଦିଆଯାଇପାରେ ସେନେଇ ମାର୍ଗଦର୍ଶନ ଦେଇଥିଲେ। ତାଙ୍କର ସେହି ମାର୍ଗଦର୍ଶନ ମୋ ପାଇଁ ଏକ ଅମଳିନ ସ୍ମୃତି। ସେହି ଗୁରୁଙ୍କ ମାର୍ଗଦର୍ଶନ ଗ୍ରହଣ କରିନଥିଲେ ମୁଁ ଆଜି ନିଜେ ଗୁରୁ ହୋଇପାରନଥା'ନ୍ତି।

- ଏମ୍ ପ୍ରଭାକର, ସଙ୍ଗୀତ ଗୁରୁ

## ରାଜ୍ୟ ଖବର

# ଠିକ୍ ମୂଲ୍ୟାୟନ କରା ନ ଯିବା ଅଭିଯୋଗରେ ଧାରଣା

## ଓଟିଇଟି ଫଳାଫଳକୁ ନେଇ ବିବାଦ ପ୍ରସଙ୍ଗ

କଟକ,୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୨ ରେଜଲ୍ଟ ପ୍ରକାଶ ପାଇବା ପରେ ବିବାଦ ଦେଖାଦେଇଛି। ଠିକ୍ ମୂଲ୍ୟାୟନ କରାଯାଇ ନ ଥିବା, ପରୀକ୍ଷା ପରିଚାଳନାରେ ଅନେକ ତ୍ରୁଟି ଥିବା ଅଭିଯୋଗ କରି ଶତାଧିକ ପରୀକ୍ଷାର୍ଥୀ ସୋମବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ସୂଚନା ମୁତାବକ, ଏହି ପରୀକ୍ଷା ପାଇଁ ୧ ଲକ୍ଷ ୫୪ ହଜାର ୯୮୫ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ୧ଲକ୍ଷ ୨୭ ହଜାର ୧୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଗତ ଗୁରୁବାର ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏଥିରେ ୫୦ ହଜାର ୧୮ ଜଣ ଫେଲ୍ ହୋଇଥିଲେ। ପ୍ରଶ୍ନପତ୍ରରେ ତ୍ରୁଟି ସହ ପରୀକ୍ଷାଫଳ ପ୍ରକାଶନରେ ଅନେକ ତ୍ରୁଟି ଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ପରୀକ୍ଷାର୍ଥୀଙ୍କ କହିବା ମୁତାବକ, ଏହି ପରୀକ୍ଷାରେ ଠିକ୍ ମୂଲ୍ୟାୟନ ହୋଇନାହିଁ। ସେହିପରି ପରୀକ୍ଷାର ଓଏମ୍ଆର୍ ସିଟ୍ ପ୍ରଦାନ କରାଯାଇନାହିଁ। ବିଳମ୍ବରେ ପରୀକ୍ଷାଫଳ ପ୍ରକାଶ ପାଇଛି। ପ୍ରକାଶ ପାଇଥିବା ଉତ୍ତର ପତ୍ର ଭୁଲ୍ ଥିଲା। ଏନେଇ ଆମେ ଚ୍ୟାଲେଞ୍ଜ ବୋର୍ଡରେ କରିଥିଲୁ। ଏହାପରେ ଫାଇନାଲ ଉତ୍ତର ପତ୍ର ଆସିଥିଲା। ହେଲେ ସେଥିରେ ବି ଭୁଲ୍ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୋର୍ଡ ଯେଉଁ ଫାଇନାଲ ଉତ୍ତର ପତ୍ର ପ୍ରକାଶ କରିଛି, ସେହି ଅନୁସାରେ ଯଦି ଜଣେ ପିଲା କ୍ୱାଲିଫାଏ ହେଉଛି ବୋଲି ମନେକରୁଛି, ତାଙ୍କୁ ମଧ୍ୟ ନଟ୍ କ୍ୱାଲିଫାଏ କରି ଦିଆଯାଇଛି। ଏ ସମ୍ପର୍କରେ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ପରୀକ୍ଷା ଫଳ ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇନାହିଁ। ଯେଉଁମାନେ ୧, ୨ ମାର୍କ ପାଇଁ କ୍ୱାଲିଫାଏ ହୋଇପାରି ନାହାନ୍ତି, ସେମାନେ ଚାହୁଁଛନ୍ତି ସେମାନଙ୍କୁ ସେହି ମାର୍କ ଦିଆଯାଉ। କିନ୍ତୁ ସେମିତି ବ୍ୟବସ୍ଥା ନାହିଁ। ଓଏମ୍ଆର୍ ସିଟ୍ ପାଇଁ ପିଲା ଆର୍‌ଟିଆଇ ମାଗିଲେ ଆମେ ତୁରନ୍ତ ଯୋଗାଇଦେବୁ। ପରୀକ୍ଷାର୍ଥୀମାନେ ଯେଉଁ ଚ୍ୟାଲେଞ୍ଜ କରିଥିଲେ, ସେଥିପାଇଁ ବୋର୍ଡର ଏକ ବିଶେଷଜ୍ଞ ଟିମ୍ ବସି ତର୍ଜମା କରିଥିଲା। ଏହାପରେ ଫାଇନାଲ ସ୍କୋରିଂ କରାଗଲା। ତାହା ସମ୍ପୂର୍ଣ୍ଣ ଠିକ୍ ଅଛି ବୋଲି ମହାନ୍ତି କହିଛନ୍ତି।



କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ପରୀକ୍ଷାର୍ଥୀମାନେ ଧାରଣା ଦେଇଛନ୍ତି।

# ଫକୀରମୋହନ ମେଡିକାଲରେ ଅଗ୍ନିକାଣ୍ଡ

## ରୋଗୀ, ସମ୍ପର୍କୀୟ ଭୟଭୀତ



କେମୋ ୱାର୍ଡ ବାହାରେ ଏସି କମ୍ପ୍ରେସରରେ ଲାଗିଥିବା ନିଆଁକୁ ଲିଭାଯାଉଛି।

ବାଲେଶ୍ୱର, ୪।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀନରେ ପରିଚାଳିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ନିଆଁ ଲାଗିଯିବାରୁ କିଛି ସମୟ ପାଇଁ ରୋଗୀ ଓ ସମ୍ପର୍କୀୟମାନେ ଭୟଭୀତ ହୋଇପଡ଼ିଥିଲେ। ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯିବାରୁ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ହସ୍ପିଟାଲର ମେଡିସିନ ୱାର୍ଡର ପ୍ରଥମ ମହଲାରେ ଥିବା କେମୋ ୱାର୍ଡ ବାହାରେ ଲାଗିଥିବା ଏସି କମ୍ପ୍ରେସରରେ ନିଆଁ ଲାଗିଯାଇଥିଲା। ଏହାପରେ ପୂରା ଅଞ୍ଚଳ ଧୂଆଁରେ ଭରିଯାଇଥିଲା। ନିଆଁ ଦେଖି ୱାର୍ଡରୁ ରୋଗୀ ଓ ସମ୍ପର୍କୀୟମାନେ ଭୟରେ ବାହାରକୁ ବାହାରି ଆସିଥିଲେ। ପ୍ରଥମେ ମେଡିକାଲ କର୍ମଚାରୀ ନିଆଁ ଲିଭା ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଥିଲା। ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ତେବେ ମେଡିକାଲରେ ବ୍ୟବହାର ହେଉଥିବା ଉପକରଣଗୁଡ଼ିକର ଠିକ୍ ସମୟରେ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ସାଧାରଣରେ ଆଲୋଚନା ହେଉଛି।

# ଅଭିଯୁକ୍ତ ରିଣ୍ଟୁ, ସମୀରଙ୍କ ନାଁରେ ଇଡିର ଚାର୍ଜଶିଟ୍

## ବାଲେଶ୍ୱରରେ ୧୦ କୋଟିର ବ୍ରାଉନସୁଗାର ଜବତ ମାମଲା

ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଫୁଲାଡ଼ିସ୍ଥିତ କାସିମପୁର ପଡ଼ିଆରେ ୧୦ କୋଟି ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ବେଆଇନ ଅର୍ଥ କାରବାରର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱରସ୍ଥିତ ଇଡି ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଅଭିଯୁକ୍ତ ରିଣ୍ଟୁ ତରେଇ ଓ ଏସ୍‌କେ ସମୀରଙ୍କ ନାଁରେ ଏହି ଚାର୍ଜଶିଟ୍ ହୋଇଥିବା ନେଇ ସୋମବାର ଇଡି ପକ୍ଷରୁ ସୂଚନା ଦିଆଯାଇଛି।

୨୦୨୨ ଅକ୍ଟୋବର ୨୭ ସନ୍ଧ୍ୟାରେ ବ୍ରାଉନସୁଗାର ଡିଲ ସମୟରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ରିଣ୍ଟୁ ଓ ସମୀରଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୧୦ କେଜି ବ୍ରାଉନସୁଗାର ଜବତ ହୋଇଥିଲା। ପୋଲିସ ଏକ ମାମଲା (ନଂ.୩୫୨/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ତେବେ ଏହି ବ୍ରାଉନସୁଗାର କାରବାରରେ ରିଣ୍ଟୁ ଓ ସମୀର ମୁଖ୍ୟ ଥିଲେ। ପୋଲିସର ଚାର୍ଜଶିଟ୍‌କୁ ଆଧାର କରି ଏହାର ବେଆଇନ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2023-24**

No. n: Timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website **www.samsodisha.gov.in**. Please refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 1) | Availability of Online Common Application Form (CAF) on the website **www.samsodisha.gov.in** | 04 Sept. 2023 (Monday) (12.00 Noon) |
| 2) | Last date for applying online CAF through **www.samsodisha.gov.in** | 13 Sept. 2023 (Wednesday) (11.45 P.M.) |
| 3) | Editing of the earlier submitted CAF (for once only), if required | 14 Sept. 2023 (Thursday) (11.00 A.M.) & 15 Sept. 2023 (Friday) (11.45 P.M.) |
| 4) | Publication of Provisional Allotment of Seats along with waitlisted applicants in HEI's e-Space (Ten (10) times the actual vacancy as on 15.09.2023) | 22 Sept. 2023 (Friday) (12.00 Noon) |
| 5) | Online payment of admission fees by the selected applicants through SAMS **[Student's Account]** portal | 22 Sept. 2023 (Friday) (01.00 P.M.) to 25 Sept. 2023 (Monday) (11.45 P.M.) |
| 6) | Reporting of the applicants at allotted Institutions for taking admission **(for First Round Selection)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (05.00 P.M.) (Except Holiday) |
| 7) | Data updation of admitted students in the e-space by the respective Institutions **(for First Round Admission)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (07.00 P.M.) (Except Holiday) |
| 8) | Reporting of waitlisted applicants for submission of CAF along with relevant documents for participating in the waiting list admission round | 27 Sept. 2023 (Wednesday) (09.00 A.M.) & 28 Sept. 2023 (Thursday) (05.00 P.M.) |
| 9) | Preparation of merit list among the reported waitlisted applicants & update in HEI's e-space | 03 Oct. 2023 (Tuesday) (02.00 P.M.) |
| 10) | Display of selected options in the SAMS **[Student's Account]** portal | 03 Oct. 2023 (Tuesday) (04.00 P.M.) |
| 11) | Last date to Choose any one of the selected HEI in Student's login | 05 Oct. 2023 (Thursday) (06.00 P.M.) |
| 12) | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/ NEFT/UPI etc.)** | 06 Oct. 2023 (Friday) (upto 05.00 P.M. |
| 13) | Updation of selected waitlisted Student's data by the HEIs in their e-Space | 07 Oct. 2023 (Saturday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed U.G. Phase-II Guidelines available in the SAMS U.G. Portal.

**OIPR-11001/11/0029/2324** **Sd./- Deputy Director, PTC Section**

# ଅଶୋଧିତ ତୈଳ ଦର ବୃଦ୍ଧି

ନୂଆଦିଲ୍ଲୀ,୪।୯ (ଅଭୟ ଦାଶ)



ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ଅର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳ ଦର ପୁଣି ଥରେ ବୃଦ୍ଧି ପାଇବା ଆରମ୍ଭ କରିଛି। ଏପରିକି ଗତ ସପ୍ତାହ ସପ୍ତାହ ମଧ୍ୟରେ ୨% ମୂଲ୍ୟ ବୃଦ୍ଧି ସହ ବ୍ୟାରେଲ ପିଛା ୯୦ ଡଲାର ନିକଟବର୍ତ୍ତୀ ହୋଇଛି। ଅପରପକ୍ଷରେ ବିଗତ କିଛି ମାସର ସ୍ଥିରତା ପରେ ଦର ବୃଦ୍ଧି ଖାଉଟି ଓ ତୈଳ ଆମଦାନୀ ରାଷ୍ଟ୍ରଗୁଡିକ ପାଇଁ ଚିନ୍ତାର ବିଷୟ ପାଲଟିଛି। କାରଣ ଅର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳ ଗତ ୯ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଶେଷ କରି ସୋମବାର ବ୍ରେଣ୍ଟ କ୍ରୁଡ୍ ଅଏଲ ଦର ବ୍ୟାରେଲ ପିଛା ୮୮.୭୨ଡଲାରରେ ପହଞ୍ଚିଛି। ସେହିପରି ଡବ୍ଲ୍ୟୁଟିଆଇ ଅଶୋଧିତ ତୈଳ ବ୍ୟାରେଲ ପିଛା ୮୫.୫୦ ଡଲାରରେ କାରବାର କରୁଛି। ଏପରିକି ଅଶୋଧିତ ତୈଳ ଉତ୍ପାଦନ କରୁଥିବା ଦେଶଗୁଡ଼ିକ ତୈଳ ଯୋଗାଣ ହ୍ରାସ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଫଳରେ ଅଶୋଧିତ ତୈଳ ଦର ପୁଣି ଥରେ ବୃଦ୍ଧି ପାଇଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ସେହିପରି ସାଉଦି ଆରବ ଓ ରୁଷିଆ ଭଳି ଦେଶ ଅଶୋଧିତ ତୈଳ ଉତ୍ପାଦନ ହ୍ରାସ କରିଥିବାବେଳେ ଓପେକ୍ ରାଷ୍ଟ୍ରଗୁଡ଼ିକ ତୈଳ ଉତ୍ପାଦନ ହ୍ରାସ ଏବଂ ରପ୍ତାନି ହ୍ରାସ କରିବାକୁ ବିଚାର କରୁଛନ୍ତି। ଏପରିକି ନିକଟରେ ରୁଷିଆ ତୈଳ ଦର ବଢାଇବା ସହ ରିହାତି ଦର ହ୍ରାସ କରିବାରୁ ଭାରତର ତୈଳ ଆମଦାନୀ ପରିମାଣ ମଧ୍ୟ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଅଶୋଧିତ ତୈଳ ଦର ବୃଦ୍ଧି ଘରୋଇ ତୈଳ ବଜାରରେ ଉପରେ ବେଶ ପ୍ରଭାବ ପକାଇବ। ଦୀର୍ଘମାସ ଧରି ତେଲ ଦର ହ୍ରାସ ପାଇନଥିବାବେଳେ ଅଶୋଧିତ ତୈଳ ଦର ବୃଦ୍ଧି ତେଲ ଦର ହ୍ରାସ ନେଇ ଆଶଙ୍କା ଦେଖାଦେଲାଣି। କାରଣ ଗତ ସପ୍ତାହରେ କେନ୍ଦ୍ର ସରକାର ଏଲପିଜି ଦର (୧୪.୨ କି.ଗ୍ରା) ସିଲିଣ୍ଡର ପିଛା ୨୦୦ଟଙ୍କା କମାଇବା ପରେ ଖାଉଟି ପେଟ୍ରୋଲ ଓ ଡିଜେଲ ଦର କମିବା ନେଇ ଆଶା କରୁଥିବାବେଳେ ଅଶୋଧିତ ତୈଳ ଦର ବୃଦ୍ଧି ଖାଉଟିଙ୍କ ଆଶାକୁ ଆଶାଙ୍କରେ ପକାଇଛି। ଏଭଳି ସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ହେବାର ସମ୍ଭାବନା ଶେଷ ହୋଇଥିବା ବେଳେ ଆଗାମୀ ଦିନରେ ତେଲ ଦର ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

# ଏଏମ୍ଏନ୍ଏସ୍ ଇଣ୍ଡିଆର ସଚେତନତା ଅଭିଯାନ

ଭୁବନେଶ୍ୱର, ୪।୯



ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ (ଏଏମଏନଏସ) ଇଣ୍ଡିଆ ପକ୍ଷରୁ ଏକ ଅଭିନବ ପଦକ୍ଷେପ ସାଙ୍ଗକୁ ଜନ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଡେଙ୍ଗୁ ମଶାରୁ ମୁକ୍ତିପାଇବା ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ନିମନ୍ତେ ପ୍ରୋଜେକ୍ଟ ଆରୋଗ୍ୟ ଅଧୀନରେ କମ୍ପାନୀ ପକ୍ଷରୁ ଡେଙ୍ଗୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ କେନ୍ଦୁଝର ଜିଲା ବଡ଼ବିଲ ପୌରପାଳିକାର ୨ ଓ ୩ ନମ୍ବର ୱାର୍ଡ ଏବଂ ଦେଓଝର ଠାକୁରାଣୀ ଗ୍ରାମରେ ଆରମ୍ଭ କରାଯାଇଛି। ଏଥିସହିତ ଡେଙ୍ଗୁ ମଶା ଦାଉରୁ ରକ୍ଷା ପାଇବା ପାଇଁ ୧୦୦୦ ସ୍ୱତନ୍ତ୍ର ମଶାରି ମଧ୍ୟ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଏମଏନଏସ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆର୍ସେଲର ମିତ୍ତଲ ଠାକୁରାଣୀ ଲୁହାପଥର ଖଣିର ମହାପ୍ରବନ୍ଧକ ପ୍ରମୋଦ ମିଶ୍ର, ବଡବିଲ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ୱାର୍ଡ-୨ କାଉନସିଲର ବବିରାଣୀ ମହନ୍ତଙ୍କ ସମେତ କମ୍ପାନୀର କମ୍ୟୁନିଟି ସଦସ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଡେଙ୍ଗୁ ସଚେତନତା ଭ୍ୟାନକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏ ସମ୍ପର୍କରେ ଏଏମ୍ଏନ୍ଏସ୍ ଇଣ୍ଡିଆର ସିଏସଆର ମୁଖ୍ୟ ଡ.ବିକାଶ ଯାଦବେନ୍ଦୁ କହିଛନ୍ତି, କମ୍ପାନୀ କାର୍ଯ୍ୟକ୍ଷେତ୍ର ସହିତ ପାରିପାର୍ଶ୍ୱିକ ସମ୍ପ୍ରଦାୟର କଲ୍ୟାଣ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ସେହିଭଳି ୱାର୍ଡ-୨ କାଉନସିଲର ବବିରାଣୀ ମହନ୍ତ, ଏଏମ୍ଏନ୍ଏସ୍ ଇଣ୍ଡିଆର ପ୍ରୟାସ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଓ କଲ୍ୟାଣରେ ଉନ୍ନତି ଆଣିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ବିଶେଷ କରି ମଶାଙ୍କ ପ୍ରଜନନକୁ ରୋକିବା ପାଇଁ ବ୍ୟକ୍ତିଗତସ୍ତର ଓ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବାକୁ ସେ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

# ବଲାଙ୍ଗୀରରେ ଆଇସିଆଇସିଆଇର ନୂତନ ଶାଖା

ଭୁବନେଶ୍ୱର, ୪।୯




ଆଇସିଆଇସିଆଇ ବ୍ୟାଙ୍କର ନୂତନ ଶାଖା ବଲାଙ୍ଗୀର ଜିଲା ଅନ୍ତର୍ଗତ ଚନ୍ଦ୍ରଶେଖର ନଗରଠାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ଉକ୍ତ ଶାଖାରେ ଏଟିଏମ୍-ତଥା-କ୍ୟାଶ୍ ରିସାଇକଲର୍ ମେଶିନ୍ (ସିଆରଏମ୍) ଉପଲବ୍ଧ ରହିଛି, ଯାହା ଗ୍ରାହକମାନଙ୍କୁ ଚବିଶ ଘଣ୍ଟିଆ ନଗଦ ଜମା ଓ ଉଠାଣ ସେବା ପ୍ରଦାନ କରିବ। ସେହିଭଳି ନୂତନ ଖାତା ଖୋଲିବାଠାରୁ ନେଇ ବାଣିଜ୍ୟ ଓ ବିଦେଶୀ ମୁଦ୍ରା ବିନିମୟ ସେବା, ରିକରିଂ ଜମା, ବ୍ୟବସାୟ ଋଣ, ଗୃହ ଋଣ, ବ୍ୟକ୍ତିଗତ ଋଣ, ଗାଡ଼ି ଋଣ ଓ ସୁନା ଋଣ ଭଳି ବିଭିନ୍ନ ସେବା ଉକ୍ତ ଶାଖା ଜରିଆରେ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଉକ୍ତ ଶାଖାରେ ରେମିଟାନ୍ସ ଓ କାର୍ଡ ସେବା ସାଙ୍ଗକୁ ଲକର ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ବିଶେଷ କରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ଡୋର୍-ଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ବ୍ୟାଙ୍କର ୧୮୦ ରୁ ଅଧିକ ଶାଖା ଓ ୩୫୦ ଏଟିଏମ୍‌ର ବ୍ୟାପକ ନେଟ୍‌ୱର୍କ ରହିଛି। ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଶାଖା, ଏଟିଏମ୍, କଲ୍ ସେଣ୍ଟର, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଭଳି ବ୍ୟାପକ ସେବା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

# ଘରୋଇ ବଜାରରେ ହୋଣ୍ଡା ଏଲିଭେଟ୍

ଭୁବନେଶ୍ୱର, ୪।୯




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଏସ୍‌ୟୁଭି 'ଏଲିଭେଟ୍'କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲର ପ୍ରେସିଡେଣ୍ଟ ତଥା ସିଇଓ ତାକୁୟା ସୁମୁରା କହିଛନ୍ତି, ମଜଭୁତ ଭାବେ ଆଶା କରାଯାଉଥିବା ଏହି ମଧ୍ୟମ ଆକାର ଏସ୍‌ୟୁଭି 'ହୋଣ୍ଡା ଏଲିଭେଟ'କୁ ଭାରତ ବଜାରରେ ପ୍ରବେଶ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ବିଶ୍ୱସ୍ତରରେ ପ୍ରଦର୍ଶିତ ହେବା ପରେ ଏଲିଭେଟ ଗ୍ରାହକମାନଙ୍କ ନିକଟରୁ ଅତୁଳନୀୟ ପ୍ରଶଂସା ଏବଂ ଗ୍ରହଣୀୟତା ଲାଭ କରିଛି। ଏପରିକି ଆଗ୍ରହର ସହିତ ଅପେକ୍ଷା କରିଥିବା ଭାରତୀୟ ଗ୍ରାହକଙ୍କ ନିମନ୍ତେ ଆମେ ଏଲିଭେଟର ମୂଲ୍ୟ ଘୋଷଣା କରି ବେଶ୍ ଆନନ୍ଦ ଅନୁଭବ କରୁଛୁ। ଅପରପକ୍ଷରେ ହୋଣ୍ଡା ଏଲିଭେଟ ୧.୫ ଏଲ୍‌ଆଇ-ଭିଟେକ ଡିଓଏଚ୍‌ସି ପେଟ୍ରୋଲ ଇଞ୍ଜିନରେ ପରିଚାଳିତ ହେଉଥିବାବେଳେ ୮୯ କେଡବ୍ଲ୍ୟୁ (୧୨୧-ପିଏସ) ଶକ୍ତି ଏବଂ ୧୪୫ ଏନ୍ଏମ୍ ଟର୍କ ଉତ୍ପନ୍ନ କରୁଛି। ସେହିଭଳି ଏଲିଭେଟରେ ୬-ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ଏବଂ ୭-ସ୍ପିଡ କଣ୍ଟିନ୍ୟୁଅସଲି ଭାରିଏବଲ ଟ୍ରାନ୍ସମିଶନ (ସିଭିଟି) ରହିଥିବା ବେଳେ ଯଥାକ୍ରମେ ଲିଟର ପିଛା ୧୫.୩୧ କିଲୋମିଟର ଓ ୧୬.୯୨ କିଲୋମିଟର ଇନ୍ଧନ ସଞ୍ଚୟକାରୀ ମାଇଲେଜ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ, ହୋଣ୍ଡା ଏଲିଭେଟ ୪ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବାବେଳେ ସିଙ୍ଗଲ-ଟୋନ୍‌ରେ ୭ଟି ଏବଂ ଡୁଆଲ-ଟୋନ୍‌ରେ ୩ଟି ଆକର୍ଷଣୀୟ ରଙ୍ଗ (କଲର)ର ମଡେଲ ବଜାରକୁ ଆସିଥିବା ହୋଣ୍ଡା ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ମଡେଲଗୁଡିକର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ ଶୋ'ରୁମ ) ପ୍ରାୟ ୧୧ରୁ ୧୬ ଲକ୍ଷ ଟଙ୍କା ମଧ୍ୟରେ ରହିଛି।

# ସୋମାନୀର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର, ୪।୯

ସୋମାନୀ ସେରାମିକ୍ସ ଲିମିଟେଡ଼ (ଏସସିଏଲ)ର ନୂତନ ତଥା ଏକ୍ସକ୍ଲୁସିଭ ଆଉଟଲେଟ ନିକଟରେ କଟକ ତ୍ରିଶୁଳିଆ ନିକଟସ୍ଥ ବାଙ୍କି ରୋଡସ୍ଥିତ ପାଟପୁର ମୀରାମଣ୍ଡପଠାରେ ଉଦଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏସସିଏଲର ସ୍ୱୀକୃତିପ୍ରାପ୍ତ ଡିଲର ସତ୍ୟମ କନଷ୍ଟ୍ରକସନ ଆନୁକୂଲ୍ୟରେ ଉକ୍ତ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସୋମାନୀ ସେରାମିକ୍ସ ଲିମିଟେଡ଼ର ବରିଷ୍ଠ ଉପସଭାପତି ସୁଜିତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ କନଷ୍ଟ୍ରକସନର ସ୍ୱତ୍ୱାଧିକାରୀ(ପ୍ରୋପ୍ରାଇଟର) କମଲ କୁମାର ସିକାରିଆ, କେଶବ ସିକାରିଆ,କୁମାର ମଙ୍ଗଳମ ସିକାରିଆ,ଓମପ୍ରକାଶ ସିକାରିଆ ଏବଂ ଉମେଶ ସିକାରିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ପ୍ରାୟ ୬ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଉକ୍ତ ଶୋ'ରୁମରେ ସୋମାନୀର ବିଭିନ୍ନ ଭେରାଇଟିର ଟାଇଲ୍ସ ମହଜୁଦ ରହିଥିବା ବେଳେ ୧୫ ହଜାର ବର୍ଗଫୁଟ ପରିମିତ ଜାଗାରେ ସୋମାନୀ ମାର୍ବଲ୍ସ ଏବଂ ଗ୍ରାନାଇଟି ଆଦି ମହଜୁଦ ରହିଛି। ସେହିଭଳି ଉଦଘାଟନୀ ଉତ୍ସବରେ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଗ୍ରାହକମାନେ ସୋମାନୀର ଟାଇଲ୍ସ, ମାର୍ବଲ ଏବଂ ଗ୍ରାନାଇଟ୍ ଆଦି ସୁଲଭ ମୂଲ୍ୟରେ ପାଇପାରିବେ। ସେହିପରି ଗ୍ରାହକଙ୍କ ଆବଶ୍ୟକତା ସାଙ୍ଗକୁ ବଜାର ଚାହିଦା ପୂରଣ କରିବା ଏବଂ ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ ଯୋଗାଇବାବାକୁ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଏସସିଏଲ ବର୍ତ୍ତମାନ ୮୦ରୁ ଅଧିକ ଦେଶରେ କାରବାର କରୁଥିବାବେଳେ ଭାରତରେ ୫୦୦ରୁ ଅଧିକ ସ୍ୱତନ୍ତ୍ର ଷ୍ଟୋର ଏବଂ ୧୫ହଜାରରୁ ଅଧିକ ଡିଲର୍ସ ଏବଂ ସବଡିଲର୍ସ ରହିଛନ୍ତି।

## ଫୁର୍‌ସତ୍

# ୧୮ ବର୍ଷ ପରେ ଏଆଇ ସାହାଯ୍ୟରେ କଥା କହିଲେ

ନୂଆଦିଲ୍ଲୀ




ବେଳକୁ ବେଳ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଅଫିସଠାରୁ ଆରମ୍ଭ କରି ମେଡିକାଲ କ୍ଷେତ୍ରରେ ମଧ୍ୟ ତା' ସଫଳ ଯୋଗଦାନ ଦେଖିବାକୁ ମିଳୁଛି। ନିକଟରେ ଏଆଇ ଏମିତି କିଛି କାର୍ଯ୍ୟ କରିଛି, ଯାହା ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। କିଛି ମାସ ପୂର୍ବରୁ ନେଦରଲାଣ୍ଡରେ ଜଣେ ୪୦ ବର୍ଷୀୟ ଏଆଇ ସାହାଯ୍ୟରେ ଚାଲିବାକୁ ସକ୍ଷମ ହୋଇଛନ୍ତି। ଏବେ ବୈଜ୍ଞାନିକଙ୍କ ଅନେକ ସଫଳତା ମିଳିବାକୁ ଲାଗିଛି। ନିକଟରେ ଜଣେ ମହିଳାଙ୍କ ସହିତ ମଧ୍ୟ ଏପରି ହୋଇଛି। ଯିଏ ଦୀର୍ଘ ୧୮ ବର୍ଷ ପରେ କଥା କହିବାକୁ ସକ୍ଷମ ହୋଇପାରିଛନ୍ତି। ୪୮ ବର୍ଷୀୟା ଆନ ଜନସନ୍‌ଙ୍କୁ ୩୦ ବର୍ଷ ବୟସରେ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ଏଥିଯୋଗୁ ତାଙ୍କୁ ପକ୍ଷାଘାତି ହୋଇଯାଇଥିଲା। ସେ ସେତେବେଳେ କିଛି କଥା କହିପାରୁ ନ ଥିଲେ। କିନ୍ତୁ ଏବେ ଏଆଇ ତାଙ୍କ ଜୀବନ ବଦଳାଇ ଦେଇଛି। ତାଙ୍କ ମସ୍ତିଷ୍କରେ ପାଖାପାଖି ୨୫୦ଟି ଇଲେକ୍ଟ୍ରୋନିକ ତାର ଇଂପ୍ଲାଣ୍ଟ କରାଯାଇଛି। ଏହି ଇଲେକ୍ଟ୍ରୋନିକ ତାର ମସ୍ତିଷ୍କର ସ୍ପିଚ ପ୍ରୋସେସିଂ କ୍ଷେତ୍ରକୁ ଘେରି ରହିଛି। ମସ୍ତିଷ୍କ ପଠାଉଥିବା ସଙ୍କେତକୁ କମ୍ପ୍ୟୁଟର ସାହାଯ୍ୟରେ ଯୋଗା ଯାଇଥିଲା। ଯାହା ଫଳରେ ଜନସନଙ୍କୁ କିଛି ଚିତ୍ର ଦେଖାଯାଇଥିଲା ଏବଂ ତାହା କେଉଁ ସଙ୍କେତ, ସେ ବାବଦରେ ଜନସନ ନିଷ୍ପତ୍ତି ନେଇଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଜନସନ ଏହି ସଙ୍କେତକୁ ଚିହ୍ନିବାକୁ ଏଆଇର ସାହାଯ୍ୟ ନେଇଥିଲେ।

# ଗଣେଶ ଚତୁର୍ଥୀରେ 'ଚନ୍ଦ୍ରମୁଖୀ ୨'




ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ମୁଭି 'ଚନ୍ଦ୍ରମୁଖୀ-୨'ର ଟ୍ରେଲର ଚେନ୍ନାଇରେ ରିଲିଜ୍ ହୋଇଛି ; ଯେଉଁଥିରେ କଙ୍ଗନା ଭିନ୍ନ ଏକ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି। ତାଙ୍କର ଏହି ଚରିତ୍ରକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଫିଲ୍ମରେ କଙ୍ଗନା ଏବଂ ରାଘବ ଲରେନ୍ସଙ୍କ ଦମ୍‌ଦାର ଦୃଶ୍ୟ ଦେଖିବାକୁ ମିଳିଛି। କଙ୍ଗନା ଜଣେ ମହାରାଣୀ ଭୂମିକାରେ ଅଭିନୟ କରୁଥିବାବେଳେ ଏକ ବଙ୍ଗାଳୀ ବସ୍ତ୍ର ପିନ୍ଧିଥିବା ନଜରକୁ ଆସିଛି। ଟ୍ରେଲରରେ ଦେଖିବାକୁ ମିଳିଛି, କିଛି ସମସ୍ୟାର ସମାଧାନ ପାଇଁ ଜଣେ ପରିବାର ଏକ ବଙ୍ଗଳାରେ ରହିବାକୁ ଆସୁଛନ୍ତି। ବଙ୍ଗଳାର ଏକ ପାର୍ଶ୍ୱକୁ ସେମାନଙ୍କୁ ଯିବାକୁ ବାରଣ ହୋଇଛି। ତେବେ ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ମହିମା ନାମ୍ବିୟାର, ରାଧିକା ଶରତ କୁମାର, ବାଦିବେଲୁ, ରାଓ ରମେଶ, ରବି ମାରିୟା, ସୁରେଶ ମେନନ, ଲକ୍ଷ୍ମୀ ମେନନ ପ୍ରମୁଖଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛି। ପି. ବାସୁଙ୍କ ନିର୍ଦ୍ଦେଶିତ ଏହି ତାମିଲ ହରର କମେଡି ଫିଲ୍ମ 'ଚନ୍ଦ୍ରମୁଖୀ'ର ସିକ୍ୱେଲ। ସେତେବେଳେ ଏହି ସିନେମା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ତେବେ 'ଚନ୍ଦ୍ରମୁଖୀ-୨' ଆସନ୍ତା ଗଣେଶ ଚତୁର୍ଥୀ ଅର୍ଥାତ୍ ୨୫ ତାରିଖରେ ମୁକ୍ତିଲାଭ କରିବ। ଚଳଚ୍ଚିତ୍ରଟି ହିନ୍ଦୀ, ତାମିଲ, ତେଲୁଗୁ,ମାଲାୟାଲମ୍, କନ୍ନଡ ଆଦି ଭାଷାରେ ରିଲିଜ୍ ହେବ।

# ଲଙ୍କା ଶୁଙ୍ଘି କୋମାରେ ୬ ମାସ



ବ୍ରାସିଲିଆ

ଆମ ଦେଶରେ ଯଦି ମସଲାଦାର, ଚଟପଟା ଖାଦ୍ୟର କଥା ଉଠେ, ତେବେ ଗୋଟିଏ କଥା ମନକୁ ଆସେ। ଘର ହେଉ ବା ବାହାର ଲଙ୍କା ବିନା ଖାଦ୍ୟର ସ୍ୱାଦ ଫିକା ପଡ଼ିଯାଏ। କେତେବେ ଲଙ୍କାକୁ ବେଶ୍ ପସନ୍ଦ କରୁଥିବାବେଳେ ଆଉ କେତେକେ ଅଛନ୍ତି, ଯେଉଁମାନଙ୍କୁ ଲଙ୍କାରେ ଆଲର୍ଜି ଥାଏ। ତେବେ ଲୋକଙ୍କୁ ଖାଦ୍ୟରେ ଆଲର୍ଜି ରହିଥାଏ, ଯାହା ଖାଇବା ଫଳରେ ହୁଏ। ହେଲେ ନିକଟରେ ଜଣେ ଯୁବତୀ ଲଙ୍କା ଶୁଙ୍ଘିବାରୁ ତାଙ୍କ ଅବସ୍ଥା ଖରାପ ହୋଇଯାଇଛି। ସେ ବର୍ତ୍ତମାନ ୬ ମାସ ହେବ ହସ୍ପିଟାଲରେ ଅଛନ୍ତି। ବ୍ରାଜିଲର ବାସିନ୍ଦା ୨୫ ବର୍ଷୀୟା ଥାଇସ୍ ମେଡେଇରୋସ୍ ନାମ୍ନୀ ଜଣେ ଯୁବତୀ ଏକ ରାଗୁଆ ଲଙ୍କା ଶୁଙ୍ଘିଦେଇଥିଲେ। ତାଙ୍କ ମା' କହିଛନ୍ତି, ସେ ତାଙ୍କୁ ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରୁଥିଲେ। ସେହି ସମୟରେ ସେ ଲଙ୍କାକୁ ଶୁଙ୍ଘିବା ସହ ତାକୁ ନାକରେ ରଗଡି ଦେଇଥିଲେ। ରିପୋର୍ଟ ମୁତାବକ, ଲଙ୍କା ଶୁଙ୍ଘିବା ପରେ ତାଙ୍କ ଦେହ ଅସୁସ୍ଥ ହେବାକୁ ଲାଗିଲା। ଏଥିପାଇଁ ସେ କିଛିଦିନ ଧରି ହସ୍ପିଟାଲରେ କୋମାରେ ମଧ୍ୟ ରହିଲେ। ପରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ପୁଣି ଦେହ ଖରାପ ହେବାରୁ ତାଙ୍କୁ ପୁନଶ୍ଚ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିଥିଲା। ଫଳରେ ବିଭିନ୍ନ ପ୍ରକାର ରୋଗର ଲକ୍ଷଣ ଦେଖିବାକୁ ମିଳିଲା। ଏଥିସହ ସ୍ମୃତିଶକ୍ତି ହରାଇବା, ଦୃଷ୍ଟିଶକ୍ତି ସହ ଦୁର୍ବଳ ଅନୁଭବ କରୁଥିଲେ। ଏହି ଦୁର୍ଘଟଣା ଫେବୃୟାରୀରେ ହୋଇଥିଲା। ପରେ ତାଙ୍କୁ ଜୁଲାଇରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ପରେ ଭର୍ତ୍ତିହେବା ପରେ ସେ ଏବେ ବି ହସ୍ପିଟାଲରେ ଅଛନ୍ତି। ସେ କାହା ସହ କଥା ହେଉନାହାନ୍ତି କି ଚାଲି ବି ପାରୁନାହାନ୍ତି।

# ପ୍ରଥମ ଥର ପାଇଁ ଦେଖିଲେ ରଙ୍ଗିନ ଦୁନିଆ



ନୂଆଦିଲ୍ଲୀ

ସମସ୍ତଙ୍କ ଜୀବନରେ ରଙ୍ଗର ବେଶ୍ ମହତ୍ତ୍ୱ ରହିଛି। ରଙ୍ଗ ହିଁ ମଣିଷ ଜୀବନକୁ ରଙ୍ଗିନ କରିଥାଏ। ଯଦି କେହି ବ୍ୟକ୍ତି ରଙ୍ଗ ଦୃଷ୍ଟିହୀନତାରେ ପୀଡ଼ିତ ହୁଅନ୍ତି, ତେବେ ତାଙ୍କ ଜୀବନ ନର୍କ ସହ ସମାନ ହୋଇଯିବ। ଏମିତି ହେଲେ ପୂରା ଦୁନିଆ ତାଙ୍କୁ ରଙ୍ଗହୀନ ଅର୍ଥାତ୍ କଳା ଓ ଧଳା ଦେଖାଯିବ। ନିକଟରେ ଏପରି ଜଣେ ବ୍ୟକ୍ତିଙ୍କ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ବ୍ୟକ୍ତିଙ୍କୁ ତାଙ୍କର ଜଣେ ସାଙ୍ଗ ଏକ ଚଷମା ଦେଲେ। ଏହା ପରେ ତାଙ୍କର ଖୁସିର ଠିକଣା ରହିଲାନି। ପ୍ରକୃତରେ ସେହି ଚଷମାଟି ରଙ୍ଗ ଦୃଷ୍ଟିହୀନତାରେ ପୀଡ଼ିତଙ୍କ ପାଇଁ ଉଦ୍ଦିଷ୍ଟ। ଯେତେବେଳେ ତାଙ୍କ ସାଙ୍ଗ ସେହି ଚଷମାକୁ ଦେଲେ, ବ୍ୟକ୍ତି ଜଣକ ଏ ବାବଦରେ ଜାଣି ନ ଥିଲେ। ସେ ଉକ୍ତ ଚଷମାକୁ ପିନ୍ଧିବାରୁ ତାଙ୍କୁ ପ୍ରଥମ ଥର ସବୁ ରଙ୍ଗିନ ଦେଖାଗଲା। ତାଙ୍କୁ ବିଶ୍ୱାସ ନ ହେବାରୁ ସେ ଚଷମାକୁ ବାରମ୍ବାର ଖୋଲୁଥିଲେ ଏବଂ ପିନ୍ଧୁଥିଲେ। ସେ ତାଙ୍କ ପାଖରେ ଥିବା ସମସ୍ତ ପଦାର୍ଥକୁ ଉତ୍ସାହର ସହ ଦେଖିବାକୁ ଲାଗିଲେ। ଭିଡିଓକୁ ଅଧିକାଂଶ ଲୋକ ବେଶ୍ ପସନ୍ଦ କରିଥିବାବେଳେ ଅନେକେ ଏଥିରେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି।

# ପୋଲିସ ଅଟକାଇବାରୁ ରାସ୍ତାରେ ବସିଲେ କୁଷ୍ଠରୋଗୀ

## ୧୦ ଦଫା ଦାବିରେ ଆନ୍ଦୋଳନ



ଭୁବନେଶ୍ୱର,୪।୯ (ଅନୁରାଧା ମହାରଣା)

୧୦ ଦଫା ଦାବି ନେଇ କୁଷ୍ଠରୋଗୀ ସଂଗଠନ ସମୂହ ମିଳିତ କ୍ରିୟାନୁଷ୍ଠାନ କମିଟି ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲା। ଶହଶହ ସଂଖ୍ୟାରେ କୁଷ୍ଠପୀଡିତ ମାଷ୍ଟର କ୍ୟାଣ୍ଟିନରେ ଏକାଠି ହେବା ପରେ ନବୀନ ନିବାସ ଘେରାଉ ପାଇଁ ବାହାରିଥିଲେ। ମାତ୍ର ଅଶୋକ ନଗରଠାରେ ଆନ୍ଦୋଳନକାରୀଙ୍କୁ ପୋଲିସ୍ ଅଟକାଇଥିଲା। ଫଳରେ ସେମାନେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ପରେ କମିଟିର ୭ଜଣ ସଦସ୍ୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଭିତରକୁ ଯିବାକୁ ଅନୁମତି ମିଳିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ରାଜ୍ୟର ସମସ୍ତ କୁଷ୍ଠ ପୀଡିତଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ସହ ସେମାନେ ରହୁଥିବା କଲୋନୀରେ ମାଗଣା ଘର, ପାନୀୟ ଜଳ ଓ ବିଜୁଳି ପ୍ରଦାନ ଆଦି ଦାବି ରହିଛି। ସେହିଭଳି ଅନ୍ତୋଦୟ ଓ ରାଜ୍ୟ ସୁରକ୍ଷା ଯୋଜନାରେ ପ୍ରତ୍ୟେକ ପରିବାରକୁ ୩୫ କେଜି ଚାଉଳ ପ୍ରଦାନ, ରାଜ୍ୟରେ ଖାଲିଥିବା ୩୫୯ ଓ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ୧୮୪ କୁଷ୍ଠ କର୍ମୀ ପଦବୀ ପୂରଣ ନିମନ୍ତେ ୨୦୧୪ରେ ସ୍ୱାସ୍ଥ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବା, କୁଷ୍ଠ ପୀଡ଼ିତଙ୍କ ଚଳିବା ପାଇଁ ମାସିକ ସହାୟତା ରାଶି ୫ହଜାର ଟଙ୍କା ପ୍ରଦାନ ଓ ଭିକ୍ଷା ମାଗିବା ବନ୍ଦ କରାଯାଉ ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ଝିଅ ବାହାଘର ପାଇଁ ସମସ୍ତ ଖର୍ଚ୍ଚ ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ କୁଷ୍ଠପୀଡ଼ିତଙ୍କୁ ୪୦ ପ୍ରତିଶତ ବିକଳାଙ୍ଗ ପ୍ରମାଣ ପତ୍ର, ଆର୍‌ଏଫ୍‌ଟି ଓ କୁଷ୍ଠମୁକ୍ତ ପ୍ରମାଣ ପତ୍ର ଦିଆଯିବା ସହ ପେନସନ, ଭୁବନେଶ୍ୱରରେ ୧୦୦ ଶଯ୍ୟା ବିଶିଷ୍ଟ କୁଷ୍ଠ ଚିକିତ୍ସାଳୟ ଏବଂ ରିସର୍ଚ୍ଚ ସେଣ୍ଟର ସ୍ଥାପନ, ଜାତୀୟସ୍ତରୀୟ ହିନ୍ଦ କୁଷ୍ଠ ନିବାରଣ ସଂଘକୁ କାର୍ଯ୍ୟକ୍ଷମ କରିବା, ମାଗଣା ଶିକ୍ଷା, ନିଯୁକ୍ତି, ଆତ୍ମନିଯୁକ୍ତି, ଟ୍ରେନିଂ, କଲୋନୀର ପିଲାଙ୍କୁ ପ୍ରଥମରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଆବାସିକ ଶିକ୍ଷା, ବିନା ସୁଧରେ ପ୍ରତ୍ୟେକ ପରିବାରକୁ ବ୍ୟବସାୟ ପାଇଁ ୫ ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା ଆଦି ଦାବି ରଖାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କମିଟିର ସାଧାରଣ ସମ୍ପାଦକ ପ୍ରଭାକର ସାହୁ କହିଛନ୍ତି।

# ଘରୋଇ ସହାୟିକାଙ୍କ ହାତରେ ସଫେଇ ଦାୟିତ୍ୱ

## ଏସ୍‌ଏମ୍‌ସିର ଅଭିନବ ପ୍ରୟାସ

ସମ୍ବଲପୁର,୪।୯ (ଶୁଭାଶିଷ ପାଢ଼ୀ)

ବର୍ଜ୍ୟବସ୍ତୁ ପରିଚାଳନା ନେଇ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପୂର୍ବରୁ ଅନେକ ପ୍ରକ୍ରିୟା ଆପଣେଇଛି। ପ୍ରଚାରପତ୍ର ବାଣ୍ଟିବା ସହ ବିଭିନ୍ନ ପଡ଼ାରେ ସଚେତନତା ସୃଷ୍ଟି କରିବା, ମହିଳା ଏସ୍‌ଏଚ୍‌ଜିଙ୍କୁ ସାମିଲକରିବା, ଓଦା ଓ ଶୁଖିଲା ଅଲଗା ସଂଗ୍ରହ ପାଇଁ ଗାଡ଼ିରେ ପୃଥକ୍ କ୍ୟାବିନ କରିବା ଭଳି ପଦକ୍ଷେପ ନେଇଛି। ଏପରିକି ଜରିମାନା ମଧ୍ୟ ଆଦାୟ କରିଛି। ହେଲେ ମଧ୍ୟ ଲୋକେ ଓଦା ଓ ଶୁଖିଲା ଆବର୍ଜନା ମିଶାଇ ଗାଡ଼ିକୁ ଦେଉଛନ୍ତି। ଏହାକୁ ରୋକିବା ପାଇଁ ମହାନଗର ନିଗମ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ପ୍ରତି ୱାର୍ଡରେ ବୈଠକ କରି ଘରୋଇ ସହାୟିକା ଭାବେ କାମ କରୁଥିବା ମହିଳାଙ୍କୁ ସଚେତନ କରୁଛି। ଆବର୍ଜନାକୁ ପୃଥକ୍ କରିଦେବାରେ ସେମାନଙ୍କ ଭୂମିକା ପ୍ରଥମେ ଆସୁଛି। ସହରର ଅଧିକାଂଶ ଘରେ ମହିଳା ସହାୟିକା କାମ କରୁଛନ୍ତି। ତେଣୁ ସେମାନଙ୍କ ହାତରେ ସଫେଇ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ଏମ୍‌ସି ପକ୍ଷରୁ କୁହାଯାଇଛି।

ଏସ୍‌ଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି କହିଛନ୍ତି, ଦ୍ୱାରରୁ ଦ୍ୱାର ପର୍ଯ୍ୟନ୍ତ ଅଳିଆ ଆବର୍ଜନା ସମଗ୍ର ସହରକୁ ବିସ୍ତାର କରିସାରିଛି। ଅନେକ ପରିବାର ବର୍ଜ୍ୟବସ୍ତୁ ପୃଥକ୍ ନ କରି ସଫେଇ ଯାନକୁ ହସ୍ତାନ୍ତର ଜାରି ରଖିଛନ୍ତି। ତେଣୁ ଘରୋଇ ସହାୟିକା, ଯେଉଁମାନେ ଘରର ବର୍ଜ୍ୟବସ୍ତୁ ପରିଚାଳନା କରନ୍ତି ସେମାନଙ୍କୁ ନେଇ ଏସ୍‌ଏମ୍‌ସି କାର୍ଯ୍ୟକ୍ରମ ଆରମ୍ଭ କରିଛି। ଅଧିକନ୍ତୁ, ନାଗରିକ ସଂସ୍ଥା ପରିବାରଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ଏସ୍‌ଏମ୍‌ସିର ଯାନବାହନକୁ ଦେବା ପୂର୍ବରୁ ବର୍ଜ୍ୟବସ୍ତୁ ପୃଥକ୍ କରୁଥିବା ଘରଗୁଡ଼ିକ ସବୁଜ ବର୍ଗରେ ଥିବାବେଳେ ଏହାକୁ ଆବଣ୍ଟନ ନ କରି ବର୍ଜ୍ୟବସ୍ତୁ ଦେଉଥିବା ଘରଗୁଡ଼ିକ କମଳା ବର୍ଗ ଓ ଆବର୍ଜନା ଦେଉ ନ ଥିବା ଘରଗୁଡ଼ିକ ଲାଲ ବର୍ଗରେ ରହିଛି। ଏସ୍‌ଏମ୍‌ସି କର୍ମଚାରୀ ସମ୍ପୃକ୍ତ ଘର ବାହାରେ ସବୁଜ, କମଳା ଓ ଲାଲ ରଙ୍ଗର ଷ୍ଟିକର ଲଗାଉଛନ୍ତି। ଏପରିକି ସ୍କୁଲ ଛାତ୍ର ଓ ଆବାସିକ ସମାଜ ମଧ୍ୟରେ ସଚେତନତା ସୃଷ୍ଟି ସହ ଏସ୍‌ଏମ୍‌ସି ଗାଡ଼ିରେ ଦେବା ପୂର୍ବରୁ ବର୍ଜ୍ୟବସ୍ତୁକୁ ପୃଥକ୍ କରିବାକୁ ନିବେଦନ କରୁଛନ୍ତି ବୋଲି ମହାନ୍ତି କହିଛନ୍ତି।



ବର୍ଜ୍ୟବସ୍ତୁ ପରିଚାଳନା ନେଇ ସଚେତନତା କାର୍ଯ୍ୟକ୍ରମ।

ସୂଚନାଯୋଗ୍ୟ, ବ୍ୟାଟେରିଚାଳିତ ଯାନ ସମେତ ପ୍ରାୟ ୧୪୦ଟି ଯାନ ଲୋକଙ୍କ ଦ୍ୱାରରୁ ବର୍ଜ୍ୟବସ୍ତୁ ସଂଗ୍ରହରେ ନିୟୋଜିତ ହୋଇଛି। ଏସ୍‌ଏମ୍‌ସି ଦ୍ୱାରା ନିୟୋଜିତ ଯାନଗୁଡିକ ପରିବାରରୁ ଉତ୍ପାଦିତ ବର୍ଜ୍ୟବସ୍ତୁକୁ ପରିଚାଳନା କେନ୍ଦ୍ରକୁ ଆଣିଥାଏ। ସଂଗୃହୀତ କେନ୍ଦ୍ରରେ ଉକ୍ତ ବର୍ଜ୍ୟକୁ କମ୍ପୋଷ୍ଟରେ ପରିଣତ କରାଯାଇଥାଏ। ଅନ୍ୟପକ୍ଷେ ପଚିଶଢ଼ି ଯାଉ ନ ଥିବା ବର୍ଜ୍ୟବସ୍ତୁକୁ ଏମ୍‌ଆର୍‌ସି (ମ୍ୟାଟେରିଆଲ ରିକଭରି ସେଣ୍ଟର)କୁ ଅଣାଯାଏ। ସେଠାରୁ ସ୍କ୍ରାପ୍ ଡିଲର ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରନ୍ତି। ପୁନଃ ବ୍ୟବହାରଯୋଗ୍ୟ ହେଉ ନ ଥିବା ବର୍ଜ୍ୟବସ୍ତୁକୁ ସିମେଣ୍ଟ କାରଖାନାକୁ ପଠାଯାଏ, ଯେଉଁଠାରେ ଏହା ଇନ୍ଧନ ଭାବରେ ବ୍ୟବହୃତ ହୁଏ। ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର)ରେ ବର୍ଜ୍ୟବସ୍ତୁ ପୃଥକ୍ କରିବା ଜରୁରୀ ବୋଲି ମହାନ୍ତି କହିଛନ୍ତି।

# ଝିଅ ମୃତ୍ୟୁ ପରେ ୫ ଲକ୍ଷ ସଞ୍ଚୟ ଟଙ୍କା ରେଡ୍‌କ୍ରସକୁ ଦେଲେ ମା’



ରଶ୍ମିତା ନବରଙ୍ଗପୁର ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ନବରଙ୍ଗପୁର,୪।୯(ସଦାଶିବ ପ୍ରହରାଜ)

## ଝିଅ ଭବିଷ୍ୟତ ପାଇଁ ଟଙ୍କା ସଞ୍ଚୟ କରିଥିଲେ

ଝିଅ ପାଠ ପଢ଼ିବ, ବଡ଼ ମଣିଷ ହେବ। ଏହି ଆଶାରେ ଟଙ୍କା ସଞ୍ଚିଥିଲେ। କିନ୍ତୁ ଝିଅର ଅକାଳ ବିୟୋଗ ପରେ ତାଙ୍କ ଭବିଷ୍ୟତ ପାଇଁ ରଖିଥିବା ଟଙ୍କାକୁ ରେଡ୍‌କ୍ରସକୁ ଦେଇ ମହାନତାର ପରିଚୟ ଦେଇଛନ୍ତି ମୃତକଙ୍କ ମା’। ସୋମବାର ନବରଙ୍ଗପୁର ପୌର କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ପାପଡାହାଣ୍ଡି ବ୍ଲକ ଚନ୍ଦନପାଲା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ସେଠାରେ ପହଞ୍ଚି ୫ ଲକ୍ଷ ଟଙ୍କାର ଚେକ୍ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ଦେଇଛନ୍ତି। ଏହି ସମୟରେ ଏସ୍‌ପି ଏସ୍. ସୁଶ୍ରୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

ଶିକ୍ଷୟିତ୍ରୀ ରଶ୍ମିତା ଓ ଶିକ୍ଷକ ଅରକ୍ଷିତ ପାତିକାଙ୍କ ଏକମାତ୍ର ଝିଅ ବିଦ୍ୟାମୟୀ ପାତିକା। ସେ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ୨୦୨୩ ମାର୍ଚ୍ଚ ୩୧ରେ ପ୍ରାଣ ହରାଇଥିଲେ। ବିଦ୍ୟାମୟୀ ସିକଲସେଲରେ ପୀଡ଼ିତ ଥିଲେ। ବିଦ୍ୟାମୟୀ ପ୍ରଥମରୁ ଶିଶୁ ମନ୍ଦିରରେ ପଢୁଥିବାବେଳେ ଚଳିତ ବର୍ଷ ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲରେ ନାମ ଲେଖାଇଥିଲେ। ଭଲ ପଢୁଥିବାରୁ ୩ୟ ଓ ୫ମ ଶ୍ରେଣୀରେ ସ୍କଲାରଶିପ ପାଇଥିଲେ। ଉକ୍ତ ଟଙ୍କା ସହ ତାଙ୍କ ମୃତ୍ୟୁ ପରେ ସୁକନ୍ୟା ଯୋଜନାରେ ଥିବା ୨ଲକ୍ଷ ଓ ବୀମା ଟଙ୍କା ଆଦି ମିଶି ୫ ଲକ୍ଷ ବିଦ୍ୟାମୟୀଙ୍କ ପରିବାରକୁ ମିଳିଥିଲା। ଉକ୍ତ ଟଙ୍କା ଝିଅ ଭବିଷ୍ୟତ ପାଇଁ ଥିଲା। ତାଙ୍କ ମୃତ୍ୟୁ ପରେ ଏହି ଟଙ୍କା ଅସହାୟ, ଗରିବ, ଦୁଃଖୀଙ୍କ କାମରେ ଲାଗିଲେ ଖୁସିହେବେ ବୋଲି ରଶ୍ମିତା କହିଛନ୍ତି। ଝିଅର ମୃତ୍ୟୁ ପରେ ଜଣେ ମର୍ମାହତ ମାଆର ବଦାନ୍ୟତା, ଅନ୍ୟଙ୍କ ପ୍ରତି ରହିଥିବା ସହାନୁଭୂତି ମନୋଭାବକୁ ବିଭିନ୍ନ ସ୍ତରରୁ ପ୍ରଶଂସା କରାଯାଇଛି।

# ୬ ମାଓବାଦୀ ଗିରଫ, ୮ ଜଣଙ୍କ ଆତ୍ମସମର୍ପଣ

## ସୀମାନ୍ତରେ ପୋଲିସ, ସିଆର୍‌ପିଏଫ୍‌ର ତଲାସି

ମାଲକାନଗିରି,୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ସୋମବାର ୬ଜଣ ମାଓବାଦୀଙ୍କୁ ପୋଲିସ ଓ ସିଆରପିଏଫ୍ ଯବାନ ଗିରଫ କରିଥିବା ବେଳେ ଦାନ୍ତେୱାଡା ପୋଲିସ ନିକଟରେ ୮ଜଣ ଆତ୍ମସମର୍ପଣ କରିଛନ୍ତି। ଗିରଫମାନେ ହେଲେ ମୁନ୍ନା ବରସା,ମଙ୍ଗୁଲି ପୁନେମ୍, ରବା, ମୁକା, ହିଡମା ଓ ମାଡବୀ ଭୀମା। ଆତ୍ମସମର୍ପଣ କରିଥିବା ୮ଜଣ ହେଲେ ମଙ୍ଗଡୁ, କୁମାରୀ ଲଖମେ, କେସା ରାମ ମାଣ୍ଡବି, ହିଡମା ମୁଚାକି, ବେଟୀ ମୁଚାକି, କୋସି ମାଡକାମି, ଦେବେ ମାଡକାମି ଓ ମଙ୍ଗଡୁ ସୋଡି।

ସୂଚନାଯୋଗ୍ୟ, ମାଓବାଦୀ ଦମନ ଅଭିଯାନରେ(ଘର ୱାପ୍‌ସି)ରେ ୨ଜଣଙ୍କ ନାମରେ ପୁରସ୍କାର ଘୋଷିତ ହୋଇଥିଲା। ଜଣଙ୍କ ନାଁରେ ୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଥିବା ମୁନ୍ନା ବରସାଙ୍କୁ ଗିରଫ କରାଯାଇଛି। ସେ ପ୍ଲାଟୁନ ନଂ.୧୩ (ପିପିସିଏମ୍)ରେ କାମ କରୁଥିଲେ। ଏଥିସହ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ମହିଳା ମାଓବାଦୀ ମଙ୍ଗୁଲି ପୁନେମ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ମଙ୍ଗୁଲି ଗଙ୍ଗାଲୁର ମାଟବାଡା(ଏଲ୍‌ଓଏସ୍)ର ସଦସ୍ୟ ଥିଲେ। ଏଥିସହ ସେ ଅରନପୁର ଥାନା ଅଞ୍ଚଳରେ କୋମ୍ବିଂ ବେଳେ ଆଉ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରବା, ମୁକା, ହିଡମା ଓ ମାଡବୀ ଭୀମା। ଏହି ୪ ଜଣଙ୍କ ନାମରେ ପୂର୍ବରୁ ଅରନପୁର ଥାନାରେ ବିଭିନ୍ନ ମାମଲା ରହିଛି। ୬ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଗିରଫ ମହିଳା ମାଓବାଦୀ ମଙ୍ଗୁଲି ପୁନେମ୍ କହିଛନ୍ତି, ସେ ରେଳ ଲାଇନ୍ ଉଡାଇବା ସହ ବିଭିନ୍ନ ବଡ଼ ବଡ଼ ମାଓବାଦୀ ହିଂସାକାଣ୍ଡରେ ଜଡିତ ଥିଲେ। ଏହି ୨ ମାଓବାଦୀଙ୍କଠାରୁ ୩ ଡିଟୋନେଟର,୨ ଜିଲୋଟିନ୍ ରଡ୍, କୋଡେକ୍ସ ତାର ଓ ନଗଦ ୫୪,୬୫୦ ଟଙ୍କା ଜବତ କରାଯାଇଛି।

ସେହିପରି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ମାର୍ଜୁମ ମିଲିସିୟା କମାଣ୍ଡର ମଙ୍ଗଡୁ, ମହିଳା ମାଓବାଦୀ ଟେଟମ୍ ପଞ୍ଚାୟତର କେଏଏମ୍‌ଏସ୍ ଅଧକ୍ଷା କୁମାରୀ ଲଖମେଙ୍କ ସହ କଟକଲ୍ୟାଣ ଥାନା ଅଞ୍ଚଳ ମାର୍ଜୁନ ପଞ୍ଚାୟତ କୃଷି ଶାଖା ଅଧକ୍ଷ କେସା ରାମ ମାଣ୍ଡବି, ହିଡମା ମୁଚାକି, କେଟରୁମ କମିଟି ଉପାଧକ୍ଷ ବେଟୀ ମୁଚାକି, କୋସି ମାଡକାମି ଏବଂ ଦେବେ ମାଡକାମ ରହିଛନ୍ତି। ତେବେ ଆତ୍ମସମର୍ପଣ କରିଥିବା ଏହି ୮ ଜଣ ରାସ୍ତା ଖୋଳି ଯାତାୟାତ ବନ୍ଦ ଓ ବ୍ୟାନର ପୋଷ୍ଟର ଲଗାଇବା ସହ ଅନ୍ୟ ମାଓବାଦୀଙ୍କ ଗତିବିଧିରେ ସାମିଲ ଥିବା ସୂଚନା ମିଳିଛି।

# ଏଚ୍‌ଏସ୍‌ସିଏଲର ୨ ଇଞ୍ଜିନିୟର ଗିରଫ

## ନିମ୍ନମାନର ହଷ୍ଟେଲ ନିର୍ମାଣ ଘଟଣା

## ପୂର୍ବରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ ଠିକାଦାର ବାପପୁଅ

ସୋନପୁର,୪।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ୪ଟି ନିମ୍ନମାନର ଅନୁସୂଚିତ ଜାତି(ଏସ୍‌ସି) ହଷ୍ଟେଲ ନିର୍ମାଣରେ ସରକାରୀ ଟଙ୍କା ତୋଷରପାତ ହୋଇଥିଲା। ଅଭିଯୋଗ ପରେ ଭିଜିଲାନ୍ସ ଏହାର ତଦନ୍ତ କରୁଥିଲା। ଏହି ଘଟଣାରେ ମେସର୍ସ ହିନ୍ଦୁସ୍ତାନ ଷ୍ଟିଲୱାର୍କ୍ସ କନ୍‌ଷ୍ଟ୍ରକଶନ ଲିଃ(ଏଚ୍‌ଏସ୍‌ସିଏଲ)ର ସିନିୟର ସାଇଟ୍ ଇଞ୍ଜିନିୟର ସୌରଭ ଦେ ଓ ସାଇଟ୍ ଇଞ୍ଜିନିୟର ସପ୍ତର୍ଷି ଗୋସ୍ୱାମୀଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ସକାଳେ ଏଚ୍‌ଏସ୍‌ସିଏଲର ଅଫିସ ଓ ଗିରଫ ହୋଇଥିବା ୨ ଅଧିକାରୀଙ୍କ ବାସଭବନରେ ଯାଞ୍ଚ କରିଥିଲା। ରାତିରେ ଇଞ୍ଜିନିୟର ଦେ ଓ ଗୋସ୍ୱାମୀଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଅଗଷ୍ଟ ୨୮ରେ ଫେରାର ଥିବା ପ୍ରଥମ ଶ୍ରେଣୀ ଠିକାଦାର ବଲାଙ୍ଗୀର ଜିଲାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପାୱାର ଅଫ୍ ଆଟର୍ନି ହୋଲ୍ଡର ତଥା ପୁଅ ଦୀପକ କୁମାର ଅଗ୍ରୱାଲ ଭିଜିଲାନ୍ସ ଦ୍ୱାରା ରାଉରକେଲାରୁ ଗିରଫ ହୋଇଥିଲେ।



ଗିରଫ ଇଞ୍ଜିନିୟର ସୌରଭ ଦେ ଓ ସାଇଟ୍ ଇଞ୍ଜିନିୟର ସପ୍ତର୍ଷି ଗୋସ୍ୱାମୀ।

ଭୁବନେଶ୍ୱର ଆଇଆରସି ଭିଲେଜରେ ଥିବା କେନ୍ଦ୍ର ସରକାରଙ୍କ ପିଏସୟୁ ମେସର୍ସ ହିନ୍ଦୁସ୍ତାନ ଷ୍ଟିଲୱାର୍କ୍ସ କନ୍‌ଷ୍ଟ୍ରକସନ ଲିଃ(ଏଚ୍‌ଏସ୍‌ସିଏଲ) ନାମକ ଠିକାସଂସ୍ଥାକୁ ୨୦୧୭-୧୮ରେ କେବିକେ ଜିଲା ପାଇଁ ସ୍ୱତନ୍ତ୍ର ରିଭାଇଜଡ ଲଙ୍ଗ ଟର୍ମ ଆକ୍ସନ ପ୍ଲାନ(ଆରଏଲ୍‌ଟିଏପି) ଯୋଜନାରେ ହଷ୍ଟେଲ ନିର୍ମାଣ ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏଚ୍‌ଏସସିଏଲ ସହିତ ଚୁକ୍ତିନାମା କରିଥିଲା। ଏଚ୍‌ଏସ୍‌ସିଏଲ ଦ୍ୱାରା ନିଯୁକ୍ତ ଠିକାଦାର ସୁବର୍ଣ୍ଣପୁର ଜିଲାର ମୁକୁନ୍ଦପୁର, ଅସୁରମୁଣ୍ଡା, ବଡଭଇଁରୋ ଓ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ କରିଥିଲେ। ଗତ ଜୁଲାଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁକୁନ୍ଦପୁର ଆଶ୍ରମ ସ୍କୁଲ ପରିଦର୍ଶନ ସମୟରେ ହଷ୍ଟେଲର ନିମ୍ନମାନର କାମ ତାଙ୍କ ଦୃଷ୍ଟିକୁ ଆସିଥିଲା। ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ରାୟ ଗତ ଜୁଲାଇ ୫ ତାରିଖରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ପତ୍ର ଲେଖିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଚୁକ୍ତିନାମା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ବୈଷୟିକ ଅନୁମୋଦନ ନ ଥାଇ ଏଚ୍‌ଏସ୍‌ସିଏଲ କାମ କରିଥିବା ଓ ଟଙ୍କା ଉଠାଯାଇଥିବା ଜଣାପଡିଥିଲା। ନିର୍ମାଣ ପୂର୍ବରୁ ଭୂତଳ ମାଟିର ଗୁଣବତ୍ତାକୁ ପରୀକ୍ଷା କରା ନ ଯାଇ ହଷ୍ଟେଲ ନିର୍ମାଣ ହୋଇଛି। ପ୍ରକଳ୍ପ ଦାୟିତ୍ୱରେ ଥିବା ଇଞ୍ଜିନିୟର ଠିକ୍ ତଦାରଖ ନ କରି ଠିକାଦାରଙ୍କୁ ବିଲ୍ ପୈଠ କରିଛନ୍ତି। କାମ ଅତ୍ୟନ୍ତ ନିମ୍ନମାନର ଓ ଛାତ ସ୍ଲାବ୍ ଚଉଡ଼ା କମ୍ ଥିବା ଭିଜିଲାନ୍ସ ବିଭାଗ ବୈଷୟିକ ଟିମ୍‌ର ତଦନ୍ତ ସମୟରେ ନଜରକୁ ଆସିଥିଲା। ବୈଷୟିକ ଟିମ୍‌ର ପ୍ରାରମ୍ଭିକ ମୂଲ୍ୟାୟନ ଅନୁଯାୟୀ ହଷ୍ଟେଲ ନିର୍ମାଣରେ ସରକାରଙ୍କ ପ୍ରାୟ ୩୪ ଲକ୍ଷ ୧୪ ହଜାର ୪୯୫ ଟଙ୍କା ତୋଷରପାତ ହୋଇଛି ଏଥିରେ ପ୍ରକଳ୍ପ ଇଞ୍ଜିନିୟର ସହାୟତା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ାରେ ଆଇନିକ ସାକ୍ଷରତା ପାର୍ବଣ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୪।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ରବିବାର ଆଇନିକ ସାକ୍ଷରତା ପାର୍ବଣ (ଲିଗାଲ ଲିଟେରାସି ଫେଷ୍ଟିଭାଲ୍) ଅନୁଷ୍ଠିତ ହୋଇଯାଇଛି। ଏହି ପାର୍ବଣ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଆଇନ ବିଷୟରେ ଅବଗତ କରାଇବା ଏବଂ ଆଇନ ସମ୍ପର୍କରେ ସେମାନଙ୍କୁ ସଚେତନ କରିବା। ଏଥିରେ କେନ୍ଦ୍ରାପଡ଼ା ଜିଲାର ୧୬ ବିଦ୍ୟାଳୟର ଆଇନିକ ସାକ୍ଷରତା କ୍ଲବର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନାଟକ, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ଭାଷଣ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ନାଟକ ପ୍ରତିଯୋଗିତାରେ ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ, ବାରିମୂଳ, କେନ୍ଦ୍ରାପଡ଼ା ଦ୍ୱିତୀୟ ଓ ବଟିରା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ଭାଷଣ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଜିଲା ଏବଂ ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ସଭାପତିତ୍ୱ କରିଥିବାବେଳେ ବିକାଶ ଚନ୍ଦ୍ର ଦେ, ପରିବାର ଅଦାଲତର ଅତିରିକ୍ତ ଜିଲା ଜଜ୍ ଅଜୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଜଜ୍ ପ୍ରଣତି ପଟ୍ଟନାୟକ, ବରିଷ୍ଠ ଦେୱାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ, ବରିଷ୍ଠ ଦେୱାନୀ ଜଜ୍ (ଏଲ.ଆର.), ଆଲୋକମୟୀ ପ୍ରଧାନ, ରେଜିଷ୍ଟ୍ରାର, ରମାଦେବୀ ସୋରେନ, ଅତିରିକ୍ତ ଦେୱାନୀ ଜଜ୍ ସ୍ନିଗ୍ଧା ପଣ୍ଡା, କନିଷ୍ଠ ଦେୱାନୀ ଜଜ୍ କୁମାର ସ୍ପନ୍ଦନ, ସବ୍‌ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଲିପା ପୁଷ୍ପା ଖୁଣ୍ଟିଆ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମିତ କୁମାର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ।

## ପ୍ରଥମ ପୃଷ୍ଠାରୁ...

### ଚାଉଳ ମିଳିଲାନି,...

ପୋଲିସ ଉପସ୍ଥିତ ଥିଲେ ମଧ୍ୟ ମହିଳାମାନଙ୍କ କବଳରୁ ଯୋଗାଣ ଅଧିକାରୀଙ୍କୁ ଉଦ୍ଧାର କରିପାରି ନ ଥିଲା। ଏପରି କି ପୋଲିସ ଓ ମହିଳାମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଅଳ୍ପସଂଖ୍ୟକ ମହିଳା ପୋଲିସ ଘଟଣାସ୍ଥଳରେ ଥିବାରୁ ସେମାନେ ଶତାଧିକ ମହିଳା ହିତାଧିକାରୀଙ୍କୁ ସାମ୍ନା କରିପାରି ନ ଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ଯୋଗାଣ ଅଧିକାରୀ ଉକ୍ତ ମହିଳାମାନଙ୍କ କବ୍‌ଜାରେ ରହିଥିଲେ। ନିକଟସ୍ଥ ଚୂଡ଼ାମଣି ଓ କଷିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚିବା ପରେ ଯୋଗାଣ ଅଧିକାରୀଙ୍କୁ ଉଦ୍ଧାର କରାଯାଇ ତାଙ୍କୁ ଥାନାକୁ ନିଆଯାଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଚୂଡ଼ାମଣି ଓ କଷିଆ ସାମୁଦ୍ରିକ ଥାନା ପୋଲିସ ଏବଂ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ବାସୁଦେବପୁର ଥାନାରେ ପହଞ୍ଚିଥିଲେ। ଆକ୍ରମଣ ସମ୍ପର୍କରେ ଯୋଗାଣ ଅଧିକାରୀ ଦାସଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୫୦୫/୨୩) ରୁଜୁ ହୋଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍‌ଆଇ ଜିତେନ୍ଦ୍ର କୁମାର ନାୟକ କହିଛନ୍ତି, ଯୋଗାଣ ଅଧିକାରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ପୋଲିସ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଅଟକ ରଖିଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ନାୟକ କହିଛନ୍ତି।

ସୂଚନାଥାଉ କି, କରଞ୍ଜଆଡ଼ିଆ ପଞ୍ଚାୟତର ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ବନଦୁର୍ଗାକୁ ଯୋଗାଣ ବିଭାଗ ପକ୍ଷରୁ ୨୦୨୩ ଫେବୃଆରୀ ଓ ମାର୍ଚ୍ଚରୁ ଚାଉଳ ଦିଆଯାଇଥିଲା। ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚାଉଳ ବଣ୍ଟା ହୋଇପାରି ନ ଥିଲା। ଫଳରେ ଚାଉଳ ପୁଣି ଯୋଗାଣ ବିଭାଗ ପାଖକୁ ଫେରିଯାଇଥିବାରୁ ହିତାଧିକାରୀମାନେ ପାଇବାରୁ ବଞ୍ଚିତ ହୋଇଥିବା ଆଲୋଚନାବେଳେ ଯୋଗାଣ ଅଧିକାରୀ କହିଥିଲେ। କିନ୍ତୁ ସମାନ କଥା ପୂର୍ବରୁ ମଧ୍ୟ କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉକ୍ତ ଚାଉଳ ହିତାଧିକାରୀଙ୍କୁ ଦିଆଯାଇ ନ ଥିଲା। ଫଳରେ ମହିଳାମାନେ ଏବେ ଚାଉଳ ଦିଅ ବୋଲି ଅଡ଼ିବସିଥିଲେ। ସେଥିରେ ସେମାନେ ବିଫଳ ହେବାରୁ ଯୋଗାଣ ଅଧିକାରୀଙ୍କୁ ଘୋଷାରି ନେଇ ପିଟିଥିଲେ।

### ୟୁରୋପରେ ହୋଇଥିଲା...

ୟୁରୋପରେ ବିକଶିତ ହୋଇଥିଲା ତାହା ନୁହେଁ ବରଂ ଏହା ସେଠାରେ ପ୍ରାୟ ୫ ନିୟୁତ ବର୍ଷ ଧରି ରହିଥିଲା। ପରେ ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ଅବକ୍ଷୟ ଯୋଗୁ ଆଫ୍ରିକାକୁ ସ୍ଥାନାନ୍ତର ହୋଇଥିଲା। ପ୍ରଫେସର ଡେଭିଡ ଏକଥା ମଧ୍ୟ କହିଛନ୍ତି, ପ୍ରାୟ ୮ ନିୟୁତ ବର୍ଷ ପୂର୍ବେ ଏହି ଆଦିମ ମାନବ ଓ ମାଙ୍କଡ଼ ଶ୍ରେଣୀ ମଧ୍ୟରେ ସାମଞ୍ଜସ୍ୟ ରହିଥିଲା। ପରେ ସମୟାନୁକ୍ରମେ ଭିନ୍ନ ହୋଇଥିଲା। ଶୁଖିଲା ପରିବେଶ ଏବଂ ସେତେବେଳର ଜୀବନଶୈଳୀ ଅନୁସାରେ ମାଙ୍କଡ଼ ମାନଙ୍କ ଓଜନ ୧୧୦ରୁ ୧୩୦ ପାଉଣ୍ଡ ଥାଇପାରେ ବୋଲି ଗବେଷଣାରୁ ଜଣାପଡ଼ିଛି।

### ଚନ୍ଦ୍ରପୃଷ୍ଠରେ ଡେଇଁଲା...

କରିବାରେ ଭାରତ ଚତୁର୍ଥ ଦେଶ ହୋଇଥିବାବେଳେ ଦକ୍ଷିଣ ମେରୁରେ ଅବତରଣରେ ପ୍ରଥମ ଦେଶ ହେବାର ସୌଭାଗ୍ୟ ଅର୍ଜନ କରିଛି। ଇତିମଧ୍ୟରେ ଚନ୍ଦ୍ରଯାନ-୩ର ରୋଭର ପ୍ରଜ୍ଞାନ ଲ୍ୟାଣ୍ଡର ବିକ୍ରମରୁ ବାହାରି ସଫଳତାର ସହ ୧୦୦ ମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିଥିବାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଫଟୋ ପୃଥିବୀକୁ ପଠାଇଛି। ଚନ୍ଦ୍ରରେ ରାତି ହୋଇଯିବାରୁ ରୋଭରକୁ ସୁପ୍ତ ଅବସ୍ଥାରେ ରଖାଯାଇଛି। ୨୨ ତାରିଖରେ ପୁନର୍ବାର ସୂର୍ଯ୍ୟୋଦୟ ହେଲେ ରୋଭର ଜାଗ୍ରତ ହୋଇ ବଳକା କାର୍ଯ୍ୟ ସମ୍ପାଦନ କରିବ ବୋଲି ଇସ୍ରୋ ଆଶା ରଖିଛି।

### ଏନ୍‌ଆଇଟି ଛାତ୍ରଙ୍କ...

ଏହାପରେ ହଷ୍ଟେଲ କେୟାର ଟେକର ଓ ଅନ୍ୟ ଛାତ୍ରମାନେ ଦେବମଲୟଙ୍କ ରୁମ୍ କବାଟ ବାଡ଼େଇଥିଲେ। କିଛି ଶବ୍ଦ ନ ହେବାରୁ ଶେଷରେ କବାଟ ଭାଙ୍ଗିବାରୁ ଛାତ୍ର ଜଣଙ୍କ ବେକରେ ଗାମୁଛା ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖନୀୟ, ମୃତ ଦେବମଲୟଙ୍କ ରୁମ୍‌ରେ ରହୁଥିବା ଜଣେ ଛାତ୍ର ଗତ ୧ତାରିଖରୁ ସମ୍ବଲପୁରସ୍ଥିତ ନିଜ ଘରକୁ ଯାଇଛନ୍ତି। ଫଳରେ ସେ ଏକାକିଆ ରହୁଥିଲେ। ସେ କାହା ସହ ମିଳାମିଶା କି କଥାବାର୍ତ୍ତା କରୁ ନ ଥିଲେ। ସମ୍ଭବତଃ ପାଠପଢ଼ାକୁ ନେଇ ସେ ଚାପରେ ରହୁଥିବା ଆଲୋଚନା ହେଉଛି।

### ଆଉ ୩ ଚାଇନା...

୧୪ଟି ସେଲ୍ କମ୍ପାନୀ ଖୋଲିଥିଲେ। କୋଭିଡ୍ ସମୟରେ ଗୁଆଁହୁଆ ତାଙ୍କ ସହଯୋଗୀଙ୍କୁ ନେଇ ଚାଇନା ପଳାଯିବା ସହ ଟିଭ୍ରେଭେଲ୍‌ଙ୍କ ସହଯୋଗରେ ଭାରତରେ ଏହି ସ୍କାମ୍ ଚଳାଉଥିଲେ। ଗ୍ରାହକମାନଙ୍କୁ ନିର୍ଯ୍ୟାତନା ଦେଉଥିବା ଗ୍ୟାଙ୍ଗକୁ ଟିଭ୍ରେଭେଲ୍ ହିଁ ପରିଚାଳନା କରୁଥିଲେ। ଏହି ଆପ୍‌ଗୁଡ଼ିକୁ ସରକାର ବ୍ୟାନ୍ କରିବା ପରେ ଚାଇନା ନାଗରିକମାନେ ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍ କରି ଲୋକଙ୍କୁ ଫଶାଉଥିଲେ। ଫେକ୍ ଆପ୍‌ଗୁଡ଼ିକ ଦ୍ୱାରା ସେଲିବ୍ରିଟିଙ୍କ ଫଟୋକୁ ବିଜ୍ଞାପନ ରୂପେ ବ୍ୟବହାର କରି ଲୋକଙ୍କୁ ଆକୃଷ୍ଟ କରୁଥିଲେ। ୫ ଟଙ୍କାରୁ ୧୨୫ ଟଙ୍କା, ୨୦ ଟଙ୍କାରୁ ୧୨୮୫ ଟଙ୍କା ମିଳିବ ବୋଲି କୁହାଯାଇ ଅନ୍‌ଲାଇନ୍ ମାଧ୍ୟମରେ ବହୁ ଟଙ୍କା ନେଇଯାଇ ଏହି ଠକ।

### ମଣିପୁରରେ ଅଧିକ...

କହିଛନ୍ତି। ଯଦି କିଛି କରିବାକୁ ଚାହୁଁଛ, ତେବେ ଘଟଣାସ୍ଥଳକୁ ଆସି ବାସ୍ତବତାକୁ ଦେଖ ଏବଂ ସବୁ ସମ୍ପ୍ରଦାୟର ପ୍ରତିନିଧି ଓ କ୍ଷତିଗ୍ରସ୍ତଙ୍କୁ ଭେଟ। ଏହା ପରେ ଯାହା ତଥ୍ୟ ପାଉଛ, ତାକୁ ପ୍ରକାଶ କର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଡିଟର୍ସ ଗିଲ୍ଡରେ ପ୍ରକାଶିତ ଖବର ମିଥ୍ୟା, ମନଗଢ଼ା ଓ ପ୍ରାୟୋଜିତ ବୋଲି ଅଭିଯୋଗକାରୀ ଶରତ କହିଛନ୍ତି। ଅନ୍ୟପକ୍ଷରେ ଇଜିଆଇର ଅଧକ୍ଷ ଏବଂ ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୩ ସଦସ୍ୟଙ୍କ ବିରୋଧରେ ଏତଲାକୁ ଭାରତର ପ୍ରେସ୍ କ୍ଲବ୍ ନିନ୍ଦା କରିଛି। ରାଜ୍ୟରେ ଶାନ୍ତି ସ୍ଥାପନ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ଏହା ବାର୍ତ୍ତାବହଙ୍କୁ ଗୁଳି କରିଦେବା ଭଳି। ଇଜିଆଇର ଅଧକ୍ଷ ଓ ସଦସ୍ୟମାନଙ୍କ ବିରୋଧରେ ଥିବା ଏତଲା ପ୍ରତ୍ୟାହାର କରିନେବା ପାଇଁ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଦାବି କରିଛି।

### ଶ୍ୱଶୁରଘରେ ଡାକ୍ତର...

ପ୍ରକାଶ ଯେ, ସୁରେନ୍ଦ୍ର ତାଙ୍କ ସ୍ତ୍ରୀ ନିଲମ ରଥ ଓ ପୁଅଙ୍କୁ ଧରି ପାରଳାଖେମୁଣ୍ଡିରେ ରହୁଥିଲେ। ଗତ ୧ ତାରିଖରେ ସେ ସପରିବାର ଶ୍ୱଶୁରଘର ହଳଦିଆପଦର ଓଭରବ୍ରିଜ ଓମ ବିହାର ନିକଟ ଶକ୍ତିନଗରକୁ ଆସିଥିଲେ। କୌଣସି ଏକ କାରଣକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ରବିବାର ରାତିରେ ଖାଇ ସାରିବା ପରେ ସୁରେନ୍ଦ୍ର ଓ ତାଙ୍କ ପୁଅ ଗୋଟିଏ ଘରେ ଶୋଇଥିଲେ। ସୋମବାର ସକାଳେ ବାପାଙ୍କୁ ପାଖରେ ନ ପାଇ ପୁଅ ଚିତ୍କାର କରିଥିଲେ। ଏହାଶୁଣି ଡାକ୍ତରଙ୍କ ସ୍ତ୍ରୀ ଘର ଭିତରକୁ ଯିବାରେ ସ୍ୱାମୀ ବେକରେ ବେଡଶିଟ ବାନ୍ଧି ଫ୍ୟାନ୍ ହୁକରେ ଝୁଲୁଥିବା ଦେଖିଥିଲେ। ସେ କାଳେ ବଞ୍ଚିଥିବା ଭାବି ସ୍ତ୍ରୀ ଓ ଘରର ଅନ୍ୟ ସଦସ୍ୟ ବେଡ଼ଶିଟ କାଟି ମୃତଦେହକୁ ତଳକୁ ଆଣିଥିଲେ। ସେତେବେଳକୁ ଡାକ୍ତର ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟି ସାରିଥିଲା। ପରେ ପରିବାର ଲୋକେ ଏ ନେଇ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉକ୍ତ ଘରୁ କଟୁରି ଓ ଦୁଇଖଣ୍ଡ ହୋଇଥିବା ବେଡ଼ଶିଟକୁ ମଧ୍ୟ ଜବତ କରାଯାଇଛି। ସୁରେନ୍ଦ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏ ନେଇ ନଂ.୨୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରାସ୍ତାରେ ବସ୍...

ବାଟବଣା ହୋଇ ରାସ୍ତା ଉପରକୁ ଚାଲି ଆସିଥିଲା। ଏବେ ହାତୀପଲ ଓଡ଼ିଶା ଭିତରେ ପ୍ରବେଶ କରିବା ଆଶଙ୍କା ରହିଥିବାରୁ ରାୟଗଡ଼ା ବନ ବିଭାଗ ଏଥିପ୍ରତି ସଜାଗ ରହିବା ଆବଶ୍ୟକ ବୋଲି ଆନ୍ଧ୍ର ବନ ବିଭାଗ କର୍ମକର୍ତ୍ତା କହିଛନ୍ତି। ଏ ନେଇ ରାୟଗଡ଼ା ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ସଞ୍ଜୟ କୁମାର ଦାସଙ୍କୁ ପଚାରିବାରୁ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଥିବା ଗାଁଗୁଡ଼ିକୁ ବନ ବିଭାଗ ସ୍କ୍ୱାଡ୍ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏଥିସହିତ ଅଞ୍ଚଳବାସୀ ରାତି ସମୟରେ ଘରୁ ନ ବାହାରିବାକୁ ଏବଂ ହାତୀ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ କହିଛନ୍ତି। ହାତୀପଲଙ୍କୁ ଦେଖିଲେ ବନ ବିଭାଗ ପକ୍ଷରୁ ତୁରନ୍ତ ବିଦ୍ୟୁତ ବିଭାଗକୁ ଅନୁରୋଧ କରି ବିଦ୍ୟୁତ ସରବରାହ ବନ୍ଦ କରାଯିବ ବୋଲି ସଞ୍ଜୟ ଦାସ କହିଛନ୍ତି। ଏଥିସହିତ ସୁରକ୍ଷା ସହିତ ହାତୀପଲଙ୍କୁ ଜଙ୍ଗଲମୁହାଁ କରାଯିବ ବୋଲି ସେ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................


ବିଶାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭୁବନେଶ୍ୱରରେ ପ୍ରଥମଥର ବି.ସି. ରାୟ ଟ୍ରଫି

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍), ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ବି.ସି. ରାୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୧୬ଟି ଦଳ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ମ୍ୟାଚଗୁଡ଼ିକ ୟୁନିଟ-୩ସ୍ଥିତ କ୍ୟାପିଟାଲ ଫୁଟବଲ ଆରେନା ଏବଂ ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି।

## ଗ୍ରୁପ୍ 'ସି'ରେ ଓଡ଼ିଶା

ଗ୍ରୁପ୍ 'ଏ'ରେ ମିଜୋରାମ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଗ୍ରୁପ୍ 'ବି'ରେ ମେଘାଳୟ, କେରଳ, ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀର ଦଳ ସ୍ଥାନ ପାଇଛି। ଗ୍ରୁପ୍ 'ସି'ରେ ରହିଛି ଓଡ଼ିଶା। ଏହି ଗ୍ରୁପ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଉତ୍ତର ପ୍ରଦେଶ, ହରିୟାଣା ଓ ଛତିଶଗଡ଼। ସେହିପରି ଗ୍ରୁପ୍ 'ଡି'ରେ ପଞ୍ଜାବ, ଗୋଆ, ତାମିଲନାଡୁ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସ୍ଥାନ ପାଇଛି। ମଙ୍ଗଳବାର କ୍ୟାପିଟାଲ ଆରେନାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ୪ଟି ମ୍ୟାଚ୍ ଖେଳାଯିବ। ପୂର୍ବାହ୍ନ ୮ଟାରେ କ୍ୟାପିଟାଲ ଆରେନାରେ ମିଜୋରାମ-ଝାଡ଼ଖଣ୍ଡ ଏବଂ ଓଡ଼ିଶା ଫୁଟବଲ ଏକାଡେମୀରେ କର୍ଣ୍ଣାଟକ-ମହାରାଷ୍ଟ୍ର ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଅପରାହ୍ନ ୩ଟା ୩୦ରେ କ୍ୟାପିଟାଲ ଆରେନାରେ ଓଡ଼ିଶା-ହରିୟାଣା ଏବଂ ଓଡ଼ିଶା ଫୁଟ୍‌ବଲ ଏକାଡେମୀରେ ଉତ୍ତର ପ୍ରଦେଶ-ଛତିଶଗଡ଼ ମ୍ୟାଚ୍ ଖେଳାଯିବ। ହରିୟାଣା ବିପକ୍ଷରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବାପରେ ୭ ତାରିଖରେ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ଏବଂ ୯ରେ ତୃତୀୟ ମ୍ୟାଚ୍‌ରେ ଛତିଶଗଡ଼କୁ ଭେଟିବ। ୧୩ ତାରିଖରେ ୨ଟି ସେମିଫାଇନାଲ ଏବଂ ୧୫ରେ ଫାଇନାଲ ଅନୁଷ୍ଠିତ ହେବ।

## ଓଡ଼ିଶାରେ ୬ଷ୍ଠ

ଏହାକୁ ମିଶାଇ ଓଡ଼ିଶାରେ ୬ଷ୍ଠ ଥର ପାଇଁ ବି.ସି. ରାୟ ଟ୍ରଫି ଜାତୀୟ ଫୁଟ୍‌ବଲ ଖେଳ ହେବାକୁ ଯାଉଛି। ତେବେ ଭୁବନେଶ୍ୱରରେ ଏହା ପ୍ରଥମ। ପୂର୍ବରୁ ୫ ଥର ଏହା କଟକରେ ଅନୁଷ୍ଠିତ ହୋଇଥିଲା। କଟକରେ ୧୯୬୫ରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା ଏବଂ ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧-୦ ଗୋଲରେ ହରାଇ ଦିଲ୍ଲୀ ଚାମ୍ପିୟନ ହୋଇଥିଲା। ୪ ବର୍ଷ ପରେ ୧୯୬୯ରେ ଏହା ଦ୍ୱିତୀୟ ଥର ପାଇଁ କଟକରେ ହୋଇଥିଲା। ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଗୋଲଶୂନ୍ୟ ରହିବାରୁ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ୧୯୭୭ରେ କଟକରେ ଏହା ତୃତୀୟ ଥରପାଇଁ ଆୟୋଜିତ ହୋଇଥିଲା। ପୂରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶା ଫାଇନାଲରେ ବେଙ୍ଗଲଠାରୁ ୦-୧ ଗୋଲରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା। ୧୯୭୯ରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧-୦ ଗୋଲରେ ହରାଇ କର୍ଣ୍ଣାଟକ ଟ୍ରଫି ଜିତିଥିଲା। କଟକରେ ଶେଷ ଥର ପାଇଁ ଏହା ୨୦୧୮-୧୯ରେ ଆୟୋଜିତ ହୋଇଥିଲା। ଏହାର ଫାଇନାଲରେ ପଞ୍ଜାବକୁ ୧-୦ ଗୋଲରେ ହରାଇ ମିଜୋରାମ ଟାଇଟଲ ଜିତିଥିଲା।


ବି.ସି. ରାୟ ଟ୍ରଫି ପାଇଁ ସୋମବାର ଘୋଷିତ ଓଡ଼ିଶା ଦଳ।

### ଇତିହାସ

ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ୬୧ ବର୍ଷ ପୂର୍ବରୁ ୧୯୬୨ରେ ଆରମ୍ଭ ହୋଇଥିଲା। ପ୍ରଥମ ସଂସ୍କରଣ ପଶ୍ଚିମବଙ୍ଗର ବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଦର୍ଶନ ଚମତ୍କାର ରହିଥିଲା। ତେବେ ଦଳ ଫାଇନାଲରେ ବେଙ୍ଗଲଠାରୁ ୦-୫ ଗୋଲରେ ହାରି ରନର୍‌ଅପ୍ ହୋଇଥିଲା। ଇତିମଧ୍ୟରେ ପ୍ରତିଯୋଗିତାର ୫୧ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ବେଙ୍ଗଲ ସବୁଠାରୁ ସଫଳ ଦଳଭାବେ ୧୮ ଥର ଟାଇଟଲ ହାସଲ କରିଛି। ଡିଫେଣ୍ଡିଂ ଚାମ୍ପିୟନ ରହିଛି ମିଜୋରାମ। ଶେଷଥର ପାଇଁ ୨୦୧୯-୨୦ ସିଜନରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ପେନାଲ୍ଟି ଶୁଟ୍‌ଆଉଟ ୫-୪ ଗୋଲରେ ପଞ୍ଜାବକୁ ହରାଇ ମିଜୋରାମ ଟାଇଟଲ ହାସଲ କରିଥିଲା। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ୧୯୬୯ରେ କଟକରେ କେରଳ ସହିତ ଯୁଗ୍ମ ବିଜେତାକୁ ଛାଡ଼ିଦେଲେ ଓଡ଼ିଶା ଆଉ କେବେହେଲେ ଚାମ୍ପିୟନ ହୋଇନାହିଁ। ୨ ଥର ଫାଇନାଲକୁ ଯାଇଥିଲେ ହେଁ ରନର୍‌ଅପ୍ ରହିଛି। ଘରୋଇ ପରିବେଶରେ ଏଥର ଖେଳିବାକୁ ଯାଉଥିବାରୁ ଓଡ଼ିଶା ପାଇଁ ପ୍ରଥମଥର ଲାଗି ଟାଇଟଲ ହାସଲର ସୁଯୋଗ ରହିଛି।

# ରାଜ୍ୟ ହକି ଚାମ୍ପିୟନଶିପ୍ ଆରମ୍ଭ


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟ ସିନିୟର ହକି ଚାମ୍ପିୟନଶିପ୍ ସୋମବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଓ ହକି ଆସୋସିଏଶନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ସନାତନ ସାହୁ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ଅକ୍ଟୋବର ୧୪ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ୬୪୦ ଦକ୍ଷ ଖେଳାଳି ସେମାନଙ୍କ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ପାରାଦୀପ ପୋର୍ଟ ୫-୩ ଗୋଲରେ ଇଷ୍ଟକୋଷ୍ଟ ରେଲୱେକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିପରି ଏସଏମ୍‌ଏସ୍ ହକି ଏକାଡେମୀ ୯-୦ରେ ମୟୂରଭଞ୍ଜ, ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ୭-୦ରେ ମାଲକାନଗିରି, ଓଏନ୍‌ଟିଏଚଏଚପିଏସ୍ ୧୦-୦ରେ ବରଗଡ଼କୁ ହରାଇ ଦେଇଛି। ସେହିପରି ସମ୍ବଲପୁର ୬-୦ରେ କନ୍ଧମାଳ ଏବଂ ଝାରସୁଗୁଡ଼ା ୭-୦ରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି।

# ସ୍ୱିଜରଲାଣ୍ଡରେ ସମ୍ବର୍ଦ୍ଧିତ ହେଲେ ନୀରଜ

**ଜୁରିଚ୍, ୪।୯ (ପି.ଟି.):** ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ସ୍ୱିଜରଲାଣ୍ଡର ପର୍ଯ୍ୟଟନ ବିଭାଗ ସମ୍ବର୍ଦ୍ଧିତ କରିଛି। ଗତ ମାସରେ ବୁଡାପେଷ୍ଟଠାରେ ୮୮.୧୭ ମିଟର ଥ୍ରୋ କରି ବିଶ୍ୱ ଟାଇଟଲ ହାସଲ କରିବା ପରେ ୨୫ ବର୍ଷୀୟ ଚୋପ୍ରା ଉଭୟ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନଶିପ୍ ଜିତିବାରେ ତୃତୀୟ ଜାଭେଲିନ୍ ଥ୍ରୋୟର ବିବେଚିତ ହୋଇଛନ୍ତି। ନୀରଜ ସ୍ୱିଜରଲାଣ୍ଡ ପର୍ଯ୍ୟଟନ ବିଭାଗର 'ଫ୍ରେଣ୍ଡଶିପ୍ ଆମ୍ବାସାଡର' ରହିଛନ୍ତି।

# ସ୍ୱିଟେକ୍ ବିଦା, କ୍ୱାର୍ଟରରେ ଜୋକୋଭିଚ୍

### ୟୁଏସ୍ ଓପନ୍ ଟେନିସ୍

**ନ୍ୟୁୟର୍କ,୪।୯(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। କ୍ୱାଲିଫାୟର ଖେଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବୋର୍ନା ଗୋଜୋଙ୍କୁ ୬-୨, ୭-୫ ଓ ୬-୪ର ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି ଜୋକୋଭିଚ୍। ୫ ସେଟ୍ ବିଶିଷ୍ଟ ମୁକାବିଲା ଖେଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ଜୋକୋଭିଚ୍ ରବିବାର ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ସତର୍କତା ଓ ନିୟନ୍ତ୍ରଣର ସହିତ ଖେଳିଥିବା ବେଳେ ମାତ୍ର ୧୨ଟି ଅନ୍‌ଫୋର୍ସଡ ଏରର୍ କରିଥିଲେ। ଗୋଜୋ ଏହି ମ୍ୟାଚରେ ୪୦ ଅନଫୋର୍ସଡ ଏରର କରିଥିଲେ। ଏହି ବିଜୟ ସହିତ ଆସନ୍ତା ସପ୍ତାହର ଏଟିପି ର୍‍ୟାଙ୍କିଙ୍ଗରେ ଜୋକୋଭିଚ୍ ପ୍ରଥମ ସ୍ଥାନକୁ ଫେରିବାକୁ ଯାଉଛନ୍ତି। କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୨୫ ବର୍ଷୀୟ ଟେଲର ଫ୍ରିଟ୍‌ଜଙ୍କୁ ଭେଟିବେ। ପୂର୍ବରୁ ୭ ଥର ସେ ଟେଲରଙ୍କୁ ଭେଟିଥିବା ବେଳେ ପ୍ରତ୍ୟେକ ଥର ବିଜୟୀ ହୋଇଛନ୍ତି। ୟୁଏସ୍ ଓପନରେ ଏହା ଜୋକୋଭିଚ୍‌ଙ୍କର ୧୩ତମ କ୍ୱାର୍ଟର ଫାଇନାଲ ହୋଇଥିବା ବେଳେ ଟେଲର ପ୍ରଥମ ଥର ପାଇଁ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ଦୁଇ ଆମେରିକୀୟ ଖେଳାଳି ଫ୍ରାନ୍ସିସ୍ ଟିଆଫୋ ଓ ବେନ୍ ଶେଲ୍‌ଟନ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶେଷ ଥର ପାଇଁ ୨୦୦୫ରେ ଆନ୍ଦ୍ରେ ଆଗାସୀ, ଜେମ୍ସ ବ୍ଲେକ୍ ଓ ରବି ଗିନେପ୍ରି ଏହି କୃତିତ୍ୱ ହାସଲ କରିଥିଲେ। ଜୋକୋଭିଚ୍-ଟେଲରଙ୍କ ମ୍ୟାଚର ବିଜେତା ସେମି ଫାଇନାଲରେ ଫ୍ରାନ୍ସିସ୍ ଟିଆଫୋ ଓ ବେନ୍ ଶେଲ୍‌ଟନ୍ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତାକୁ ଭେଟିବେ।

ବିଦା ହେଲେ ସ୍ୱିଟେକ୍: ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍ ଚତୁର୍ଥ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ଦେଢ଼ ବର୍ଷ ଧରି ଏକ ନମ୍ବର ସ୍ଥାନରେ ରହିଥିବା ସ୍ୱିଟେକ୍ ଜେଲେନା ଓଷ୍ଟାପେଙ୍କୋଙ୍କ ନିକଟରୁ ୩-୬, ୬-୩ ଓ ୬-୧ ସେଟ୍‌ରେ ପରାଜିତ ହୋଇଛନ୍ତି। ୨୦୧୭ ଫ୍ରେଞ୍ଚ ଓପନ ଚାମ୍ପିୟନ ଓଷ୍ଟାପେଙ୍କୋ ପ୍ରଥମ ସେଟ୍ ହାରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ନେଇଥିଲେ। ଏହା ସହିତ ସ୍ୱିଟେକ୍ ଆସନ୍ତା ସପ୍ତାହର ର୍‍ୟାଙ୍କିଙ୍ଗରେ ଦୁଇ ନମ୍ବର ସ୍ଥାନକୁ ଖସିବା ସ୍ପଷ୍ଟ ହୋଇଛି। ୨ ନମ୍ବର ସ୍ଥାନରେ ଥିବା ଆରିନା ସାବାଲେଙ୍କା କ୍ୟାରିୟରରେ ପ୍ରଥମ ଥର ଏକ ନମ୍ବର ସ୍ଥାନ ହାସଲ କରିବାକୁ ଯାଉଛନ୍ତି। ରବିବାର ମ୍ୟାଚ୍‌ରେ ପ୍ରଥମ ସେଟ୍‌ରେ ପରାଜିତ ହେବା ପରେ ଦ୍ୱିତୀୟ ସେଟ୍‌ରେ ୪-୧ରେ ଆଗୁଆ ରହିଥିଲେ ଓଷ୍ଟାପେଙ୍କୋ। ତେବେ ପଏଣ୍ଟ ବ୍ରେକ୍ କରିବା ସହିତ ସ୍ୱିଟେକ୍ ୪-୩କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଏହାପରେ ଓଷ୍ଟାପେଙ୍କୋ ଆଉ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ କାରୋଲିନ୍ ଓଜ୍ନିଆକିଙ୍କୁ ପରାସ୍ତ କରିଛନ୍ତି କୋକୋ ଗଫ୍। ୬-୩, ୩-୬, ୬-୧ ସେଟ୍‌ରେ ମ୍ୟାଚ୍‌କୁ ଜିତିବା ସହିତ ସେରେନା ୱିଲିୟମ୍ସଙ୍କ ପରେ ଦ୍ୱିତୀୟ ଆମେରିକୀୟ ମହିଳା ଖେଳାଳି ଭାବରେ ଗଫ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଓଷ୍ଟାପେଙ୍କୋ ଓ ଗଫ୍ ପରସ୍ପରକୁ ଦୁଇ ଥର ଲେଖାଏ ଭେଟିଥିବା ବେଳେ ଉଭୟ ଥରେ ଲେଖାଏ ବିଜୟୀ ହୋଇଛନ୍ତି।


ମ୍ୟାଚ୍ ଜିତିବା ପରେ ନୋଭାକ ଜୋକୋଭିଚ୍।

# ସାଇ ଇଣ୍ଟରନ୍ୟାଶନାଲ ବିଜୟୀ



କୁମାର ଅରମନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

### ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାଇ ଇଣ୍ଟରନ୍ୟାଶନାଲ ଓ ସାଇ ରେସିଡେନ୍ସିଆଲ ସ୍କୁଲ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୫-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ପରାସ୍ତ କରିଛି। ବିଜୟୀ ଦଳର କୁମାର ଅରମନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜୟଦେବ ବିହାରସ୍ଥିତ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଓ ସାଇ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚଟି ନିର୍ଦ୍ଧାରିତ ସମୟରେ ଡ୍ର ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ସାଇ ରେସିଡେନ୍ସିଆଲ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏହି ଦଳର ତନବିର ବିଶ୍ୱାସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ଉଭୟ ମ୍ୟାଚରେ ଭଲ ପ୍ରଦର୍ଶନ ପାଇଁ ମମୁଦ ଟାଇସନ ଓ ହେମେନ୍ଦ୍ର ବେଶ୍ରାଙ୍କୁ ପୁରସ୍କୃତ କରାଯାଇଥିଲା।

# ମଦର୍ସ ପବ୍ଲିକ ସ୍କୁଲର ଦ୍ୱିତୀୟ ବିଜୟ

### ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୪।୯ (ବିଜୟ ରଣା)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା 'ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍'ରେ ସୋମବାର ମଦର୍ସ ଫୁଟ୍‌ବଲ କ୍ଲବ ୬-୦ ଗୋଲ୍‌ରେ ନୂଆପଲ୍ଲୀର କଳିଙ୍ଗ ସ୍ପୋର୍ଟିଂକୁ ହରାଇ ଦେଇଛି। ବିଜୟୀ ଦଳ ପ୍ରଥମାର୍ଦ୍ଧ ଖେଳରେ ୩-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ପ୍ରୀତିଶ ପଟ୍ଟନାୟକ ୭ମ ଓ ୩୧ତମ ମିନିଟ୍‌ରେ ଗୋଲ ସ୍କୋର କରିଥିବା ବେଳେ ପରେଶ ବେହେରା ୨୨ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସୁମିତ ପଟେଲ ୪୨ ଓ ୪୪ତମ ମିନିଟରେ ଲଗାତର ଗୋଲ୍ ସ୍କୋର କରିଥିବା ବେଳେ ୪୮ତମ ମିନିଟ୍‌ରେ କୁଣାଲ ଗୁସାଁଇ ଏକ ଗୋଲ୍ ଦେଇ ମଦର୍ସ ଫୁଟ୍‌ବଲ କ୍ଲବକୁ ୬-୦ରେ ବିଜୟୀ କରାଇଥିଲେ। ଗ୍ରୁପ୍ 'ବି'ରେ ଦୁଇଟି ବିଜୟ ସହ ୬ ପଏଣ୍ଟ ଅର୍ଜନ କରି ମଦର୍ସ ପବ୍ଲିକ ସ୍କୁଲ କ୍ୱାର୍ଟରଫାଇନାଲ ଆଶା ଉଜ୍ଜ୍ୱଳ କରିଛି। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ପ୍ରୀତିଶ ପଟ୍ଟନାୟକ ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନ (ବା) ହକି ସମ୍ପାଦକ ଅଶୋକ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମଙ୍ଗଳବାର ମ୍ୟାଚ ଏସ୍‌ଜିଓ ନୂଆପଲ୍ଲୀ ଓ ଏମ୍.ଏସ୍. ଇଲେଭେନ ମଧ୍ୟରେ ଖେଳାଯିବ।

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

**ଜନ୍ମଦିନର ଶୁଭେଚ୍ଛା**


ବିଶାଳ ପ୍ରିୟଦର୍ଶୀ (ଓମ୍)

୧୮ତମ ଜନ୍ମଦିବସର ଶୁଭ କାମନା ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍‌ଜନନୀ 'ମା' ଶାରଳାଙ୍କ ଚରଣରେ।
ଅଜା, ବଡ଼ବାପା, ବଡ଼ମା, ବାପା, ମାଆ, ମାମୁ, ମାଇଁ ଓ ମଉସା, ମାଉସୀ।
ଧ-୭୩୩୯୮

# Classified Everyday
0674-2580101, 2549949


REAL ESTATE




**SALE**

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086.** D-1184

Home service full body massage only for female Whatsapp 9777267601, 7853083303. D-1219

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215

Spa Kerala body Massage only best Therapist @699/- Bhubaneswar. 9337672475. D-1199

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

**Newly open spa positively health benefits with expert therapist. 9938843929.** D-75145

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dated-31.08.2023, I, Namita Mohanty, W/o-Ranjit Sukla, At- Charampa, Post- Baralapokhari, Dist.-Bhadrak, Odisha declare that I have changed my surname from Namita Mohanty to Namita Sukla. Henceforth,I shall be known as Namita Sukla for all purpose.
Sd./- Namita Sukla
D-1218

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**


✓ସନ୍ଧ୍ୟା ମହାପାତ୍ର

ଆବିର୍ଭାବ: ୧୦।୦୭।୧୯୫୧
ତିରୋଧାନ: ୨୬।୦୮।୨୦୨୩

ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳ ଓ ଶୃଙ୍ଖଳିତ ଜୀବନ ଦର୍ଶନ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' କନକଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ହତଭାଗ୍ୟ: ସରିତା (ପିଙ୍କି) କନ୍ୟା, ଶ୍ରୀନିବାସ (ସିନୁ) ଜ୍ୱାଇଁ, କୁମାର କାର୍ତ୍ତିକ (ବାବୁ), ନାତି ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ବୃନ୍ଦ।
ଧ-୧୨୧୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


✓ସରୋଜିନୀ ମିଶ୍ର
ତ୍ରିନାଥ ଛକ, ଖଣ୍ଡପଡ଼ା, ନୟାଗଡ

ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୧୬।୦୮।୨୦୨୨

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେ ମଧ ବିଶ୍ୱାସ ହେଉନାହିଁ ଯେ, ତୁ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛୁ। ତୋର ଶ୍ରଦ୍ଧା, ଭଲ ପାଇବା ଏବଂ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ରହିବ। ତୋର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ**
ଧ-୭୩୫୪୭

# ଉତ୍ତମ ପର୍ସନାଲିଟି ପାଇଁ...

**ନିଜର ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିବାକୁ କିଏ ବା ନ ଚାହେଁ ? ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

### ନିଜ ଭାବନାକୁ ରଖନ୍ତୁ ପଜିଟିଭ୍

ଆପଣଙ୍କ ପର୍ସନାଲିଟି ବଦଳାଇରେ ନିଜର ଚିନ୍ତାଧାରାକୁ ସବୁବେଳେ ପଜିଟିଭ୍ ରଖନ୍ତୁ। ଏଥିଲାଗି ଆବଶ୍ୟକ ନିଜ ଦକ୍ଷତା ଉପରେ ସବୁବେଳେ ଗୁରୁତ୍ୱ ଦିଅନ୍ତୁ। ନିଜ ଭାବନକୁ ପଜିଟିଭ୍ ରଖିବା ସହ ସବୁ ଜିନିଷକୁ ସକାରାତ୍ମକ ସହ ଦେଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ଖୁସି ଅନୁଭବ ହେବ। ଯାହାର ପ୍ରଭାବ ଆପଣଙ୍କ ପର୍ସନାଲିଟି ଉପରେ ପଡ଼ିଥାଏ।

### ବିନମ୍ରତା ରୁହନ୍ତୁ

ଅନ୍ୟମାନଙ୍କ ପ୍ରତି ବିନମ୍ର ରୁହନ୍ତୁ ଏବଂ ମନରେ ଦୟା ଭାବନା ରଖିବା ଦ୍ୱାରା ଏହା ଆପଣଙ୍କ ପର୍ସନାଲିଟିକୁ ଡେଭେଲପ୍ କରିଥାଏ। ଏମିତିରେ ଜରୁରୀ ନୁହେଁ କି ଦେଖାଇବା ପାଇଁ କ'ଣ କରିବା ନ କରି ମନ ଭିତରେ ସହାନୁଭୂତି ଭାବନା ରହିବା ମଧ୍ୟ ଜରୁରୀ। କୌଣସି ସ୍ୱାର୍ଥ ରଖି କାହାକୁ ସାହାଯ୍ୟ କରନ୍ତୁ ନାହିଁ।



### ସଚ୍ଚୋଟତା ରହିବା ଜରୁରୀ

ନିଜର ବ୍ୟବହାରକୁ ସଚ୍ଚୋଟତା ସହ ପୂରଣ କରନ୍ତୁ। ଏହିଭଳି ଆପଣ ଅନ୍ୟମାନଙ୍କୁ ସହଜରେ ଇମ୍ପ୍ରେସ କରିପାରିବେ। ସମସ୍ତଙ୍କ ସାମ୍ନାରେ ନିଜର ପଜିଟିଭ୍ ଇମେଜ୍‌କୁ ଦର୍ଶାଇ ପାରିବେ। ଜୀବନରେ ସବୁବେଳେ ସବୁ କାମ ଲାଗି ସଚ୍ଚୋଟ ହେବା ନିହାତି ଜରୁରୀ। ଫଳରେ ଆପଣଙ୍କ ପର୍ସନାଲିଟି ଅନ୍ୟ ସାମ୍ନାରେ ପ୍ରଭାବିତ କରିବାରେ ନିହାତି ସାହାଯ୍ୟ କରିବ।

### ସବୁବେଳେ ଆକ୍ଟିଭ୍ ରହନ୍ତୁ

ସବୁ କାମରେ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରହି ଆପଣ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ। ଆପଣଙ୍କ କନ୍‌ଫିଡେନ୍ସ ପର୍ସନାଲିଟ ବଢ଼ାଇବାରେ ସାହାଯ୍ୟ କରିଥାଏ। ଏମିତିରେ ସବୁ କାମ ପ୍ରତି ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରହିବା ଆବଶ୍ୟକ। ଏହାଦ୍ୱାରା ଆପଣଙ୍କ ଛବି ଲୋକଙ୍କ ମଧ୍ୟରେ ଭଲ ହେବାକୁ ଲାଗେ ଏବଂ ଲୋକମାନେ ଆପଣଙ୍କ ପ୍ରତି ଆଟ୍ରାକ୍ଟିଭ୍ ହେବାକୁ ଲାଗନ୍ତି।

# ଠାକୁରଘର ତିଆରି ସମୟରେ ...

**ଠାକୁର ଘରର ପରିବେଶ ସବୁଘର ଠାରୁ ନିଆରା। କାରଣ ଏଠାରେ ଘଡିଏ ବସି ପଡିଲେ ମନରେ ପବିତ୍ରତା ଜାଗ୍ରତ ହୋଇଥାଏ। ତେବେ ଘର ଭିତରେ କେଉଁଠି ଠାକୁର ଘର କଲେ ତାହା ଶୁଭପ୍ରଦ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ..**



- ଘରେ ଠାକୁର ଘର ତିଆରି କରିବା ସମୟରେ କେବେହେଲେ କିଚେନ୍‌କୁ ଲାଗି କରି କରନ୍ତୁ ନାହିଁ। ଅର୍ଥାତ୍, ଏହି ଦୁଇ ଘରର ଗୋଟିଏ କାନ୍ଥ ରହିବା ଠିକ୍ ନୁହେଁ।
- ବେଡ୍‌ରୁମ୍‌ରେ କେବେ ବି ଠାକୁର ରଖନ୍ତୁ ନାହିଁ।
- ଠାକୁର ରଖିବା ସମୟରେ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିଥାଏ। ପୂଜା କରିବା ବ୍ୟକ୍ତି ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ରହିବା ଆବଶ୍ୟକ।
- ଶିଡ଼ି ତଳେ କେବେ ବି ଠାକୁରଘର କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ଘର ଲୋକଙ୍କ ଉପରେ ପଡ଼ିଥାଏ।
- ବାଥ୍‌ରୁମ୍‌କୁ ଲାଗି ଠାକୁରଘରର କାନ୍ଥ କେବେ ବି କରନ୍ତୁ ନାହିଁ। ଏପରି ଯଦି ରହିଛି ତେବେ ଠାକୁରଙ୍କ ଲାଗି ଅନ୍ୟ ସ୍ଥାନ ବାଛନ୍ତୁ।
- ମନ୍ଦିରରେ କେବେ ଜଳିଯାଇଥିବା ଦିଆସିଲି କାଠି,ଅଗରବତି ଗୁଣ୍ଡ, ଶୁଖିଲା ଫୁଲମାଳ,ବାସିଫୁଲ ଆଦି ରଖନ୍ତୁ ନାହିଁ।

# ନିବେଶ କରୁଥିଲେ..

**ଆଜିକାଲି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। କେବଳ ସେମାନେ ସ୍ୱାବଲମ୍ବୀ ହୋଇନାହାନ୍ତି ତା'ସହ ସଞ୍ଚୟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଛନ୍ତି। ବ୍ୟାଙ୍କରେ ଏବେ ସଞ୍ଚୟର ବିଭିନ୍ନ ପ୍ରକାର ସ୍କିମ୍ ରହିଛି। ଏପରି କି ଏଭଳି କେତେକ ଯୋଜନା ରହିଛି ଯେଉଁଥିରେ ଆପଣ ଟଙ୍କା ବିନିଯୋଗ କରି ଲାଭବାନ୍ ହୋଇପାରିବେ। ସେ ସମ୍ପର୍କରେ ସୂଚନା...**




ସମୟ ସହ ନିବେଶର ବିଭିନ୍ନ ପ୍ରକାର ନୂଆ ନୂଆ ମାଧ୍ୟମ ବାହାରିଗଲାଣି। ଯେମିତିକି ଶେୟାର ମାର୍କେଟରେ ନିବେଶ, ମ୍ୟୁଚୁଆଲ ଫଣ୍ଡ, ଶର୍ଟ ଏବଂ ଲଙ୍ଗ୍‌ଟର୍ମ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍, ପ୍ରପର୍ଟିରେ ନିବେଶ, ପୋଷ୍ଟ ଅଫିସ୍‌ରେ ବାହାରୁଥିବା ନୂଆ ନୂଆ ସ୍କିମ୍ ଆଦି। କିନ୍ତୁ ଆଜି ବି ଅଧିକାଂଶ ଲୋକ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି)ରେ ନିବେଶ କରିବା ଉତ୍ତମ ମାଧ୍ୟମ ବୋଲି ମାନନ୍ତି। ଏମିତିରେ ଦେଖିବାକୁ ଗଲେ ଏଫ୍‌ଡିରେ ନିବେଶ କରିବା ଭଲକଥା କିନ୍ତୁ ଏଥିରେ ନିବେଶ ମଧ୍ୟ ସୀମାବନ୍ଧନ ରହିବ। ଯେବେ ବି ସଞ୍ଚୟ ଏବଂ ନିବେଶ ଉପରକୁ କଥା ଆସେ ,ତେବେ ସର୍ବପ୍ରଥମେ ଅନେକ ବ୍ୟାଙ୍କର ଏଫ୍‌ଡି ପସନ୍ଦ କରିଥାନ୍ତି । କାରଣ ଏଥିରେ ଟଙ୍କା ବୁଡ଼ିଯିବା ଆଶଙ୍କା ଏତେ ନ ଥାଏ ଏବଂ ପରିମିତ ସୁଧ ମଧ୍ୟ ମିଳିଥାଏ। ତେଣୁ ଯଦି ଆପଣ ନିବେଶ କରିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ପ୍ରଥମେ ବିଶଦ ଭାବରେ ବୁଝନ୍ତୁ।

ନିବେଶ ବିଶେଷଜ୍ଞଙ୍କ ମତରେ ଆଜିର ମାର୍କେଟରେ ନିବେଶ କରିବା ଲାଗି ଅନେକ ବିକଳ୍ପ ରହିଛି। ମାର୍କେଟ ରିସର୍ଚ୍ଚ ଅନୁସାରେ ଗତ କିଛି ମାସ ହେବ କେତେକ ସରକାରୀ ଏବଂ ପ୍ରାଇଭେଟ୍ ବ୍ୟାଙ୍କରେ ଏଫ୍‌ଡିରେ ସୁଧ ରେଟ୍ ମଧ୍ୟ ବଢ଼ାଇ ଦେଇଛନ୍ତି। ଏହାପରେ ଲୋକଙ୍କର ଧ୍ୟାନ ଏଫ୍‌ଡି ଉପରେ ରହିଛି। କେବଳ ବେତନ ପାଉଥିବା ବ୍ୟକ୍ତି , ବରିଷ୍ଠ ନାଗରିକ, ମହିଳାମାନେ ବି ଏଫ୍‌ଡି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ମନି ଏକ୍ସପର୍ଟଙ୍କ ମତରେ ହୁଏତ ଏଥିରେ ନିବେଶ ଭଲ ବିକଳ୍ପ ହୋଇପାରେ। ନିବେଶ କରିବାର କ୍ଷତି ମଧ୍ୟ ଅଛି, ଯାହା ଜାଣିବା ନିହାତି ଜରୁରୀ। ଏଫ୍‌ଡିରେ ନିବେଶ କ୍ଷତି ଏହି ପ୍ରକାର ହୋଇଥାଏ....

### ଏଫ୍‌ଡି ସ୍କିମ୍ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ : ଦୀପିକା ଦାଶ (ମ୍ୟାନେଜର,ବ୍ୟାଙ୍କ ଅଫ୍ ବରୋଦା, କୋଲକାତା)



ଫିକ୍ସଡ ଡିପୋଜିଟ୍ ବା ଏଫ୍‌ଡିର ବିଭିନ୍ନ ପ୍ରକାର ସ୍କିମ୍ ରହିଛି। ପ୍ରଥମେ ସେ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ଆପଣ ଚାହିଁଲେ ରିନ୍ୟୁଆଲ ଟାଇମ୍‌ରେ ଯେକୌଣସି ସ୍କିମ୍‌କୁ ଚେଞ୍ଜ କରିପାରିବେ। ଏଫ୍‌ଡିକୁ ଦେଖାଇ ଆପଣ ବ୍ୟାଙ୍କରୁ ଋଣ ମଧ୍ୟ ନେଇପାରିବେ। ସିନିୟର ସିଟିଜେନ୍‌ଙ୍କ ଲାଗି ଏଫ୍‌ଡିରେ ନର୍ମାଲ ସୁଧ ଠାରୁ ଅଧିକ ସୁଧ ମିଳିଥାଏ।

### ଏଫ୍‌ଡି କ'ଣ

ଯେତେବେଳେ ଆପଣ କୌଣସି ଏଫ୍‌ଡିରେ ନିବେଶ କରୁଛନ୍ତି , ତେବେ ଆପଣଙ୍କ ଜମା ଟଙ୍କା ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଲକ୍ ଇନ୍ ହୋଇଯାଏ। ଏଫ୍‌ଡିର ଅର୍ଥ ଆପଣଙ୍କ ଜମା ରାଶି ସେତେବେଳେ ଉଠାଇପାରିବେ ଯେତେବେଳେ ଏହାର ସମୟସୀମା ସମାପ୍ତ ହେବ।

### ରିଟର୍ନ

ଏଫ୍‌ଡି ନିବେଶ କରିବାର କ୍ଷତି ଏହା ଯେ ଏଥିରେ ସୁଧ ରେଟ୍ ଏତେ ଅଧିକ ନ ଥାଏ। ଏହି ଫିକ୍ସ ଦର ବ୍ୟାଙ୍କ ନିର୍ଦ୍ଧାରଣ କରିଥାଏ। ଏଫ୍‌ଡିର ଅର୍ଥ ଏକ ଫିକ୍ସ ରେଟ୍ ଅନୁଯାୟୀ ବ୍ୟାଙ୍କ ଆପଣଙ୍କୁ ଆପଣଙ୍କ ଜମାରାଶି ରିଟର୍ନ କରିଥାଏ। ଏଫ୍‌ଡି ମାନେ ଏକ ନିଶ୍ଚିତ ଅବଧି ପରେ ବ୍ୟାଙ୍କ ଏକ ନିର୍ଦ୍ଧାରିତ ସୁଧ ସହ ଆପଣଙ୍କ ରାଶି ଆପଣଙ୍କୁ ରିଟର୍ନ କରିଥାଏ। ଶେୟାର ମାର୍କେଟ ଏବଂ ମ୍ୟୁଚୁଆଲ ଫଣ୍ଡ ସହିତ ଏଫ୍‌ଡିଠୁ ଅଧିକ ରିଟର୍ନ ମିଳିଥାଏ। ମାର୍କେଟ ଏକ୍ସପର୍ଟଙ୍କ ମତରେ ଅନ୍ୟ ନିବେଶ ଅନୁସାରେ ଏଥିରେ କମ୍ ସୁଧ ମିଳିଥାଏ।

### ଲକ୍ ଇନ୍ ପିରିୟଡ୍

ଯଦି ଆପଣଙ୍କ ଟଙ୍କାର ଆବଶ୍ୟକତା ଥାଏ ତେବେ ଏହି କ୍ଷେତ୍ରରେ ଆପଣଙ୍କ ଏଫ୍‌ଡିକୁ କ୍ୟାନ୍‌ସେଲ କରି ବ୍ୟାଙ୍କରୁ ନିଜ ଅର୍ଥ ଉଠାଇପାରିବେ। ତେବେ ଆପଣ ଯେଉଁ ସମୟ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ବ୍ୟାଙ୍କରେ ଟଙ୍କା ଜମା ରଖିଥିଲେ ସେ ପର୍ଯ୍ୟନ୍ତ ଆପଣଙ୍କୁ ସୁଧ ମିଳିବ। ଏହାକୁ ଯଦି ପ୍ରିମାଚ୍ୟୁୟର କ୍ଲୋଜର କରିବାକୁ ଚାହୁଁଥାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରିନ୍ସପାଲ ଆମାଉଣ୍ଟ ସହ ଇଣ୍ଟରେଷ୍ଟ ରେଟ୍‌ରୁ ମଧ୍ୟ କିଛି ଟଙ୍କା କମ୍ ମିଳିଥାଏ।

### ଲାଭ ଉଠାଇପାରିବେ ନାହିଁ

ଯଦି ଆପଣ ଏଫ୍‌ଡିରେ ନିବେଶ କରୁଛନ୍ତି ତେବେ ଆପଣଙ୍କ ଯୋଜନାର ଅବଧି ଅନ୍ତ ପର୍ଯ୍ୟନ୍ତ ସୁଧ ମିଳିଚାଲିଥାଏ। ଏଫ୍‌ଡି ବଦଳରେ ଯଦି ମାର୍କେଟରେ ଇନ୍‌ଭେଷ୍ଟ କରିବେ ତେବେ ଆପଣଙ୍କୁ ଭଲ ରିଟର୍ନ ମିଳିବ।

### ସୁଧ ଉପରେ ଲାଗିଥାଏ ଟ୍ୟାକ୍ସ

ଏଫ୍‌ଡିରେ ଯାହା ସୁଧ ମିଳିଥାଏ ,ସେଥିରେ ଟ୍ୟାକ୍ସ ଦେବାକୁ ପଡ଼ିଥାଏ। ଯେତେବେବେଳ ଆପଣ ଆଇଟିଆର୍ ଫାଇଲ୍ କରିଥାନ୍ତି ସେତେବେଳେ ଏଫ୍‌ଡି ଉପରେ ମିଳୁଥିବା ଏହି ଆୟକୁ ଅନ୍ୟ କୌଣସି ସୂତ୍ରରେ ଇନ୍‌କମ୍ ଦର୍ଶାଯାଇଥାଏ।

### ବ୍ୟାଙ୍କ ଦେବାଳିଆ ଘୋଷିତ ହେଲେ

ଯଦି କୌଣସି କାରଣରୁ ବ୍ୟାଙ୍କ ଦେବାଳିଆ ହୋଇଯାଏ ,ଯେଉଁଥିରେ ଆପଣ ଏଫ୍‌ଡି କରିଛନ୍ତି ,ତେବେ ଆପଣଙ୍କୁ ଏହାର କ୍ଷତି ସହିବାକୁ ପଡ଼ିପାରେ।

### ଏଫ୍‌ଡି ପ୍ରିମାଚ୍ୟୁୟର

ସବୁ ବ୍ୟାଙ୍କ ନିଜ ନିବେଶକଙ୍କୁ ଏହି ସୁବିଧା ଦେଇଥାଏ ଯଦି ସେମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି , ତାଙ୍କୁ ଟଙ୍କାର ଆବଶ୍ୟକତା ଥାଏ ତେବେ ନିବେଶକ ଏଫ୍‌ଡିକୁ ସମୟ ଥିବା ପୂର୍ବରୁ ଉଠାଇପାରିବେ। ସାଧାରଣତଃ ବ୍ୟାଙ୍କ ନିବେଶକଙ୍କ ଉପରେ କିଛି ପେନାଲ୍ଟି ଚାର୍ଜ ଲଗାଇଥାନ୍ତି। ନିବେଶକୁ ନିଜ ଏଫ୍‌ଡିକୁ ମାଚ୍ୟୁୟର ହେବା ପୂର୍ବରୁ ଉଠାଇବାକୁ ଚାହୁଁଥିଲେ ତାଙ୍କୁ ପେନାଲ୍‌ଟି ଆକାରରେ ସୁଧର ୧-୩ ପ୍ରତିଶତ ଦେବାକୁ ପଡ଼ିଥାଏ।

### ଫିକ୍ସଡ୍ ସୁଧ ହାର

ଏଫ୍‌ଡିର ଏକ ନିୟମ ରହିଛି ଯେ ବ୍ୟକ୍ତି ଏହା କରିବା ସମୟରେ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଯାହା ସୁଧ ରେଟ୍ ନିର୍ଦ୍ଧାରଣ କରିଥାଏ ,ସେହି ଅବଧି ପର୍ଯ୍ୟନ୍ତ ଏଫ୍‌ଡିରେ ସୁଧ ମିଳିଥାଏ। ଏଥିରେ ମିନିମମ୍ ଏକବର୍ଷ ପର୍ଯ୍ୟନ୍ତ ଟଙ୍କା ରଖିପାରିବେ। ମ୍ୟାକ୍ସିମମ୍ ୧୦ବର୍ଷ ପର୍ଯ୍ୟନ୍ତ ଏଥିରେ ଟଙ୍କା ରଖିପାରିବେ। ଯେତେବେଳେ କି କୌଣସି ମ୍ୟୁଚୁଆଲ ଫଣ୍ଡ ଆଦି ଯୋଜନାରେ ନିବେଶ କରିବା ଦ୍ୱାରା ବଜାରରେ ସୁଧାର ଆସିବା ସମୟରେ ଲାଭ ମଧ୍ୟ ଅଧିକ ମିଳିଥାଏ।

### ଲିକ୍ୟୁଡିଟି

ଏଫ୍‌ଡି ଅନ୍ୟ ନିବେଶ ବିକଳ୍ପ ପରି ହୋଇ ନ ଥାଏ। ତେବେ ଯଦି ଆପଣଙ୍କୁ ତୁରନ୍ତ ଟଙ୍କାର ଆବଶ୍ୟକତା ଥାଏ ,ଏହି କ୍ଷେତ୍ରରେ ଏଫ୍‌ଡିକୁ ଭାଙ୍ଗିବା ଏତେଟା ସହଜ ହୋଇ ନ ଥାଏ। ଏଫ୍‌ଡି ର ରିନ୍ୟୁର ଟାଇମ୍ ହୋଇଥିବ। ଏଫ୍‌ଡିକୁ ଦେଖାଇ ଆପଣ ବ୍ୟାଙ୍କରୁ ଋଣ ମଧ୍ୟ ନେଇପାରିବେ। ଯେମିତିକି ପର୍ସନାଲ ଲୋନ୍ କିମ୍ବା ହୋମଲୋନ୍,କାର୍‌ଲୋନ୍ ଆଦି ନେଇପାରିପାରିବେ।







# ବର୍ଷାଦିନେ ମେଟାଲ ଜୁଏଲେରି ...

**ଏବେ ବର୍ଷାଦିନ ଚାଲିଛି। ଏହି ସିଜନ୍‌ରେ ମହିଳାମାନେ ସଜାଇହେବା ସହ କେତେକ ମେଟାଲ ଜୁଏଲେରି ପିନ୍ଧିବାକୁ ପସନ୍ଦ କରନ୍ତି। ଯଦି ଆପଣଙ୍କୁ ମେଟାଲ ଜୁଏଲେରି ପିନ୍ଧିବା ଦ୍ୱାରା ଆଲର୍ଜି ହେଉଥାଏ ତେବେ କେତେକ ଘରୋଇ ଉପାୟ ଆପଣାଇ ଏହି ସମସ୍ୟାକୁ ଦୂର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ..**





**ଟ୍ରି ଟ୍ରି ଅଏଲ:** ଏହି ତେଲରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ରହିଥାଏ। ଏହା କୌଣସି ପ୍ରକାର ସ୍କିନ୍ ଆଲର୍ଜିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଯଦି ସ୍କିନ୍‌ରେ ଆଲର୍ଜି ହୋଇଥାଏ ତେବେ ଆପଣ ଏକ ଚାମଚ ନଡ଼ିଆ ତେଲରେ ୩-୪ ବୁନ୍ଦା ଟ୍ରି ଟ୍ରି ଅଏଲ ପକାନ୍ତୁ। ଏବେ ଆପଣ ଏହାକୁ କଟନ୍ ବଲ୍ ସାହାଯ୍ୟରେ ସ୍କିନ୍ ଉପରେ ଲଗାଇ କିଛି ଘଣ୍ଟା ଛାଡ଼ି ଦିଅନ୍ତୁ। ଆପଣଙ୍କୁ ଆରାମ ମିଳିଯିବ।

**ଆଲୋଭେରା ଜେଲ୍:** ଆଲୋଭେରା ଜେଲ୍‌ରେ ବି ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି, ଯାହା ସ୍କିନ୍ ଉପରେ ଦେଖାଯାଉଥିବା କୌଣସି ପ୍ରକାର ସଂକ୍ରମଣକୁ ଠିକ୍ କରିବାର କାମ କରିଥାଏ। ଏହାକୁ ଲଗାଇବାକୁ ହେଲେ ଆପଣ ଫ୍ରେଶ୍ ଆଲୋଭେରା ଜେଲ୍ ନିଅନ୍ତୁ। ଏହାଦ୍ୱାରା ପ୍ରଭାବିତ ହୋଇଥିବା କ୍ଷେତ୍ରରେ ଲଗାଇ ଦିଅନ୍ତୁ। ଆପଣଙ୍କୁ ଆରାମ ମିଳିବ।

**ହଳଦୀ ପେଷ୍ଟ:** ହଳଦୀରେ ଆଣ୍ଟିବ୍ୟାକ୍ଟେରିଆ, ଆଣ୍ଟିସେପ୍ଟିକ୍ , ଆଣ୍ଟି ଫଙ୍ଗାଲ ଭଳି ଗୁଣ ରହିଛି। ଯଦି ସ୍କିନ୍‌ରେ ମେଟାଲ ଜୁଏଲେରି ପିନ୍ଧିବା ଯୋଗୁ ଆଲର୍ଜି ହେଉଥାଏ ତେବେ ହଳଦୀର ସାହାଯ୍ୟ ନେଇ ଏଥିରୁ ମୁକ୍ତିମିଳିପାରିବ।



ଆପଣ ଅଧା ଚାମଚ ହଳଦୀ ନିଅନ୍ତୁ ଏବଂ ଏଥିରେ ପାଣି ମିଶାଇ ଗାଢ଼ା ପେଷ୍ଟ କରନ୍ତୁ। ଏବେ ଆଲର୍ଜି ହୋଇଥିବା ସ୍ଥାନରେ ଲଗାନ୍ତୁ। ଏବେ ଲଗାହୋଇଥିବା ସ୍ଥାନକୁ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏବେ ଏହାକୁ ଥଣ୍ଡା ପାଣିରେ ଭଲଭାବେ ଧୋଇନିଅନ୍ତୁ।

**ବରଫ ସେକ :** ମେଟାଲ ଆଲର୍ଜିରୁ ରକ୍ଷା ପାଇବାକୁ ହେଲେ ବରଫକୁ ପଲିଥିନ୍‌ରେ ପୂରାଇ ସ୍କିନ୍ ଉପରେ ସେକ ଦେବା ଦ୍ୱାରା ତୁରନ୍ତ ଆରାମ ମିଳିବ।

**ନିମ୍ବପତ୍ର:** ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆ, ଆଣ୍ଟିସେପ୍‌ଟିକ୍ ଏବଂ ଆଣ୍ଟିଫଙ୍ଗାଲ ଗୁଣ ଭରି ହୋଇରହିଛି। ଆପଣ ଏହାର ବ୍ୟବହାର କରିବାକୁ ହେଲେ ନିମ୍ବର କିଛି ପତ୍ର ନିଅନ୍ତୁ। ଏହାକୁ ପାଣି ଦେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଅଧାଘଣ୍ଟା ପର୍ଯ୍ୟନ୍ତ ଏହାକୁ ସ୍କିନ୍‌ରେ ଲାଗନ୍ତୁ, ପୁଣି ଏହାକୁ ଧୋଇ ଦିଅନ୍ତୁ।



# ଫ୍ରୁଟ୍ କଷ୍ଟାର୍ଡ

### ଆବଶ୍ୟକ ସାମଗ୍ରୀ

କ୍ଷୀର ଅଧା ଲିଟର, କଷ୍ଟର୍ଡ ପାଉଡର ୩ ଚାମଚ, ଚିନି ୨୫ଗ୍ରାମ୍ , ସେଓର କିଛି ଖଣ୍ଡ, ଡାଳିମ୍ବ କିଛି ଦାନା,କିଛି ପରିମାଣର ଗ୍ରୀନ୍ ଏବଂ କଳା ଅଙ୍ଗୁର।

### ପ୍ରସ୍ତୁତି ପ୍ରଣାଳୀ

ଫ୍ରୁଟ୍ କଷ୍ଟାର୍ଡ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଏକ ଗିନାରେ ଥଣ୍ଡା କ୍ଷୀର ନିଅନ୍ତୁ। ଏହାପରେ ୩ ଚାମଚ କଷ୍ଟାର୍ଡ ପାଉଡର ଏହି କ୍ଷୀରରେ ପକାନ୍ତୁ। ଏବେ ଏହି କଷ୍ଟାର୍ଡ ପାଉଡରକୁ କ୍ଷୀରରେ ଭଲଭାବେ ମିକ୍ସ କରିଦିଅନ୍ତୁ। ଗ୍ୟାସ୍ ଫ୍ଲେମ୍‌କୁ ଅନ୍ କରି କ୍ଷୀରକୁ ଗ୍ୟାସ୍ ଚୁଲା ଉପରେ ବସାନ୍ତୁ। ଚୁଲାରେ ବସିଥିବା କ୍ଷୀରକୁ ମଝିରେ ମଝିରେ ଗୋଳାନ୍ତୁ। ଯେତେବେଳେ କ୍ଷୀର ଗାଢ଼ା ହୋଇଯିବ ସେଥିରେ ମିକ୍ସ ହୋଇଥିବା କ୍ଷୀରକୁ ଏଥିରେ ପକାନ୍ତୁ। ଏହାକୁ ମଝିରେ ମଝିରେ ଘାଣ୍ଟନ୍ତୁ ଯେପରି ଏଥିରେ ଗେଟା ନ ରୁହେ। କ୍ଷୀରରେ ଚିନି ପକାଇ ଭଲ ଭାବେ ମିଶାନ୍ତୁ। ଯେତେବେଳେ ଏହି ମିକ୍ସଚର ଗାଢ଼ା ହୋଇଯିବ ସେତେବେଳେ ଏହାକୁ ଗ୍ୟାସ୍‌ରୁ ଓହ୍ଲାଇ ଦିଅନ୍ତୁ। ଯଦି ଆପଣଙ୍କ ନିକଟରେ କେଶର ଅଛି ଏହାକୁ ପକାନ୍ତୁ। ଏହି ମିକ୍ସଚରକୁ ୩ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖି ଦିଅନ୍ତୁ। ସମୟ ପୂରା ହେଲା ପରେ ସେଥିରେ କଟାହୋଇଥିବା ସେଓ, ଡାଳିମ୍ବ, କଟାହୋଇଥିବା ପାଚିଲା କଦଳୀ, ଗ୍ରୀନ୍ ଅଙ୍ଗୁର ଏବଂ ଡ୍ରାଏ ନଟ୍ସ ଆଦି ପକାନ୍ତୁ। ଏବେ ଏହାକୁ ପରଷନ୍ତୁ।



# ମହିଳା ଫୁଟ୍‌ବଲରେ ଯୌନଶୋଷଣ

**ସମଗ୍ର ବିଶ୍ୱରେ ମହିଳା ସଶକ୍ତୀକରଣକୁ ନେଇ ଆନ୍ଦୋଳନ ଜାରି ରହିଛି। କ୍ରୀଡ଼ାରେ ମହିଳାମାନେ ସାଧାରଣତଃ ପଛରେ ରହିଥାନ୍ତି। ସମୟ ସହିତ ତାଳ ଦେଇ ଅନେକ ମହିଳା ନିଜକୁ କ୍ରୀଡ଼ାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ତେବେ ପୁରୁଷପ୍ରଧାନ ସମାଜରେ ମହିଳାମାନଙ୍କୁ ତଥା ମହିଳା କ୍ରୀଡ଼ାବିତ୍‌ଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ସଦ୍ୟ ସମାପ୍ତ ମହିଳା ଫୁଟ୍‌ବଲ ବିଶ୍ୱକପ୍ ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ସ୍ପେନ୍ ଫୁଟ୍‌ବଲ ମୁଖ୍ୟ ଲୁଇସ୍ ରୁବେଲ୍ସ ଫାଇନାଲ ମ୍ୟାଚ୍ ପରେ ଷ୍ଟ୍ରାଇକର ଜେନି ହର୍ମୋସୋଙ୍କୁ କିସ୍ କରିଥିଲେ। ଅନେକ ବାଦ ବିବାଦ ପରେ ରୁବେଲ୍ସଙ୍କୁ ସ୍ପେନ୍ ଫୁଟ୍‌ବଲର ମୁଖ୍ୟ ପଦରୁ ବହିଷ୍କାର କରାଯାଇଥିଲା। ମହିଳା ଫୁଟ୍‌ବଲରେ ଘଟିଯାଇଥିବା ଏମିତି କିଛି ଘଟଣାକୁ ନେଇ ଆଜିର ଉପସ୍ଥାପନା....**


ମିଡ୍‌ଫିଲ୍ଡର ସିନଡ୍ ଫେରେଲି।

ଫୁଟ୍‌ବଲ ଏକ କଣ୍ଟାକ୍ଟ ସ୍ପୋର୍ଟ୍ସ ହୋଇଥିବାରୁ ସାଧାରଣ ଭାବରେ ମହିଳାମାନେ ଏଥିରେ ଅଂଶଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି। ତେବେ ଏହା ଏକମାତ୍ର କାରଣ ନୁହେଁ, ଅନ୍ୟ ଏକ କାରଣ ହେଉଛି ଯୌନ ଶୋଷଣ ତଥା ଓ ମାନସିକ ନିର୍ଯାତନା। ଆମେରିକାର ମହିଳା ଫୁଟ୍‌ବଲ ଲିଗ୍‌ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ୬୦ ପ୍ରତିଶତ ମହିଳା ଫୁଟ୍‌ବଲର ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଥାନ୍ତି। ଏସବୁ ଘଟଣାକୁ କୋର୍ଟରେ ପ୍ରମାଣିତ କରିବା ମଧ୍ୟ ବେଶ୍ କଷ୍ଟସାଧ୍ୟ। ୮୯ ହଜାର ଅଭିଯୋଗ ଆସିବା ପରେ ୨୦୦ ମହିଳା ଖେଳାଳିଙ୍କଠାରୁ ସାକ୍ଷାତ୍‌କାର ମଧ୍ୟ ନିଆଯାଇ ଏହି ତଥ୍ୟ ପ୍ରକାଶିତ ହୋଇଛି। ନିକଟରେ ଆମେରିକୀୟ ଲିଗ୍ ପକ୍ଷରୁ ଏହି ଅନୁସନ୍ଧାନ ରିପୋର୍ଟ ଆଧାରରେ ୪ ଜଣ ପୂର୍ବତନ କୋଚ୍‌ଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ମହିଳା ଖେଳାଳିଙ୍କୁ ଏମାନେ ଶାରୀରିକ ଓ ମାନସିକ ଭାବରେ ନିର୍ଯାତନ ପ୍ରଦାନ କରୁଥିଲେ। ନର୍ଥ କାରୋଲିନାର ପୂର୍ବତନ କୋଚ୍ ପଲ୍ ରାଇଲି, ଚିକାଗୋ ରେଡ୍ ଷ୍ଟାର୍ସର ପୂର୍ବତନ କୋଚ୍ ରୋରି ଡେମ୍‌ସ, ୱାଶିଂଟନ୍ ସ୍ପିରିଟ୍ କୋଚ୍ ରିଚି ବର୍କ ଓ ରେସିଂ ଲୁଇଭିଲ୍ଲେର ପୂର୍ବତନ କୋଚ୍ କ୍ରିଷ୍ଟି ହୋଲିଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ଏହା ବ୍ୟତୀତ ଖେଳାଳିଙ୍କୁ ମାନସିକ ଭାବରେ ନିର୍ଯାତିତ କରିଥିବା ୟୁଟା ରୟାଲ୍ସର କ୍ରେଗ୍ ହାରିଙ୍ଗଟନ୍ ଓ ଗୋଥାମ୍‌ର ଆଲିସ୍ ଲାହୁଏଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି।

## ଜର୍ଜ ଭିଲ୍ଡା

ସ୍ପେନ୍ ଫୁଟ୍‌ବଲ ମହାସଂଘର ସଭାପତି ରୁବେଲ୍ସଙ୍କ ଫାଇନାଲ ମ୍ୟାଚ୍ ଚୁମ୍ବନ ଘଟଣା ପରେ ହିଁ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମହିଳା ଫୁଟବଲରେ ଖେଳାଳିଙ୍କ ସୁରକ୍ଷାକୁ ନେଇ ନାନାଦି ପ୍ରଶ୍ନ ମଧ୍ୟ ଉଠିଛି। ବିଶ୍ୱକପ ବିଜୟର ଠିକ୍ ବର୍ଷେ ପୂର୍ବରୁ ବର୍ତ୍ତମାନର କୋଚ୍ ଜର୍ଜ ଭିଲ୍ଡାଙ୍କ ନାମରେ ୧୫ ଜଣ ଖେଳାଳି ଯୌନ ଶୋଷଣ ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଏପରିକି ଏହି ୧୫ ଖେଳାଳି ଜାତୀୟ ଦଳରେ ସାମିଲ ନ ହେବା ପାଇଁ ଅନୁରୋଧ କରିଥିଲେ। ବାଲନ୍ ଡି ଓର ବିଜୟିନୀ ଆଲେକ୍ସିସ୍ ପୁଟେଲାସ୍ ଏହି ଖେଳାଳି ମାନଙ୍କୁ ସମର୍ଥନ କରିଥିଲେ। ଏହି ତାଲିକାରେ ୬ ଜଣ ବାର୍ସେଲୋନା ଖେଳାଳି ରହିଥିବା ବେଳେ ମାଞ୍ଚେଷ୍ଟର ସିଟି ଓ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ଦୁଇ ଜଣ ଲେଖାଏ ଖେଳାଳି ରହିଥିଲେ। ଯଦିଓ ଏହି ମାମଲାକୁ ସ୍ପେନ୍ ଫୁଟ୍‌ବଲ ମହାସଂଘ ଦବାଇ ଦେଇଥିଲା ତେବେ ବର୍ତ୍ତମାନ ସମାନ ଘଟଣା ଭୂତ ହୋଇ ପିଛା କରିବାରେ ଲାଗିଛି। ଉକ୍ତ ଖେଳାଳିଙ୍କ ମଧ୍ୟରୁ ୩ ଖେଳାଳି ବିଶ୍ୱକପ ଦଳରେ ମଧ୍ୟ ସ୍ଥାନ ପାଇଥିଲେ। ତେବେ ଜର୍ଜ ଭିଲ୍ଡାଙ୍କ ବିରୋଧରେ ନିକଟରେ କୌଣସି ଅଭିଯୋଗ ଆସି ନ ଥିବା ବେଳେ ରୁବେଲ୍ସଙ୍କୁ ଫିଫା ପକ୍ଷରୁ ବାସନ୍ଦ କରାଯାଇଛି।

## ଭେରା ପାଓ

ପ୍ରଥମ ଥର ପାଇଁ ଆୟର୍ଲାଣ୍ଡକୁ ମହିଳା ଫୁଟବଲ ବିଶ୍ୱକପର ମୁଖ୍ୟ ରାଉଣ୍ଡରେ ପ୍ରବେଶ କରାଇବାରେ କୋଚ୍ ଭେରା ପାଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ବିଶ୍ୱକପ ପରେ ୬୦ ବର୍ଷୀୟ ପାଓଙ୍କ ସହିତ ସମ୍ପର୍କ ଛିନ୍ନ କରିଥିଲା ଆୟର୍ଲାଣ୍ଡ ଫୁଟବଲ। ଏହାର କାରଣ ଜଣାଇ ନ ଥିଲେ ମଧ୍ୟ ବିଶ୍ୱକପ ପୂର୍ବରୁ ଆସିଥିବା ଯୌନ ଶୋଷଣ ମାମଲାକୁ ଏହାର ମୁଖ୍ୟ କାରଣ ବିବେଚନା କରାଯାଉଛି। ମିଡ୍‌ଫିଲ୍ଡର ସିନଡ୍ ଫେରେଲି ବିଶ୍ୱକପ୍‌ର ଠିକ୍ ପୂର୍ବରୁ ଭେରା ପାଓଙ୍କ ନାମରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ। ଫିଲାଡେଲଫିଆରେ ବସବାସ କରୁଥିବା ସିନଡ୍‌ଙ୍କ ନିକଟରେ ଦ୍ୱୈତ ନାଗରିକତ୍ୱ ରହିଥିବା ବେଳେ ସେ ଆୟର୍ଲାଣ୍ଡ ଜାତୀୟ ଦଳର ପ୍ରତିନିଧିତ୍ୱ କରନ୍ତି। ଭେରା ପାଓଙ୍କ ସହିତ ହୋଇଥିବା ବାର୍ତ୍ତାଳାପକୁ ସେ ଭାଇରାଲ କରି ଦେଇଥିଲେ। ପରବର୍ତ୍ତୀ ସମୟରେ ମାମଲା ଥଣ୍ଡା ପଡିଥିଲେ ମଧ୍ୟ ପାଓଙ୍କୁ ନିଜର ପଦବୀ ହରାଇବାକୁ ପଡିଥିଲା।

## ସମାଧାନ

ଏଭଳି ସମ୍ବେଦନଶୀଳ ଘଟଣାରେ ତ୍ୱରିତ ସମାଧାନ ମିଳିବା ସମ୍ଭବ ନୁହେଁ। ତେବେ ସଚେତନତା ସହିତ ଫୁଟ୍‌ବଲରେ ମହିଳା ପ୍ରଶାସକ ଓ ମହିଳା କୋଚ୍‌ଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ଏହି ସମସ୍ୟାର ସମାଧାନ ମିଳିପାରିବ। ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ ମହିଳା ଫିଫା ବିଶ୍ୱକପ୍‌ରେ ୩୨ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହା ମଧ୍ୟରୁ ୧୨ଟି ଦଳର କୋଚ୍ ମହିଳା ରହିଥିଲେ। ଅଧିକ ସଂଖ୍ୟାରେ ମହିଳାଙ୍କ ଆଗମନ ଦ୍ୱାରା ମହିଳା ଖେଳାଳିଙ୍କ ଉପରେ ହେଉଥିବା ନିର୍ଯାତନା ନିଶ୍ଚିତ ଭାବରେ ହ୍ରାସ ପାଇବ।

–ସରୋଜ ଜେନା

# କିଟ୍‌ରେ ଭାରତର ପ୍ରଥମ ଜାତୀୟ ଭଲିବଲ ଏକାଡେମୀ

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତର ପ୍ରଥମ ଜାତୀୟ ଭଲିବଲ ଏକାଡେମୀ ପ୍ରତିଷ୍ଠା ହୋଇଛି। ସୋମବାର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଏହା ଉଦ୍‌ଘାଟିତ ହୋଇଛି। ଏଥିରେ ଭାରତର ୩୦ଟି ରାଜ୍ୟ ଏବଂ ସିନିୟର ସ୍ତରର କୋଚିଂ କ୍ୟାମ୍ପ କିଟ୍ ପରିସରରେ ଅନୁଷ୍ଠିତ ହୋଇଛି। ଏବେ ଦେଶର ପ୍ରତିଭା ସମ୍ପନ୍ନ ଭଲିବଲ ଖେଳାଳିଙ୍କୁ ଚୟନ କରାଯାଇ ଯୋଜନାବଦ୍ଧଭାବେ କୋଚିଂ ପ୍ରଦାନ କରାଯିବ। ଭୁବନେଶ୍ୱରରେ ଏକାଡେମୀ ହୋଇଥିବାରୁ ଓଡ଼ିଶାର



ଜାତୀୟ ଭଲିବଲ ଏକାଡେମୀ ଉଦ୍‌ଘାଟନୀ ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିବୃନ୍ଦ।

ଆସୋସିଏଶନର ସଭାପତି ଓ ସମ୍ପାଦକ ଅଂଶଗ୍ରହଣ କରିଥିଲେ। ଦେଶରେ ଅନେକ କ୍ରୀଡ଼ାର ଏକାଡେମୀ ରହିଛି। ମାତ୍ର ପୁରାତନ ଏବଂ ସବୁଠାରୁ ଲୋକପ୍ରିୟ ଖେଳ ଭଲିବଲ୍‌ର ଏକାଡେମୀ ଭାରତରେ କେଉଁଠାରେ ନ ଥିଲା। ଏବେ ଏକାଡେମୀ ପ୍ରତିଷ୍ଠା ଦ୍ୱାରା ଏହି କ୍ରୀଡ଼ାର ବିକାଶ ହୋଇପାରିବ। ଏକାଡେମୀକୁ ଉଦ୍‌ଘାଟନ କରିବା ଅବସରରେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଯେ, ‘‘ଆମେ ପ୍ରଥମ ପର୍ଯ୍ୟାୟରେ ଦେଶର ୫୦ ବାଳିକା ଓ ୫୦ ବାଳକ ଭଲିବଲ ପ୍ରତିଭାଙ୍କୁ ଚୟନ କରି ଏକାଡେମୀରେ ଶ୍ରେଷ୍ଠ ସୁବିଧା ସୁଯୋଗ ଦେବୁ। ଏଥିରେ ଅନ୍ତର୍ଜାତୀୟ ସ୍ତରର କୋଚିଂ ପ୍ରଦାନର ବ୍ୟବସ୍ଥା ରହିବ। ୨୦୨୦ଠାରୁ ଭାରତୀୟ ଭଲିବଲ ଦଳ ଯେତେସବୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛି ତା’ ପୂର୍ବରୁ ସବୁ ବୟସ ବର୍ଗରେ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରି ଭାରତୀୟ ଦଳରେ ଅଧିକ ସଂଖ୍ୟାରେ ସ୍ଥାନ ପାଇପାରିବେ’’।

ଗତ ୩–୪ ବର୍ଷ ମଧ୍ୟରେ ଦ୍ରୁତ ଗତି ଗତିରେ ଭାରତୀୟ ଭଲିବଲର ବିକାଶ ହୋଇଥିବାରୁ ବିଭିନ୍ନ ରାଜ୍ୟ ଆସୋସିଏଶନର ସଭାପତି ଓ ସମ୍ପାଦକମାନେ ଅଚ୍ୟୁତଙ୍କୁ ପ୍ରଶଂସା କରିଥିଲେ। ଇତିମଧ୍ୟରେ ଭାରତ ପ୍ରଥମଥରପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବା ସହ ୩ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଯାହାକି ୧୯୫୧ରେ ଭିଏଫ୍‌ଆଇ ପ୍ରତିଷ୍ଠା ହେବାପରଠାରୁ କୌଣସି ସଭାପତିଙ୍କ କାର୍ଯ୍ୟକାଳ ମଧ୍ୟରେ ଏହା ସର୍ବାଧିକ ସଫଳତା। ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଶେଖର ବୋଷ, ରଥିନ ରୟ ଚୌଧାରୀ, ରାଜ କୁମାର, ଅତୁଲ ଚୌଧାରୀ ଓ ରାମାବତାର ସିଂ ଝାକର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

# କେରଳକୁ ହରାଇଲା ଓଡ଼ିଶା



ଅମନ ଲାକ୍ରା

**ଭୁବନେଶ୍ୱର, ୪।୯ (ତପନ ସ୍ୱାଇଁ)**

ପଶ୍ଚିମବଙ୍ଗର ମାଲଦାଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ଗ୍ରୁପ୍ ମ୍ୟାଚରେ ଓଡ଼ିଶା ୨–୦ ଗୋଲରେ କେରଳକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପକ୍ଷରୁ ଅଧିନାୟକ ଅମନ ଲାକ୍ରା ୩୩ତମ ମିନିଟରେ ଏକ ଗୋଲ ଦେଇ ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ କେରଳ ଜୋରଦାର ଉଦ୍ୟମ କରିଥିଲା। ମାତ୍ର ବଦଳ ଖେଳାଳି ଅଭିନନ୍ଦ ସି.ଏସ୍‌ନ୍. ୫୭ତମ ମିନିଟରେ ଦୁର୍ଭାଗ୍ୟଜନକଭାବେ ଏକ ଆତ୍ମଘାତୀ ଗୋଲ କରିବାରୁ କେରଳ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ମ୍ୟାଚର ଅବଶିଷ୍ଟ ସମୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା।

# ଜାଡେଜା, ସିରାଜଙ୍କ ଘାତକ ବୋଲିଂ

**ପାଲେକେଲ୍,୪।୯(ପି.ଟି.)**

ଏସିଆ କପ୍ କ୍ରିକେଟରେ ନେପାଳ ବିପକ୍ଷ ଗ୍ରୁପ୍ ମ୍ୟାଚରେ ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ସିରାଜଙ୍କ ଘାତକ ବୋଲିଂ। ଉଭୟ ବୋଲର ୩ଟି ଲେଖାଏ ଉଇକେଟ ନେବାରୁ ନେପାଳ ୪୮.୨ ଓଭରରେ ୨୩୦ ରନ୍‌ରେ ସମସ୍ତ ଉଇକେଟ ହରାଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଖବର ପ୍ରସ୍ତୁତ ସୁଦ୍ଧା ଭାରତ ୨.୧ ଓଭରରେ ବିନା ଉଇକେଟରେ ୧୭ ରନ୍ ସଂଗ୍ରହ କରିଛି।

**ଏସିଆ କପ୍ କ୍ରିକେଟ୍**



ରବୀନ୍ଦ୍ର ଜାଡେଜା ଓ ରୋହିତ ଶର୍ମା।

ପ୍ରଥମ ମ୍ୟାଚଟି ବର୍ଷାରେ ଧୋଇ ଯାଇଥିବା ବେଳେ ଭାରତୀୟ ବୋଲର ବୋଲିଂ କରି ପାରି ନ ଥିଲେ। ଫଳରେ ସୋମବାର ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲେ। ଭାରତୀୟ ବୋଲର ନେପାଳ ଭଳି ଦୁର୍ବଳ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିବା ନେଇ ଆଶା କରାଯାଉଥିଲା। ତେବେ ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରି ପ୍ରଥମ ଉଇକେଟରେ ୬୫ ରନ୍ ଯୋଡିଥିଲା ନେପାଳ। କୁଶାଲ ଭୁର୍ତେଲ(୩୮) ଓ ଆସିଫ୍ ଶେଖ(୫୮) ପ୍ରଥମ ଉଇକେଟରେ ଚମତ୍କାର ବ୍ୟାଟିଂ କରିଥିଲେ। ଅବଶ୍ୟ ଭାରତୀୟ ଫିଲ୍ଡର ମାନେ ୩ଟି କ୍ୟାଚ୍ ମଧ୍ୟ ହାତଛଡା କରିଥିଲେ। କୁଶାଲ ୨୫ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। କୁଶାଲଙ୍କୁ ଆଉଟ କରି ଶାର୍ଦ୍ଦୁଳ ଠାକୁର ପ୍ରଥମ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ। ଭୀମ ଶାର୍କି(୭), ରୋହିତ ପୌଡେଲ(୫) ଓ କୁଶାଲ ମଲ୍ଲ(୨) ସହଜରେ ଆଉଟ ହେବାରୁ ଦଳ ୧୦୧ ରନରେ ୪ ଉଇକେଟ ହରାଇଥିଲା। ତେବେ ଆଶିଫ୍ ଶେଖ୍ ୯୭ ବଲ୍ ଖେଳି ୮ ଚୌକା ସହ ୫୭ ରନ୍ କରି ଇନିଂସ ସମ୍ଭାଳିଥିଲେ। ନିମ୍ନକ୍ରମରେ ଗୁଲଶନ ଝା ୨୩, ଦୀପେନ୍ଦ୍ର ସିଂ ୨୯ ଓ ସୋମପାଲ କାମି ୪୮ ରନ୍‌ର ଇନିଂସ ଖେଳିଥିଲେ। ସୋମପାଲ ଓ ଦୀପେନ୍ଦ୍ର ସପ୍ତମ ଉଇକେଟରେ ୫୦ ରନ୍ ଯୋଡିବାରୁ ନେପାଳ ୨୩୦ ରନ୍‌ରେ ପହଞ୍ଚିଥିଲା। ଭାରତୀୟ ବୋଲର ଓ ଫିଲ୍ଡରଙ୍କ ବେଶ ସାଧାରଣ ରହିଥିଲେ। କେବଳ ରବୀନ୍ଦ୍ର ଜାଡେଜା ପ୍ରଭାବୀ ବୋଲିଂ କରି ମିଡିଲ ଓଭରରେ ୩ ଉଇକେଟ ନେଇଥିଲେ। କୁଲଦୀପ ଯାଦବ କଞ୍ଜୁସ ବୋଲିଂ କରିଥିଲେ ମଧ୍ୟ ଉଇକେଟ ପାଇ ନ ଥିଲେ। ଅନ୍ୟ ପକ୍ଷରେ ମହମ୍ମଦ ସିରାଜ ୩ ଉଇକେଟ ନେଇଥିଲେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଶାର୍ଦ୍ଦୁଳ ଠାକୁର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଭାରତର ଆରମ୍ଭ ବେଶ ଆକ୍ରମଣାତ୍ମକ ରହିଥିଲା। ଶୁବମାନ୍ ଗିଲ୍ ୬ ବଲ୍ ଖେଳି ୩ ଚୌକା ସହିତ ୧୨ ରନ୍ କରିଥିବା ବେଳେ ରୋହିତ ଶର୍ମା ୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ପୁଣି ଥରେ ବର୍ଷା ଆସିବା କାରଣରୁ ଖେଳକୁ ବନ୍ଦ ରଖାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନେପାଳ ୪୮.୨ ଓଭରରେ ୨୩୦/୧୦(ଆସିଫ୍ ଶେଖ୍–୫୮, ସୋମପାଲ କାମି–୪୮, କୁଶାଲ ଭୁର୍ତେଲ–୩୮, ରବୀନ୍ଦ୍ର ଜାଡେଜା–୩/୪୦, ମହମ୍ମଦ ସିରାଜ–୩/୬୧, ଶାର୍ଦ୍ଦୁଳ ଠାକୁର–୧/୨୬)। ଭାରତ ୨.୧ ଓଭରରେ ୧୭/୦(ଶୁବମନ୍ ଗିଲ୍–୧୨*)।

# ପୁତ୍ର ସନ୍ତାନର ବାପା ହେଲେ ବୁମ୍‌ରା

**ମୁମ୍ବାଇ,୪।୯:** ଏସିଆ କପ୍ କ୍ରିକେଟରେ ନେପାଳ ବିପକ୍ଷ ମ୍ୟାଚ୍ ପୂର୍ବରୁ ମୁମ୍ବାଇ ପ୍ରତ୍ୟାବର୍ତ୍ତନ କରିଥିବା ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ପିତା ହୋଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ବୁମ୍‌ରା ଶନିବାର ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ସୋମବାର ବୁମ୍‌ରା ଏକ ଫଟୋ ପୋଷ୍ଟ କରିବା ସହିତ ସଞ୍ଜନା ଗଣେଷନ୍ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ଜଣାଇଛନ୍ତି। ଏହି ଫଟୋରେ ବୁମ୍‌ରା ଛୁଆର ହାତକୁ ଧରିଥିବାର ଦେଖିବାକୁ ମିଳିଛି। ପୁତ୍ର ସନ୍ତାନର ନାମ ଅଙ୍ଗଦ ଯଶ୍‌ପ୍ରୀତ୍ ବୁମ୍‌ରା ରହିଥିବା ସେ ଶେୟାର କରିଛନ୍ତି। ସଞ୍ଜନା ଓ ମୁଁ ବର୍ତ୍ତମାନ ସବୁଠାରୁ ଅଧିକ ଖୁସି ବୋଲି ସେ ପୋଷ୍ଟ କରିଛନ୍ତି। ସୁପର୍–୪ ମ୍ୟାଚ୍ ପୂର୍ବରୁ ବୁମ୍‌ରା ଭାରତୀୟ ଦଳ ସହିତ ଯୋଗ ଦେବେ ବୋଲି ଜଣାପଡିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ